Split by PDF Splitter



ଗଞ୍ଜାମ ଜିଲ୍ଲାରେ ଦୁର୍ଭିକ୍ଷର ଆଶଙ୍କା ହେବାରୁ ମାନ୍ଦ୍ରାଜ ବୋର୍ଡ଼ର ମେମ୍ବର ଶ୍ରୀଯୁକ୍ତ ଗାର୍ଷ୍ଟିନ ସାହେବ ଯେଉଁ ସାହାଯ୍ୟ କାର୍ଯ୍ୟ ଫିଟାଇବାକୁ ଆସିଥିଲେ ତହିଁର ନାମ ଋଷିକୁଲ୍ୟା ଜଳପ୍ରଣାଳୀ ଅଟଇ । ମାନ୍ଦ୍ରାଜର ଭୂତପୂର୍ବ ଗବର୍ଣ୍ଣର ମାନ୍ୟବର ଗ୍ରାଣ୍ଟ ଡଫ ସାହେବ ଏଥିର ପ୍ରସ୍ତାବ କରିଥିଲେ ଏବଂ ଭାରତର ସେକ୍ରେଟେରୀଙ୍କଦ୍ୱାରା ସନ ୧୮୮୩ ସାଲରେ ମଞ୍ଜୁର ହୋଇ ସନ ୧୮୮୪ ସାଲରେ କାର୍ଯ୍ୟାରମ୍ଭ ହୋଇଥିଲା । ଏହି କାର୍ଯ୍ୟର ଉଦ୍ଦେଶ୍ୟ ମହାନଦୀ ଓ ଋଷିକୁଲ୍ୟା ନଦୀମାନଙ୍କୁ ପ୍ରୟୋଜନରେ ଲଗାଇବା । ଉକ୍ତ ଦୁଇନଦୀର ଜଳ ଆସକାଠାରେ ମିଶି ଗଞ୍ଜାମଠାରେ ସମୁଦ୍ରରେ ପଡୁଅଛି । ଉକ୍ତ ଦୁଇନଦୀ ମା ୨୦ ଇଲ ଲମ୍ବା ଏକନାଳଦ୍ୱାରା ଯୋଗ ହେବ ଏହି ନାଳରେ ନୌକା ଯିବାଆସିବା କରିବ ଏବଂ ଏହାଦ୍ୱାରା ପ୍ରାୟ ୧୨୦୦୦ ମାଣ ଭୂମିରେ ଜଳ ଦିଆଯାଇ ପାରିବ । ନାଳମୁହଁରେ ପ୍ରତ୍ୟେକ ନଦୀରେ ଗୋଟିଏ ଗୋଟିଏ ପଥରବନ୍ଧ ହେବ । ଋଷିକୁଲ୍ୟାର ଦକ୍ଷିଣ କୂଳରୁ ଉ ଆଉ ଗୋଟିଏ ନାଳ ବାହାରିବ ଯେ ଏ ନାଳର ଦୈର୍ଘ୍ୟ ମା ୬୩ ମାଇଲ ହେବ ଏବଂ ଏଥି ମଧ୍ୟରୁ ମା ୪୪ ଇଲରେ ନୌକା ଯାତାୟାତ କରି ପାରିବ । ଏ ନାଳରୁ ୧୮୮୦୦୦ ମାଣ ଭୂମିରେ ଜଳ ଦିଆଯାଇ ପାରିବ । ଏହି କାର୍ଯ୍ୟ ସର୍ବାଶେଷ ସାଢ଼େ ଅଠେଇଶଲକ୍ଷ ଟଙ୍କା ମଞ୍ଜୁର ହୋଇ ଗତବର୍ଷପର୍ଯ୍ୟନ୍ତ ପ୍ରାୟ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଅଛି । ଏ କାର୍ଯ୍ୟ ଶେଷ ହେଲେ ଗଞ୍ଜାମ ଜିଲ୍ଲାକୁ ମରୁଡ଼ି ବାଧିବ ନାହିଁ ଏବଂ ଏହାଦ୍ୱାରା ଶତକରା ଟ ୫୯ଙ୍କା ଲେଖାଏଁ ଖଜଣା ବଢ଼ିବାର ଆଶା ଅଛି । ଏ କାର୍ଯ୍ୟଟି ଦେଶରକ୍ଷା କାର୍ଯ୍ୟ ମଧ୍ୟରେ ପରିଗଣିତ ହୋଇଅଛି ସୁତରାଂ ବର୍ତ୍ତମାନର ଅନ୍ନକଷ୍ଟସମୟରେ ଏ କାର୍ଯ୍ୟଟି ଫିଟିଲେ ଲୋକଙ୍କର ଆପାତତଃ ଯେମନ୍ତ ସାହାଯ୍ୟ ହେବ ଭବିଷ୍ୟତରେ ମଧ୍ୟ ତେମନ୍ତ ଅନ୍ନକଷ୍ଟ ନିବାରଣର ଉପାୟ ହେବ ଏବଂ ଆଶା ହେଉଅଛି ଯେ ଏ ସମୟରେ ସ୍ଥଳବିଶେଷରେ ପ୍ରଚୁର ପରିମାଣରେ ମୂଲିଆ ପ୍ରାପ୍ତ ହେବେ ।

---

ଗତସପ୍ତାହର ଉତ୍କଳଦୀପିକାରୁ ସର୍ବସାଧାରଣ ଜାଣିଥିବେ ଯେ ରାଏ ବୈଦ୍ୟନାଥ ପଣ୍ଡିତ ବାହାଦୁରଙ୍କ ଅତି ପ୍ରଶଂସନୀୟ ବଦାନ୍ୟତାଯୋଗେ ଏ ନଗରରେ ଦେଶୀୟ ସ୍ତ୍ରୀ ଲୋକଙ୍କ ଉପକାରାର୍ଥେ ସ୍ଥାପିତ ହୋଇଥିବା ଲେଡି ଡଫରିନ ଚିକିତ୍ସାଳୟ ଗୋଟିଏ ସ୍ଥାୟୀ କାର୍ଯ୍ୟ ହେଲା । ଏ ଚିକିତ୍ସାଳୟର ପ୍ରସ୍ତାବ ସନ ୧୮୮୬ ସାଲରେ ମାନ୍ୟବର ଷ୍ଟେଟଲିଟ ଟାମସନ ସାହେବଙ୍କ ଆଗମନ ସମୟରେ ହୋଇଥିଲା ଏବଂ ଏଥିର କାର୍ଯ୍ୟ ସନ ୧୮୮୭ ସାଲର ଅପ୍ରେଲ ମାସରେ ଆରମ୍ଭ ହେଲା । ସେ ସମୟରୁ ଏପର୍ଯ୍ୟନ୍ତ ଏଠା ରୋମାନକାଥଲିକ ସମ୍ପ୍ରଦାୟର ନନ ଅର୍ଥାତ୍ ମାତାଙ୍କଦ୍ୱାରା ଏଥିର କାର୍ଯ୍ୟ ନିର୍ବାହ ହେଉଥିଲା । ସେମାନେ ବିନା ବେତନରେ କେବଳ ପରୋପକାର ବ୍ରତ ସାଧନ ଉଦ୍ଦେଶରେ ଏ ଚିକିତ୍ସାଳୟ ସମ୍ପର୍କରେ ଯାହା କରିଅଛନ୍ତି ତହିଁପାଇଁ ଏ ନଗରବାସିମାନେ ସେମାନଙ୍କଠାରେ ଅତ୍ୟନ୍ତ କୃତଜ୍ଞ ଅଛନ୍ତି ସନ୍ଦେହ ନାହିଁ ଏବଂ ତାହା ପ୍ରକାଶ ନ କଲେ କର୍ତ୍ତବ୍ୟକାର୍ଯ୍ୟର ତ୍ରୁଟି ହୋଇ ଆମ୍ଭେମାନେ ଆନନ୍ଦସହିତ ପ୍ରକାଶ କରୁଅଛୁଁ । ପରିଶେଷରେ ଜଣେ ବେତନଭୋଗୀ ଧାତ୍ରୀ ବଙ୍ଗଳାରୁ ଅଣା ଯାଇଥିଲେ ମଧ୍ୟ ଏମାନେ ଅବସର ଗ୍ରହଣ ନ କରି ପୂର୍ବ ପ୍ରାୟ ଶ୍ରଦ୍ଧା ଓ ଯତ୍ନ ସହିତ କାର୍ଯ୍ୟ କରୁଥିଲେ । ଚିକିତ୍ସାଳୟ ଫିଟିବା ମାସରେ ଲୋକେ ନ ଜାଣିବାରୁ କେବଳ ଜ ୩୭ ଣ ଏଥିର ଆଶ୍ରୟ ନେଇଥିଲେ ମାତ୍ର ତହିଁର ପର ମାସରେ ଜ ୨୩୦ ଣ ମନୁ ଆସି ଏବଂ କ୍ରମଶଃ ମନୁଙ୍କ ସଂଖ୍ୟା ବୃଦ୍ଧି ହୋଇ ମାସକୁ ଜ ୭୦୦ ଣ ପର୍ଯ୍ୟନ୍ତ ବୃଦ୍ଧି ହେଲା । ସନ ୧୮୮୭ ଅପ୍ରେଲଠାରୁ ସନ ୧୮୮୮ ସେପ୍ଟମ୍ବରପର୍ଯ୍ୟନ୍ତ ଜ ୧୫୫୭୭ଣ ଏଠାରେ ଚିକିତ୍ସା ଲାଭ କରିଅଛନ୍ତି । ମନୁମାନେ ସମସ୍ତେ ସ୍ତ୍ରୀ ଓ ବାଳକ ବାଳିକା ଏବଂ ଏଥିମଧ୍ୟରେ ସ୍ତ୍ରୀ ଓ ପିଲାମାନଙ୍କର ବିଶେଷ ରୋଗ ଛଡ଼ା ଅନେକ ଜ୍ୱର ପ୍ଲୀହା ଉଲ୍ଲାମାଶୟ ବସୂରିକା କାସ ଇତ୍ୟାଦି ରୋଗୀ ମଧ୍ୟ ଥିଲେ ଏବଂ ଅନେକ ରୋଗୀ ଆରୋଗ୍ୟ ଲାଭ କରିବାର ଜଣା ଯାଇଅଛି । ଆମ୍ଭେମାନେ ଆଶା କରୁଁ ଯେ ଯେଉଁମାନଙ୍କର ଏହି କ୍ଷୁଦ୍ର ଚିକିତ୍ସାଳୟ ଦାନକାର୍ଯ୍ୟରେ ସହାନୁଭୂତି ଓ ମନୋଯୋଗ ଅଛି ସେମାନେ ଏ ବିବରଣ ପଢ଼ି ସନ୍ତୋଷ ଲାଭ କରିବେ ।

---

## ବଙ୍ଗଳାର ଲବଣକର ।

ଏସମ୍ପର୍କୀୟ ସନ ୧୮୮୭।୮୮ ସାଲର ବିଜ୍ଞାପନୀ ସମ୍ବନ୍ଧରେ ମାନ୍ୟବର ଷ୍ଟେଟଲିଟଙ୍କ ମନ୍ତବ୍ୟ ବାହାରିଅଛି । ତହିଁରେ ଲେଖାଅଛି ଯେ ଏବର୍ଷ ଲୁଣକରର ସମ୍ବନ୍ଧରେ ଯୋଡ଼ିଏ ପ୍ରଧାନ ଘଟଣା ଘଟିଅଛି । ଯଥା, ୧ ମ—ଲୁଣକର ଦୁଇଟଙ୍କାରୁ ଟ ୨।୫ ଙ୍କାକୁ ବୃଦ୍ଧି ହେବା ଏବଂ ୨ ୟ ଓଡ଼ିଶାର ଲୁଣମହଲମାନ ସମ୍ପୂର୍ଣ୍ଣରୂପେ ଏବଂ ବର୍ତ୍ତମାନରେ ମାନ୍ଦ୍ରାଜ ସରକାର ଅଧୀନ ହେବା । ପ୍ରଥମ ପରିବର୍ତ୍ତନ ଗତ ଜାନୁଆରିମାସରେ ଘଟିଥିବାରୁ ତହିଁର ଫଳ ଆଗାମିବର୍ଷ ପ୍ରକାଶ କରିବାକାରଣ ବୋର୍ଡଙ୍କ ପ୍ରତି ଆଦେଶ ହୋଇଅଛି ମାତ୍ର ୨ୟ ପରିବର୍ତ୍ତନର ଫଳ କିଛିମାତ୍ର ଲେଖା ହୋଇ ନାହିଁ । ୨ୟ ପ୍ରସଙ୍ଗଟି ଓଡ଼ିଶା ସହିତ ସମ୍ପର୍କ ରଖୁଥିବାରୁ ଏବଂ ତଦ୍ୱାରା ଏଦେଶର ଅନେକ ଅନିଷ୍ଟ ହେଉଥିବାରୁ ଗବର୍ଣ୍ଣମେଣ୍ଟଙ୍କର ମୌନାବଲମ୍ବନରେ ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହେଲୁଁ ।

ସ୍ଥୂଳରେ ଦେଖାଯାଉଅଛି ଯେ ଲବଣକର ଏବର୍ଷ ବୃଦ୍ଧି ହୋଇଥିଲେ ହେଁ ଆୟ ପୂର୍ବବର୍ଷ ଅପେକ୍ଷା ଅଧିକ ନ ହୋଇ ବରଂ ଶତକରା ଟ ୫ ଙ୍କା ଲେଖାଏଁ ଊଣା ପଡ଼ିଅଛି ଅଥଚ ବ୍ୟୟ ପୂର୍ବପ୍ରାୟ ରହିଅଛି । ଓଡ଼ିଶା ସମ୍ପର୍କରେ ଲେଖାଅଛି ଯେ ଗତବର୍ଷ ତୁଳନାରେ କଟକର ଯୋଗାଣି ଏବର୍ଷ ମ ୧୨୫୧୭ ମଣ ଊଣା ପଡ଼ିଅଛି ଏବଂ କେତେଗୋଟା ଅଡ଼ଙ୍ଗ ଉଠିଯିବା ଓ ସନ ୧୮୮୭ ସାଲର ଜୁନ ଯୁଲାଇରେ ଭାରି ବୃଷ୍ଟି ହେବାରୁ ଏପରି ଘଟିଅଛି । ବାଲେଶ୍ୱରରେ ଲିଭରପୁଲ ବିଲାତିଲୁଣ ଆମଦାନି ହେବାରୁ ଯୋଗାଣି ଲୁଣ ମ ୩୨୫୩୨ମଣ ଊଣା ପଡ଼ିଅଛି । ପୁରୀରେ ପୂର୍ବବର୍ଷାପେକ୍ଷା ମ ୮୨୧୩୪ ମଣ ଅଧିକ ଯୋଗାଣ ହୋଇଅଛି । ଏଥିର କାରଣ ଏହି ଯେ ମାନ୍ଦ୍ରାଜର ନିୟମାବଳୀ ଉଠିଯିବାରୁ ସେଠାଲୋକେ ପୂର୍ବବର୍ଷ ଯୋଗାଣି କରି ନ ଥିଲେ ଏବର୍ଷ ପୁନର୍ବାର ଆରମ୍ଭ କରିଅଛନ୍ତି । ଯୋଗାଣିଲୁଣ ବିକ୍ରୟ ପୂର୍ବବର୍ଷ ମ ୨୩୫୬୫୭ ମଣ ହୋଇଥିଲା ଏବର୍ଷ ମ ୧୮୨୬୦ ମଣ ମାତ୍ର ହୋଇଅଛି । ଗଞ୍ଜାମ ଓ ଲିଭରପୁଲରୁ ଲୁଣ ଆମଦାନି ହେବା ଏବଂ ପଙ୍ଗାଲୁଣର ଯୋଗାଣି ବନ୍ଦ ହେବା ଏଥିର କାରଣ ଅଟଇ ।

ଉପରଲିଖିତ ମନ୍ତବ୍ୟରୁ ପାଠକମାନେ ଅବଶ୍ୟ ଜାଣିପାରିବେ ଯେ ପ୍ରକୃତକଥା ଗବର୍ଣ୍ଣମେଣ୍ଟଙ୍କ ସାକ୍ଷାତରେ ଉପସ୍ଥିତ ହୋଇ ନାହିଁ ନତୁବା ଯାହା ଫଳ ତାହା କାରଣସ୍ୱରୂପ ଲେଖାଯାଇ ନ ଥାନ୍ତା । ଯଥା ପଙ୍ଗାଲୁଣ ଯୋଗାଣି ବନ୍ଦ ହେବାରୁ ବିଲାତିଲୁଣ ବାଲେଶ୍ୱରକୁ

Digitized by srujanika@gmail.com

ଅସିଲା ବଲୁ ତାହା ଲେଖା ନ ଯାଇ ବଙ୍ଗା-ଲୁଣ ଅସିବାରୁ ପୋକ୍ତାନୀ ବନ୍ଦ ହେବାର ଲେଖା ଯାଇ ଅଛି । କଟକରେ ମଧ୍ୟ ପଙ୍ଗାଲୁଣ ପୋକ୍ତାନୀ ବନ୍ଦହେବାରୁ ପୋକ୍ତାନୀ ଊଣା ପଡ଼ିଅଛି ଏକଥା ଅଦୌ ଉଲ୍ଲେଖ ହୋଇ ନାହିଁ । ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟରୁ ପ୍ରକାଶ ଯେମନ୍ତ କେବଳ ଅଯୁକ୍ତ ତାହାଙ୍କର ଦୃଷ୍ଟି ପରିବର୍ତ୍ତନଦ୍ୱାରା ଦେଶର ଏ ଅବସ୍ଥା ହେଲା ତହିଁର ବିଶେଷ ଅଦୌ ବୋଲି ନାହିଁ । ଲୁଣ-ପୋକ୍ତାନୀ ଓଡ଼ିଶାର ଏକମାତ୍ର କାର୍ଯ୍ୟ ଥିଲା ନ ଯହିଁରେ ଅନେକ ଦୁଃଖିଲୋକ ପ୍ରତିପାଳିତ ହେଉଥିଲେ । ବୁଲକଣ୍ଠାରୁ ତାହା ଉଠିଯିବାରୁ ଲୋକଙ୍କର କେତେ କ୍ଷତି ଏବଂ ଗବର୍ଣ୍ଣମେଣ୍ଟଙ୍କର ଅତ କେତେ ଲାଭ ହେଲା ଯେବେ ବାର୍ଷିକ ବିଜ୍ଞାପନରୁ ତାହା ଜଣା ନ ଗଲା ତେବେ ସେପରି ବିଜ୍ଞାପନ ପ୍ରକାଶ କରିବାରେ ଅଉ କ ଉପକାର ଅଛି ଅମ୍ଭେମାନେ ଅଦୌ ବୁଝିପାରିଲୁଁ ନାହିଁ ।

---

## ରେଭିନ୍ୟୁ-ମନିଅର୍ଡ଼ର ।

ଗତ କିସ୍ତିବନ୍ଦୀକାର୍ଯ୍ୟ ସୁଚାରୁରୂପେ ନିର୍ବାହ ହୋଇଗଲା ଓ ଟଙ୍କା ଦାଖଲର ଭିଡ଼ ଓ କଷ୍ଟ ଅନେକ ପରିମାଣରେ ଊଣା ହୋଇଅଛି । ଏଥିର କାରଣ ରେଭିନ୍ୟୁ-ମନିଅର୍ଡ଼ର ପ୍ରଥା ଅଟେ । କିସ୍ତିବନ୍ଦୀ ଦିନ ଅର୍ଥାତ୍ ତା ୮ ରିଖ ପର୍ଯ୍ୟନ୍ତ ନ ୧୫୦୦ ମ୍ବର ମନିଅର୍ଡ଼ର ଅସିଥିଲା ତହିଁ-ମଧ୍ୟରୁ କେବଳ ତା ୮ ରିଖ ଦିନ ନ ୭୦୦ ମ୍ବରରୁ ଟ ୯୦୦୦୲ କା ଖଜଣାରେ ସେଟ ହୋଇଥିଲା । ଗତ ଅଉ ପର ତା ୮ ରିଖରେ ପ୍ରାୟ ନ ୭୦୦ ମ୍ବର ପର୍ଯ୍ୟନ୍ତ ମନିଅର୍ଡ଼ର ମୋଫସଲ ଡାକଘର-ମାନଙ୍କରେ ହୋଇଥିବାର ସମ୍ବାଦ ପାଇଅଛୁଁ । ଏ ସବୁର ଟଙ୍କା ତା ୧୮।୧୦ ରିଖରେ ଖଜଣା-ଖାନାରେ ପହୁଞ୍ଚିଥିବ । ମୋଟରେ ପ୍ରାୟ ୨୨୦୦ ନମ୍ବର ମନିଅର୍ଡ଼ର ହୋଇଅଛି । ଏତେ ନମ୍ବର ଟଙ୍କା ଲୋକେ ଖଜଣାଖାନାରେ ଦାଖଲ କରିଥିଲେ ପ୍ରାୟ ଦଶ ହଜାର ଲୋକ କଟକ ଅସିଥାନ୍ତେ ଓ ପ୍ରତି ନମ୍ବରରେ ଖର୍ଚ୍ଚ ଅର୍ଥାତ୍ ଷ୍ଟାମ୍ପଖର୍ଚ୍ଚ ଓ ବସାଖର୍ଚ୍ଚ ଓ ହାଟଖର୍ଚ୍ଚ ସହିତ ୷୵କା ଲେଖାଏ ଧରିଲେ ଟ୬୮୦କା ପ୍ରଜା ଜମିଦାରମାନଙ୍କର ଖର୍ଚ୍ଚ ପଡ଼ିଥାନ୍ତା ଏହା ମନିଅର୍ଡ଼ର ପ୍ରଥାଦ୍ୱାରା ବଞ୍ଚିଗଲା । ଅତଏବ ଏପ୍ରଥାଟି ଲାଭକର ଓ ସୁବିଧାଜନକ ହୋଇଅଛି ଏବଂ ଏହା କ୍ରମଶଃ ବୃଦ୍ଧି ହେବାର ଦେଖି ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ ।

କିସ୍ତିବନ୍ଦୀ ତାରିଖରେ ମନିଅର୍ଡ଼ର ଖଜଣା-ଖାନାରେ ପହୁଞ୍ଚିବାର, ନ ପହୁଞ୍ଚିଲେ ମହାଲ ବାକିରେ ଅସିବା ବିଷୟରେ ବୋର୍ଡ ଯେଉଁ ନିଷ୍ପତ୍ତି କରିଅଛନ୍ତି ଓ ଯହିଁର ପ୍ରସଙ୍ଗ ଅମ୍ଭେ-ମାନେ ଗତ ଅଗଷ୍ଟମାସ ତା ୪ ରିଖର ପତ୍ରିକାରେ ଉଲ୍ଲେଖ କରିଅଛୁଁ ସେ ସମ୍ବନ୍ଧରେ ଅମ୍ଭେମା-ନେ ପୁନର୍ବାର ଅନୁରୋଧ କରୁଅଛୁଁ ଯେ ସେହି ନିଷ୍ପତ୍ତିକୁ ବୋର୍ଡ ସଂଶୋଧନ କରନ୍ତୁ । ଯାହା ହେଉ ଅମ୍ଭେମାନେ ଆନନ୍ଦର ସହିତ ପ୍ରକାଶ କରୁଅଛୁଁ ଯେ ଗତ ଅପ୍ରେଲ କିସ୍ତିବନ୍ଦୀରେ ପାଞ୍ଚଗୋଟି କ୍ଷୁଦ୍ର ମହାଲର ଖଜଣା ମନିଅର୍ଡ଼ରଦ୍ୱାରା କିସ୍ତିବନ୍ଦୀର ଦୁଇ ତିନିଦିନ ବାଦ ଖଜଣାଖାନା-ରେ ପହୁଞ୍ଚିଥିଲା ମାତ୍ର ସେ ସବୁର ମନିଅର୍ଡ଼ର ଡାକଘରେ ତାରିଖ ମଧ୍ୟରେ ହୋଇଥିବାରୁ ଅମୃମାନଙ୍କର ! କଲେକ୍ଟର ହ୍ୟୁଟ ସାହେବ ସୁବିଚାରପୂର୍ବକ ତାହା ସବୁ ବିନା ଦରଖାସ୍ତରେ ଗ୍ରହଣ କରିବାରୁ ଉପରସ୍ଥ ହାକିମଙ୍କୁ ଅନୁରୋଧ କରିବାରୁ ତାହା ସବୁ କିସ୍ତିବନ୍ଦୀଦାୟରୁ ଓ ଦରଖାସ୍ତଦାଖଲର ଖର୍ଚ୍ଚ ଏବଂ କଷ୍ଟରୁ ରକ୍ଷା ପାଇଗଲା । ଏଥିପାଇଁ ଅମ୍ଭେମାନେ ସାହେବ ମ-ହୋଦୟଙ୍କୁ ଧନ୍ୟବାଦ ଦେଉଅଛୁଁ । ଅମ୍ଭେମାନେ ବୋର୍ଡଙ୍କ ଉପର୍ଯ୍ୟୁକ୍ତ ନିଷ୍ପତ୍ତିକୁ ସଂଶୋଧନ କରିବା ଅନୁରୋଧ କରିବାର କାରଣ ଏହି ଯେ କୌ-ଣସି କଲେକ୍ଟର ସୁବିଚାର ନ କଲେ ଅନେକ କ୍ଷୁଦ୍ର ଜମିଦାର ବିପଦରେ ପଡ଼ିପାରନ୍ତି ଓ ଶୁଣିବାରେ ପ୍ରଶ୍ନରେ ଏପରି ଘଟିଥିଲା ମାତ୍ର ଏ କଥା କେତେଦୂର ଠିକ ଅମ୍ଭେମାନେ କହି ନ ପାରୁଁ । କିନ୍ତୁ ବୋର୍ଡଙ୍କ ଉପର୍ଯ୍ୟୁକ୍ତ ମୀମାଂସା-ହେତୁ ସେପରି ଘଟିବାର ଅସମ୍ଭବ ନୁହେଁ ଅତଏବ ତାହା ପରିବର୍ତ୍ତନ କରିବାର ଉଚିତ ଓ ଆବଶ୍ୟକ ବୋଧ ହେଉଅଛି ଏବଂ ଏଥିର ଯଥେଷ୍ଟ ହେତୁ ପୂର୍ବେ ଦର୍ଶାଇଅଛୁଁ । ଖଜଣା-ଖାନା ଓ ଡାକଘର ଉଭୟ ସରକାରଙ୍କର ଅଟେ । ଯେବେ କିସ୍ତିବନ୍ଦୀ ଦିନ ଡାକଘରେ ଖଜଣା ଦାଖଲ ହେବ ଓ ତହିଁର ମନିଅର୍ଡ଼ର କିସ୍ତିବନ୍ଦୀର ଦୁଇ ତିନିଦିନ ଉତ୍ତାରେ ଖଜଣା-ଖାନାରେ ପହୁଞ୍ଚିବ ତେବେ ଏଥିପାଇଁ ସେହି କ୍ଷୁଦ୍ର ମହାଲମାନଙ୍କୁ ନିଲାମରେ ଉଠିବାର କିମ୍ବା ନିଲାମରୁ ରକ୍ଷା ସକାଶେ ଦରଖାସ୍ତଦାଖଲଦ୍ୱାରା ଅଠଅଣା ଓ ଅନ୍ୟ ଖର୍ଚ୍ଚ ସହିତ ଟଙ୍କାଏ କିମ୍ବା ତତୋଧିକ ଲଗାଇବାର ବ୍ୟବସ୍ଥାବାନ୍ ଗବର୍ଣ୍ଣମେ-ଣ୍ଟଙ୍କର ଦୟାଯୁକ୍ତ ଶାସନପ୍ରଣାଳୀ ସହିତ ଐକ୍ୟ ହେଉ ନାହିଁ । ଭରସା କରୁଁ ବୋର୍ଡ ପୁନର୍ବି-ଚାର କରିବେ ।

---

## ଓଡ଼ିଶାରେ ଛୋଟଲାଟ ।

ବଙ୍ଗଦେଶର ଲେଫ୍ଟନାଣ୍ଟଗବର୍ଣ୍ଣର ମାନ୍ୟବର ସର ଷ୍ଟିବାର୍ଟ କଲଭିନ ବେଲି ଗତ ଶୁକ୍ରବାର ସକାଳ ୯୲ ଘଣ୍ଟା ସମୟରେ ଚାନ୍ଦବାଲିରେ ପ୍ରବେଶ ହେଲେ । ତହିଁପୂର୍ବରୁ କମିଶନର କଲେକ୍ଟର ଓ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ସାହେବମାନେ ସେଠାକୁ ଯାଇଥିଲେ ଏବଂ ଛୋଟଲାଟ ବାହା-ଦୁରଙ୍କୁ ସମ୍ମାନସହିତ ଆହ୍ୱାନ କରିବାକାରଣ ଉକ୍ତ ସ୍ଥାନଟି ସୁସଜ୍ଜିତ ହୋଇଥିଲା । ମାନ୍ୟବର ସକାଳବେଳା ସେଠାର ସରକାରୀ କାର୍ଯ୍ୟାଳୟ-ପ୍ରଭୃତି ସନ୍ଦର୍ଶନ କରି ଜଗନ୍ନାଥ ଯାତ୍ରିଙ୍କ ନିମିତ୍ତ ନୂତନ ସ୍ଥାପିତହୋଇଥିବା ଚିକିତ୍ସାଳୟ ଯହିଁର ପ୍ରଧାନ ଉଦ୍ୟୋଗକର୍ତ୍ତା ଶ୍ରୀଯୁକ୍ତ ହ୍ୟୁଟ ସାହେବ ଥିବାରୁ ହ୍ୟୁଟ-ହାସପାତାଲ ବୋଲି ନାମକରଣ ହୋଇଅଛି ତହିଁର ପ୍ରତିଷ୍ଠାକାର୍ଯ୍ୟ ସମାଧା କଲେ । ସେଠାରେ ଯେଉଁ ବକ୍ତୃତା କଲେ ତହିଁରୁ ଜଣାଗଲା ଯେ ଉକ୍ତ ଚିକିତ୍ସାଳୟର ବ୍ୟୟ-ନିର୍ବାହାର୍ଥ କାଉପୁରର ବାବୁ ଗୋବିନ୍ଦଚନ୍ଦ୍ର ରାୟ ଜମିଦାର ମାସିକ ଟ ୬୫୲ କା ଆୟର ଖଣ୍ଡିଏ ଜମିଦାରୀ ଖଣ୍ଡା କରି ଦେଇଛନ୍ତି ତହିଁର ଦସ୍ତାବିଜ ଲେଖିଦେଇ ଅଛନ୍ତି ଏଥି ପାଇଁ ସେ ଧନ୍ୟବାଦ ପାଇଲେ । ବେଳଦ୍ୱିପ୍ରହର ସମୟେ ଷ୍ଟିମରବୋଟ ଆରୋହଣପୂର୍ବକ ଚାନ୍ଦବାଲିରୁ ଏଠାକୁ ଯାତ୍ରା କଲେ ଏବଂ ତହିଁ ଆରଦିନ ଅର୍ଥାତ୍ ଗତ କାଲି ପ୍ରଭାତ ସ ୮୲ ଘ ଟାରେ ଯୋବ୍ରାଘାଟରେ ଉପସ୍ଥିତ ହେଲେ । ଜଗତ୍-ପୁରରେ ବୋଟ ପହୁଞ୍ଚିବାମାତ୍ରେ ତାହାଙ୍କ ଶୁଭାଗମନ ବାର୍ତ୍ତା ତୋପଧ୍ୱନିଦ୍ୱାରା ନଗରରେ ଘୋଷିତହେଲା ଏବଂ ଯାତ୍ରିଙ୍କର ସ୍ରୋତ ଯୋବ୍ରା-ଘାଟକୁ ଧାବିତ ହେଲା । ବୋଟ ଲଗିବାସ୍ଥା-ନରେ ସାମିୟାନାଦ୍ୱାରା ମଣ୍ଡପ ପ୍ରସ୍ତୁତ ହୋଇ ବସ୍ତ୍ରପୁଷ୍ପସହିତ ସୁସଜ୍ଜିତ ହୋଇଥିଲା ଏବଂ ମହାରାଜା ରାଜା ଜମିଦାର ସରକାରୀକର୍ମଚାରୀ ମହାଜନପ୍ରଭୃତି ଦେଶୀୟ ଓ ବିଦେଶୀୟ ନାନାଶ୍ରେଣୀର ସମ୍ଭ୍ରାନ୍ତଲୋକ ଯଥାସମ୍ମାନପୂର୍ବକ ମାନ୍ୟବର ମହୋଦୟଙ୍କୁ ଆହ୍ୱାନ କରିବା-କାରଣ ଏକତ୍ରିତ ହୋଇଥିଲେ । ମହୋଦୟଙ୍କ ବୋଟ ଘାଟନିକଟ ହେବାରୁ ସଲାମିତୋପ ଦିଆଗଲା ଏବଂ ଅଭ୍ୟର୍ଥନା କମିଟୀ ଓ ମିଉନିସି-

Split by PDF Splitter
Digitized by srujanika@gmail.com

Split by PDF Splitter



ପଲ କମିଶନରମାନେ ଅଭ୍ୟର୍ଥନା କରିବାକାରଣ ପ୍ରସ୍ତୁତ ହେଲେ । ମାନ୍ୟବର ମହୋଦୟ ମଣ୍ଡପରେ ବିଜେ କରି ମହାଶ୍ଚର୍ଯ୍ୟ ଶୀଘ୍ରମାନଙ୍କ ସହିତ କରମର୍ଦ୍ଦନପୂର୍ବକ ଆସନ ଗ୍ରହଣ କଲାରୁ ମୁନିସିପଲ କମିଶନରଙ୍କ ଚେୟାରମେନ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ଅଭିନନ୍ଦନପତ୍ର ପାଠ କଲେ । ଅଭିନନ୍ଦନର ପ୍ରତିଲିପି ସ୍ଥାନାନ୍ତରେ ପ୍ରକାଶିତ ହେଲା । ତହିଁରେ ମାନ୍ୟବର ମହୋଦୟଙ୍କୁ ଏନଗରକୁ ଶୁଭାଗମନ କରିବାରୁ ଧନ୍ୟବାଦ ଦେବା ଏବଂ ତାହାଙ୍କ ଯୋଗେ ଶ୍ରୀମତୀ ଭାରତେଶ୍ୱରୀଙ୍କଠାରେ ରାଜଭକ୍ତି ଓ କୃତଜ୍ଞତା ପ୍ରକାଶ କରିବାର ସୁଯୋଗ ପାଇବା କଥା ଉଲ୍ଲେଖ ହୋଇ ଆତ୍ମଶାସନ ପ୍ରଣାଳୀପ୍ରତି ତାହାଙ୍କର ଗାଢ଼ ସହାନୁଭୂତି ଥିବା ଏବଂ ଖୋର୍ଦ୍ଧାର ଅନ୍ନକଷ୍ଟରେ ବିଶେଷ ସାହାଯ୍ୟ କରିଥିବା ହେତୁ ତାହାଙ୍କୁ ବିଶେଷ ଧନ୍ୟବାଦ ଦିଆ ଯାଉଅଛି ଏବଂ ଈଶ୍ୱର ନ କରନ୍ତୁ ଏଠାରେ ଦୁର୍ଭିକ୍ଷ ପଡ଼ିଲେ ବେହାରରେ ସେ ଯେମନ୍ତ ସାହାଯ୍ୟ ଦେଇ ସୁଖ୍ୟାତି ଅର୍ଜିଥିଲେ ସେହିପରି ସୁଖ୍ୟାତି ଲାଭ କରିବେ ଏବଂ ଓଡ଼ିଶାରେ ରେଲବାଟ ଶୀଘ୍ର ଫିଟାଇ ଏପ୍ରଦେଶର ମଙ୍ଗଳ କରିବେ ବୋଲି ପ୍ରାର୍ଥନା ହୋଇଅଛି ।

ଅଭିନନ୍ଦନପତ୍ର ଶ୍ରବଣ କରି ମହୋଦୟ ତହିଁର ଯେଉଁ ଉତ୍ତର ପ୍ରଦାନ କଲେ ତହିଁରେ ତାହାଙ୍କର ଦୟାପୂର୍ଣ୍ଣ ଅନ୍ତଃକରଣ ଓ ପ୍ରଜାବତ୍ସଳତାର ପ୍ରତ୍ୟକ୍ଷ ପ୍ରତିବିମ୍ବ ଦେଖି ସମସ୍ତେ ଆପ୍ୟାୟିତ ହେଲେ । ତାହାଙ୍କ ଅଭ୍ୟର୍ଥନା ନିମିତ୍ତ ପ୍ରସ୍ତୁତ ହୋଇଥିବା ସୁସଜ୍ଜିତ ମଣ୍ଡପର ପ୍ରଶଂସା ଓ ଅଭିନନ୍ଦନପତ୍ରନିମିତ୍ତ କୃତଜ୍ଞତା ସ୍ୱୀକାର କରି ସେ କହିଲେ କି ଓଡ଼ିଶା ଦେଖିବାକୁ ତାହାଙ୍କର ପୂର୍ବରୁ ଇଚ୍ଛା ଥିଲା । ଏଥିମଧ୍ୟରେ ଏଠାରେ ଅନ୍ନକଷ୍ଟ ପଡ଼ିବାର ଶଙ୍କା ଦେଖି ସେ ଶୀଘ୍ର ଆସିଲେ । ଏହି ମାସ ଆରମ୍ଭରେ ଯେ ବୃଷ୍ଟି ହୋଇଅଛି ତଦ୍ୱାରା ଫସଲର ଅବସ୍ଥା ଅନେକ ସୁଧୁରି ଅଛି ତଥାଚ ସେ ଦେଶର ଅବସ୍ଥା ସ୍ୱୟଂ ଦେଖିବେ ଏବଂ ତାହାଙ୍କର ଦୃଢ଼ବିଶ୍ୱାସ ଯେଉଁଠାରେ ଯେପ୍ରକାର ସାହାଯ୍ୟଦାନର ପ୍ରୟୋଜନ ହେବ ସ୍ଥାନୀୟ କର୍ମଚାରୀମାନେ ତହିଁର ଯଥୋଚିତ ବନ୍ଦୋବସ୍ତ କରିବେ ଓ ସେପକ୍ଷରେ କିଛି ତ୍ରୁଟି ହେବ ନାହିଁ । ରେଲବାଟ ସମ୍ବନ୍ଧରେ ସେ କହିଲେ ଯେ ବଙ୍ଗଳା ଗବର୍ଣ୍ଣମେଣ୍ଟର ଆର୍ଥିକ ଅବସ୍ଥା ବଡ଼ ମନ୍ଦ ଏ ବାଟ ନିର୍ମାଣ କରିବାପାଇଁ ଶକ୍ତି ନାହିଁ ଓ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ମଧ୍ୟ ଶୀଘ୍ର ଏବାଟ ନିର୍ମାଣ କରିବାର ଭରସା ଦେବା ନାହିଁ । ଯେଉଁ କମ୍ପାନୀ ବଙ୍ଗଳା ନାଗପୁର ରେଲବାଟ କରୁଅଛନ୍ତି ଯେବେ ସେମାନେ ଏବାଟ ନିର୍ମାଣ କଲେ ତାହାଙ୍କର ଲାଭ ହେବ ଏବଂ ସମ୍ଭବତଃ ସେମାନେ ଏବାଟରେ ମନୋଯୋଗୀ ହେବେ ନଚେତ୍ ଅନ୍ୟ କେହି କମ୍ପାନୀ ଏଥିପାଇଁ ବାହାରିଲେ କାର୍ଯ୍ୟ ହେବ । ବୋଲିବା ବାହୁଲ୍ୟ ଯେ ଏ ଉତ୍ତରରେ ଏଦେଶୀୟଲୋକେ ହତାଶ ହୋଇଅଛନ୍ତି ।

ଘାଟର କାର୍ଯ୍ୟ ଶେଷ ହେଲାରୁ ମାନ୍ୟବର ମହୋଦୟ ନଦୀକୂଳ ସଡ଼କରେ ମସ୍ତାନ-ପର୍ଯ୍ୟନ୍ତ ଓ ସେଠାରୁ ଇଂରାଜଟୋଲ ଭିତରେ ବୁଲି ଗୋଶାଳା ବାଟେ ସିଧା ଲାଲବାଗ-କୋଠିକି ବିଜେ କରି ସେହିଠାରେ ଅବସ୍ଥିତି କଲେ । ପଲଟନ ପଡ଼ିଆ ଛଡ଼ା ତାରଘରଠାରୁ ସମସ୍ତ ବାଟ ବାଉଁଶ ମେହେରାବ, ପତ୍ର ଓ ପତାକାଦ୍ୱାରା ସଜାଇ ଦିଆ ଯାଇଥିଲା ଏବଂ ଠାବେ ଠାବେ ଗୋଟିଏ ୨ ଫାଟକ ପ୍ରସ୍ତୁତ ହୋଇଥିଲା ତହିଁ ମଧ୍ୟରେ ଚୌଧୁରୀବଜାର ଛକର ଫାଟକ ଦେଶୀୟ ଆଉ ସବୁ ଫାଟକ ଇଂରାଜୀ ଶାଗରେ ହୋଇଥିଲା । ଫାଟକ ସବୁ ଯେ ଯାହା ମତେ ସୁରଞ୍ଜିତ ହୋଇଥିଲେହେଁ ପ୍ରଥମଲିଖିତ ଫାଟକକୁ ଲୋକେ ଅଧିକ ପ୍ରଶଂସା କରୁଥିଲେ ବାଟ ସଜାଇବା କାର୍ଯ୍ୟ ସମସ୍ତ ଶ୍ରୀଯୁକ୍ତ ଫକ୍‌ନର ସାହେବ ଏବଂ ଦେଶୀୟ ଫାଟକର କାର୍ଯ୍ୟ ବାବୁ ଜଗତବଲ୍ଲଭ ଘୋଷଙ୍କଦ୍ୱାରା ହୋଇଥିଲା ଏବଂ ଏସବୁ ସଫଳ ହେବାରୁ ଉକ୍ତ ମହାଶୟମାନେ ଏବଂ ଅଭ୍ୟର୍ଥନାକମିଟୀ ଧନ୍ୟବାଦର ପାତ୍ର ହୋଇଅଛନ୍ତି ଏବଂ ଉତ୍କଳସଭା ଗତ ଅଧିବେଶନରେ ଅଭ୍ୟର୍ଥନା କମିଟୀ ଓ ସେଥିର ସେକ୍ରେଟରୀଙ୍କି ଧନ୍ୟବାଦ ଦେଇଅଛନ୍ତି ।

ମଧ୍ୟାହ୍ନକାଳରେ ଭଦ୍ରଲୋକମାନଙ୍କ ସହିତ ସାକ୍ଷାତ କରିବାର ସମୟ ନିରୂପଣ ହୋଇଥିବାରୁ ଅପରାହ୍ନପର୍ଯ୍ୟନ୍ତ ସେହି କାର୍ଯ୍ୟ ହୋଇଥିଲା ।

## ସାପ୍ତାହିକ ସଂବାଦ ।

ଗତ ଶୁକ୍ରବାରଦିନ ପ୍ରାୟ ୪ ୧୨ ଘଣ୍ଟା ସମୟରେ କଟକ ଚେଲେଙ୍ଗାବଜାର ସଡ଼କରେ ଅଳ୍ପ ବୟସ୍କ ବାଳକ ଗୋଟିଏ ଖେଳୁଥିଲା ଏକ ବଳଦଗାଡ଼ିବାଲା ଗାଡ଼ି କେଉଁ କେଉଁ ସେହି ଗାଡ଼ି ମାଡ଼ିଯିବାରେ ବାଳକଟି ପ୍ରାୟ ଚଇତନ୍ୟହୋଇ ଡାକ୍ତରଖାନାକୁ ପଠାଯାଇ ଥିଲା କିନ୍ତୁ ଶୁଣାଯାଏ ସେଠାରେ ସେ ମୃତ୍ୟୁ ଲଭିଅଛି । ଗାଡ଼ିବାଲା ଥାନାକୁ ଗିରଫ୍ତାରରେ ଯାଇଅଛି ।

ଉକ୍ତ ଦିନ ବେଳ ୪ ୧୨ ଘଣ୍ଟା ସମୟରେ ନୂଆସଡ଼କରେ ଏକ ମନୋହରି ଦୋକାନ ଫେରିବାଲଠାରୁ ଜଣେ ବ୍ରାହ୍ମଣ କିଛି ସଉଦା କରିବା ସମୟରେ କେଉଁଣସି କାରଣରୁ ଦୁହିଁଙ୍କର ଉତ୍ପାତ ହୁଅନ୍ତେ ଦୋକାନଦାର କ୍ରୋଧପରବଶ ହୋଇ ଏକ ଗୁଆକାତିରେ ବ୍ରାହ୍ମଣର ଦେହରେ ଦୁଇଥର ଆଘାତ କରିବାରୁ ବ୍ରାହ୍ମଣ ଦେହରୁ ସେହି ଆଘାତଦ୍ୱାରା ରକ୍ତପାତ ଅନେକ ହୋଇଥିଲା ।

ଗତ ମଙ୍ଗଳବାର ମଧ୍ୟାହ୍ନ ସମୟରେ ରସିଲପୁର ଗ୍ରାମରେ ଏକ ଭୟାନକ ପ୍ରକାର ହତ୍ୟାକାଣ୍ଡ ହୋଇଥିବାର ଶୁଣାଯାଏ । ବନାସାହିନାମକ ଜଣେ ତେଲିର ଗୋଟିଏ ୮।୧୦ ବର୍ଷର ବାଳକ ତାହା ଅଭିସନ୍ଧିରେ ହାଣ୍ଡିଶାଳ ଘାଟକୁ ଯାଇ ଅଇଠାରୁ ଜଳପତ୍ର ନେଇ ଅଗ୍ରେ ଏକା ଆସୁଥିଲା ମାତ୍ର ଘରକୁ ଫେରିଲା ନାହିଁ ଅନୁସନ୍ଧାନରେ ତାହାର ମୃତଦେହ ଏକ ମୁସଲମାନ ସ୍ତ୍ରୀ ଘରୁ ପାଯାଗଲା । ପିଲାଦେହରେ କିଛି ଅଲଙ୍କାର ଥିଲା ବୋଧ ହୁଅଇ ସେହି ଲୋଭରେ କେହି ତାହାକୁ ହତ୍ୟା କରିଅଛି । ମୋକଦ୍ଦମା ପୁଲିସ ତଦାରକ କରୁଅଛି । ଅଲଙ୍କାର ପିନ୍ଧାଇ ବାଳକମାନଙ୍କୁ ଏକାକୀ ଛାଡ଼ିଦେବା ଅତୀବ ଭୟଜନକ ଅନେକ ଘଟନା ଦେଖି ଶୁଣି ସୁଦ୍ଧା ପିତାମାତାମାନେ ସାବଧାନ ହେଉ ନାହାନ୍ତି ।

ଶ୍ରୀ କୃଷ୍ଣଚରଣ ଆଚାର୍ଯ୍ୟଙ୍କ ବିରଚିତ ଉଷାବସ୍ତ୍ରହରଣ-ନାମକ ଛନ୍ଦବଦ୍ଧ ପୁସ୍ତକକୁ ଶ୍ରୀ ଭାଗିରଥି ମହାନ୍ତି ଶ୍ରୀ ବୈକୁଣ୍ଠ ମହାନ୍ତି ଏବଂ ଶ୍ରୀ ରାସବିହାରୀ କେନା ଉତ୍କଳ-ହିତୈଷିଣୀଯନ୍ତ୍ରାଳୟରେ ମୁଦ୍ରିତ କରାଇ ପ୍ରକାଶ କରିଅଛନ୍ତି ଓ ଆମ୍ଭେମାନେ ତହିଁର ଏକଖଣ୍ଡ ଉପହାର ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ।

କେନ୍ଦ୍ରାପଡ଼ାଠାରୁ ସମ୍ବାଦ ପାଇଅଛୁଁ କି ଜମିଦାର ବାବୁ କାଳୀପଦ ବାନର୍ଜିଙ୍କ ଜମିଦାରୀ କାଏମା ମୁକାମରୁ ଟ ୨୦୦୦୯ ଙ୍କା ଓସୁଲହୋଇ କଟକ ମୁକାମକୁ ଯାଉଥିଲା ଗତ ତା ୭ ରଖ ବୁଧବାର ଦିବା ୪ ୨ ଘଣ୍ଟା ସମୟରେ ଟଙ୍କାବାହକମାନେ ବାଇଥ ନିକଟରେ ପହୁଞ୍ଚିବାମାତ୍ରକେ କେତେକ ଲୋକ ହଠାତ୍ ଉପସ୍ଥିତ ହୋଇ ସେମାନଙ୍କୁ ଆକ୍ରମଣପୂର୍ବକ ଟ ୧୦୦୦୯ ଙ୍କା ବଳପୂର୍ବକ ଛଡ଼ାଇନେଇ ପଳାୟନ କଲେ ପୁଲିସ କର୍ମଚାରୀମାନେ ସମ୍ବାଦ ପାଇ ସେଠାକୁ ତଦନ୍ତକାରଣେ ଯାଇଅଛନ୍ତି ତଦନ୍ତ ହେଉଅଛି ଏପର୍ଯ୍ୟନ୍ତ କିଛି ଫଳ ଦେଖାଯାଇ ନାହିଁ ତଥ ।

### କଲିକତା-ଗେଜେଟ ।

କଟକର ଏକଟିଂ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏ, ଘ ଷ୍ଟୁଅର୍ଟ ସାହେବ ବାହାଲ ହେଲେ ।

ମିଃ ଆର ସି ଦତ୍ତ ମଇମନସିଂହର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ବାହାଲ ହେଲେ ।

ପ୍ରେସିଡେନ୍‌ସି କଲେଜର ପ୍ରିନ୍‌ସିପଲ ମିଃ ସି, ଏଚ୍, ଟନି ସାହେବ ପୁଣି ଏକମାସର ଫର୍ଲୋ ଗ୍ରହଣ କରିଅଛନ୍ତି ।

ଅନୁଗୁଳର ବନ୍ଦୋବସ୍ତକର୍ମଚାରୀ ମିଃ ଏ, ଜେ, ଲେ ସାହେବ ଗତ ମେମାସ ତା ୧୬ ରିଖରୁ ଡାକ୍ତର ସାର୍ଟିଫିକେଟ ଅନୁସାରେ ତିନିମାସର ଛୁଟୀ ପ୍ରାପ୍ତହୋଇ ଅଛନ୍ତି ।

ଯାଜପୁର ମିଉନିସିପାଲିଟୀ ମଧ୍ୟରେ ବୈଦ୍ୟନାଥପୁର, ରଘୁନାଥନଗର ବାସୁପୁର ଓ ବିଶ୍ୱନାଥ ମୌଜାମାନଙ୍କ ଉଠାଇବାରବା ଉଦ୍ଦେଶରେ ତହିଁର ଯେଉଁ ବିଜ୍ଞାପନରେ ପ୍ରକାଶିତ ହୋଇଥିବା ନିମ୍ନଲିଖିତ ସୀମା ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ଯଥା ।

ଉତ୍ତରରେ ବେଗୁନିଆ ଓ ବୈତରଣୀ ନଦୀ ।

ଦକ୍ଷିଣରେ ହଂସୁଆ ନଦୀ ଓ ବାସୁପୁର ଓ ଦେବୀପୁରର ଧାନଦିଲ ।

Digitized by srujanika@gmail.com

ପୂର୍ବରେ   ନୌକା ଅଟୋଡା ଓ ବାମଦେବପୁରର ଥାନଡାଇ ।
ପଶ୍ଚିମରେ   ବଗୁଜଲା ଓ ଫକ୍ତପୋଡ଼ା ।

---

ବର୍ତ୍ତମାନ ସମ୍ବାଦ ମିଳଇ ଯେ ମାନ୍ଦ୍ରାଜରେ ଗତ ତୋଫାନ ଅତ୍ୟନ୍ତ ପ୍ରବଳ ହୋଇଥିଲା । ଏମନ୍ତ କି ଗତ କ ୩୦ ବର୍ଷ ମଧ୍ୟରେ ଏପରି ତୋଫାନ ଦେଖାଯାଇ ନାହିଁ ।

ଗୁଜରଣ୍ଟବାସୀଠାରେ ଗତମାସ ତା ୪ ଦିଅରେ ସେଠା ମୁସଲମାନସମ୍ପ୍ରଦାୟରେ କାଶୀସ୍ଥ ପଣ୍ଡିତସମ୍ବନ୍ଧୀୟ ସଭା ହୋଇ ତହିଁ ସପକ୍ଷରେ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଥିବାର ସମ୍ବାଦ ମିଳଇ । ଏ ସଭାରେ ଅନ୍ୟାନ୍ୟଲୋକଙ୍କ ମଧ୍ୟରେ ପ୍ରାୟ ସମସ୍ତ ଶ୍ରେଣୀୟ ଏକସହସ୍ର ମୁସଲମାନ ଉପସ୍ଥିତ ଥିଲେ ।

ଆଗାମିବର୍ଷ ଆରମ୍ଭରୁ ବ୍ରହ୍ମଦେଶ ଏକଜଣ ଲେଫଟେଣ୍ଟଙ୍କ କର୍ତ୍ତୃକ ଶାସିତ ହେବାର ଷ୍ଟେଟସେକ୍ରେଟେରି ମଞ୍ଜୁର କରିଅଛନ୍ତି । ସମ୍ଭବତଃ ସର ଚାର୍ଲସ କ୍ରସ୍ଥ୍ୱେଟ ସେଠାର ପ୍ରଥମ ଲେଫଟେଣ୍ଟ ହେବେ ।

ବଡଲାଟଙ୍କ ପାର୍ଲିଆମେଣ୍ଟ ଗତମାସ ତା ୭ ଦିଅରୁ ଖୋଲିଥିବାର ସମ୍ବାଦ ମିଳଇ ।

ତୁରସ୍କର ସୁଲତାନଙ୍କର ପ୍ରାତ୍ୟହିକ ଖାଦ୍ୟ ରୌପ୍ୟପାତ୍ରରେ ପାକ ହୁଅଇ । ପାକ ହେଉସାରନ୍ତେ ତାହାସବୁ ମୁଦା ହୋଇ ମୋହର ଲଗାଯାଇ ରଖାଯାଏ । ଭୋଜନସମୟରେ ସୁଲତାନଙ୍କ ସମକ୍ଷରେ ଏହି ମୋହରମାନ ଡାକ୍ତରମାନଙ୍କ କର୍ତ୍ତୃକ ଖୋଲାଯାଏ ଏବଂ ସେ ସବୁପାତ୍ରରୁ ଏକ ଏକ ଗ୍ରାସ ନେଇ ଖାଇସାରନ୍ତେ ସୁଲତାନ ଭୋଜନ କରନ୍ତି ! କେ କହିବେ ସେମାନେ ସୁଖୀ ?

ସଞ୍ଜିବନୀରେ ପାଠକଲୁଁ କି ଜଣେ ବୁଇବଣ୍ଡିକର କାଲେକ୍ଟରଙ୍କୁ ଦୁଇଜଣ ଓଡ଼ିଆଙ୍କୁ ବଲିବଡାର କୌଣସି କାର୍ଯ୍ୟ କରିବାରେ ମାଜିଷ୍ଟ୍ରେଟ ଡେକେନୋର ଫସ୍ଲାଇ ନେଇ କଟକଜେଲ କୁଇସୋଡ୍ରାମରେ ରଖିଥିଲା । ଜଣେ ଓଡ଼ିଆ ପଲାଇଅଛି ଗ୍ରାମରେ ଖବର ଦେବାକୁ ଯାଉଥିବା ଅସି ସୋଡାମର ମାଲିକ ଏବଂ କଣ୍ଟ୍ରାକ୍ଟରର ଦୁହିଙ୍କି ଗ୍ରେପ୍ତାର ଦେଇଅଛି । ମୋକଦ୍ଦମା ମୁଲତବି ଅଛି ।

ଚୀନ ଓ ଜାପାନକୁ ଅନେକ କପାସମୂଳା ଯାଉଥିଲା । ବର୍ତ୍ତମାନ ବମ୍ବେଇର ସୂତା ସେହି ସବୁ ସ୍ଥାନକୁ ଯାଉଅଛି । ବମ୍ବେଇର ଭଦ୍ର ଓ ଅପରାଇ ଶତ ଟେଙ୍କି କଟ୍ଟୁଡର ସୁଲତାନବାକିଜମାନେ ବମ୍ବେଇକଲର କାର୍ଯ୍ୟଗ୍ରହ ବାଧା ଦେବାକୁ ବଡ଼ ଯତ୍ନ ଲଗାଇଅଛନ୍ତି ।

ମାନ୍ଦ୍ରାଜର ଗତ ତୋଫାନରେ କଣ୍ଡାଦଳାମକ ଜାହାଜ ବନ୍ଦରପଦରେ ପଡ଼ିଥିଲା ଲୁଣ ପାଇଅଛି ମାତ୍ର ଏଥିରେ ବ୍ରହ୍ମଦେଶକୁ ଯାଉଥିବା ଜ ୬୨୮ ଣ ଲୋକ ମଧ୍ୟରୁ ଜ ୪ ଣ ମୃତ ଓ ଜ ୧୪ ଣ ଅହତ ହୋଇଅଛନ୍ତି ।

ଭାରତ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି କି ଫଉଜି ଅଫିସର ସମୁଦ୍ରରୁ ଏ ଦେଶକୁ ଅଧିକ ଦୂର ପ୍ରେରିତ ହେବେ ନାହିଁ ।

ବିଶେଷମାନଙ୍କ ମତରେ ସିଭିଲ ସର୍ଭିସରେ ଦେଶୀୟଙ୍କୁ ଟଙ୍କା ଖର୍ଚ୍ଚ ହୋଇ ନାହିଁ । ସେଠାରୁ କେବଳ ୧୫୦୦ ସିଭିଲ ପଠାଯାଇଅଛନ୍ତି ଏଥିରେ ୧୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିବ । ତୁଲରେ ଗୋଟିଏ ଟ୍ରେନ୍ ଉଡ଼ିଯାଇ ଅଛି ।

ବର୍ତ୍ତେଲ ଜବଲ୍ଡ଼ଙ୍କ ଭବନ୍ତ ସମ୍ବଲପୁରର ଡେପୁଟୀ କମିଶନର ହେବେ ।

ସମ୍ବଲପୁରର ଏକ୍‌ଟିଂ ଡେପୁଟୀ କମିଶ୍ନର ଏତ, ଏତ୍ରିଙ୍ଗ ସାହେବ ବିଶେଷ କାର୍ଯ୍ୟରେ ବନ୍ଦୋବସ୍ତ ମହକମାକୁ ପ୍ରେରିତ ହେବେ ।

ଜବଲ୍ଡ଼ ଏସ ଓ ମାକଶାହେବ ସମ୍ବଲପୁରର ଅଟିଷ୍ଟାଣ୍ଟ କମିଶନର ହେଲେ ।

ସମ୍ବଲପୁର ଜିଲ୍ଲା କରଗଡ଼ର ଏକ୍‌ଟିଂ ନାଏବ ତହସିଲଦାର ବାବୁ ଘନଶ୍ୟାମ ପଟ୍ଟନାୟକ ୫ ୫୦୮ କାର୍ଯ୍ୟନ୍ତ ସେଟ ଅଦାଲତ ମୋକଦ୍ଦମା ବିଚାରିବାର କ୍ଷମତା ପାଇଲେ ।

ସମ୍ବଲପୁରର ଏକ୍‌ଟିଂ ଅତିରିକ୍ତ ତହସିଲଦାର ବାବୁ ହରିହରପ୍ରଧାନ ୨ୟ ଶ୍ରେଣୀର ତହସିଲଦାରଙ୍କ କ୍ଷମତା ପାଇଲେ ।

ବାବୁ ବନୋଦବିହାରୀ କର୍ତ୍ତକ, ରଘୁପ୍ରସାଦ ଦାସ ଓ ମଧୁସୂଦନ ଦାସ ୩ୟ ଶ୍ରେଣୀର ହାସପାତାଲ ଆସିଷ୍ଟାଣ୍ଟମାନେ ନାଗପୁରଠାରୁ ସମ୍ବଲପୁରକୁ ବଦଳି ହେଲେ ।

ସାହାରଣପୁର, ଝାନ୍ସୀ ଏବଂ ମିରଟଠାରେ ଅତି ବୃଷ୍ଟିହେତୁ ଶସ୍ୟ ଅନେକ ପରିମାଣରେ ନଷ୍ଟ ହୋଇଅଛି । ଏବର୍ଷ ଉତ୍ତର୍ପଶ୍ଚିମରେ ପ୍ରଥମେ ଅନାବୃଷ୍ଟି ଏବଂ ପରେ ଅତିବୃଷ୍ଟି ହୋଇଥିବାର ଦେଖାଯାଏ । ଏଥିରେ ଫଲର ଆଶା କେଉଁଠାରେ ?

## ଭୁଜଙ୍ଗ ସମ୍ବାଦ ।

ଅନେକ ଯାକ ପାଞ୍ଚ ବର୍ଷପୂର୍ବେ ଏ ଅଞ୍ଚଳରୁ ବର୍ଷା ହୋଇଥିଲା କେବଳ ଯେତିକି ଆଜ ଶଷ୍ୟରେ ମରିଯାଇଥିଲା ତହିଁର କଷ୍ଟମାତ୍ର ଫଳ ନ ହେଲେସୁଦ୍ଧା ଏ ବର୍ଷଶାକ ପ୍ରଜାମାନଙ୍କର ଉପକାର ହୋଇଅଛି ।

ଏଠା ବନ୍ଦେଜ ନିକଟରେ ଭୋଗଦେଶାକ୍ର ମୃତ୍ତିକାଣୀ ତହିଁରେ ଜଳ ଅଗେଅନ୍ତ ଥିଲେସୁଦ୍ଧା ତାହା ଅଧିକ ପଦାତିକ ହେବ ବ୍ୟବହାରଯୋଗ୍ୟ ହେଉ ନାହିଁ ଏବଂ ତହିଁର ଉତ୍ତରପାର୍ଶ୍ୱରେ ପ୍ରବଳ ଜଙ୍ଗଲରେ ଅଦ୍ୟାବଧି ବନ୍ଧୁ ସେହିଜଣା ଏଠା ସବ ଓଭରସିୟରଙ୍କଦ୍ୱାରା ପରିଷ୍କାର ହୋଇଅଛି ଆଶା କରୁଁ ଶୀଘ୍ର ମେନେଜର ଉକ୍ତ ଜଳ ପରିଷ୍କାର କରାଇ ସାଧାରଣ କଷ୍ଟ ଦୂର କରିବେ ।

ତାଳଚେରଠାରୁ ମାରସା ଯାଇପର୍ଯ୍ୟନ୍ତ ଗୋଟିଏ ସଡ଼କ ହେବାର ମାପ ହୋଇଥିଲା ଶୁଣାଯାଏ ଯେ ତାହା ହେବ ନାହିଁ କିନ୍ତୁ ଏହି ସଡ଼କ ନ ହେଲେ ସାଧାରଣଙ୍କର ବିଶେଷ କଷ୍ଟ ହେବାର ସମ୍ଭାବନା ।

ଏ ବର୍ଷର ଜମାଦାରମାନଙ୍କୁ ସବରେ ସାପ ଦେଖା ଦେବାଦିନରେ ସରଗେ ଅଫିସରୁ ଇନସ୍ପେକ୍ଟରମାନେ ଏ ମୁଲକରେ ପହୁଞ୍ଚିଅଛନ୍ତି ।

ଗତମାସ ତା ୩ ଦିଅରେ ଝୁଡଳ ମାନେଜର ମୁନସି ଦାଦଇବବସ ଏଠାରେ ପହୁଞ୍ଚି କାର୍ଯ୍ୟଭାର ଗ୍ରହଣ କଲେ ଏବଂ ଗତମାସ ତା ୯ ଦିଅରେ ବାବୁ ଚନ୍ଦ୍ରଶେଖର ସରକାର ଅପଣା ଘରକୁ ଯାତ୍ରା କଲେ ।

---

## ବିଜ୍ଞାପନ ।

**ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।**

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟଙ୍କ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ଶ୍ଳୋକକ ପଦ୍ୟଗଦ୍ୟମୟ ସ୍ତୁତି ଉତ୍କଳକୁ ଦୀପିକାଷ୍ଟ କରି ଅନୁଗ୍ରହିତ କରିବା ହେବ ।

ଓଂ ଲକ୍ଷ୍ମୀନେତ୍ରଶୋଭିନୀ ଗୁଣରଚନୈକରଚନୈ- ର୍ଦ୍ଦେବୀଭକ୍ତାଃ ସ୍ଫୂର୍ତ୍ତିଂ ବାଂଶୀଂ ଭୂଷଣ୍ଡେଷୁ- ସ୍ତ୍ରିଭଙ୍ଗନକୁମୁଦାକ୍ଷମାଦସମ୍ଭାଳକାଶ୍ଚ । ଅଙ୍ଗାନି ଧ୍ୟାଲ୍ଲିକାସ ପ୍ରକମ୍ପଭିରେମଶାଖାରମ୍ଭିନ୍ ପ୍ରଦେଶେ ଲଙ୍କାବୋଧଦ୍ଦିବ ଯୋଽପ୍ୟୁଂ ପ୍ରସରତ ସର୍ ଟି ଅର୍ଟି ବେଲ ସୁଧାଂଶୁଃ ।

ଅବେଚ୍ଯ ଚକୋରକୁଳମାଗଧାନାଂ
ଯସ୍ମିନ୍ ଧ୍ରୁବଂ ଜ୍ୟାସୁବର୍ଣ୍ଣରଦକ୍ଷେ ।
ଧର୍ମ୍ମମଳନ୍ତେ ହଂସବାଳବାସୀ-
ଦବଂସ୍ତଚରି ବୃତ୍ତେନଦ୍ୟ ସନ୍ଧୀ ।

ବନ୍ଧୁମନ୍ୟାମନ୍ଦ କାବ୍ୟମିମାମୁତ୍କଳାବନୀ ଲବଧାୟ—ଚରଣାର୍ପଣପଦ୍ମଳକ୍ଷ୍ମୀଚକ୍ଷୁ୍ଗୋଦମ୍ଭାଂ ପୌରା ଭାରଣଦାଷ୍ଟ ରଞ୍ଜକଞ୍ଜି—ପଦ୍ମପୁଞ୍ଜ- ସମୂଳ୍ଲାହ୍ଲଇତେଭଶୋ ଶ୍ରୀଜନ୍ୟସମବେତା ଭବିପୂଜନଭୋଷ ସମ୍ପାଦକ ସମ୍ପାଦତ ବନ୍ଧୁବଧ- ମଙ୍ଗଲୋପକ୍ରମଃ ଭବନ୍ତଂ ସ୍ତୁତଜ୍ଞା ନବାମୁଦ- ମିବ ଚକୋରକାଶ୍ଚକ୍ରିକାମିବ କାଦମ୍ବିନୀ- ମନସ୍କା ଇବ ଦ୍ରଷ୍ଟୁ ମୁସ୍ଥକନ୍ତେ ॥

ପତପଶ୍ୟ କୃପାବଲୋକନୈ ରଖିଲଂ ଭ୍ରାନ୍ତି- ନ୍ୟୋଗସାଧିକମ୍ ତବ କୀର୍ତ୍ତିସୁଧାଂଶୁଚନ୍ଦ୍ରିକା ସଭତଂ ସୁଷ୍ଠୁ ଭୂମିମଣ୍ଡଳେ ॥

ଶ୍ରୀ କୃତ୍ତିବାସଶତପଥୀ
କଟକ କଟଲଜିଏଟ ସ୍କୁଲ ହେଡ଼ପଣ୍ଡିତ

---

ମହାଶୟ !

ଆମ୍ଭମାନଙ୍କର ପୂର୍ବଲିଖିତ ମହାଷ୍ଟମୀ ବନ- ପୂଜା ବିଷୟରେ ଯେଉଁମାନେ ଗତ ସପ୍ତାହରେ ସନ୍ଦେହ କରି ଶୁଣିବାର ଦଳ ମହାଷ୍ଟମୀବନ- ପୂଜା ସର୍ବସମ୍ମତ ହୋଇଅଛି ବୋଲି ଲେଖି- ଅଛନ୍ତି ସେମାନଙ୍କର ତହିଁ ସନ୍ଦେହ ଦୂର କରିବା ସକାଶେ ଅଦ୍ୟ ପଣ୍ଡିତମାନଙ୍କ ନିର୍ଣ୍ଣିତ ହୋଇଥିବା ଧର୍ମଶାସ୍ତ୍ରମାନଙ୍କର ବାକ୍ୟ- ମାନଙ୍କୁ ଉମ୍ଭରେ ପ୍ରକାଶିତ କଲୁଁ । ବୋଧହୁଏ ସନ୍ଦେହକାରୀମାନେ ନିମ୍ନଲିଖିତ ଗ୍ରନ୍ଥମାନଙ୍କୁ ଦେଖିଥିଲେ ସନ୍ଦେହ କଲ ନ ଥାନ୍ତେ ॥

ମହାଷ୍ଟମୀ, ଦଳ ନବାନ୍ନଶାରେ ପୀଠଦେବୀ- ମାନଙ୍କର ନବାବନ ପୂଜା କରିବାର ପ୍ରମାଣ, ଯଥା:

ମହାନବମୀ ତୁ କର୍ତ୍ତବ୍ୟା ମଧ୍ୟମପ୍ରହରଦ୍ୱୟଂ ॥
ଇତି କାଳୀପୁରାଣବଚନଂ ॥

ମହାଷ୍ଟମୀ ଜଣ୍ଡିପ୍ରାବସରେ କାଲସର୍ବସ୍ୱେ । ଯଥା;
ଉଷାପ୍ୟା ମଷ୍ଟମୀ ଯତ୍ର ତତ୍ର ଦୁର୍ଗୋତ୍ସବ ଉଚ୍ୟତେ ।
ଅଳଙ୍କୃତ ସ୍ୱେପବାଷାଦୌ ଜତ କର୍ତ୍ତବ୍ୟାଷ୍ଟମୀ ହର୍ବେଳ

ଏହି ବାକ୍ୟରୁ ସ୍ଥିର ହେଲା ଯେ ମହାନବମୀକୁ ଅଷ୍ଟମୀ ଯେଉଁ ଦିନ ଥାଏ ସେହିଦିନ ଅଷ୍ଟମୀ କରାଯାଏ । ଉପବାସ ପକ୍ଷରେ ମହାନବମୀକୁ ଅଷ୍ଟମୀ ନ ଥିଲେ ଉପବାସ କରାଯାଏ । ଏହିପ୍ରାୟ ଦୁର୍ଗୋତ୍ସବତତ୍ତ୍ୱରେ ମଧ୍ୟ କହିଅଛନ୍ତି ।

ମହାଷ୍ଟମୀ ଶ୍ରୁତ୍ରପରସ୍ୟ ଶୁକ୍ଳା ପୂର୍ବେଣ ବର୍ଜ୍ଜିତା ହିଁ କର୍ତ୍ତବ୍ୟା ତ୍ରିଭୋପବାସାଦପରତ୍ରହାସ୍ୟ ପରେଣ କର୍ତ୍ତବ୍ୟାଂ ନଗଦନ୍ତି ବୁଧାଃ । ଭଦ୍ରାପୂର୍ବସ୍ୟ ଅଷ୍ଟମୀନବମ୍ୟୋଃ ଯାବତ ॥

ଇତ୍ୟେବମୁକ୍ତ୍ୱୀଭ୍ୟାଂ ପ୍ରାପ୍ତଂ ଗ୍ରନ୍ଥକୃତାଂ କେବଳାୟାଂ ପୂଜା, ପରବବାସ୍ୟା ମୁପବାସ ଇତି ସ୍ଥିତା ବ୍ୟବସ୍ଥା । ଇତି କାଳସର୍ବସ୍ୱକାରଃ ।

ଏବଂ ସ୍କନ୍ଦପୁରାଣେଽପି ॥

ଅଷ୍ଟମ୍ୟାଂ ନବମୀ ଯତ୍ର ଭତ୍ର ଦୁର୍ଗାଂ ନ ପୂଜୟେତ୍ । ପୂଜୟେତ୍ କ୍ଲେଶଭାଗୀ ସ୍ୟାତ୍ ଦିଗ୍ଗିନ୍ୟାଜ୍ରହତୋ ଯଥା ॥

ଏବଂ ଏହି ସମ୍ୱତ୍ସରରେ ଗୁରୁବାର ଦିନ ମହାଷ୍ଟମୀ ମହାନବମୀକୁ ପ୍ରାପ୍ତ ହେବାରୁ ପୂର୍ବାଷାଢ଼ାନକ୍ଷତ୍ର ଯୋଗ ଥିବାରୁ ମଧ୍ୟ ଗୁରୁବାର ଦିନ ମହାଷ୍ଟମୀ କରାଯାଇ ଶୁକ୍ରବାର ଦିନ ମହାନବମୀକୁ ଅଷ୍ଟମୀ ଏବଂ ପୂର୍ବାଷାଢ଼ାନକ୍ଷତ୍ର ଯୋଗ ନ ଥିବାରୁ ସେ ଦିନ ମହାଷ୍ଟମୀ ଦିନପୂଜା କରିବାର ଶାସ୍ତ୍ରବିରୁଦ୍ଧ ଓ ରାଜାଙ୍କର ଅମଙ୍ଗଳ କାରଣ ଅଟେ ।

ଅଷ୍ଟମୀନବମୀ ସନ୍ଧ୍ୟା ପୂଜାଂ କୃତ୍ୱାତ୍ର ଯାବତୀ । ବୃଥା ପଶୁବଧାଂ ସାର୍ଦ୍ଧ ନବମୀଟାସ୍ୱର୍ଗତିଦା ॥ ଇତି ॥

ପ୍ରକାଶ ଥାଉ ଯେ ଉତ୍କଳଦୀପିକାରେ ସ୍ଥାନାଭାବଶଙ୍କା ହେଉରୁ ଅମ୍ଭେ ବିସ୍ତାରିତ ଲେଖିବାକୁ ଅକ୍ଷମ ହେଲୁଁ । ବନଦୁର୍ଗାପୂଜା ଗୁରୁବାରଠାରୁ କେଉଁପ୍ରକାର ହୋଇଗଲା ବୋଲି ଯେଉଁମାନେ ଆଶଙ୍କା କରୁଅଛନ୍ତି ସେମାନେ ଭବ ପ୍ରକାର ପୂଜା ଜାଣନ୍ତି ନାହିଁକି ? ନ ଜାଣିଥିଲେ ସ୍କନ୍ଦପୁରାଣରୁ ତ୍ରିଦିନପୂଜା ପକ୍ଷ ଦେଖିଲେ ଜାଣି ପାରିବେ । ଇତି ।

ଶ୍ରୀ ରାମଦତ୍ତ ପ୍ରଧାନାଙ୍କ ଶର୍ମା
କଟକ୍ଷ୍ୟାତନୁ ଉଦ୍ଧର୍ବଳା ସଭାର ସଭାପତି

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ମଧୁସୂଦନ ପଟ୍ଟନାୟକ | ମହେଶ୍ୱର ଅଗ୍ରିମ | ଟ ୩ | |
| „ ରଘୁନାଥ ମିଶ୍ର | କଟକ | „ | ଟ ୧ |
| „ ମଦରଧର ମହାନ୍ତି | କଟକ | „ | ଟ ୧ |
| ଲୁଙ୍ଗ ଅଷମୁଳାନ୍ଦନ ଦାସ ମହାପାତ୍ର ଜମିଦାର କାଇଆରୁ | | „ | ଟ ୩ |
| ବାବୁ ସ୍ୱାମୀନାଥ ଦାସ ମାଣିକପାଟଣା | | „ | ଟ ୧୫ |

# ବିଜ୍ଞାପନ ।

କରତାକଲାପ ଦ୍ୱିତୀୟଭାଗର ମୂଲ୍ୟ ୫ ୦ । ଗୁଡ଼ରେ ଟ ୦୵ କରାଯାଇଅଛି ।
୧୫।୧୧।୮୮ ଶ୍ରୀ ଗୋବନ୍ଦରଥ

---

## NOTICE

Is hereby given that the accommodation Boat "CLARA" lying at the Pooree-ghat will be sold by public Auction on Thursday the 22nd November, 1888 at 9 A. M.

K. R. Bose.
Overseer.
In charge No. 2
Sub-Division
Pooree Dn.

---

# କୋଠୀବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଲକ୍ଷ୍ମୀକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନିଙ୍କ ଦୋକାନରେ, ଉତ୍କଳଅଟପ୍ରେସରେ ଓ ବାବୁ ରାମପ୍ରସନ୍ନ ମୁଖାର୍ଜ୍ଜିଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

---

# TO THE DEAF.

A 132 pages Illustrated Book on deafness Noises in the head how cured at your homes.

Price 6 annas; Address Dr. Nicholson, 5 Old Court House Street, Calcutta.

# ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା କପରି ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ଷ୍ଟାର ପୁସ୍ତକ ମୂଲ୍ୟ ଟ ୦।୵ କଲିକତା ଓଲ୍ଡ୍ କୋର୍ଟହାଉସ ଷ୍ଟ୍ରିଟ ନ ୫ ମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଅଯିବ ।

---

# ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୬ ସାଲର ୫ ଆଇନ ସହିତ

ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକା ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦୵ ପଡ଼ିବ ।

---

# ମେହରୋଗ ।

ଏହି ଔଷଧରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରଅଛି ସେମାନଙ୍କର ଜଳାର୍ଦ୍ଧ ରୋଗିଣୀକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟସହକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର କପୂରଶିରେ ପରଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପରଚିତପୋଲ ନମ୍ବର ଭବନରେ ଏ, କେ, ଗଡ଼ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୵ କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ୍ ।

---

ଆମ୍ଭର ଚାନ୍ଦିନୀଚୌକବଜାରସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅଟ୍ଟା ବିକ୍ରୀସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ଉପସ୍ଥିତ ହେଲେ ପାଇପାରିବେ । ଯେଉଁଥିରେ ଗୁଣ୍ଡିଲ ଇତ୍ୟାଦି କିଛି ବଜାରସ୍ଥାନୁ ମିଶ୍ରିତ ନାହିଁ ଆଉ ଯାହାଙ୍କର ବୃହତ କର୍ମ ପାଇଁ ବେଶୀ ମଇଦା ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସ ଦେଲେ ଆମ୍ଭେ ଆମ୍ଭର କଳଦେଇ (ଫ୍ଲାଉର ମେସିନ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ଦେଇ ପାରିବେ ।

୭।୧୧।୮୮ }
କଟକ } ଶ୍ରୀ ଅଭିରାମଦ୍ୟୁତିକର ।

---

ଶ୍ରଦ୍ଧାସ୍ପଦ ପାଠକବୃନ୍ଦ

କଟକଜିଲାଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ତତ୍ତ୍ୱାବଧାନରେ

Split by PDF Splitter

Digitized by srujanika@gmail.com

ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜମାନଙ୍କ ରୋଗୀ ଆରୋଗ୍ୟ ଲଭି ଅଛନ୍ତି । ତାହାଙ୍କ ନିର୍ମିତ ଓଲାଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା ବ୍ୟବହାରେ ସେବନ କଲେ ତାଙ୍କର ହସ୍ତରୁ ନିସ୍ତାର ପାଇବେ । ତାହାଙ୍କ ନିର୍ମିତ ନେତ୍ରବିନ୍ଦୁ ନାମକ ଜ୍ୱରସଂହାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ର ଚକ୍ରପାଣିଙ୍କର ଗୃହଗୋଷ୍ଠି ଜ୍ୱରରୋଗମାନଙ୍କୁ କେହି ମାସ, କେହିବା ମାସ, କେହି, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏହି ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାସ୍ୱଳ ବଲେ ବୌଦ ଓ ଶ୍ରୀ ଯୁକ୍ତ ବାବୁ ଗୋସ୍ୱାଇଙ୍କରଦ୍ୱାରା ଓଲାଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । କାଶୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ଦର୍ଶାଇବ କପି, ଡାକ୍ତର ଓ କବିରାଜମାନଙ୍କ ଏବଂ କଣ୍ଠାଗ୍ରହ-ପ୍ରାଣଗତ ମଶକୁଡ଼ାକାନ୍ତ ରୋଗିର ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପରି ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯେଲାପୁର, ଭଦ୍ରକ, ମାଣିକପଟ୍ଟଣା, ଆଠଗଡ଼, ଏକମା, ମେଦନୀପୁର, ବୌଦ, ବାଲିପଟ୍ଟଣା, ଚଣାବଟ୍ଟା, ଓ କମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେଦ, ଅପସ୍ମାର, ଶୂଳ, କୁଷ୍ଠ, ଓଲାଉଠା, ଅଜୀର୍ଣ୍ଣ, ମେଲେରିଅଜ୍ୱର, ସାର୍ବକାଳୀନଜ୍ୱର, ଚତୁର୍ଥିକଜ୍ୱର, ପାଳିଜ୍ୱର, ବାତ, କାଶାର୍ଶ, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂତ୍ରକୃଚ୍ଛ୍ର, କାମ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ଥାନୀୟ ଚିକିତ୍ସାରେ ନୈରାଶ ହୋଇ ଉକ୍ତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଂକ୍ଷିମାନେ ଇଷ୍ଟାମ୍ପକାଡ଼ ବା ଡାକଟିକଟ ସହ ପତ୍ର ଲେଖିଲେ ଅଶ୍ୱଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

## ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋସ୍ୱାଇଙ୍କର ସ୍ୱତନ୍ତ୍ର କସା ନିକଟେ ବାବୁ ଅର୍ଦ୍ଧବଳଭ କର ବନ୍ଧୁମାନଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୭ | ପଟି | ଦାଇ | ଦ ୧୬ ଟ ୨୮/ | ଭ ୧୬ ଟ ୦ ୬/୨ |
| ୧୪ | ପଟି | " | " ଟ ୨/୩ | " ଟ ୦ ୬/୦ |
| ୧୨ | ପଟି | " | " ଟ ୨/୧ | " ଟ ୦ ୬/ |
| ୨୨ | ଶଟି ଡବଲଫଲିସ୍କେପ | " | ଟ ୪/ | " ଟ ୦ ୬/୨ |

ଶ୍ରୀଯୁକ୍ତ ବାବୁ ଗୋସ୍ୱାଇଙ୍କର ସମ୍ପର୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ଭଙ୍ଗା ଓ ରେଶମୀଓଗେର ଲୁଗା ଓ ଷ୍ଟେସନରୀ ଓ ଅନ୍ୟ ବହି ଇମାରତ ସାମଗ୍ରୀର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଜଣାଇ ଅଛୁ । ଉଦ୍ଧୃତ ଅଛି କେତେକ ଟେଟପୁଲ ଭିନସାରୁ ବିକ୍ରୟ ସକାଶେ ପ୍ରସ୍ତୁତ ଅଛୁ ତାହା ଅନ୍ୟ ସ୍ଥଳରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏଛଡ଼ା ଅମ୍ଭେମାନେ ବହୁଳଭ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଚ କରିବାକୁ ଚାହିଁଲେ ଗାଡ଼ି ବିକ୍ରୟ କରାଯିବ । ସବ ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପର୍ଯ୍ୟନ୍ତ ଅପଣା ମଫସଲ ସକାଶେ ଭଡ଼ା ଦିଆଯିବ ତେବେ ଏକ ଗ୍ରହଣ ପି ବଣ୍ଡ ଟ ୦/୨ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ କ୍ଷତିପୂରଣର ଭାର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଗାଡ଼ିର ପଦ୍ମ ମୂଲ୍ୟ ତାଙ୍କ ଦେବାକୁ ହେବ ।

### ଟେଟପୁଲ ।

କାଗଜ ଧରଣା-ତ
ଦଣ୍ଡିରେ ସୂତ ଦେଲେ
ଲେ ।
ଚନ୍ଦନଖାକ
ବଦେଶୀଙ୍କ ତେଲ ନଦେବା
ନେଳ ସାଦା ଓ ଭୋଗ
ସହିତ ।
ଭୁଜଂ ଅର୍ଥାତ୍ ନବଙ୍ଗା
କଡ଼ନା କାଗଜ ପେନ୍-
ସିଲ ଓ ବଇନ ।
ପେନ୍ସିଲ କାଟିବା ଛୁରୀ ।
କାଚ ପ୍ରକାରର ଚଟି-
କାଗଜ ଓ ଲଫାପା
ରେଶମ ଫିତା
ପିରଲ ଛୁରୀ ।
ନସ୍ୟ ଦାନ ।
ତାହାର ସାଙ୍କାଳ ଗହିଁ ଲେ
ଜୁଗା ପରସ୍ପର ଜୁଟ ।
ଅଷ୍ଟୋଭ ସ୍ଲେଟ—ଅର୍ଥାତ୍
ଯୁରଣୀ ଦୁଟା ।
ଅସନ ଛୁରୀ ।
ଓଆଟରଫ୍ରୁଫ୍ ଛତା ।

ବଡ଼ିଆ ଅର୍ଦ୍ଧ ।
କ୍ଲୋରେଡାଇନ୍ ।
କାଚ ଫିତା ଓ
କାଚ ଉଣିଆ ଓ ସାବୁନ
ଗଡ଼ୀ
ନିଜର୍ଷ ରୂପଫସଲ
ଏବଂ ଫସଲ ଛୁରୀ
ଜେଲସନ ଅଟୋପ ଗ୍ଲାସ
ହୋଲ୍ଡର, ଅଲେ
ଏ, ଲୋଷନ ସମ୍ବନ୍ଧେ
କାଗଜ ଓ ବୁରୁଷ ।
ଚପଲ ଅଳସୋଷ
ଏକଡ଼ କାଗଜ ।
ଅଟମେଟିକ ପେନ୍ସିଲ
ଅର୍ଥାତ୍ ଏ ପେନ୍ସିଲ୍‌ରେ
ଲେଡ କଟିବା ପ୍ରତି
ଭଲ ଭଙ୍ଗାଇ ଦେବ
ପେନ୍ସିଲ୍ ଲେଖା ସ
ରବର ଦେବ ପଡ଼ାଇ
ବେଲୋଟିଙ୍ଗ କ, ନବ
ଲ ଲବେ ।

ପୋର୍ଟଲିଉଜର ଓ ପିଉଟର
ନେଷ୍ଟ ନେର ଓ ଦେଶୀ
ଭରେ ସ୍ତରେ
କ୍ରୁଇବ କାଠ ଉଠାଇ
ଦେଇଥିବାର ରେଳ ଘର
ଓ ଗୁଣିଲେ ଭଲ
ପତ୍ର ।
ଅଲଣି ଲଟ
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ "
ମୋଜା ଓ ମୋଜାବନ୍ଧ
ଭଳି ଏ ନବଖଣ୍ଡ
ଚଉଦ ସାହେବ ଭଳା ଓ
ଖଞ୍ଜା
ଦେଶେଣ୍ଟୁଲେଳ ।

ଜଳ ଓ ପାଇବଡୋଲିଭ
ଶିଶୀ
ଜଳମିଳ ଚେଲଲେ ବଡ଼
ଛାଇବାର ଗାଡ଼
ନମଗାନା
ରେଲ ହୁ ପେନ୍ସିଲ
କଳାକସି ଶାଡ଼ୀ ଓ ଫ୍ରକ୍
ଓ ଜଳ
ମରସ୍ଥତାଳାସ ଓ ଓଡ଼
ପାଇ ପାଞ୍ଚଲୋଭ ଓ
ଶାଢ଼ୀ ।
ହିଙ୍ଗୁ ବାଈ
ଏଭିମେଟର ଅର୍ଥାତ୍ ଉତ୍ତା
ଘଣ୍ଟ ଶୈତ୍ୟ ଏଥର
ଚଣ୍ଡର କଟବା ନେରେ
ଦେଖିବାର ଯନ୍ତ୍ର ।

## ବିଜ୍ଞାପନ ।

ଏ ଯନ୍ତ୍ରକୁ ଦେଖାଯିବ ଯାହାରେ ରସି ବଢ଼େଇଲେ କଳଲାଇ ଦୋପାଟାଙ୍କର ପାଟିରେ ଦେଲେ ପାଣିଗଲା ବନ୍ଦ ହେବ ଗଳର ମଧ୍ୟ ଅଟେ ଲେପିଦେବାର ମଇଜୁଡ଼ ଓ ଭୟ ଥିବାର ନାହିଁ ।

ବହିର ତମଡ଼ା ଓ ଖାତରେ ଲଗାଇବାର ନାନା ମଧ୍ୟ ଅଛି ।

ଅଭୟଚରଣ କର ବନ୍ଧୁମାନ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା —

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦/ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚା ଟ ୦ କୁ ନ୍ୟୁନ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଅର୍ଦ୍ଧେକ ଓ ତ୍ରିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳଯନ୍ତ୍ରରେ ଶ୍ରୀ ଇଂରେଜସର ସ୍ୟାଣ୍ଡେଲେଣ୍ଡ୍ରସ ଓ ମୁଦ୍ରିତ ହେବ

Digitized by srujanika@gmail.com

## MUNICIPAL ADDRESS TO THE LIEUTENANT GOVERNOR OF BENGAL.

MAY IT PLEASE YOUR HONOR,

On behalf of the residents of Cuttack, we, the Commissioners of this Municipality, beg most respectfully to approach Your Honor with this humble address, expressive of our heartfelt joy on Your Honor's visit to this city, and of our profound loyalty to our most beloved Sovereign the QUEEN-EMPRESS OF INDIA.

2. We need not recount here the many and eminent services done to the country by Your Honor during a long and arduous career, and we cannot but express the gratification we feel in seeing our expectations on Your Honor's assumption of the Government of this Province to a great extent realized. Your Honor's generous sympathies for the people and just principles of government, have really made Your Honor's name dear in every household.

3. Actuated by a sincere desire for ameliorating the condition of all classes alike of Her Majesty's most loyal subjects under Your charge, Your Honor has always been pleased to avow in the most emphatic manner, whenever and wherever Your Honor has had occasion to give public expression to them, those catholic principles of good Government which are in such perfect consonance with Her Imperial Majesty's Proclamation of 1858.

4. Your Honor's solicitude for the furtherance of the principles of Local Self Government, entitles Your Honor to our everlasting gratitude. It is no small gratification to see that under Your Honor's benign rule and parental care, the elective municipal corporations, though at present in an infant and incomplete state of development, find strength enough to discharge satisfactorily the heavy responsibilities entrusted to them.

5. We cannot sufficiently thank Your Honor for the timely measures which under Your Honor's instructions were adopted by the local officers for saving the inhabitants of Khoordah and Banki, when recently they were threatened with starvation. Bearing this in mind, and knowing as we all do, how Your Honor had under the guidance of Providence, been the means of saving thousands of men from death from starvation during the Behar Famine, we are encouraged to hope that if, God forbid, there is widespread scarcity, if not famine, in Orissa, owing to the early cessation of rains this year, no efforts would be spared to mitigate the people's sufferings.

6. As a means of arresting the progress of a local scarcity of any kind, we humbly beg to suggest to Your Honor the extension of the Railway system to this province; Propositions have more than once been mooted, relating to the construction of a railway line connecting Orissa. But it is to be regretted that no tangible effect has yet come out of them. We avail ourselves therefore of this opportunity of Your Honor's visit to this Province to bring the matter again for your Honor's favorable consideration. Orissa has too long been kept out of the pale of the civilizing influences which follow the introduction of the Railway System. We need hardly recount here the many other blessings a Railway would confer on us, and how it would be the means of saving thousands of persons from all parts of India who come on pilgrimage to Pooree from death from Cholera and other epidemics.

7. In conclusion, we humbly thank Your Honor for the troubles you have taken in paying a visit to this city, and in honoring us with Your august presence, and we sincerely pray that Providence will vouchsafe to Your Honor and Your Honor's family long life and prosperity, and render the whole term of Your rule an epoch of continued progress of the people confided to Your Honor's care.

CUTTACK
*The 16th Novr.* 1888

We beg to remain,
Honorable Sir,
Your Honor's Most
Obedient Servants,
*Municipal Commissioners.*

ଜୟ ସର୍ ଷ୍ଟୁଅର୍ଟ ବେଲି ଜୟ।

ଲାଟ ବର୍ଣ୍ଣନ।

ପ୍ରଥମ ଶ୍ଳୋକ। ଅଭ୍ୟର୍ଥନା।

ଜଗତ୍ପୂଜିତ ଲାଟ ଷ୍ଟୁଅର୍ଟ ଅଧୁନା ଉତ୍କଳେ।
ଦେଖିବାକୁ ଥିଲା ବାସନା ଅଜ ଫଳନା ଫଳେ॥
ଯବ ଦରଶନେ ଆନନ୍ଦ ଉପୁଜିଲ ଅନ୍ତରେ।
ରାଜା ପ୍ରଜା ଯେଉଁ ସମ୍ବନ୍ଧ ଶୋଭା ଅଛି ଅନ୍ୟତ୍ରେ॥
ତାର ପ୍ରଚଳିତ କାରଣ ଏଥି ପ୍ରଜା ମଧ୍ୟରେ।
ରହିଥିଲେ ପୃଥ୍ୱୀମଣିଙ୍କ ଲକ୍ଷ୍ମୀ ଭକ୍ତି ଧରେ॥
ଯେଉଁ ରାଜା ପ୍ରଜା ଉପରେ ଘୃଣାଗ୍ନି ପଡ଼ଇ।
କରନ୍ତି ସେଠାରେ କମଳା ଦୋଳି ବିଷଣ୍ଣମନ।
ଦଇବ ଉତ୍କଳ ଭବନେ କୋଟି କୋଟି ମାନବ।
ଗୃହେ ସର୍ବ ଏ ଶାନ୍ତି ଅଛି କତ ଜୀବ॥
ଆମ୍ଭ ଭାଗ୍ୟ ଅତି ଘଟିଲା ଅନ୍ଧକାର ଉତ୍କଳ।
ସ୍ୱଜ ଚରଣରେ ଭକ୍ତିଭାବ ବଶେ ଉଜ୍ଜ୍ୱଳ॥
ମହାମାନ୍ୟ ଲାଟ ଷ୍ଟୁଅର୍ଟ ବେଲିଙ୍କ ପୁରରେ।
ଆମୋଦ ହେଉଛନ୍ତି କଲ୍ଲୋଳ ଭାଳିଙ୍କ ସୁଖରେ
ଅଛ ସାନ ଆମ୍ଭେ ସରଳ ଦେବୁ କ ଉପହାର।
ଯେତେର କ୍ଷ୍ମାରେ ବନ୍ଧାଇଲ ପାଷାଣ ବନ୍ଧାର
ଦେଶ ପ୍ରଚଳିତ ନିୟମେ ସ୍ୱଜନେ ବିଶ୍ୱସ।
କାଠଯୋଡ଼ି ଗର୍ଭ କୋଳଣ ନାଳ ଖନିବାକୁ॥
ଅଛନ୍ତି ଏ ଜଳ ଉତ୍ସର୍ଗ କଲୁଁ ଭୂମି ନାମରେ।
ଓଡ଼ିଆଙ୍କ ଉପହାର ଏ ମଣି ହୃଦୟପଦ୍ମରେ॥
ଉଦାର ପ୍ରକୃତି ସ୍ୱଜାଙ୍କ ପାଶେ ଆଶା ଜନ୍ମୁ।
ଏକାଳ ଅଚଳ ହୋଇବ ହୋଟିଲ ଅଳସ୍ତ॥

୨ୟ ଶ୍ଳୋକ। ନଗର ବର୍ଣ୍ଣନା।

ଏ ଅପୂର୍ବ ଶୋଭା ଧରିଲ ସ୍ୱକଧାମ କଟକ।
ନବବଧୂ ବାଜା ବାଜଣା ଗୃହଦଶେ ରମକ॥
ରାଜା ସ୍ୱଜଭାବୁ ଅଇଲେ ପୂରବାସ ଉତ୍ସବ।
ଲାଟଦରଶନେ ତ୍ରିମୂର୍ତ୍ତି ହରଷୋଦ୍ଭବ॥
ସ୍ୱଜମ୍ଭାଳଙ୍କର ଅଇଲେ କାଳପରଗଣିଜ।
ଅଶ୍ୱରଥ ରଞ୍ଜି ନଗର ବଟେ ଶଢ ଭୂତରେ॥
ଦେଖିଲ ଭବନ୍ତ ଛତ୍ରଇଳେ ଘଥାସ୍ତ ପଦ୍ମଜା।
ଆବା ଲାବା ହୋଇ ଭାବାଙ୍କୁ ଶୃଙ୍ଗ ଗାବନ୍ତ ରଜା
କଷ୍ଟମନ୍ଦାସ୍ତ ପାଇବେ ଜନେ ଦାଉ ପଦ୍ମାଇ।
ଇଠାସ୍ତମ୍ଭ ସ୍ତମ୍ଭେ ରହିଲେ ସ୍ୱଜମାର୍ଗଲୁ ଶୃଙ୍ଗ॥
ଦ୍ୱାରେଦ୍ୱାରେ ବେଢେଙ୍ଗଲିଷ୍ଟ ଲବଦୋଷମାଳ
ବମ୍ଭାଇରୁ ଉଷ୍ଣଦ୍ୱୀପରୁ ପୁଷ୍ପିଭୂମିର ତାଳ॥
ସ୍ଥାନେ ସ୍ଥାନେ ଶୋଭା ଘଟକ ଚନ୍ଦ୍ରଉଜ୍ଜ୍ୱଳ କରେ।
ମଙ୍ଗଳବରନଳସ୍ତିଲ ରହି ବସ୍ତ୍ରଅଧରେ॥
ସୁବର୍ଣ୍ଣଉଡ଼େ ଉଡ଼େଉଡ଼େବହଇ ଧୀରେ ବାମ୍ବୁଲଦ୍ୱାରେ
ଶ୍ରୀବ ଚିହ୍ନ, ସବୁ ଅଙ୍କିତ ଗୃହିଅଟେ ଦିଗରେ॥
ଦଳାଦଳି ଧଳାଧଳ ଦିଶା ହୋଇଲା ଦୂର॥
ଉପଗଲ ଦେବୁ କଟକେ ଲାଟ ଶ୍ରୀ ବାହାଦୁର॥

୩ୟ ଶ୍ଳୋକ। ଯମ୍ଭ ନିବେଦନ।

ଅସମୟେ ଲାଟ ଅଇଲ ନବ ଦେବ ଜନନ।

Split by PDF Splitter

Digitized by srujanika@gmail.com

ଉଦ୍, ଦୋଷାନଙ୍କେ ପଡ଼ିଲୁଁ ଅନାବୃଷ୍ଟି ଭ୍ରମର ।
ଦୁର୍ଭିକ୍ଷ ଜନ୍ମିଲା ଦେଶରେ ଅନ୍ନକଷ୍ଟେ ପୀଡ଼ିତ ॥
ଏ କହୁଁ ସେହି ଦୁର୍ଦ୍ଦଶା ମନ ଅତି ବ୍ୟାକୁଳ ।
ଅପ୍ରାପ୍ତ ଶୋଷାକାଂକ୍ଷୋଣଙ୍କୁ ଦୁଃଖ ଜଣାଉଛି ॥
ତୁମ୍ଭେ ଲାଟ ବଡ଼ ଦୟାଳୁ ଅଛ କର୍ଣ୍ଣଗୋଚର ।
ଶୁଣାକାର ତେଣୁ ଅର୍ପିଛୁ ଅତି ଭୂମି ପାଶର ॥
କହିବାକୁ ବଡ଼ ବାସନା ଉଠୁ ନାହିଁ ରସନା ।
କଳଙ୍କେ ପ୍ରକୃତି ଭ୍ରମ ଜଗତଅନ୍ତ ମନା ॥
ବସ୍ତୁର ବଢ଼ିଲେ ଅର୍ଘ୍ୟର ଦେଉଁ ବଡ଼ କାତର ।
କୋଟିପିଏ ପୀଡ଼ା ଦେହରୁ ଭକ୍ତି ଶୋଷେ ପ୍ରଖର
ଜଳଛଅଭଳଜାଲରେ ହୋଇଅଛୁଁ କାତର ।
ଦେଶ ରୂପରେ ଯୋଗୀ ଅଇଲେ କର ପ୍ରଜା ଶାସନ ।
ଯଷ୍ଟି ଅଳଳରେ ଅମୃତ ନୃପେ ଶସ୍ୟ ରକ୍ଷଣ ।
ଦନ୍ତୁର, କଷଇ କହରୁଁ ତୁମ୍ଭ କର ପ୍ରଦାନ ॥
କନ୍ କନ୍ ଲଇ ବଢ଼ିଲା ହେଲା ଅତି ଦୋହଳ ।
ଆଳାବାଟେ ଧନ ତଳଙ୍କ ଜନେ ଦେଉଁ ପଡ଼ନ୍ତି ॥
ସଂସାର ଯୂଜନ ଏଣିକି ହେଲା ବଡ଼ କଠିନ ।
ବଡ଼ଲୋକଠାରୁ ସାନଟ ଲାଏ କଷ୍ଟ ଗ୍ରହଣ ॥
କାଲତି ତଳାସ ଦରବେ ଧନ, ଗଲା କହୁତ ।
ବେଶୀ କାଉଳରେ ଥକାଣ ଶୁଁହି ଦେଲେଣି ବୁଦ
ଏଥିରେ ପ୍ରତିବିଧାନ ନ କଲେ ଭୂଇଁ ।
ଜାଣିଥାଅ ଲାଟ ନଷ୍ଟ ହେବ ପ୍ରଜା କଟ୍ଟନ ॥
ଅମୃତ କ ଶୁଣ ଅମ୍ଭେତ ଗୁଆ ଗାଉ ମାତର ।
ପରଜା ଯେଉଣ ସ୍ୱଜନ ବିନା କରନ୍ତି ସବୁ ॥
ବେନି ବେନି କୋଳି ନ ନଣ ଏହା କେତେ ଦିନର
ସ୍ୱରୂପବଜନ ଏ ଅଟେ ଭବଷ୍ୟଭର୍ଜ୍ଜର ॥
ଗଞ୍ଜାମ ସମ୍ବଲପୁରର ଯୋଗ କଟକେ ଅଣି ।
କହିବାକୁ ଯୂରି ତକ୍ତୁର ଅମ୍ଭ ପ୍ରାର୍ଥନା ବାଣୀ ॥
ଗୋଟାଏର ଭୂଇଁକାଶ ଦେଖିଅଛୁ ସାଧନ ।
ଅଇକ ଜଳରେ ଗୋଡ଼ାଇ ରକ୍ଷାକର ତଦନ ॥
ଗରବର ନାନା ପ୍ରଦେଶେ ତଇଲ ଧୂମଘଟ ।
କହିଲ କପାଳେ କର୍ପୂର ଅଛି ଏତେସବୁ ।
ଦୁର୍ମୂଲ୍ୟ ହୋଇଛି ଲବଣ ବୃଦ୍ଧି ହେବାରୁ କର
ସମୁଦ୍ର ପାଣିତ ଏଣିକି ଲୋକେ ହେବ ଅବର
କେକୋଟ ଜଳଲତଦ୍ଦମା ଯାଳିଟଣି ଘଷସ ।
କହିବାକୁ ଧନଅର୍ଜ୍ଜନ ପାଇବାକୁ ସୁଯଶ ॥
ଜଗନ୍ନାଥଙ୍କରେ ବାହାନ୍ତି ଯାଇଶାଳ ଝୁକସ ।
କରନ୍ତି ଭୂଗୁଙ୍କ ଅଧ୍ଵାନ ଝୁଲାଇବା ମାଳସ ॥
ଏକଥା ଘଟିଲେ ପଡ଼ିବ ହୃଦ ଧର୍ମେ ଅଘାତ ।
ପ୍ରାର୍ଥନା କରୁଛୁଁ ହେ ଲାଟ ଘଟାଇବ ବ୍ୟାପାର ॥
ଅତ୍ରୁଉ ଗୋଟିଏ ସାମାନ୍ୟ କଥା ଦୁଃଖ ହେଉଛିରେ
କହିବାକୁ ମନ କଳଇ ଅଛ ତୁମ୍ଭ ଶ୍ରମରେ ।
ଦରବାରିଜନମଣ୍ଡଳେ ଦେଶୀଙ୍କର ଲଜ୍ଜା ।
ଇଞ୍ଚିରେ ହେବ ନ କଂଟରେ ଅନୁଗ୍ରହଜନ କା ॥
କଦାପି ନେଇଛି ଦେ ଲାଟ ଓଡ଼ିଆଙ୍କ ଉଣରେ
ଦୟା ରକ୍ଷିଥିବ କଂଟରେ ଭବ ଉଦ୍ଭବରେ ॥

ଶ୍ରୀ ଗୋବିନ୍ଦ ରଥ ।

ରକ୍ଷା ହୋଇବରୁ ପ୍ରଜାମାନେ ଉଲ୍ଲସିତ ଅନ୍ତଃକରଣରେ ଶ୍ରୀଯୁକ୍ତ ଗଭର୍ଣ୍ଣର ସୁପ୍ରଣ୍ଟଙ୍କ ଯୋଗେ ବଙ୍ଗଦେଶର ମାନ୍ୟବର ଲେଫ୍ଟେନାଣ୍ଟ ଗଭର୍ଣ୍ଣରଙ୍କ ସମୀପକୁ ପଠାଇ ଅଛନ୍ତି ।

ମାନ୍ୟବର ଧର୍ମାବତାର !

ପ୍ରଜାମାନଙ୍କର ସୁଖ ଦୁଃଖରେ ଶ୍ରୀ ମନ୍ମହୋଦୟଙ୍କର ସର୍ବଦା ସହାନୁଭୂତି ଅକୃତ୍ରିମଭାବରେ ବିଦ୍ୟମାନ ଥିବାରୁ ଓଡ଼ିଶାବିଭାଗ ଅନ୍ତର୍ଗତ କଲେ ବଉଦ ନିବାସି ପ୍ରଜାମାନେ ଅମ୍ଭେ ଶ୍ରୀକାରରେ, କୃତାଞ୍ଜଳିପୂର୍ବକରେ ଦଣ୍ଡାୟମାନ ହୋଇ ଉତ୍ତରୋତ୍ତରକ୍ରମେ ଯାହା ଜଣାଉଅଛୁଁ ତାହା ଶ୍ରୀହଜୁର ସକରୁଣ ହୃଦୟରେ ଯହିଁ ବି ହ କର୍ଣ୍ଣ-ଗୋଚର କରି ଶ୍ରବଣ କଲେ ପରମୋପକୃତ ହେବୁଁ ।

ଏହିକାଲରେ ଗତବର୍ଷଠାରୁ ଦୁର୍ଭିକ୍ଷାନଳ ପ୍ରଚଣ୍ଡରୂପେ ପ୍ରଜ୍ୱଳିତ ହୋଇଥିବାରୁ ପ୍ରାୟ ଦରିଦ୍ରଙ୍କୁ ସ୍ୱାଦଦତ ଅଛି ପ୍ରଜାମାନେ ଏଥିରେ ଏପରି ବିପନ୍ନ ହୋଇଥିଲେ ଯେ ପ୍ରଚଳିତ ରାଜସ୍ୱ ଆଦାୟ କରିବା ଦୂରେ ଥାଉ ପ୍ରାଣରକ୍ଷା ଆଶାରେ ଇତସ୍ତତଃ ପଳାୟମାନର ଉପକ୍ରମ ଦେଖି ଅମ୍ଭମାନଙ୍କର ପ୍ରଜାବତ୍ସଳ ମାନନୀୟ ଶ୍ରୀ ଯୋଗୀନ୍ଦ୍ରଦେଓ ରାଜାମହୋଦୟ ପ୍ରଜାଙ୍କ ଦୁଃଖରେ ଯଥେଷ୍ଟ ସହାନୁଭୂତି ପ୍ରକାଶପୂର୍ବକ ଶ୍ରୀଦେଓୟାନ ବାବୁ ମଧୁସୂଦନ ରାଜହଂସଙ୍କ ସାହାଯ୍ୟରେ ଅମ୍ଭମାନଙ୍କର କଷ୍ଟମୋଚନାର୍ଥ ନିମ୍ନଲିଖିତ ଉପାୟମାନ ଅବଲମ୍ବନକରି ସର୍ବସାଧାରଣଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି ।

(୧)—ବିଦେଶମାନଙ୍କରୁ ସ୍ୱୟଂ ଏବଂ ଏହି ଦେଶବାସୀ ମହାଜନମାନଙ୍କଦ୍ୱାରା ଚାଉଳ କ୍ରୟକରି ଆଣାଇ ବିକ୍ରୀ କରାଇଲେ ।

(୨)—ସୁଲଭମୂଲ୍ୟରେ ସରକାରରୁ ଟଙ୍କା ଓ ଧାନ୍ୟ ଦଦାଣ୍ଡଥରେ ଓ ଅଲ୍ପସୁଧରେ କରଜ ଦେଇଅଛନ୍ତି ।

(୩)—ଜଙ୍ଗ ମଧ୍ୟସ୍ଥ ଝଗଡ଼ଝପର ପ୍ରଜାମାନଙ୍କଠାରୁ କାଳାନ୍ତ ପ୍ରତ୍ୟେକ ବାକ୍ୟଦ୍ୱାରା ଧାନ୍ୟ ଓ ଟଙ୍କା କରଜ ଦଥିଲ ଅଛନ୍ତି ।

(୪)—ଦେଶର ଜନ୍ମଭଳକ ଦୁର୍ଭିକ୍ଷଗ୍ରସ୍ତ ନାନାକାର୍ଯ୍ୟ ପିଷ୍ଟାଇ ପ୍ରଜାଙ୍କ ମଜୁରିଯୋଗାଇ ଅଛନ୍ତି ।

(୫)—ଗରିବ ପ୍ରଜାମାନେ ପେଟକ୍ଷୁଧାରେ ଗୋ ମହିଷାଦ ସ୍ୱତ୍ତ ଉପକରଣ ବିକ୍ରୀ କରି ଦେଇଥିବାରୁ ଚାଷ କରିବାକୁ ଅକ୍ଷମ ହେବାର ଦେଖି ସେମାନଙ୍କୁ ମହିଷ ବଳଦ ଓ ବିହନ-ଧାନର ସାହାଯ୍ୟ କରି ଅଛନ୍ତି ।

(୬)—ସୁଲଭମୂଲ୍ୟରେ କାର୍ତ୍ତିକ ମାଲଗୁଜା-

ରିଜମା ଆଗାମୀ ସମୟର ପର୍ଯ୍ୟନ୍ତ ସୁବିଧାନୁଯାୟୀ କ୍ରମରେ ଆଦାୟ କରୁଅଛନ୍ତି ।

(୭)—ଜଙ୍ଗଲର ସମସ୍ତ ଜଙ୍ଗଲ ଦଳା ମାସୁ-ଲରେ ସାଧାରଣବ୍ୟବହାର ଦ୍ୱାରା ଜୀବିକା-ନିର୍ବାହାର୍ଥେ ଛାଡ଼ି ଦେଇଅଛନ୍ତି ।

(୮)—ଉପରୋକ୍ତ ସମସ୍ତ ସାହାଯ୍ୟ ଯଥେଷ୍ଟ ନୋହିବାରୁ ଗରିବ କଙ୍ଗାଳଙ୍କ ଉପକାରାର୍ଥେ ଗୋଟିଏ ଅନ୍ନଛତ୍ର ପିଷ୍ଟାଇ ଅଛନ୍ତି ଯହିଁରେ ପ୍ରତି ଦିନେ ୫୦୦ ଲୋକ ଅନ୍ନଦାନ ପାଇ ପ୍ରାଣ ରକ୍ଷା କରୁ ଅଛନ୍ତି ।

(୯)—ଗତ ସେପ୍ଟମ୍ବର ମାସ ଠାରୁ ବର୍ଷା ଏହି ଅଞ୍ଚଳରେ ଉଚିତ ରୂପ ହେବାରୁ ଚଳିତ ଫସଲର ଅବସ୍ଥା ଅତି ମନ୍ଦ ହୋଇଥିବା ଅତଏବ ପ୍ରଚଳିତ ଦୁର୍ଭିକ୍ଷ ଆଗାମି ବର୍ଷ ପର୍ଯ୍ୟନ୍ତ ପ୍ରବଳ ରହିବାର ସମସ୍ତ ଲକ୍ଷଣ ସ୍ପଷ୍ଟ ପ୍ରତ୍ୟକ୍ଷ ହେବାରୁ ଶ୍ରୀ ରାଜାମହୋଦୟ ସଦାଶୟ ହୃଦୟରେ ପ୍ରଜାଙ୍କ ଦୁଃଖ ମୋଚନାର୍ଥ ଦୁଇହଜାର ଟଙ୍କାର ମୂଲ୍ୟର ଅଣେଵାସକାଟେ ସମ୍ବଲପୁର-ଜିଲା ଭୂଲୁମପେଣ୍ଡରୁ ମଜୁଷ୍ୟ ପଠାଅଛନ୍ତି ।

(୧୦)—ରାଜକୋଷ ଶୂନ୍ୟ ଥିବା ଏବଂ ଏବର୍ଷ ପ୍ରଜାମାନଙ୍କଠାରୁ କିସ୍ତିମାଫ ରାଜସ୍ୱ ଆଦାୟ ନ ହେବାର ସମ୍ଭାବନା ଥିବା ପ୍ରଜା-ମାନଙ୍କର ସାହାଯ୍ୟାର୍ଥ ଶ୍ରୀଯୁକ୍ତ ଗଭର୍ଣ୍ଣମେଣ୍ଟଙ୍କ-ଠାରୁ ଟ ୧୦୦୦୦ ଙ୍କା କରଜ ଆଣିବା ନିମନ୍ତେ ପତ୍ର ପଠାଇ ଅଛନ୍ତି ।

ଉପରୋକ୍ତ ଉପକାର ହେତୁରେ ମାନନୀୟ ଶ୍ରୀ ରାଜାମହୋଦୟ ଏବଂ ତାହାଙ୍କ ଦେଓୟାନ-ଙ୍କଠାରେ ଅମ୍ଭେମାନେ ଯେ କେବଳ ଚିର-ଋଣୀ ହୋଇ ରହିଲୁଁ ତାହା ନୁହେଁ ଅମ୍ଭମାନଙ୍କ ଜୀବନରେ ଉକ୍ତ ଉପକାର ସ୍ମରଣୀୟ ଚିର-କାଳ ପର୍ଯ୍ୟନ୍ତ ଜାଗ୍ରତ ହୋଇ ରହିଅଛି ଅତଏବ ଅମ୍ଭେମାନେ ବିନୟ ପୂର୍ବକ କୃତାଞ୍ଜଳିପୂର୍ବକରେ ଶ୍ରୀ ହଜୁରରେ ପ୍ରାର୍ଥନା କରୁଅଛୁଁ ଯେ ଅମ୍ଭମା-ନଙ୍କର ମହୋପକର୍ତ୍ତାଙ୍କୁ ଯଥାଯୋଗ୍ୟମତେ ସମ୍ମାନିତକର ଉତ୍ସାହିତ କରିବା ହେଉନ୍ତୁ ଏବଂ ଅମ୍ଭମାନଙ୍କ ମହାଋଣରୁ ମୁକ୍ତକର ଅମ୍ଭମାନଙ୍କର ମା ବାପରୁ ପରିତୃପ୍ତ ହେବା ହେଉନ୍ତୁ ।
୭।୧।୯୮

ଭବଦୀୟ ବଶମ୍ବଦ

[ ଶ୍ରୀ ଗଙ୍ଗାଧର ମିଶ୍ରପ୍ରଭୃତି ୫ ଜଣ ଉଦ୍ୟୋଗି ସମସ୍ତ ଭଦ୍ରବ୍ୟକ୍ତି ଓ ସମସ୍ତ ସଉଦାଗରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଅଛି ]

ଉଦ୍ୟୋଗୀଗଣ
ଶ୍ରୀ ଗଙ୍ଗାଧର ମିଶ୍ର
ଶ୍ରୀ ବଳୀରଥ ପ୍ରହରାଜ
ଶ୍ରୀ ଜଗବନ୍ଧୁଦାସ

ଶେଷ ମୁଦ୍ରଣ ହେବ ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

ଭା ୨୩ ଗ । ସ ୪୭ ସଂଖ୍ୟା । ତା ୨୬ ଭଗ ମାହେ ନଭେମ୍ବର ସନ ୧୮୯୮ ଇସି । ମୃ । ମାର୍ଗଶିର ବ ୧୧ ଦିନ ୧୨୧୭ ସାଲ ଶନିବାର । ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩, ପଶ୍ଚାଦେୟ ଟ ୬୦

ପୁରୀ କଲେକ୍ଟରୀ ନାଜର ବ୍ରଜବନ୍ଧୁ ସ୍ୱସ୍ତି ଦେଡ଼ଶେଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ସେଠା ମାଜିଷ୍ଟ୍ରେଟଙ୍କଦ୍ୱାରା ଦଣ୍ଡିତ ହୋଇଥିଲେ ଓ ଜଜସାହେବଙ୍କଠାରେ ଅପିଲ କରିବାରୁ ମୋକଦମା ପୁନର୍ବିଚାର ନିମିତ୍ତ ଯାଇଅଛି । ତାହାର ହାଇକୋର୍ଟରେ ମୋସନ କରିବାରୁ ମାନ୍ୟବର ବନ୍ଧୁରପତି ମିଶ୍ର ଓ ମାକଫର୍ସନମାନେ ଜଜସାହେବଙ୍କ ଉପରେ ଏହି ମର୍ମରେ ରୁଲ ଜାରି କରିଅଛନ୍ତି କି ପୁନର୍ବିଚାରର ହୁକୁମ କାହିଁକି ରଦ ନ ହେବ ଏବଂ ବିଚାର ହେବାର ହେଲେ ତାହା ଅନ୍ୟମାଜିଷ୍ଟ୍ରେଟ ନ ସକାଶେ ନ କରିବେ ଏଥିର କାରଣ ଦର୍ଶାଇବେ ।

---

ପୁରୀ ମିଉନିସିପାଲିଟୀର ଅକର୍ମଣ୍ୟରୁ ସେଠା ବଡ଼ଛତାକୁ ରକ୍ଷାକରିବା କାରଣ କି ଉପାୟ କରିବାକୁ ହେବ ତହିଁର ବିଚାର ନିମିତ୍ତ ଗତ ରବିବାର ଅପରାହ୍ନକାଳରେ ପ୍ରିନ୍ସିପାଲଙ୍କ କୋଠାରେ ରାଜା ଜମିଦାରମାନଙ୍କର ଗୋଟିଏ ସଭା ଆହୂତ ହୋଇଥିଲା କିନ୍ତୁ ସେଦିନ କାର୍ତ୍ତିକପୂର୍ଣ୍ଣିମା ଯୋଗେ ଅନେକଲୋକ ଉପସ୍ଥିତ ନ ହେବାରୁ ସଭା ହେଲା ନାହିଁ । ଏଥିମଧ୍ୟରେ ମିଉନିସିପାଲିଟୀ ନାମରେ ଦେବାନୀ ମୋକଦମା କରିବାର ସ୍ଥିର ହୋଇଅଛି ଏବଂ ତହିଁର ବ୍ୟୟ ନିର୍ବାହାର୍ଥେ ନୟାଗଡ଼ର ରାଜା ଟ ୧୦୦୦ଙ୍କା ଦେବାକୁ ସ୍ୱୀକାର କରିଅଛନ୍ତି ଏପରି

କେଉଁଝରର ମହାରାଜା ଶ୍ରୀ ଧନୁର୍ଦ୍ଧର ପଣ୍ଡିତ ବାହାଦୂର ବାବୁ ବହାଲୀଲାଲ ପଣ୍ଡିତ ବାବୁ ସ୍ଥାଧାକାନ୍ତ ଶ୍ରୀ ମହାଶୟ ଏବଂ ଅପର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉପଯୁକ୍ତ ହେବା ଦେବାକୁ ସମ୍ମତ ଅଛନ୍ତି ।

---

ଏଥର ଲେଫ୍ଟେନାଣ୍ଟଙ୍କ ଶୁଭାଗମନ ଉପଲକ୍ଷରେ ଗୋଟିଏ ଗୀତକର ଅନୁଷ୍ଠାନର ସୂତ୍ରପାତ ଦେଖି ଅମ୍ଭେମାନେ ବଡ ଆନନ୍ଦିତ ହୋଇଅଛୁଁ । ରାଜାମାନେ ଏକତ୍ର ବସି ଆପଣାର ବସ୍ତୁ ବିଚାର କରିବାର ପ୍ରାୟ ଦେଖା ନ ଥିଲା । ଏଥ ଘଟିବାର ସ୍ଥଳରେ କେଉଁଝର ମହାରାଜାଙ୍କ ଯତ୍ନରେ ପ୍ରିନ୍ସିପାଲଙ୍କ କୋଠାରେ ରାଜାମାନଙ୍କର ଗୋଟିଏ ସଭା ହୋଇଥିଲା । କେଉଁଝର ନୟାଗଡ଼ ଖଣ୍ଡପଡ଼ା ହିନ୍ଦୋଳ ଦଶପଲ୍ଲା ଓ ଢେଙ୍କାନାଳର ଅଧିପତିମାନେ ଓ ବୋମାଳଙ୍କର ଓ ରଣପୁରର ମାନେଜର ସଭାରେ ଉପସ୍ଥିତ ଥିଲେ । ନାବାଳଗ ରାଜାଙ୍କର ଶିକ୍ଷକ ଓ ମହାଫିଜ ନିଯୋଗ ନାବାଳଗର ସମସ୍ତ ନିରୂପଣ, ଦେଶୀଲଣ୍ଠେଇ ଦୃଶ୍ୟ ବାଢ଼ଧର ନିଷେଧ ନିଯମ ବିଷୟରେ ଅନେକକ୍ଷଣ ତର୍କବିତର୍କ ହେବାରୁ ଗବର୍ଣ୍ଣମେଣ୍ଟରେ ଆବେଦନ କରିବାର ଧାର୍ଯ୍ୟ ହେଲା ଏବଂ ଏହି କାର୍ଯ୍ୟ ନିର୍ବାହର ଉଚିତ ବନ୍ଦୋବସ୍ତ ହେଲା । ଏ ସବୁ ଉନ୍ନତିର ଚିହ୍ନ ସନ୍ଦେହ ନାହିଁ ।

---

ମାନ୍ୟବର ଲେଫ୍ଟେନାଣ୍ଟଙ୍କର ଏ ନଗରରେ ଅବସ୍ଥିତ ସମୟରେ ଗତ ରବିବାର ବାଲିଯାତ୍ରା ପଡ଼ିଥିଲା । କିନ୍ତୁ ଯାତ୍ରାର ସ୍ଥାନ କାଣ୍ଟୋନମେଣ୍ଟ ସୀମା ମଧ୍ୟରେ ଏବଂ ଗୋରଙ୍କା ନିକଟରେ ଥିବା ଓ ଯାତ୍ରା ହେଲେ ଗୋରଙ୍କାର ଉପାସନାର ବ୍ୟାଘାତ ହେବ ବୋଲି କର୍ଣ୍ଣେଲ ସାହେବ ସେଠାରୁ ଯାତ୍ରା ଉଠାଇ ଦେଲେ । ଗଡ଼ଗଡ଼ିଆ ମହାଦେବଙ୍କ ପୂଜାରୀ ଗତ ଶନିବାର ତାରଡାକଯୋଗେ ଲେଫ୍ଟେନାଣ୍ଟଙ୍କଠାରେ ଗୁହାରି କଲା ଏବଂ ଉତ୍ତର ପାଇ ଝଟି ଦାଖଲ କରି ପୁଣି ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ କିଛି ଉତ୍ତର ପାଇଲା ନାହିଁ ସୁତରାଂ ସେଠାରେ ଯାତ୍ରା ନ ହୋଇ କିଛିଦୂର ଛଡ଼ା ଆଉ ଏକସ୍ଥାନରେ ହେଲା ମାତ୍ର ସମ୍ପ୍ରଦାୟମାନେ ବା ଯେଉଁମାନେ ଏ ଯାତ୍ରାର ପ୍ରଧାନ ଅଙ୍ଗ ସେମାନେ ଦେବତା ସ୍ଥାନ ଛଡ଼ା ଅନ୍ୟତ୍ର ଯାତ୍ରା ହେବାରୁ ସେଠାକୁ ଗଲେ ନାହିଁ । ଫଳତଃ ଯାତ୍ରା ବନ୍ଦ ହେଲା । ଏଥିରେ ନଗରବାସି ହିନ୍ଦୁମାନେ ଦୁଃଖିତ ଅଛନ୍ତି ଏବଂ ସର୍ ଷ୍ଟିବାର୍ଟ ବେଲୀଙ୍କ ପରି ନ୍ୟାୟପରାୟଣ ଏବଂ ଦୟାବାନ୍ ଶାସନକର୍ତ୍ତାଙ୍କ ଶୁଭାଗମନ ସହିତ ଯାତ୍ରା ବନ୍ଦ ହେବା କଥାଟା ଜଡ଼ିତ ରହିବାରୁ ଅମ୍ଭେମାନେ ଦୁଃଖିତ ହୋଇଅଛୁଁ । ଭରସା କରୁଁ ଏହା ପୀର୍ଘକାଳସ୍ଥାୟୀ ହେବ ନାହିଁ ।

---

କେନ୍ଦ୍ରାପଡ଼ା ବଳଦେବଜିଉଙ୍କ ମଠର ପୂର୍ବମହନ୍ତ ରଙ୍ଗ ରାମାନୁଜଦାସ ଜିନ୍ତୁମଠ କମିଟୀର

Digitized by srujanika@gmail.com

Split by PDF Splitter

370



ଜଣେ ମେମ୍ବର ବାବୁ ଜଗନ୍ନାଥ ଭଞ୍ଜବର ଠାକୁରଙ୍କ ନିକଟ ଅନୁଷ୍ଠାନ କରୁଅଛୁ ବୋଲି ତାହାଙ୍କୁ ମେମ୍ବରରୁ ବରଖାସ୍ତ କଲେ। କାରଣ ନାଲିସ କରିବାର ଅନୁମତି ସଭାରୁ ଏକବର୍ଷରୁ ଅଧିକ ହେବ କଲେକ୍ଟରଙ୍କଠାରେ ଦରଖାସ୍ତ କରିଥିଲା। କିନ୍ତୁ ଦରଖାସ୍ତ ସାହେବଙ୍କ ବିବେଚନାଧୀନରେ ଥିଲା ଏଥିମଧ୍ୟରେ କିନ୍ତୁ କମିଟିର ଅପର ମେମ୍ବର ବାବୁ ହରେକୃଷ୍ଣଦାସ ମଠର ହେପାଜତରୁ ଯୋଡ଼ିଏ ଦେବା ଅଭିଯୋଗରେ ଦେନ୍ଦ୍ରପଡ଼ାରେ ଯେଉଁ ନାଲିସ କରିଥିଲେ ଓ ଯହିଁର ମୋସନ ଜଜସାହେବଙ୍କ ନିକଟରେ ହୋଇଥିଲା ତହିଁରେ ସାହେବ ମହୋଦୟ ମୋସନ ନାମଞ୍ଜୁର କଲେହେଁ ରାଏରେ ଲେଖିଅଛନ୍ତି ଯେ ହରେକୃଷ୍ଣବାବୁଙ୍କର କାର୍ଯ୍ୟ ନ୍ୟାଯ୍ୟ ଓ ସରଳତା ପୂର୍ଣ୍ଣ ଥିଲା ମାତ୍ର ସେ କଟକରେ ଆପଣା କାର୍ଯ୍ୟରେ ଆବଦ୍ଧ ଥିବାରୁ ଯାହା କରୁଅଛନ୍ତି ତହିଁରୁ ଅଧିକ କରିପାରିବାର ସମ୍ଭବ ନ ଥିଲା। ବିଶେଷତଃ କାର୍ଯ୍ୟଟି ବଡ଼ ଅସୁଖକର ଓ ଖର୍ଚ୍ଚ ସାପେକ୍ଷ ଏବଂ ଯେସ୍ଥଳେ ସମସ୍ତଙ୍କର ଗୋଟିଏ ଧର୍ମଭାରେ ସମ୍ପର୍କ ଅଛି ସେସ୍ଥଳେ ଯେତେ ସନ୍ଦେହ ହେଉପଛକେ ବର୍ଣ୍ଣିତ ଅଦାଲତର ଅନୁସନ୍ଧାନରେ ଆବଶ୍ୟକ ପ୍ରମାଣ ପାଇବାର ସୁବିଧା ଅଳ୍ପ ଅଛି। ଫଳତଃ ଏହି ମୋକଦ୍ଦମାର ବର୍ଣ୍ଣନରେ ଯେଉଁସବୁ ଅବସ୍ଥା ପ୍ରକାଶ ପାଇଲା ତଦ୍ଦୃଷ୍ଟରେ ଉପରଲିଖିତ ମୋକଦ୍ଦମା ଦାଏର କରିବାର ଅନୁମତି ଦେଇଅଛନ୍ତି ଓ ମୋକଦ୍ଦମା ଦାଏର ହୋଇଅଛି। ମୋକଦ୍ଦମା ସମ୍ବନ୍ଧରେ ଅମ୍ଭମାନଙ୍କର କିଛି କହିବାର ନାହିଁ। କିନ୍ତୁ ବର୍ତ୍ତମାନ କମିଟି ଦେବୋତ୍ତର ଅର୍ଥ ସାହାଯ୍ୟ କରି ମୋକଦ୍ଦମା ଦାଏର କରୁଅଛନ୍ତି ଓ ମୋକଦ୍ଦମା ଚଳାଇବାକୁ ଅଧିକ ଅନେକ ଖର୍ଚ୍ଚର ପ୍ରୟୋଜନ। ଏଥିରୁ ଯେ ସମ୍ପଳସ୍ଥାନ ଓ ମଠର ତହବିଲରୁ ସେ ସାହାଯ୍ୟ ପାଇ ନ ପାରେ। ସେସ୍ଥଳେ ମଠର ଉପକାରାର୍ଥେ ମୋକଦ୍ଦମା ହୋଇଅଛି ଏବଂ ତାହା ଚଳାନ୍ତ ଅନୁକୂଳ ଥିବାର ଜଣା ଯାଉ ନାହିଁ ଏବଂ ଅପରପକ୍ଷ ମୋକଦ୍ଦମା ଲଢ଼ିବାକୁ ସମ୍ପୂର୍ଣ୍ଣରୂପେ ସକ୍ଷମ ସେସ୍ଥଳେ ସାଧାରଣ ସାହାଯ୍ୟ ଭିନ୍ନ ଗତି ନାହିଁ। ହିନ୍ଦୁଦେବାଳୟର ସମ୍ପତ୍ତି ରକ୍ଷା କରିବା ହିନ୍ଦୁଧର୍ମାବଲମ୍ବୀଙ୍କର କର୍ତ୍ତବ୍ୟ ହେଉଅଛି ଅତଏବ ଅମ୍ଭେମାନେ ପ୍ରାର୍ଥନା କରୁଅଛୁଁ କି ଯେଉଁମାନଙ୍କର ଏଥିରେ ସହାନୁଭୂତି ହେବ ସେମାନେ ସାହାଯ୍ୟଦାନ କରିବାକୁ ଅଗ୍ରସର ହେବେ।

———

## ଓଡ଼ିଶାରେ ଲେଫ୍ଟ ଲାଟ।

ଗତ ଶନିବାର ସକାଳେ ମାନ୍ୟବର ଲେଫ୍ଟଲାଟ ଜେଲଖାନା ଓ ହସ୍ପିଟାଲ ପରିଦର୍ଶନ ଓ ବାପ୍ଟିଷ୍ଟ ମିଶନରିଙ୍କରେ ପାଦ୍ରୀମାନଙ୍କ ଅଭ୍ୟର୍ଥନା ଗ୍ରହଣ କରିଥିଲେ। ଏ ଦିନର ପ୍ରଧାନ ବ୍ୟାପାର।

ଦରବାର—କଣ୍ଟାପଡ଼ିଆରେ ଏକ ବୃହତ ସାମିୟାନାତଳେ ଏ ଦରବାର ହୋଇଥିଲା। ସ୍ଥାନଟି ଅତି ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା ଏବଂ ତାହା ଦେଖିବା କାରଣ ବହୁତ ଲୋକ ଏକତ୍ରିତ ହୋଇଥିଲେ ଠିକ୍ ଦୁଇପ୍ରହରଠାରୁ ଭଦ୍ରଲୋକମାନେ ସେଠାରେ ଉପଗତ ହେବାର ଆରମ୍ଭ ହେଲା ଏବଂ ମାନ୍ୟବର ମହୋଦୟ ଠିକ୍ ଘ ୩ ଘାବେଳେ ସମୁପସ୍ଥିତ ଶୁଭାଗମନ କରିବାରୁ ସଲାମି ତୋପ ହେଲା ଏବଂ ପଲଟଣୀମାନେ ସଲାମି କବାଜ କଲେ। ଶାନ୍ତିରକ୍ଷା ସହାୟେ ପୁଲିସକର୍ମଚାରୀ ଏବଂ ପ୍ରାପ୍ତ ଦୁଇହଜାର ଚୌକିଆ ଗୃହଅଡ଼େ ବେଢ଼ି ରହିଥିଲେ। ଦାଣ୍ଡରୁ ଦେଖିଲେ ଯେମନ୍ତ ଚୌକିଆମାନଙ୍କର ସଙ୍ଗ ବସିଥିବା ପରି ଜଣାଯାଉଥିଲା। ବାସ୍ତବରେ ଚୌକିଆମାନେ ଲେଫ୍ଟଲାଟଙ୍କ ଶୁଭାଗମନ ଦିନ ଏ ନଗରକୁ ଅସି ଦରବାର ଭାଙ୍ଗିବା ମାତ୍ରକେ ବିଦାୟ ହୋଇ ଯିବାରୁ ଏକଥାଟରେ ସେ କଥା ଲାଗିଗଲା। ଲେଫ୍ଟଲାଟ ବାହାଦୁର ଦରବାରରେ ଆସନ ଗ୍ରହଣ କଲାରୁ ସଭାମାନେ ଏକ ପରେ ଗୋଟି ଏଡ୍ରେସ୍ ମୋହର ଭେଟ ଦେଲେ ଓ ତାହା ଗ୍ରହଣ ଓ ପ୍ରତ୍ୟର୍ପଣ ହେଲା ଉତ୍ତାରୁ ହିନ୍ଦୁ ସଭାର ଅଭିନନ୍ଦନପତ୍ର ପଢ଼ା ଯିବାର ଅନ୍ତେ ଦଶ ହେବାର ଯେଉଁ ସଭ୍ୟମାନଙ୍କ ପ୍ରତି ତାହା ଅର୍ପଣ କରିବାର ଭାର ଥିଲା ସେମାନଙ୍କ ଦରବାରସମ୍ମୁଖରେ ଏକତ୍ରିତ ହେଲେ ଓ ବାବୁ ମଧୁସୂଦନ ଦାସ ସଭାର ସମ୍ପାଦକ ତାହା ପାଠ କଲେ। ଲେଫ୍ଟଲାଟ ତହିଁର ଉତ୍ତରରେ ଗୋଟିଏ ବକ୍ତୃତା କଲେ ଯାହାକୁ ସ୍ଥାନାଭାବ ଅଭିର ପାଠ ଶେଷହେବା ଘ ୫ ଘା ପରେ ଦରବାର ଭଙ୍ଗ ହେଲା। ଉତ୍କଳସଭାର ଅଭିନନ୍ଦନପତ୍ରର ପ୍ରତିଲିପି ସ୍ଥାନାନ୍ତରରେ ପ୍ରକାଶିତ ହେଲା। ତହିଁର ସଙ୍କ୍ଷେପ ମର୍ମ ଏହି କି ଆପଣ ରାଜ୍ୟଭାର ଗ୍ରହଣ କରିବାର ଅଳ୍ପଦିନ ଉତ୍ତାରୁ ଅମ୍ଭମାନଙ୍କୁ ଦର୍ଶନ ଓ ଉତ୍କଳ ଆପଣଙ୍କଠାରେ ଏବଂ ଅପରଙ୍କ ଯୋଗେ ଶାସନ କରିବାରେ ସେମାନଙ୍କଠାରେ କୃତଜ୍ଞତା ଓ ରାଜଭକ୍ତି ପ୍ରକାଶ କରିବାର ସୁଯୋଗ ଦେବାରୁ ଆପଣଙ୍କୁ ଧନ୍ୟବାଦ ଦେଉଅଛୁଁ ଏବଂ ଅସ୍ମଦାଦେଶ ପ୍ରଣାଳୀରେ ଆପଣଙ୍କର ସହାନୁଭୂତି ଏବଂ ସକଳ ଶ୍ରେଣୀର ଲୋକଙ୍କ ପ୍ରତି ସମଭାବରେ ସୁବିଚାର କରିବା କରୁଥିବାରୁ ଏବଂ ପୁରୀମନ୍ଦିରର ମନ୍ଦଦଶା ସନ୍ତୋଷଜନକରୂପେ ମିଟାଇଁ ଦେଇଥିବାରୁ ବିଶେଷରେ ଏ ଦେଶୀୟଙ୍କର କୃତଜ୍ଞତାର ଭାଜନ ହୋଇଅଛନ୍ତି। ଯୋଗ ଓ ମରୁଡ଼ୀ ହେତୁ ଅନ୍ନଦନାଶରେ ଏଠାରେ ଦୁର୍ଭିକ୍ଷର ଆଶଙ୍କା ହୋଇଥିଲା। ସ୍ଥାନୀୟ କର୍ମଚାରୀମାନେ ଯେଉଁଠାରେ ଅଧିକ ପ୍ରୟୋଜନ ଥିଲା ସେଠାରେ ସାଧ୍ୟମତେ ସାହାଯ୍ୟ ଦେଇ ପ୍ରଶଂସା ଲାଭ କରିଅଛନ୍ତି ଓ ଏ ସମୟରେ ଆପଣଙ୍କର ଶୁଭାଗମନ ହେବାରୁ ଅମ୍ଭମାନଙ୍କର ମନେ ହେଉଅଛି ଯେମନ୍ତ ଭଗବାନ ଏଠାର ମଙ୍ଗଳ ନିମନ୍ତେ ଆପଣଙ୍କୁ ପଠାଇଅଛନ୍ତି ଏବଂ ଭରସା ହେଉଅଛି କି ସ୍ଥାନୀୟ ବାବୁମାନଙ୍କ ସଦିଚ୍ଛା ଏବଂ ଆପଣଙ୍କ ସହାନୁଭୂତି ଦ୍ୱାରା ବର୍ତ୍ତମାନ ଫସଲର ଅବସ୍ଥାରୁ ଯାହା କଷ୍ଟ ଆଶଙ୍କା କରାଯାଉଅଛି ତାହା ଦୂରହେବ। ବର୍ତ୍ତମାନ ଜଙ୍ଗଲନିୟମ ଶିଥିଳ କରିବାଦ୍ୱାରା ଗରିବ ଲୋକଙ୍କର ଅନେକ କଷ୍ଟ ଲାଘବ ହୋଇଅଛି ତଥାପି ଜଙ୍ଗଲ ରକ୍ଷା ବା ଗଛର ହାନି ହେବ ନାହିଁ ଅଥଚ ଗରିବଙ୍କ ନିମନ୍ତେ ସେହି ନିୟମମାନ ଉଠାଇ ଦେବାର ପ୍ରାର୍ଥନା କରୁଅଛୁଁ ଜଙ୍ଗଲର ସବଳୁମାର କାର୍ଯ୍ୟ ଗୃହୀଙ୍କର ମଙ୍ଗଳ ନିମନ୍ତେ ହୋଇଅଛି ମାତ୍ର ସେମାନେ ତାହା ହୃଦୟଙ୍ଗମ କରିପାରୁ ନାହାନ୍ତି। ଏଥିର କାରଣ ଉତ୍ତମରୂପେ ଅନୁସନ୍ଧାନ ଓ ଅବଧାରଣ ମତେ ସୁଗମ୍ୟ କରିବା ପ୍ରତି ଆଶା ହେଉ। ଓଡ଼ିଶାରେ ରେଲଓଏ ଶୀଘ୍ର ପ୍ରସ୍ତୁତ କରିଦେବା କାରଣ ଆଶା ହେଉ। ମାନ୍ଦ୍ରାଜର ଓଡ଼ିଶାର ଲବଣମହଲମା ବନ୍ଦ ଯିବାରୁ ଲୁଣ ଯେ ଷ୍ଟାମ୍ପ ଦସ୍ତୁର ଭଣା ହୋଇଅଛି ଏବଂ ତଦ୍ଦ୍ୱାରା ଅନେକ ଦୁଃଖୀ ଲୋକ ଜୀବିକା ହରାଇଅଛନ୍ତି। ଏପ୍ରଦେଶରେ ପୁନଃ ୬ ଦୁର୍ଭିକ୍ଷ ପଡ଼ିବା ଏବଂ ଅନ୍ୟ କାରବାର ନ ଥିବାରୁ ଲୁଣ ଯୋଗାଣ ବନ୍ଦ ହେବା ବଡ଼ ବାଧ୍ୟ ଅଛି। ଓଡ଼ିଆଭାଷା ପ୍ରଚଳିତ ଭୂମି ଖଣ୍ଡ ମାନ୍ଦ୍ରାଜ ମଧ୍ୟପ୍ରଦେଶ ଓ ବଙ୍ଗଳା ଏହି ତିନି ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଥିବାରୁ ଏଠା ଉନ୍ନତି ପ୍ରତି ବାଧକ

Digitized by srujanika@gmail.com

ହୋଇଅଛୁ ଏହି ଉତ୍କଳ ଭୂମିଖଣ୍ଡକୁ ଏକ ଶାସନର ଅଧୀନ କରିବା ପ୍ରତି ଆପଣ ମନୋଯୋଗୀ ହେଉନ୍ତୁ ।

ମାନ୍ୟବର ମହୋଦୟ ଯେଉଁ ଉତ୍ତର ଦେଲେ ତହିଁର ମର୍ମ ନିମ୍ନଲିଖିତ ପ୍ରକାର ଅଟଇ ଯଥା;—

ଆପଣମାନେ ଆମ୍ଭର ଯେପରି ସମ୍ମାନ କରିଅଛନ୍ତି ଏବଂ ରାଜଭକ୍ତି ଦେଖାଇଅଛନ୍ତି ତହିଁପାଇଁ କୃତଜ୍ଞ ହେଲୁଁ । ଅନ୍ନକଷ୍ଟ ସମ୍ପର୍କରେ ସ୍ଥାନୀୟ ସମ୍ବାଦପତ୍ରମାନଙ୍କଠାରୁ ଉଚିତ ସମ୍ବାଦ ପାଇବାର ଆଶା କରୁଁ ମାତ୍ର ସେମାନେ କର୍ତ୍ତୃପକ୍ଷଙ୍କ ମନୋଯୋଗ ଆକର୍ଷଣ କରିବା ଆଶାରେ ଅତିଶୟ ଓ ଅମୂଳକ ଚିତ୍କାର କରନ୍ତି ଲୋକମାନେ ମଧ୍ୟ ଅତି ଉତ୍କଣ୍ଠାବାକ୍ୟରେ ପ୍ରକୃତ କଥାକୁ ଘୋଡ଼ାଇ ପକାନ୍ତି । ଜଣେ ଭଦ୍ରଲୋକଙ୍କୁ ପଚାରିବାରେ ସେ କହିଲେ ଅନାହାରରେ କମ୍ପର ଲୋକ ମରିଗଲେଣି ଏବଂ ମରୁଅଛନ୍ତି । ଆମ୍ଭେ ପଚାରିଲୁଁ ଆପଣ କିପରି ଜାଣିଅଛନ୍ତି ସେ କହିଲେକି ପ୍ରାୟ ସେପରି ଘଟୁଅଛି । ଏପ୍ରକାର କଥାରେ କିଏ ନିର୍ଭର କରିପାରେ । ଗତ ବୃଷ୍ଟିରେ ଫସଲର ଅବସ୍ଥା ଉତ୍ତମ ହୋଇଥିବାର ଆମ୍ଭେ ଦେଖିଅଛୁଁ ଓ ସ୍ଥାନୀୟ କର୍ମଚାରୀ ଏବଂ ଅପର ଲୋକଙ୍କଠାରୁ ଶୁଣିଅଛୁଁ କେବଳ ପଶ୍ଚିମ ଭାଗର କୌଣସି ସ୍ଥଳେ କିଛି କଷ୍ଟ ହେବାର ସମ୍ଭାବନା ମାତ୍ର ଅନ୍ୟ ସ୍ଥାନରୁ ସେଠାକୁ ଖାଦ୍ୟ ଆସିବାଦ୍ୱାରା ତାହା ପୂର୍ଣ୍ଣ ହେବ । ଏବଂ ସ୍ଥାନୀୟ ହାକମମାନେ ତହିଁ ପାଇଁ ସତର୍କ ଅଛନ୍ତି । ଜଙ୍ଗଲରକ୍ଷାନିୟମ ବିଷୟରେ ଜଙ୍ଗଲକର୍ମଚାରୀଙ୍କ ସହିତ କଥାବାର୍ତ୍ତା କରି ଉଚିତ ବିବେଚନା କରିବୁଁ । ନାଳ ବା କେନାଲ ବିଷୟରେ ଅଳ୍ପଦିନ ତଳେ ଅନୁସନ୍ଧାନ ହୋଇଥିଲା ଇଣ୍ଡିଆଗବର୍ଣ୍ଣମେଣ୍ଟରୁ ତହିଁର ନିଷ୍ପତ୍ତି ହୋଇ ନାହିଁ । ଏତେଶୀଘ୍ର ଅଭି ଅନୁସନ୍ଧାନ ହୋଇ ନ ପାରେ । ଅର୍ଥାଭାବରୁ ବଙ୍ଗଳା ବା ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଓଡ଼ିଶା ରେଲବାଟ ପ୍ରସ୍ତୁତ କରିବାକୁ ଅକ୍ଷମ । ଯେଉଁ କମ୍ପାନୀ ବଙ୍ଗଳା ନାଗପୁରବାଟ ନିର୍ମାଣ କରୁଅଛନ୍ତି ସେମାନଙ୍କୁ ଆମ୍ଭେ ଓଡ଼ିଶାବାଟ ନିର୍ମାଣ କରିବା ବିଷୟରେ ଅନୁରୋଧ କରିବୁଁ । ଲୁଣ ପୋଖରୀ ବିଷୟ ଆମ୍ଭ ହାତରୁ ମାନ୍ଦ୍ରାଜକୁ ଚାହାର ଯାଇଥିବାର ଆମ୍ଭର କେତେ କ୍ଷମତା ନାହିଁ ତଥାପି ତହିଁର ପରାମର୍ଶ କରିବୁ । ଓଡ଼ିଆଭାଷା ପ୍ରଚଳିତ ସମସ୍ତ ଭୂମି ଖଣ୍ଡକୁ ଏକ ଶାସନାଧୀନ କରିବା କଥା ହାସ୍ୟଜନକ ଅଟଇ । ବେହାରରେ ହିନ୍ଦୀଭାଷା ପ୍ରଚଳିତ । ସେଠା ଲୋକେ ହିନ୍ଦୀଭାଷା ପାଇଁ ଏହିପରି ପ୍ରାର୍ଥନା କରିପାରନ୍ତି ।

ଆମ୍ଭେମାନେ ଏଥିପୂର୍ବେ କହିଅଛୁଁ ଯେ ଦରବାରର ଆମନ୍ତ୍ରଣ ବିଷୟରେ ବଡ଼ ଅସନ୍ତୋଷ ଜାତ ହୋଇଥିଲା ଏବଂ ପରେ ଦରବାର ଦେଖିବାର ଛାଡ଼ଚିଠି ବାହାର ବାହାର ତାହା ଆଂଶିକ ସଂଶୋଧିତ ହୋଇଥିଲେହେଁ ଯେଉଁ ଦେଶୀୟ ଲୋକମାନେ ଦରବାରରେ ଉପସ୍ଥିତ ହେଲେ ସେମାନେ ମାନ୍ୟବରଙ୍କ ବକ୍ତୃତା ଶୁଣି ଅତ୍ୟନ୍ତ ହତାଶ ହେଲେ । ଦରବାର ଗୋଟିଏ ବୃହତ ରାଜକୀୟ ବ୍ୟାପାର ରାଜା ପ୍ରଜାଙ୍କର ସମ୍ମିଳନ ଏବଂ ପରସ୍ପର ସହାନୁଭୂତି ପ୍ରଦର୍ଶନର ସ୍ଥାନ ଅଟଇ । ପ୍ରଜା ରାଜାଙ୍କଠାରେ ରାଜଭକ୍ତି ଦେଖାଇବେ ଏବଂ ରାଜା ଦୟା ଓ ଉପଦେଶପୂର୍ଣ୍ଣ ବାକ୍ୟଦ୍ୱାରା ପ୍ରଜାଙ୍କୁ ଆପ୍ୟାୟିତ କରିବେ । ଏ ଦରବାରରେ ତାହା କିଛି ଦେଖା ଗଲା ନାହିଁ । ସର ଷ୍ଟିବାର୍ଟ ବେଲି ଦରବାରରେ ଯାହା କହିଲେ ତହିଁରୁ ଜଣା ଗଲା ଯେମନ୍ତ ଉତ୍କଳସଭା ଅଭିନନ୍ଦନପତ୍ର ଦେଇ ନ ଥିଲେ ତାହାଙ୍କର ଆଉରି କିଛି କହିବାର ନ ଥିଲା ଏବଂ ତହିଁ ଉତ୍ତରରେ ଯାହା କହିଲେ ତାହା ସମୟୋଚିତ ବା ସୁରୁଚିପୂର୍ଣ୍ଣ କୁହାଯାଇ ନ ପାରେ । ଆମ୍ଭେମାନେ ସ୍ୱୀକାର କରୁଁ ଯେ ସେ କୂଟ ରାଜନୈତିକଙ୍କ ପରି କଥା ନ କହି ଆପଣା ମନର ଚିନ୍ତା ସରଳଭାବରେ ପ୍ରକାଶ କରିଅଛନ୍ତି । ଏକଥା ପ୍ରଶଂସନୀୟ ମାତ୍ର ଏହାଦ୍ୱାରା ଅପ୍ରିୟବାକ୍ୟର ତିକ୍ତତ୍ୱ ସମ୍ପାଦିତ ହୋଇ ନ ପାରେ । ଆଉରି ସମ୍ବାଦପତ୍ର ଦରବାରକୁ ଆମନ୍ତ୍ରିତ ହୋଇ ନ ଥିଲା ଏବଂ ଅଭିନନ୍ଦନପତ୍ରରେ ତହିଁର କିଛି ପ୍ରସଙ୍ଗ ନ ଥିଲା । ସମ୍ବାଦପତ୍ରକୁ ଆକ୍ରମଣ କରିବାର କି ପ୍ରୟୋଜନ ହେଲା ଆମ୍ଭେମାନେ ବୁଝିପାରୁ ନାହୁଁ । ଉତ୍କଳସଭାରୁ ଯେଉଁମାନେ ଅଭିନନ୍ଦନପତ୍ର ପ୍ରଦାନ କଲେ ସେମାନେ ସମ୍ଭ୍ରାନ୍ତବ୍ୟକ୍ତି ତାହାଙ୍କ ସହିତ ପୂର୍ବଦିନଠାରୁ ମାନ୍ୟବର ମହୋଦୟଙ୍କର ପରିଚୟ ହୋଇଥିଲା । ସେମାନେ ଅନ୍ନକଷ୍ଟର ଆଶଙ୍କା ଥିବା କଥା କହିବାରୁ ପୂର୍ବଦିନ ସେ ସମ୍ପର୍କରେ ଅନ୍ୟ କେହି ଭଦ୍ରଲୋକ ଗୋଟିଏ ଅସଙ୍ଗତ କଥା କହିଥିଲା ବୋଲି ତହିଁର ଦାୟିତା ସେମାନଙ୍କୁ ଦେବାର ଉଚିତ ବା ସୁରୁଚିପୂର୍ଣ୍ଣ ହେଲା ? ମହୋଦୟ ଯେମନ୍ତ ଭାବରେ କଥା କହିଲେ ତହିଁରୁ ସ୍ପଷ୍ଟ ଜଣାଗଲା କି ଅନୁକୂଳ ଦୁର୍ଭିକ୍ଷପ୍ରସଙ୍ଗରେ ଶ୍ରୀଯୁକ୍ତ କମିଶ୍ନର ସାହେବ ଉତ୍କଳସଭାକୁ ଯେଉଁ ଉତ୍ତର ଦେଇଥିଲେ ଏବଂ ଯାହା ଆମ୍ଭେମାନେ ଏଥିପୂର୍ବେ ପ୍ରକାଶ କରିଅଛୁଁ ଠିକ୍ ସେହିଭାବ ତାହାଙ୍କ ମନରେ ଲାଗି ଯାଇଅଛି ଅର୍ଥାତ୍ ସ୍ଥାନୀୟ ହାକମଙ୍କ କଥାରେ ସେ ସମ୍ପୂର୍ଣ୍ଣ ନିର୍ଭର କରିଅଛନ୍ତି । ଲୋକଙ୍କର ଭ୍ରମ ବୁଝିପାରିଲେ ଉପଦେଶବାକ୍ୟଦ୍ୱାରା ତାହା ସଂଶୋଧନ କରିଥାନ୍ତେ । ଅନ୍ନକଷ୍ଟର ନାମ ଶୁଣି ଖଡ୍ଗହସ୍ତ ହେବା ସୁବିଚାର ହୋଇ ନାହିଁ । ଅନ୍ନକଷ୍ଟ କେହି ଲୋଡ଼ୁ ନାହିଁ । ଠାଏ ତହିଁର ଆଶଙ୍କା ହୋଇଅଛି ବୋଲି ଲୋକେ ତାହା ଜଣାଇବାକୁ ବାଧ ହୋଇଅଛନ୍ତି ଏବଂ ଯେସ୍ଥଳେ ମାନ୍ୟବର ମହୋଦୟ ତହିଁର ତଦନ୍ତ ନିମିତ୍ତ ଆସିଅଛନ୍ତି ଏବଂ ନାନା କାର୍ଯ୍ୟଦ୍ୱାରା ତାହାଙ୍କର ସଦୟହୃଦୟର ପରିଚୟ ଆମ୍ଭେମାନେ ପାଇଅଛୁଁ ସେସ୍ଥଳେ ଆମ୍ଭମାନଙ୍କର ଦୃଢ଼ବିଶ୍ୱାସ ଯେ ଈଶ୍ୱର ନ କରନ୍ତୁ କୌଣସିଠାରେ ଅନ୍ନକଷ୍ଟ ଘଟିଲେ ସେ ପ୍ରାଣପଣେ ତହିଁର ପ୍ରତୀକାର କରିବେ । ଆମ୍ଭମାନଙ୍କ ଗୁହାର ପ୍ରତି ଟିକିଏ କର୍କଶ ଭାବର ଉତ୍ତର ହେଲା ବୋଲି ଆମ୍ଭେମାନେ ହତାଶ ହୋଇ ନାହୁଁ ବା ହେବୁ ନାହିଁ । କେବଳ ଦରବାରରେ ସେପରି କଥା ଶୁଣିବାକୁ କଷ୍ଟ ହେଲା ବୋଲି ତାହା ଜଣାଇବାକୁ ବାଧ ହେଲୁଁ ।

ରବିବାର ଦିନ ବିଶ୍ରାମ ଥିବାରୁ କିଛି କାର୍ଯ୍ୟ ହୋଇ ନାହିଁ । ସୋମବାର ପ୍ରାତଃକାଳରୁ କଲେକ୍ଟରୀ ଓ ଅଦାଲତ କଚେରୀମାନ ଦେଖି ମାନ୍ୟବର ମହୋଦୟ କଦମରସୁଲକୁ ଗଲେ । ସେଠାରେ ମୁସଲମାନମାନେ ତାହାଙ୍କର ଅଭ୍ୟର୍ଥନା ନିମିତ୍ତ ଯଥାଯୋଗ୍ୟ ଆଡ଼ମ୍ବର ସହିତ ସ୍ଥାନମଣ୍ଡନ ଇତ୍ୟାଦି କରିଥିଲେ । ଅଭିନନ୍ଦନପତ୍ର ପାଠ ହେଲା ଉତ୍ତାରୁ ତହିଁର ଉତ୍ତରରେ ଲେଫ୍ଟେନାଣ୍ଟ ଅଭ୍ୟର୍ଥନାର ପ୍ରଶଂସା କରି କହିଲେକି ମୁସଲମାନଙ୍କ ଶିକ୍ଷା ବିଷୟରେ ସେ ଯାହା କରିଅଛନ୍ତି ଗେଜେଟରେ ତାହା ସବୁ ପ୍ରକାଶିତ ହୋଇଅଛି । ଜଣେ ମୁସଲମାନ ପରିଦର୍ଶକ କର୍ମଚାରୀ ନିୟୋଗ କରିବା ଏବଂ ମୋଫସଲର ସ୍କୁଲମାନଙ୍କରେ ଉର୍ଦ୍ଦୁଭାଷା ଶିକ୍ଷାର ବନ୍ଦୋବସ୍ତ କରିଦେବା ପ୍ରସଙ୍ଗର ପ୍ରାର୍ଥନା ଅଟଇ । ଶିକ୍ଷାବିଭାଗୀୟ କର୍ମଚାରୀଙ୍କ ସହିତ ସେ

Split by PDF Splitter

Digitized by srujanika@gmail.com

ଏ ବିଷୟରେ ପରାମର୍ଶ କରି କହିବ କର୍ତ୍ତବ୍ୟ କହିବେ ।

ଲେଡି ଷ୍ଟାମର୍ଟନ ଚିକିତ୍ସାଳୟ ପ୍ରତିଷ୍ଠା—ଏ ଚିକିତ୍ସାଳୟ ଗୃହ ଲାଟେରିକର ଦକ୍ଷିଣ ପଶ୍ଚିମ ବଗିଚା ସଡ଼କର ଦକ୍ଷିଣପାର୍ଶ୍ୱରେ ନିର୍ମିତ ହୋଇଅଛି । ଗୃହଟି ଦୃଢ଼ ଏବଂ ସୁନ୍ଦର ହୋଇଅଛି ଅଳ୍ପିତ ପ୍ରାୟ ମ୍ୟୁନିସିପାଲ ଚିକିତ୍ସାଳୟ ପରି । ସମ୍ମୁଖରେ ବିସ୍ତୃତ ପଡ଼ିଆଟିଏ ଅଛି । ଘରକୁ ଲାଗି ପଡ଼ିଆରେ ସାମିଆନା ଟଣା ହୋଇ ମନୋହରରୂପେ ମଣ୍ଡିତ ହୋଇଥିଲା ଏବଂ ତହିଁ ତଳେ ଆମନ୍ତ୍ରିତ ବ୍ୟକ୍ତିମାନେ ଅର୍ଥାତ୍ ସାହେବ ଓ ମେମ୍ ୧୪।୧୫ ଜଣ ଓ ଦେଶୀୟ ରାଜା ଜମିଦାର ଏବଂ ଅପର ଭଦ୍ରଲୋକ ୫୦।୬୦ ଜଣ ବସିଥିଲେ ମାନ୍ୟବର ଲେଫ୍ଟେଣ୍ଟ ବେଳ ଦୁଇପ୍ରହର ୨॥ ଘଣ୍ଟା ସମୟରେ ଉପସ୍ଥିତ ହୋଇ ଘରଭିତର ବୁଲି ଦେଖି ସଭାରେ ବସିଲାରୁ ବାବୁ ମଧୁସୂଦନ ଦାସ ଚିକିତ୍ସାଳୟର ସଂକ୍ଷେପ ଇତିହାସ ବର୍ଣ୍ଣନା କରି ସେମାନ-ହାଅଲ୍ ପାଦ୍ରି ଓ ଭଗିନୀମାନଙ୍କର ଯଥୋଚିତ ପ୍ରଶଂସା କଲେ ଯେହେତୁ ସେମାନେ ବିନା ବେତନ ଓ ପରିଶ୍ରମରେ ପ୍ରାୟ ଦୁଇବର୍ଷ ଏଥିର କାର୍ଯ୍ୟ ନିର୍ବାହ କରୁଅଛନ୍ତି । ତହିଁଉତ୍ତାରୁ ଗୃହନିର୍ମାଣର ନକସା ଓ ନିର୍ମାଣ କାର୍ଯ୍ୟରେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଡେପ୍‌ଟ୍ରାଟେଲେଟ୍ ସାହେବ ବିଶେଷ ପରିଶ୍ରମ କରିଥିବାରୁ ତାହାଙ୍କୁ ଧନ୍ୟବାଦ ଦେଲେ ଏବଂ ରାଏ ବାହାଦୁର ବୈଦ୍ୟନାଥ ପଣ୍ଡିତ ଆପଣା ବ୍ୟୟରେ ନୂତନ ଗୃହ ନିର୍ମାଣ ଏବଂ ତହିଁ ସହାୟେ ମାସିକ ୬୦ ଟଙ୍କା ଚାନ୍ଦା ଦେବା କଥା କହି ତାହାଙ୍କ ପ୍ରଶଂସା ସଙ୍ଗେ ଅପର ଦେଶୀୟ ଲୋକଙ୍କର ଏଥିରେ ସହାନୁଭୂତି ଓ ସାହାଯ୍ୟ ନ ଦେଖିବାରୁ ଦୁଃଖ ପ୍ରକାଶ କଲେ ଏବଂ ଲେଡି ଡଫରିନ୍ ଫଣ୍ଡରୁ ସାହାଯ୍ୟ ପାଉଥିବାର ଜଣାଇ ଏ ଚିକିତ୍ସାଳୟ ବ୍ୟବହାର ନିମନ୍ତେ ଫିଟିଲା ବୋଲି ଘୋଷଣା କରିବାକୁ ମାନ୍ୟବର ଲେଫ୍ଟେଣ୍ଟଙ୍କୁ ପ୍ରାର୍ଥନା କଲେ । ତହୁଁ ମାନ୍ୟବର ମହୋଦୟ ଛିଡ଼ା ହୋଇ ଏ ଶୁଭକାର୍ଯ୍ୟ କରିବାକୁ ଦେଇ ବୋଲି ସନ୍ତୋଷ ପ୍ରକାଶ କରି ରାଏ ବାହାଦୁରଙ୍କ ବଦାନ୍ୟତା ସେମାନଲାଅ-ଲର ପାଦ୍ରୀ ଓ ଭଗିନୀମାନଙ୍କ ପରିଶ୍ରମ ଓ ଯତ୍ନ ସକାଶେ ଧନ୍ୟବାଦ ଦେଲେ ଏବଂ ଦେଶୀୟ-ଲୋକଙ୍କ ସହାନୁଭୂତି ପ୍ରସଙ୍ଗରେ କହିଲେକି ଏଥିର କାର୍ଯ୍ୟକାରିତା ଦେଖାଇଲେ ଜଣେ ଯେପରି ସାହାଯ୍ୟ କଲା ସେପରି ଅପ ଉତ୍କଳ-ମାନେ କରିବେ । ପରିଶେଷରେ ଲେଡି ଡଫରିନ୍ ଦେଶୀୟ ସ୍ତ୍ରୀ-ଚିକିତ୍ସା ବିଷୟରେ ଯେଉଁ ମହତ୍ କୀର୍ତ୍ତି ଏ ଦେଶରେ ରଖି ଗଲେ ତହିଁର ଉଲ୍ଲେଖପୂର୍ବକ ତାହାଙ୍କର ଯଥାଯୋଗ୍ୟ ପ୍ରଶଂସା କରି ଏ ଚିକିତ୍ସାଳୟ ପ୍ରତିଷ୍ଠା ହେବାର ଘୋଷଣା କଲେ ଏବଂ ସଭା ଭଙ୍ଗ ହେଲା । ମାନ୍ୟବରଙ୍କର ଏ ସମୟର ବକ୍ତୃତା ବଡ଼ ସୁନ୍ଦର ହୋଇଥିଲା ଏବଂ ଦେଶୀୟ ଲୋକଙ୍କ ସମ୍ପର୍କରେ ଯାହା କହିଲେ ତହିଁରେ ମଧୁବାବୁଙ୍କ ଜିଣି ଗଲେ । ବାସ୍ତବରେ ଉପକାର ଦେଖିଲେ ଦେଶୀୟ ଲୋକେ କଦାଚ ଉଦାସୀନ ହେବେ ନାହିଁ ।

କଲେଜର ପୁରସ୍କାର ବିତରଣ—ଅପରାହ୍ଣ ୩ ଘଣ୍ଟା ସମୟ ଧାର୍ଯ୍ୟ ହୋଇଥିବା ଓ ତହିଁର ୧୦ ମିନିଟ ପୂର୍ବରୁ ଚିକିତ୍ସାଳୟ ସଭା ଭାଙ୍ଗିବାରୁ ସେଠା ଉଠାଣି ସମସ୍ତ ଲୋକ କଲେଜକୁ ଗମନ କଲେ । କଲେଜର ସଭା-ଗୃହଟି ଫୁଲପତ୍ରରେ ଅତ୍ୟନ୍ତ ସୁରୁଚି ସହିତ ମଣ୍ଡିତ ହୋଇଥିଲା । କେବଳ ସ୍ଥାନ ଅଣ୍ଟ ହେବାରୁ କେତେକ ଆମନ୍ତ୍ରିତ ଭଦ୍ରଲୋକ ଠେଁସା ଠେଁସି ହୋଇ ଛିଡ଼ା ହୋଇ ରହିଲେ । ପ୍ରଥମେ ବିଶ୍ୱବିଦ୍ୟାଳୟର ପରୀକ୍ଷୋତ୍ତୀର୍ଣ୍ଣ ସମାଜର ଅଭିନନ୍ଦନପତ୍ର ଉକ୍ତ ସମାଜର ସଭାପତି ବାବୁ ମଧୁସୂଦନ ଦାସ ପାଠ କଲେ । ତହିଁ-ଉତ୍ତାରୁ ବାବୁ ଅକ୍ଷୟଚନ୍ଦ୍ର ସୁପରିଣ୍ଟେ-ଣ୍ଡେଣ୍ଟ କଲେଜର ସଂକ୍ଷେପ ବିବରଣ ଓ ପରୀକ୍ଷାର ଫଳାଫଳ ବୃତ୍ତାନ୍ତ ପାଠ କଲେ । ତଦୁତ୍ତାରେ ଛାତ୍ରମାନଙ୍କୁ ସ୍ୱ ହସ୍ତରେ ପୁରସ୍କାର ବଣ୍ଟନ କରି ମାନ୍ୟବର ମହୋଦୟ ଛିଡ଼ା ହୋଇ ଯେଉଁ ସୁନ୍ଦର ବକ୍ତୃତା କଲେ ତହିଁରେ କହିଲେକି ସାମାନ୍ୟ ସ୍କୁଲରୁ ଏ ବିଦ୍ୟାଳୟଟି ଅଳ୍ପଦିନରେ କଲେଜରେ ପରିଣତ ହେବା-ବିବରଣ ବଡ଼ ସନ୍ତୋଷଜନକ ଅଟଇ ଏବଂ ଏ ଦେଶୀୟ ପ୍ରଧାନ ବ୍ୟକ୍ତିମାନେ ଏଥିରେ ଅର୍ଥ ସାହାଯ୍ୟ କରି ପ୍ରଶଂସାର ଭାଜନ ହୋଇ-ଅଛନ୍ତି । ଏ ଦେଶବାସି ବିଏ ଓ ଏମ୍ ଏ ଉପା-ଧିଧାରୀଙ୍କି ମୁନସଫି ଦେବାର ପ୍ରାର୍ଥନା ସଙ୍ଗତ ଅଟଇ ମାତ୍ର ମୁନସଫ ନିଯୁକ୍ତ କରିବାର ଭାର ହାଇକୋର୍ଟର ପ୍ରଧାନ ଜଜଙ୍କଠାରେ ଅଛି ତାହାଙ୍କୁ ଏ ବିଷୟ ସେ ଜଣାଇବେ । ଡେପୁଟୀ କଲେକ୍ଟରର ପଦ ସକାଶେ ପ୍ରତିଯୋଗିତା ପରୀକ୍ଷା ଅଛି । ସେଥିରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକ । ଅବଶ୍ୟ ସମାନ ଯୋଗ୍ୟଲୋକଙ୍କ ମଧ୍ୟରୁ ସ୍ଥାନ ବିଶେଷରେ ଲୋକକୁ ଚୁଣିଦେବାକୁ ସେ ଅନୁକୂଳ ନୁହନ୍ତି ବରଂ ଯୋଗ୍ୟତା ମତ ଦେଉଅଛି । ଏ ସ୍ଥାନ ଅନୁକୂଳ ବୋଲି ଏଠା ଲୋକମାନେ ଗବର୍ଣ୍ଣମେଣ୍ଟଠାରୁ ଶିକ୍ଷା ବହୁପାଲିନାର ଅଧିକ ଆଶା କରନ୍ତି ମାତ୍ର ଏ ସ୍ଥଳେ ସିଧାର କର୍ତ୍ତବ୍ୟ କିରୂପ ତାହା ଦେଖିବାର ଉଚିତ । ଯେଉଁ ସୁତ ଲେଖାପଢ଼ା ଶିଖିବାକୁ ମଠ ପିଠା ତାହା ସକାଶେ ଅଧିକ ବ୍ୟୟ ସ୍ୱୀକାର ପୂର୍ବକ ଉଚ୍ଚ ଶିକ୍ଷାର ବନ୍ଦୋବସ୍ତ କରିବ । ଉଚ୍ଚ ପଢ଼ିଲା ନାହିଁ ବୋଲି ତାହାକୁ ଜମିଦାରୀ ଇତ୍ୟାଦିର ଭାର ଦେବ ନାହିଁ । ପରୀକ୍ଷାର ଫଳରୁ ଦେଖାଯାଉଅଛି ଯେ ଶିକ୍ଷା ଦାନ ବିଷୟରେ ଏ କଲେଜ ବଙ୍ଗଳାର କଲେଜମାନଙ୍କଠାରୁ ନ୍ୟୂନ ନୁହଇ ଅତଏବ ଏଠାରେ ଶିକ୍ଷା ଦେ-ବାର ଅପ୍ରତୁଳ ବନ୍ଦୋବସ୍ତ ହୋଇଥିବାର ବୋଲାଯାଇ ନ ପାରେ । ତେବେ ଏମ୍, ଏ, ପରୀକ୍ଷାର ଶିକ୍ଷା ଦେବାର ସୁବିଧା ଏଠାରେ ହୋଇ ନାହିଁ । ଏ କଲେଜ ସମ୍ପର୍କରେ କେତେକ ବିଷୟ ବର୍ତ୍ତମାନ ଶିକ୍ଷା ବିଭାଗର ଡାଇରେକ୍ଟରଙ୍କ ବିବେଚନାରେ ରହିଅଛି ତାହାଙ୍କର ରିପୋର୍ଟ ପ୍ରାପ୍ତ ହେଲେ ଗବର୍ଣ୍ଣମେଣ୍ଟ ତହିଁର ସୁବିଚାର କରିବେ । ପରିଶେଷରେ କଲେଜ-ପ୍ରତି ସନ୍ତୋଷଜନକ ମତ ପ୍ରକାଶ କରି ସଭାରୁ ବିଦାୟ ଗ୍ରହଣ କଲେ ଓ ସଭା ଭଙ୍ଗ ହେଲା ।

ଉପରଲିଖିତ ବିବରଣରୁ ଜଣାଯାଉଅଛି ଯେ ମନୋନୀତ ପ୍ରଥା ଅନୁସାରେ ଅନ୍ତତଃ କେତେକ ବର୍ଷ ଏ ପ୍ରଦେଶବାସିଙ୍କି ଡେପୁଟୀ କଲେକ୍ଟର ଦେବାର ଯେଉଁ ପ୍ରାର୍ଥନା ହୋଇଥିଲା ତା ଶୁଣି ସେ ବିଷୟରେ କିଛି ଅଭିପ୍ରାୟ ପ୍ରକାଶ କଲେ ନାହିଁ ଅମ୍ଭମାନଙ୍କ ଅଶାପ୍ରଦ ଜଣାଯାଉଅଛି ଏବଂ କେବେ ପ୍ରାଦେଶିକ ପ୍ରଧାନ ଦାନମାନେ ମନୋଯୋଗୀ ହେବେ ତେବେ କନ୍ତ ଫଳ ହୋଇ ପାରେ । ଫଳତଃ ଅମ୍ଭେମାନେ ତାହାଙ୍କ କଥାରେ ସନ୍ତୋଷ ହୋଇଅଛୁଁ ।

ଏହି ଦିନ ସନ୍ଧ୍ୟା ୬ ଘଣ୍ଟାଠାରୁ ରାତ୍ରି ଦୁଇପ୍ରହର ପର୍ଯ୍ୟନ୍ତ ଦଣ୍ଡିହାଟ ଜାନ ମର ସ୍ପେଷ୍ଟସ୍ ହାମନ୍ ବଗିଚାରେ ଗୋଟିଏ ପ୍ରମୋଦ ମଜଲିସ ହୋଇଥିଲା । ଦେଶୀୟ ଲୋକମାନେ ହେବା କରି ଅପଣାଙ୍କର ଆମୋଦ ଓ ମାନ୍ୟବର ଲେଫ୍ଟେଣ୍ଟଙ୍କ ଶୁଭାଗମନ ସ୍ମରଣାର୍ଥେ ତାହା କରିଥିଲେ । ନାନା ପ୍ରକାର ନୃତ୍ୟ ଗୀତ ବାଦ୍ୟ [illegible]

Digitized by srujanika@gmail.com

Split by PDF Splitter



ପରିକଳ୍ପବାକ୍ ଅତ୍ୟବାକ୍ ପ୍ରଭୃତିର ଆୟୋଜନ ହୋଇଥିଲା । ଅନେକ ଦେଶୀୟ ଲୋକ ଆମନ୍ତ୍ରଣମତେ ସେଠାରେ ଉପସ୍ଥିତ ହୋଇଥିଲେ ମାତ୍ର ଅବକାଶ ଅଭାବରୁ ଲାଟ ସାହେବ ଆସି ପାରିଲେ ନାହିଁ ଏବଂ ଏହି ହେତୁରୁ କଛି ରସଭଙ୍ଗ ହେଲେ ସୁଦ୍ଧା କହୁଭ ରାତ୍ର ପର୍ଯ୍ୟନ୍ତ ମଜଲିସ ରହିଥିଲା ।

ମଙ୍ଗଳବାର ସକାଳ ସ ୭ ଘଣ୍ଟା ସମୟରେ ମାନ୍ୟବର ଲେଫ୍‌ଟନାଣ୍ଟ ଏଠାରୁ ବଗି ଡାକରେ ଖୋରଧାକୁ ଯାତ୍ରା କଲେ । ତାହାଙ୍କୁ ବିଦାୟ ଦେବା କାରଣ କେତେକଜଣ ଇଂରେଜ ଓ ଦେଶୀୟ ଭଦ୍ର ଲୋକ କାଠଯୋଡ଼ୀଘାଟଠାରେ ଉପସ୍ଥିତ ହୋଇଥିଲେ । ମାନ୍ୟବର ମହୋଦୟ ମଧୁର ସମ୍ଭାଷଣରେ ସମସ୍ତଙ୍କୁ ସନ୍ତୁଷ୍ଟ କରାଇଁ ବିଦାୟ ଗ୍ରହଣ କଲେ ଏବଂ ସଲାମି ତୋପ ଧ୍ୱନିତ ହେଲା ।

---

# ସାପ୍ତାହିକ ସଂବାଦ ।

ଗତସପ୍ତାହରୁ ଏ ନଗରରେ ଶୀତକାଳ ଆରମ୍ଭ ହୋଇ ଏ ସପ୍ତାହରେ ସମସ୍ତେ ଚଳମତେ ଲୋଗ ହେଉଅଛି ।

ପଣ୍ଡିତ ଗୌରୀପ୍ରସାଦ କାଶିକ୍ଷେତ୍ରରୁ ଅଣି ଅଲ୍ପଦିନ ତଳେ ଏଠାରେ ଭାଗବତର ପରୀକ୍ଷା କରୁଥିଲେ । ତାହାଙ୍କ ମୁଦ୍ରିତ ବାରଣ ଜଣେ ରତନପ୍ରଳଷ ଅବତାର ବନ୍ଧୁଅଛନ୍ତି ।

ପଣ୍ଡିତଜୀ ଏଠାରେ ଅପଣା ପରିଶ୍ରମରେ ଭୃତ ରହୁଥିଲେ । ଏଥର ତଳବାର, ସଲ, ସାଷାଣ ଇତ୍ୟାଦିକୁ କାହାନିବାର ଦେଖି ବଡ଼ ଅନନ୍ଦ ହେଲୁ । ଇଶ୍ୱର ଏହାଙ୍କୁ ସୁମତ ଦେଇଲୁ ।

ଏଥର ତଳବାରରେ ଏଜଗର ମୃଗଲବନ୍ଦୀ ସଭା ପ୍ରାୟ ହେଲୁ ଅଛି ନାହାନ୍ତି । ପଦମର୍ଯ୍ୟାଦ ଲୁଣା ହେବା ଏଥିର କାରଣ ବୋଲି ଜଣାଯାଏ । ମାତ୍ର ଅନ୍ୟମାନଙ୍କରେ ଫଳ ହେବ ନାହିଁ । ସହକାର୍ଯ୍ୟତାର ପ୍ରଶଂସାଲାଭ କରିବାର ଚେଷ୍ଟା କରନ୍ତୁ ।

ତଳବାରର ଗୋଳମାଳ ଲାଗିଥିବାରୁ ଏ ନଗରରେ ଖୁଚୁରା ଘାସ ଦାମ ନରମ ହୋଇ ମୋଟସ୍ୱରଳ ଟଙ୍କାରୁ ସେ ୧୬ ର ହୋଇଅଛି ଏବଂ ଏଥିରୁ ଜଣାଯାଉଅଛି ସେ ଖିସଲକ ଅବସ୍ଥା ଯେତେ ମନ ବୋଲି ଅନୁମାନ ହୋଇଥିଲା ସେତେ ନୁହଇ ।

ସ୍ୱର୍ଗଗାମୀ ରାଜା ଶ୍ୟାମାନନ୍ଦଦେବଙ୍କ ଅତ୍ୟଗ୍ରାବ ଦୁଃସ୍ଥ ଅତ୍ୟ-ସମାଜେବ ସହିତ ନିର୍ବାହ ହୋଇଥିବାର ଶୁଣାଯାଏ । ଦସ୍ତାବଦ ଦବରଣ ଏପରେ ପ୍ରକାଶ କରିବାର ଇଚ୍ଛା ରହିଲା ।

### କଲିକତା-ଗେଜେଟ ।

ଖୁଲନାର ଡେ:, ମାଜିଷ୍ଟ୍ରେଟ ଓ ଡେ:, କଲେକ୍ଟର ବାବୁ ଉମାଚରଣ ଗାଙ୍ଗୁଲି ବାଲେଶ୍ୱରକୁ ବଦଳି ଓ ସେଠା ସବଡ଼-ଭିଜନରେ ଅବସ୍ଥାପିତ ହେଲେ ।

ବ୍ରଦ୍ଧ ମାଜିଷ୍ଟ୍ରେଟ ଓ କଲେକ୍ଟର ମି: ଡ଼, ଜେ, ସି, ଗ୍ରାଣ୍ଟ ସାହେବ ତାହାଙ୍କ ସ୍ଥାନରେ ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

କଟକର ସଦର ଲୋକାଲବୋର୍ଡର ମେମ୍ବର ବାବୁ ମହାନନ୍ଦ ଗୁପ୍ତଙ୍କ ସ୍ଥାନରେ ବାବୁ ବିହାରୀଲାଲ ପଣ୍ଡିତ ନିଯୁକ୍ତ ହୋଇଛନ୍ତି ।

---

ହିନ୍ଦୁପେଟ୍ରିଅଟ କେନାଲ ଏକାବାର ଜଣେ ସବ ଓଭରସିୟର ବାବୁ ସୂର୍ଯ୍ୟମଣିମହାନ୍ତି ଗତ ଜଳକଷ୍ଟ ସମୟରେ ଅତ୍ୟନ୍ତ ଖଟି ଓ ସୁନ୍ଦରଗଡ଼ରେ ଜଳ ଯୋଗାଇବାରୁ ଜଣେ ପତ୍ରପ୍ରେରକ ତାହାଙ୍କର ପ୍ରଶଂସା ଲେଖିଅଛନ୍ତି । ଉତ୍ତମ ।

ବଙ୍ଗଦେଶରେ ସଂସ୍କୃତଶିକ୍ଷାର ସାହାଯ୍ୟନିମନ୍ତେ ଗବର୍ଣ୍ଣମେଣ୍ଟ ଏହିବର୍ଷପାଇଁ ୧୬ ହଜାର ଟଙ୍କା ମଞ୍ଜୁର କରିଅଛନ୍ତି । ଗତ ବର୍ଷର ହେବ ଜଣାଯାଇ ନାହିଁ । ଚତୁଷ୍ପାଠୀର ପଣ୍ଡିତମାନେ ଏହିସମୟରୁ ଚେଷ୍ଟା କରିପାରନ୍ତି ।

କର୍ଣ୍ଣେଲ ପେରକେନ୍ସ ବଟ ସାହେବ ବାର୍ଣ୍ଣରର ରେସିଡେଣ୍ଟ ନିଯୁକ୍ତ ହୋଇଅଛନ୍ତି ।

କଲିକତାର ଏକ ତାର ସମ୍ବାଦରୁ ପ୍ରକାଶ ଯେ ହାଇକୋର୍ଟର ସୀମା ବୃଦ୍ଧି କରିବା କାରଣ ଯେଉଁ ଅଇନ ଅଗତ ହୋଇଥିଲା ତାହା ଗବର୍ଣ୍ଣମେଣ୍ଟ ଉଠାଇ ନେଇଅଛନ୍ତି ।

କ୍ରଫୋର୍ଡ ସାହେବଙ୍କର ମୋକଦ୍ଦମାର ବିଚାର ଅବଧି ଲାଗି ରହିଅଛି । ହେରଲ୍ଡ ସଭା ଅପଣା ଜବାନବନ୍ଦୀରେ କହୁଅଛନ୍ତି ଯେ କ୍ରଫୋର୍ଡ ସାହେବ ତାହାଙ୍କ ନାମରେ ଗବର୍ଣ୍ଣମେଣ୍ଟକୁ ମନ୍ଦରିପୋର୍ଟ କରିବାର ଭୟ ଦେଖାଇ ତାଙ୍କଠାରୁ ଟ ୧୦୦୦୦ ଙ୍କା ନେଇଅଛନ୍ତି ।—ବ୍ୟାପାର ସାମାନ୍ୟ ନୁହେ !

ଭୁବନଗର ଓ ଅନ୍ୟାନ୍ୟ ରଜ୍ୟରୁ ଯେଉଁ ଦୁର୍ଭିକ୍ଷପୀଡ଼ିତ ଲୋକମାନେ ବୋମ୍ବାଇ ସହରକୁ ବାହାର ଅସିଥିଲେ ସେମାନଙ୍କ ଭିକ୍ଷାନ୍ନ ଲଜାମାନେ ସାଇଟ ଦେବାର ଇଚ୍ଛା ପ୍ରକାଶ କରିବାରୁ ସେମାନଙ୍କ ବୋମ୍ବାଇଠାରୁ ତାଙ୍କ ସ୍ଥଠାକୁ ପଠାଇ ଦିଆଯାଇ ଥିବାର ସମ୍ବାଦ ମିଳଇ ।

ବୋମ୍ବାଇର ଷ୍ଟିମ୍‌ନାଭିଗେସନ କମ୍ପାନିର "ବୈତର୍ଣ୍ଣୀ" ନାମକ ଜାହାଜ ଅତ୍ୟନ୍ତ ନିରୁଦ୍ଦେଶ ହୋଇଅଛି । ବୋଧ ହୁଏ କୌଣସିଠାରେ ତୋଫାନରେ ଜାହାଜ ମାଡ଼ ଖାଇଥିବ । ଏ ଜାହାଜ ବୋମ୍ବାଇ ଓ କଚ୍ଛ ମଧ୍ୟରେ ଯାତ୍ରି ନେଇ ଅସିବା କାର୍ଯ୍ୟ କରୁଥିଲା । ଶେଷଥର ପ୍ରାୟ ଦ ୫୦୦ ଶ ଯାତ୍ରି ନେଇ କଚ୍ଛଠାରୁ ବାହାରିଥିଲା । ଏଥିମଧ୍ୟରେ ଅନେକଲୋକେ ଦେଓାଳି ତୁଷ୍ଟି ଉପଲକ୍ଷେ ଘରକୁ ଯାଇଁ ବୋମ୍ବାଇଠାକୁ ଫେରି ଅସୁଥିଲେ । ପୋର ବନ୍ଦରଠାରେ ଜାହାଜ କସ୍ତାନ ଅଟକିବାର କଥା ଥିଲା ମାତ୍ର ଲଗ ତୋଫାନଯୋଗେ ସେଠାରେ ରହି ନପାରି ଚାଲି ଅସିଲ ତା ୯ ରାତରେ ଜାହାଜ ବୋମ୍ବାଇଠାରେ ପହଞ୍ଚିଥାନ୍ତା । ମାତ୍ର ଅଦ୍ୟାପି ପହଞ୍ଚି ନ ଥିବାରୁ ମାଡ଼ ଖାଇଥିବାର ସମ୍ପୂର୍ଣ୍ଣ ସମ୍ଭବ ବୋଧ ହେଉଅଛି ।—ଏ ଅନୁମାନ ସତ୍ୟ ହେଲେ କେତେ ସରେ ଯେ ହା ହାକାର ଉଠିଅଛି ପଡ଼ିଥିବ ତାହାର ସୀମା ନାହିଁ ! ସର୍ବ ବିଧାତାଙ୍କ ଇଚ୍ଛା ! ବୁଦ୍ଧକ୍ଷେତ୍ରଯୋଗ ସାମାନ୍ୟରେ ଶିକ୍ଷିତ ନାହିଁ, ଏଣୁ ଜାହାଜକୁ ଖୋଜିବା କାରଣ ଜୁକ୍ ଓ ନକ୍ ନାମକ ଦୁଇ ଜାହାଜ ଯାଇଥିଲେ ମାତ୍ର କଛି ଠିକଣା ପାଇଲେ ନାହିଁ । ପୁନର୍ବାର ଖାଦ୍ୟଦ୍ରବ୍ୟାହାର ଖାଦ୍ୟ ଓ ଜଳ ନେଇ ଉକ୍ତ ଜାହାଜର ଉଦ୍ଦେଶରେ ପ୍ରେରିତ ହୋଇଛନ୍ତି ।

ଢାକାସ୍ଥିମିତ କତୁବରେ ପ୍ରାୟଠାରେ ମୁସଲମାନଙ୍କର ଏକ ବୃହତ୍ ସଭା ହୋଇ ଯାଇଥିବାର କଥିତ ହୁଏ । ଏ ସଭାରେ ବକ୍ତାମାନେ ହିନ୍ଦୁମାନଙ୍କୁ ନାନାପ୍ରକାର ଗାଳି ଦେଇଅଛନ୍ତି ଏବଂ ସମ୍ବାଦ ଏରୂପ ଯେ "ବେଙ୍ଗଲଟାଇମ୍‌ସ" ନାମକ ସମ୍ବାଦପତ୍ରର ସମ୍ପାଦକ ଜେକ୍ସସାହେବ ଏ ସଭା ସଂଗଠନପ୍ରତି ବିଶେଷ ଯତ୍ନ କରିଥିବାରୁ ତାଙ୍କୁ ଧନ୍ୟବାଦ ଦିଆ ଯାଇଅଛି । ରହସ୍ୟ ମନ୍ଦ ନୁହେ—ମୁସଲମାନଙ୍କୁ ସାହେବମାନେ କି ମତାଇ ଅଛନ୍ତି ?

ଯୁଦ୍ଧକ୍ଷେତ୍ରରେ ସୁଲତାନ ସୁବାଙ୍ଗ ପ୍ରବୃତ୍ତ ହୋଇଥିବାର ସମ୍ବାଦ ମିଳଇ । ପ୍ରାୟ ୭୦୦୦୦ ନାଥପନ୍ଥୀ ଲୋକେ କାଫିରମାନଙ୍କ ଉପରେ ଢାଉ କରୁଥିଲେ ମାତ୍ର ସେମାନେ ହାରିଯାଇଁ ପ୍ରାୟ ୩୦୦୦ ଲୋକଙ୍କୁ ଯୁଦ୍ଧକ୍ଷେତ୍ରରେ ଛାଡ଼ି ପଳାଇଲେ । ପୁନର୍ବାର ସେମାନେ କାଫିରମାନଙ୍କ ଆକ୍ରମଣ କରି ଜୟଲାଭ ଦୁର୍ବଳ ନଗର ଅଧିକାର କରିଅଛନ୍ତି । ଗୋଳମାଳବେଳେ ସୁଲତାନ ପଳାଇ ଯାଇଥିବାର କଥିତ ହୁଏ ।

### ହେଲଥ୍ରପତ୍ରା-ସମ୍ବାଦ ।

ବାଲଅନୁକାନରେ ଟ ୧୦୦୦ ଙ୍କା ଲେଖ ଥିବାର ସେ ବସ୍ତୁ ଥିବ ତାହିଁର ଫଳ ପୁରସ୍କାର ଦେବେ ବୋଲି ଜଣାଇଲେ ଯେ ପୁରସ୍କାର କର୍ମଚାରୀମାନେ ସମ୍ବାଦ ପାଇ ଲକ୍ଷ୍ମଣବାନରେ ପହଞ୍ଚି ଶୁଣିଲେ ସେ ଟଙ୍କାବାହକ ମାନଙ୍କ ମଧ୍ୟରୁ ଜଣେ ବାଟରେ ପହଞ୍ଚିବା ମାତ୍ର ସେଠାଛିଡ଼ ଏବଂ ତାହାନକାଂଶରେ ଲୁଟି ଗଲ ପଦଦା ବହିଲରେ ଯେପରିକି ଇଇଲଙ୍କପର ଘୋର କଷ୍ଟରୁ ଉଠି ଦେଖିଲ ଯେ ଜଙ୍ଗଲରେ ସଙ୍ଗୀ ଓ ରକ୍ଷକମାନେ ତାହାଙ୍କ ଉପଦ୍ରବ ବୃଷ୍ଟିପାତ କରି ଦେଉଁଭିତରେ ହୁଏ ଲୋକମାନଙ୍କୁ ପଲ୍ଟଡିବାରେ କେହି କଛି କି କହିବାକୁ ଉଚ୍ଚୈଃସ୍ୱରରେ "ଚଳପିଚିଡ଼ିପରଦମା" ହୋଇ ତହିଁର କର "ଲେଖ ଟଙ୍କା ନେଇଗଲେ ହୋ" ଶୁଣାଯାଏ ଉପରବ୍ଧ କର୍ମଚାରୀମାନେ ପ୍ରସ୍ତୁତ ହୋଇ ଲେଖ ଧରିବାକୁ ଯାଇଥିଲେ ଅନେକ ଦେଶ ପୋଲବରିବାକୁ ପଡ଼ିବାରୁ ତାକୁ ବନ୍ଦମାଇ "ଦର୍ଶପଦଙ୍କ" ଲକ୍ଷନ ଅବଲମ୍ବନମି ଦେଉଅଛନ୍ତି ।

### ଭୁଜଙ୍ଗ-ସମ୍ବାଦ ।

ଏଠା କଦେଶ ନଦୀରେ ଯେଉଁ ପୁଷ୍କରିଣୀର ପାର୍ଶ୍ୱ ଖଣ୍ଡଗାଡ଼ ପ୍ରବନ୍ଧିରସ୍ଥିରକ୍ଷାବ କଣ ହେଉଥିଲା ତାହା ଶେଷ ହୋଇ ନାହିଁ କରୁ ମୁଖ୍ୟସରଶିତ୍ସ ଏବଂ ଦୁର୍ଗନ୍ଧ ହୋଇଅଛି ସେ ସେହିକାରେ ଲୋକମାନଙ୍କର ଉତ୍ପାତପ୍ରଦ ଘଣ୍ଟା ହେଉଅଛି, ଏପରି ଅବସ୍ଥାରେ ଲୋକମାନେ କେମନ୍ତ ବାହିଁବ କ ହେବ ? ।

କାର୍ତ୍ତିକ ପୂର୍ଣ୍ଣମାଦିବସ ବଡ଼ସ୍ନାନ ସମୟରେ ଦୁଇପଦ ଦାସ ବାବାଙ୍କ ମଠରେ ସପ୍ତାହବ୍ୟାପୀ ପୂର୍ଣ୍ଣ ହୋଇଥିଲା ଓ ସେଠାରେ ପ୍ରାୟ ଏକହଜାର ଲୋକ ଉପସ୍ଥିତ ହୋଇ ଗଣ ଅତଦାନ୍ତ କରିଥିଲେ ।

ଏଠାରେ ଜ୍ୱରରୋଗର ପ୍ରାଦୁର୍ଭାବ ହୋଇ ଲୋକମାନଙ୍କ ଅନୁମାନ କରୁଅଛି ଦୁଃଖର ବିଷୟ ସେ ଡିସ୍‌ପେନ୍‌ସରୀରେ ଔଷଧ ନାହିଁ ଜାଣିବ ଜଣ କରିବେ ।

ଏଠା ଶିମାଦ ରମାନଙ୍କ ସର୍ବେ ଶିକ୍ଷା ଦିଆଯାଉଥିବା ଓ ସେମାନେ ଉତ୍ତରେ ଯାହା ଶିକ୍ଷା କରିବାନଶନ୍ତେ ଛନ୍ତି ଅଭ୍ୟାସ ଦେଉଥିବାରୁ ଏଠା ମାନେଜର ଓ କେଭିୟରଙ୍କ ସଙ୍ଗରୁ ବର୍ତ୍ତମାନ ଦ ୧୦ ଣ ଶିକ୍ଷା କରୁଅଛନ୍ତି ।

---

### ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

ଶ୍ରୀଲ ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ନିବେଦନମିଦଂ ।

ମହାଶୟ !

ଅପଣଙ୍କ ଗ ୪୧ ସଂଖ୍ୟା ପତ୍ରିକାରୁ ଅବଗତ

Digitized by srujanika@gmail.com

ହେଲୁଁ ଯେ ବିଦ୍ୟାବିନୋଦବର୍ଦ୍ଧନୀ ସମାଜ-ସମ୍ପାଦକ ଲେଖିଅଛନ୍ତି କି ପଣ୍ଡିତ ଗୋପୀନାଥ-ମିଶ୍ର ପ୍ରଭୃତି ବ୍ୟକ୍ତିମାନେ ବିମଳାପୀଠରେ ସମାଜ କରି ଗୁରୁବାର ମହାଷ୍ଟମୀ ହେବାର ସ୍ଥିର କରିଅଛନ୍ତି କିନ୍ତୁ ଉକ୍ତାଷ୍ଟମୀ ଜନ୍ମପୂ କରିବା ହିଁରେ ଆଉ ସେଦିନ ସମାଜରେ ଉପସ୍ଥିତ ନାହୁଁ ଏବଂ ଶୁକ୍ରବାର ମହାଷ୍ଟମୀ କରିଅଛୁଁ ଅତଏବ ମହାଶୟଙ୍କୁ ପ୍ରାର୍ଥନା କରୁ ଅଛୁଁ କି ଉପରଲିଖିତ ବିଷୟ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ପ୍ରକାଶକରି ପତ୍ରିକାଗ୍ରାହକବର୍ଗଙ୍କ ନିକଟରେ ଆମ୍ଭଙ୍କୁ ମିଥ୍ୟାପବାଦରୁ ମୁକ୍ତ କରି-ବାରେ ଚିରବାଧିତ ହେବୁଁ । ଇତି ।

୨୦।୧୧।୮୮ ଶ୍ରୀ ଗୋପୀନାଥମିଶ୍ର ଶର୍ମା,
ସଂସ୍କୃତ ବିଦ୍ୟାଳୟର ପ୍ରଥମଶିକ୍ଷକ ।

---

TO

THE HONORABLE SIR STEUART COLVIN BAYLEY, K. C. S. I. C. I. E., LIEUTENANT GOVERNOR OF BENGAL.

MAY IT PLEASE YOUR HONOR,

We, the members of the Orissa Association, beg most respectfully, on behalf of ourselves and the community at large to welcome your Honor, with feelings of gratefulness, for having so soon, after assuming the reins of Government, thought of a people than whom perhaps no subjects of Her Majesty stand in greater need of your Honor's care and attention, and for having given them the rare opportunity of expressing their feelings of loyalty and devotion to your Honor, and through your Honor to Her Most gracious Majesty our beloved Sovereign and Queen-Empress.

It is specially gratifying to us to greet, as Her Gracious Majesty's representative in this Province, one who has shown so much sympathy for all classes and has at all times studied to reconcile conflicting interests with the welfare and moral and material advancement of the country. On this, your Honor's first visit to Orissa your Honor will find in this Durbar, proof of our loyalty and devotion to your Honor and we would ask your Honor, to give us this privilege of showing our loyalty often during the continuance of your Honor's rule.

We take this opportunity to thank your Honor most sincerely for your Honor's efforts to sustain the scheme of Local Self Government inaugurated by His Excellency Lord Ripon, and we hope that the scheme will, under your Honor's fostering care, prove a great blessing, and we assure your Honor that nothing will be wanting on the part of the people to make themselves worthy of the boon.

Your Honor has laid the people under great obligation by a satisfactory settlement of the Pooree Temple suit, in regard to which the entire Hindu population of India felt so strongly.

We see the hand of providence in your Honor's visit to Orissa in a year when the opposite evils of drought and inundation had, a short time before, combined to threaten the country with a famine.

We are much indebted to the head of the Local administration in Orissa for the readiness with which relief was given where it was most needed, and we believe that the anxious desire and readiness to grant relief on the part of the Local Authorities, and your Honor's sympathies for suffering humanity will avert the distress which the present prospect of the crops forebodes.

We thank your Honor for the relaxation of the forest rules in the Government Estates, where distress recently prevailed, and considering the poverty of the people who are benefitted by this relaxation, we would most respectfully ask your Honor for a rescission of the rules temporarily relaxed, seeing that this will not in any way affect the preservation of the forest or its revenue.

We cannot express in adequate terms our gratitude to the Government for their benevolent and kind wishes towards the people as manifested in the construction of the irrigation works in this province, but we regret to say that this elaborate and costly system, which was introduced with the noble object of ensuring a regular supply of water to the fields of the cultivator is the least appreciated by him. Whether this state of things is due to want of appreciative merit in the cultivator, or the primary object of the system is lost sight of by those who are entrusted with the working thereof, requires a more thorough enquiry than has hitherto been made, and your Honor will confer a lasting boon on the people by introducing the necessary improvements which will make the irrigation work a blessing in the eyes of the cultivator class.

The isolated position of Orissa, owing to want of facilities for communication and the absence of foreign capital and foreign enterprize which have contributed so largely to the development of manufacturing industry and have furnished means of livelihood to the labouring class in other parts of India make distress and scarcity to be felt more by the people here they are felt in any other tract within your Honor's rule. When we add to this the fact that the railway, the most important and potent factor in the civilization of the world, has not yet been introduced in Orissa, though it contains a city which, owing to its ancient sanctity, attracts annually more visitors from all parts of India than any other similar city does in twenty years, it is no wonder that Orissa is the most backward in intellectual advancement and in material prosperity. But like a child badly equipped by nature for the battle of life, we respectfully beg to remind your Honor of the claims of Orissa to a greater share of the parental care which the British Government has vouchsafed to its subjects and we sincerely hope that your Honor will give us the Railway and thus open the road to Orissa's material prosperity and intellectual advancement, which the

Digitized by srujanika@gmail.com

Canal system has not accomplished here.

While dwelling on the poverty of the people, we cannot refrain from drawing your Honor's attention to the recent transfer of the Salt Deparment of Orissa from the Bengal to the Madras Government, as a matter which has affected the interests of the laboring classes by depriving many thousands of them of their means of livelihood. We shall not stop to discuss whether it is politic to place the administration of a province under two seperate Governments, but the interests of the poor laboring class whose claims for sympathy will, we are sure, meet with a ready recognition at your Honor's hand, render it our sacred duty to point out here how the transfer of the Salt Department has very considerably decreased the manufacture of Salt in Orissa, and this is of no small consequence to a poor people who are threatened with periodical visitation of famines and for whom their country cannot find sufficient employment.

At a time when it is proposed to transfer a portion of the Central Provinces to the Bombay Presidency, we feel it our duty to solcit your Honor's attention to the fact that the tract of the country where the Uriyas reside is anomalously placed under the administration of the Madras Bengal and the Central Provinces Governments. We would therefore ask your Honor to place the territorial limits where the Oriya language is spoken under one administration, and thus knit together under one administration a large population who speak one language and have the same tradition and customs.

We beg to conclude by wishing your Honor a pleasant tour through Orissa and pray to the Almighty to grant your Honor long life and health to rule long over a people to whom your Honor has endeared yourself within the short period of your rule.

We beg &c.

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୋପାଳଚରଣ ଦାସ ଭୁଜଙ୍ଗ | ଅଗ୍ରିମ | ଟ ୨୮ |
| ରାଜା କଟକ୍ଷେ ନୟାଗଡ଼ | " | ଟ ୩୮ |
| ବାବୁ ବଟକୃଷ୍ଣ ବଳଭଦ୍ର ଅମେଇପାଲ | " | ଟ ୩୮ |
| " ଇଶ୍ୱର ଚନ୍ଦ୍ର ଘୋଷ ଦଶପଲ୍ଲ | ବକେୟା | ଟ ୩୮ |
| " ଗୌରଙ୍ଗଚନ୍ଦ୍ର ହାଁଗି | ଅଗ୍ରିମ | ଟ ୧୫ |

## ବିଜ୍ଞାପନ ।

ଜଗନ୍ନାଥଦାସଙ୍କ କୃତ ନୂତନଭାଷା ଶ୍ରୀମଦ୍ଭାଗବତ ଦଶମସ୍କନ୍ଧ ଦ୍ୱାରକାଲୀଳା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ମୂଲ୍ୟ ଖଣ୍ଡିକି ଟ ୧ । ମୋଫସଲ୍‌ବାସୀଙ୍କ ଡାକମାସୁଲ ଟ ⁄ ।

## କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉତ୍କୃଷ୍ଟକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନୀଙ୍କ ଦୋକାନରେ, ଭିକ୍ଟୋରିଆପ୍ରେସରେ ଓ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟାଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

## TO THE DEAF.

A 132 pages Illustrated Book on deafness Noises in the head how cured at your homes.

Price 6 annas; Address Dr. Nicholson, 5 Old Court House Street, Calcutta.

## ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା ବିଷୟ ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ସଂଖ୍ୟାର ପୁସ୍ତକ ମୂଲ୍ୟ ଟ ୦।୵ କଲିକତା ଓଲଡ୍ କୋର୍ଟହାଉସ ଷ୍ଟ୍ରିଟ ନ ୫ ମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଇବ ।

## ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସାଲର ୫ ଆଇନ ସହିତ

ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକା ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦୵ ପଡ଼ିବ ।

## ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚିତ୍ ଯେ ଶୀଘ୍ର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉପରିଭାଗରେ ପ୍ରକଟିତ ନ ହେଲେ ଆଉ ଭୟ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତିକାକାରେ ପ୍ରକାଶିତ ହେବ କଲିକତା ଆମହେରଷ୍ଟୋଲ ନଂମ୍ବର ଭବନରେ ଏ, କେ, ରାଇ କମ୍ପାନୀଙ୍କଠାରେ ଏବଂ କଟକ ଭରଣାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

ଆମ୍ଭର ଚଉଧୁରୀବଜାର ସ୍ଥିତ ଦୋକାନରେ ଗରମର ଉତ୍ତମ ମଏଦା ଓ ଅଟା ବିକ୍ରୀସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ତଲାସ କଲେ ପାଇପାରିବେ । ସେଥିରେ ଖୁଦୁକ ଇତ୍ୟାଦି କିଛି ବଜାରପ୍ରାୟ ମିଶିତ ନାହିଁ ଆଉ ଯାହାଙ୍କର ବୃହତ କର୍ମ ନିମିତ୍ତ ବେଶୀ ମଏଦା ଦରକାର ହେବ ତାଙ୍କର କର୍ମର ଆଠଦଶଦିନ ପୂର୍ବରୁ ଫରମାସ ଦେଲେ ଅମ୍ଭେ ତାଙ୍କୁ କରାଇଦେବୁଁ (ଫଲେକ ପରଚାୟୁବେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୫।୮୮ } ଶ୍ରୀ ଆରତବଲ୍ଲଭକର ।
କଟକ }

### ଶବ୍ଦସ୍ମୃ ପଠିତବ୍ୟଂ

କଟକଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଡିସପେନସାରିରେ

Split by PDF Splitter

Digitized by srujanika@gmail.com

Split by PDF Splitter



ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜମାନଙ୍କ ଦ୍ୱାରା ଅରୋଗ୍ୟ ନଭଇ ଅଛନ୍ତି । ତାହାଙ୍କ ନିର୍ମିତ ଓଲାଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା କିଛିମାତ୍ରେ ସେବନ କଲେ ଜୀବନ ବସ୍ତ୍ରକୁ ନିଶ୍ଚୟ ଫେରି ପାଇବେ । ତାହାଙ୍କ ନିର୍ମିତ ହେମାଦି ବଟିକା ନାମକ ଜ୍ୱରଘ୍ନ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ର ବଡ଼ପଣ୍ଡାଙ୍କର ଗୃହରେ ଗୋଟି ଜ୍ୱରରୋଗିମାନଙ୍କୁ ଦେଖି ମା ୭ ସ, କେହିବା ମା ୮ ସ, କେହି ୬, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏକ ୨ ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାରାଜ କଲେ ବୌଦ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କରରାୟ ଓଲାଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ ବ୍ୟାପି, ଡାକ୍ତର ଓ କବିରାଜମାନଙ୍କ ଏବଂ ଜଗନ୍ନାଥ-ପ୍ରାଣଗଡ଼ ମହାକୁଣ୍ଡାବାଲା ରୋଗୀର ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପରି ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯୋଗୀପୁର, ଜଗତସିଂହ, ମାର୍କଣ୍ଡପାଟଣା, ଅଗ୍ନିପଦା, ଏରମା, ମେଦନୀ-ପୁର, ବୌଦ, କେନ୍ଦ୍ରାପଡ଼ା, ତଣାବନ୍ଧ, ଓ ଜଗାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପ-ସ୍ମାର, ଶୂଳ, ଚନ୍ଦ୍ରଅର୍ଶ, ଓଲାଉଠା, ଅଜୀର୍ଣ୍ଣ, ମେଲେରିଅଜ୍ୱର, ସର୍ବାଙ୍ଗାବସ୍ଥାୟୀଜ୍ୱର, ଚତୁ-ର୍ଥିକଜ୍ୱର, ପାଳିଜ୍ୱର, ଦାଦ୍ରୁ. କାମଳା, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂତ୍ରକୃଚ୍ଛ୍ର, କାଶ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ୱାନାନୁ ଚିକିତ୍ସାରେ ନିରାଶ ହୋଇ ଉକ୍ତ କବି-ରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋ-ଗ୍ୟାକାଂକ୍ଷିମାନେ ରିପ୍ଲାଇକାର୍ଡ଼ ବା ଡାକଟିକଟ ସହ ପତ୍ର ଲେଖିଲେ ଅମୋଘଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

## ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟ ବାବୁ ଅର୍ଜୁନଙ୍କର କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୬ ପଣି ନାଳ | ଟ ୧୬/୫ ।୩/ | | ଟ ୧୬ ୫ ୦ /୨ |
| ୧୭ ପଣି | ,, | ,, ୫ ୨୫ | ,, ୫ ୦ /୩ |
| ୧୬ ପଣି | ,, | ,, ୫ ୨୧ | ,, ୫ ୦ / |
| ୧୧ ପଣି ଉତ୍କଳଦରବାର,, ୫ ୪। | | | ,, ୫ ୩ /୨ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଉତ୍ତରପଦାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଉତ୍ତମ ଛୋଟ ଓ ବଡ ଓ ରେଶମୀଉଲର ଲୁଗା ଓ ଚଷମାଘଣ୍ଟି ଓ ନାନା ଜାତି ଜିନିଷ ସରବରାହ ନିମନ୍ତେ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପସ୍ଥିତ ଆଉ କେତେକ ଫେନ୍ସି ଜିନିଷ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ । ଏତଦ୍ଭିନ୍ନ ଅମ୍ଭମାନଙ୍କ ବହିର ଶୀତ ନିମନ୍ତେ ସବୁ ପ୍ରକାର ଦୋକାନରେ ପ୍ରସ୍ତୁତ ରହି-ଅଛି । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଦୂରସ୍ଥ ଲୋକମାନେ ନିଜସ୍ୱ ହେବା ପାଇଁ ଅଗ୍ରିମ ମନିଅର୍ଡର ଦ୍ୱାରା ଦରକାର ପଠାନ୍ତି ତେବେ ଏକ ଟଙ୍କାରୁ ଦଶ ଟଙ୍କା ହିସାବରେ କମିଶନ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାରଙ୍କ ଉପରେ ଥିବ । ଖୁଚୁରା ହେଲେ ଆଗରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

### ଫର୍ଦ୍ଦ ।

ଉତ୍ତମ ରେଶମୀ ବ
  ଚଦରେ ସୂତା ତେଲେ
  ସ୍ୱଲେ
ବଟେଇ ଗାଲିଚା
କଶ୍ମୀରୀ ଶାଲ ଉତ୍ତମ
  ସୂତା ଓ ଉଲ
  ଶ୍ୱାଲ ।
[illegible]
  [illegible]
  [illegible]
ସେଣ୍ଟିଲ ହାକିମ ଲାଗି ।
ନାନା ପ୍ରକାରର ପଞ୍ଚ-
  ରଙ୍ଗ ଓ ଲିଙ୍ଗ
  ଟେବୁଲ କ୍ଲଥ
ଘଡି ଛତା ।
ଚମଡା ଜୋତା ।
ନାନାପ୍ରକାର ଗୋଟିଏ
  ଭୂଷା ପୋଷାକ ହୁଏ ।
ପଞ୍ଜୋଳ ଲେନ—ଅର୍ଥାତ୍
  ସୁନ୍ଦରୀ ଡ଼ଗେ ।
ଅଗର ଧୂପ ।
ଓଆର୍ଡ଼ରଭୂତ ଛତା ।
ଚଳଣ ତେଲ ।
ବୋତଲଡାଲଗ ।
ବାଘ ଚିତ୍ରିତ ଓ
  କଳା ଇଲ୍ଲାୟ ଓ ସୂତା
ଘଣ୍ଟା
ଭିନ୍ନ ଭିନ୍ନ ଫୁଲପକଳ୍ପ
  ଏକସର ଛୁରୀ
କେରାସିନ ତେଲର ଷ୍ଟୋଭ
  କେସର ଅତର
ଏ ସୋଫିଲ ଆଦି
ଜାମିନ ଓ ବନ୍ଧୁକ
  କାଗଜ ଆବରଣ
  ଏକର କାଗଜ
  ଅନୁମୋଦିତ ପେନସିଲ
  ଅଙ୍କ ଏ ଲେବେଲିଙ୍ଗ
  ଲେଡି ଜ୍ୟାକେଟ ପୋଷାକ
  ଟବୁ ହାଲଳ ଗେଞ୍ଜି
  ପେନ୍‌ସିଲ ଲେଖା ସ
  ଗଲେ ସେତ ଉପାୟ
  ବେଟେସ ଚଟି ବ ଭ
  ଲ ଲବେ ।
ପୋର୍ଟମେଣ୍ଟ ଓ ପିଠିଟର
କେତୁକ ମେଜ ଓ ଚିଠିର
  ଭିଲେ ପ୍ରଲେ
ନୂତନ ବାଉ ଅର୍ଥାତ୍
  ଲେଡିମାନେ ଭେଲ ପଣ
  ଓ ଖୁସିରେ ଭଲ
  ହେବ ।
ଅପନା ଉଲ୍ଲା
  ୧୨ × ୧୦ ଇଞ୍ଚ
  ୧୪ × ୧୨ ଇଞ୍ଚ
  ୧୬ × ୧୪ ,,
ମୋଜା ଓ ମୋଜାବନ୍ଧ
ଉତ୍ତମ ୪ଥ ଲକେଟଙ୍କ
ଡବଲ ୟାଙ୍କି କଳା ଓ
ସ୍ୱଚ୍ଛା
ଡେମେସ୍ଟ୍ରେକ ।
ଉଲ ଓ ପାଉଡରଫୌଜ
  ଫିତା
କରାଞ୍ଚିଟେଲରେ ବାର
  ଜାହକାର ଶାଳ
  ମମତାମା
  ରେଶ୍ମ ବୁ ପେନ୍ସିଲ
କଳାରଙ୍ଗୀ ସୂତା ଓ ଗୋଡ଼
ନୂ କର
ନବଦ୍ୱୀପଦାସ ଓ ଟକ-
  ପାଉ ପାଃଗୋଡ ଓ
  ଧାଡ଼ି ।
ଟ୍ରିଙ୍ଗ ବାଡ
ଏଟିମୋସ ଅର୍ଥାତ୍ ଉପା-
  ହୃଦ ଉପାୟ ଅଶର
  ଉପ୍ସର କରିବା କମରେ
  ଚଲାବାର ହୁଏ ।

## ପିଚକାରୀ ।

ଏ ଦାଗକୁ କେଉଁଠାରେ ପାଇଲେ ଉକ୍ତ ଜାଗାରେ ଉତ୍ତମ କୋଠାଘର ଘାଟରେ ହେଲେ ଧାଣିଗଲା କଦ ହେବ ଘରର ମନ୍ଦି-ଅରେ ଲେପିଦେଲେ ମଚ୍ଛର ଓ ଉଇ ଥିବାର ନାହିଁ ।

ଉକ୍ତ ଦମଡ଼ା ଓ ସାଟରେ ଲଗାଇବାର ଲାଗ ମଧ୍ୟ ଅଛି ।

ଅଗ୍ରଚବର୍ଦ୍ଧନ କର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ଏକାକୀ
  ଧାଡ଼ିପ୍ରତି  ଟ ୦/
  ଅର୍ଦ୍ଧସ୍ତମ୍ଭକୁ  ଟ ୩
  ପୂର୍ଣ୍ଣ ଏକ ସ୍ତମ୍ଭକୁ  ଟ ୬

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚା ଟ ୦/ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏ ପତ୍ର କଟକପ୍ରିଣ୍ଟିଂ କମ୍ପାନି ଦ୍ୱାରା ମୁଦ୍ରିତ ଓ ଉତ୍କଳଦୀପିକା ଛାପାଖାନାରେ ପ୍ରିଣ୍ଟର ଶ୍ରୀ ... ସଦାଶିବ ... ଓ ... ପ୍ରକାଶିତ ହେଉ

Digitized by srujanika@gmail.com

Split by PDF Splitter

REGISTERED NO. 1

327

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ସ୍ତ ୨୩ ଶ
ସ ୪୭ ସଂଖ୍ୟା

ତା ୧୯ ଇଂ ମାହେ ଡିସେମ୍ବର ସନ ୧୮୮୮ ମସିହା । ମୁ । ମାର୍ଗଶିର ୭ ୧୮ ଅଙ୍କ ୧୨୯୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୪

ବ୍ରହ୍ମଦେଶରେ ପୁନର୍ବାର ଡକାଇତମାନେ ମାତିବାର ଏବଂ ଏଥିମଧ୍ୟରେ ଦୁଇଏକଥର ସେମାନଙ୍କ ସହିତ କ୍ଷୁଦ୍ର ଯୁଦ୍ଧ ହେବାର ସମ୍ବାଦ ଆସିଅଛି । ମଗମାନେ ସବଂଶେ ଉପାତ ହେବାପର୍ଯ୍ୟନ୍ତ ଇଂରାଜଙ୍କ ବଶତା ସ୍ୱୀକାର କରିବେ ନାହିଁ ବୋଲି ଜଣାଯାଏ । ଏମାନଙ୍କର ସ୍ୱାଧୀନପ୍ରିୟତାକୁ ଧନ୍ୟ ବୋଲିବା ।

---

ପ୍ରତାପପୁର ଅଧିକାରପ୍ରାପ୍ତଙ୍କ ନାମରେ କ୍ରାଉନ୍‌ବାଣ୍ଡେଲ ଗିର୍ଜାର ପାଦ୍ରୀ ମାନହାନିର ନାଲିସ କରିବାରୁ ଏକତରଫା ବିଚାରରେ ଅଧିକାରୀ ଖଲାସ ଏବଂ ପ୍ରକାଶକଙ୍କ ପ୍ରତି ତିନିମାସ କାରାଦଣ୍ଡ ଓ ଟ ୫୦୦ ଙ୍କା ଜରିମାନା ଏବଂ ଟ ୨୦୦ ଙ୍କା ଖତି ପୂରଣର ଦଣ୍ଡ ହୋଇଅଛି । ଏକତରଫା ବିଚାର ହୋଇଥିବାରୁ ମୋକଦ୍ଦମା ସାନି ଦାଏର ହୋଇଅଛି ଏବଂ ଦଣ୍ଡାଜ୍ଞା ସ୍ଥଗିତ ରହିଅଛି ।

---

ମାନ୍ଦ୍ରାଜର ଗବର୍ଣ୍ଣର ଲର୍ଡ଼ କନିମାର କୃଷିବିଦ୍ୟାରେ ବଡ଼ ନିପୁଣ । ସମ୍ପ୍ରତି ସେ ନେଲୋର ନଗରକୁ ଭ୍ରମଣଉପଲକ୍ଷରେ ଯାଇଁ ସେଠାରେ ଯେଉଁ ବକ୍ତୃତା କରିଥିଲେ ତହିଁରେ କହିଅଛନ୍ତି ଭାରତବର୍ଷର ପ୍ରଜାମାନେ କୃଷକମାନେ କୃଷିକାର୍ଯ୍ୟରେ ଅତି ସୁଦକ୍ଷ ଏବଂ ଏ ଦେଶରେ ଯେଉଁ ଲଙ୍ଗଳ ବ୍ୟବହାର ହେଉଅଛି ତାହା ଏଦେଶଭୂମିର ଉପଯୋଗୀ । ବିଦେଶୀୟ ଲଙ୍ଗଳ ଇତ୍ୟାଦି ଏଠାରେ କାର୍ଯ୍ୟକର ହେବ ନାହିଁ । ବାସ୍ତବରେ ଏଠାପ୍ରଜାଙ୍କର ବିଦେଶୀୟଙ୍କଠାରୁ କିଛି ଶିଖିବାର ନାହିଁ । କେବଳ ଦରିଦ୍ରତା ଘଞ୍ଚ ହେଉ ନାହିଁ ବୋଲି ହରବରରେ ପଡ଼ିଅଛନ୍ତି ।

---

ଅନୁଗୁଳର ପ୍ରଜାମାନେ ମାନ୍ୟବର ଷ୍ଟେଟ୍‌ଲାଟ୍‌ଙ୍କ ନିକଟକୁ ଏକ ଆବେଦନପତ୍ର ପଠାଇଅଛନ୍ତି । ତହିଁରେ ଗତଦୁଇବର୍ଷକୁ ଫସଲହାନି ସେମାନେ ଭାରି କଷ୍ଟଭୋଗ କରୁଥିବା ଏବଂ ଏବର୍ଷ ଅନ୍ନକଷ୍ଟରେ ଶତାଧିକ ମନୁଷ୍ୟ ପ୍ରାଣ ହରାଇବା ଓ ରବିଫସଲର ମଧ୍ୟ ଆଶା ନ ଥିବାର ବର୍ଣ୍ଣନାକରି ମାନ୍ୟବର ମହୋଦୟ ସମ୍ପ୍ରତି ଓଡ଼ିଶାକୁ ଆସିଥିବାରୁ ହୁନ୍ତ କଷ୍ଟକୁ ବସ୍ତୁଜମାନ ହୋଇ ସେମାନଙ୍କ ଅବସ୍ଥା ସ୍ୱୟଂ ଦେଖିବାକାରଣ ଅନୁରୋଧ କରିଅଛନ୍ତି ଏବଂ ଶେଷରେ ଲେଖିଅଛନ୍ତି କି "ହୁଜୁର ଆମ୍ଭମାନଙ୍କଅବସ୍ଥା ତଦନ୍ତକରି ସନ ୧୨୯୫ ସାଲର ମାଫିକର ବାଦେ ବାକି ଆଦାୟ ଓ ସନ ୧୨୯୬ ସାଲର ସମୁଦାୟ କର ମାଫ ଦୟାକରି ଆମ୍ଭମାନଙ୍କ ପ୍ରାଣରକ୍ଷାର୍ଥେ ଉଚିତ ସାହାଯ୍ୟ (ଧାନ ଓ ଟଙ୍କା ଧାର) ପ୍ରଦାନ କରିବାକାରଣ ଏ ପ୍ରାର୍ଥନାପତ୍ର ଡାକଯୋଗେ ପ୍ରେରଣ କଲୁଁ" । ଦୁର୍ଭିକ୍ଷନାମରେ ମହୋଦୟ ଯେପରି ବିରକ୍ତ ତାହାଙ୍କୁ ବୁଝାଇବା ସହଜକଥା ନୁହଇ । ଭଗବାନଙ୍କ କଳା ଅନୁଗ୍ରହରେ ଅନୁଗୁଳ ବାସିଙ୍କର କଷ୍ଟ ନିବାରଣ ହେବାର ଆଶା ଦେଖୁନାହୁଁ ।

---

ଷ୍ଟେଟ୍‌ଲାଟ୍ ବାହାଦୁର ଏ ନଗରରେ ପ୍ରବେଶ ହୋଇ ମିଉନିସିପଲ କମିଶ୍ନରମାନଙ୍କ ଅଭିନନ୍ଦନପତ୍ର ଶ୍ରବଣ ଏବଂ ତହିଁର ଉତ୍ତର ପ୍ରଦାନକରି ଯେତେବେଳେ ଉକ୍ତ କମିଶ୍ନରମାନଙ୍କ ସହିତ ସଦାଳାପ କଲେ ସେତେବେଳେ କହିଲେ କି "ଭରସା କରୁଁ ଆପଣମାନଙ୍କ ସହିତ ଦରବାରରେ ଭେଟ ହେବ" । କମିଶ୍ନରମାନେ ଏଥିର କିଛି ଉତ୍ତର ଦେଲେ ନାହିଁ କାରଣ ସେମାନେ ମନେ୨ ଜାଣିଥିଲେ ଯେ ବଙ୍ଗୀୟ କମିଶ୍ନରସକଳ ମିଉନିସିପଲ କମିଶ୍ନରଙ୍କୁ ଦରବାରକୁ ଆମନ୍ତ୍ରଣ କର ନାହାନ୍ତି ଅଥଚ ତାହା ପ୍ରକାଶ କରିବାକୁ ତମ୍ଭୂଲ୍କା ମାଡ଼ିଲା । ଆମ୍ଭେମାନେ ଭରସା କରୁଁ ସ୍ଥାନୀୟହାକିମମାନେ ବୁଝିପାରିଥିବେ ଯେ ମିଉନିସିପଲ କମିଶ୍ନରଙ୍କୁ ଆମନ୍ତ୍ରଣ ନ କରିବା ଅତ୍ୟନ୍ତ ଅନ୍ୟାୟ ଏବଂ ତାହା ଷ୍ଟେଟ୍‌ଲାଟ୍‌ଙ୍କର ଇଚ୍ଛାବିରୁଦ୍ଧ ହୋଇଅଛି । ଯାହା ହେଉ ଷ୍ଟେଟ୍‌ଲାଟ୍‌ଙ୍କ କଥାରେ କମିଶ୍ନରମାନଙ୍କର କ୍ଷୋଭ ନିବୃତ୍ତ ହେଲା । ଏବଂ ଆମ୍ଭେମାନେ ମଧ୍ୟ ଏଥିରେ ସନ୍ତୁଷ୍ଟ ହେଲୁଁ ।

---

ଏ ଜିଲ୍ଲା ଅନ୍ତର୍ଗତ ଅହିୟାସ ଗ୍ରାମରେ ଉକ୍ତ ଗ୍ରାମ ଓ ନିକଟସ୍ଥ ଅନ୍ୟାନ୍ୟ ଗ୍ରାମବାସିମାନେ ଗତମାସ ତା ୪ ଉଣ୍ଡରେ ଏକସଙ୍ଗ

Digitized by srujanika@gmail.com

କରିଥିଲେ ଏବଂ ମାନ୍ୟବର ଲେପ୍ଟେନାଣ୍ଟ ବାହାଦୁରଙ୍କୁ ତାଂ ଦୁଃଖ ଜଣାଇବାର ଉଚିତ ମନ୍ତ୍ରଣାରେ ତହିଁର ନିଶ୍ଚୟ ହୋଇଥିଲା । ସଭାରେ ସ୍ଥିର ହେଲା ଯେ ବାସ୍ତବାଉନ୍ନତ୍ରି କାଏମାପ୍ରଗନାମାନଙ୍କର ଧାନ ବିଶେଷ ନଷ୍ଟ ହୋଇଅଛି । ଯାହା ଆସୁ ହେବ ତହିଁରେ ଛମାସ କଷ୍ଟରେ ଚଳନ୍ତି ଶେଷଛମାସ ବଡ଼ କଷ୍ଟ ହେବ ଏବଂ ସେସମୟରେ ସାହାଯ୍ୟକାର୍ଯ୍ୟ ଫିଟାଇବାର ଆବଶ୍ୟକ ହେବ ଅତଏବ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା ଯେ ପୂର୍ବରୁ ତହିଁର ବନ୍ଦୋବସ୍ତ କରିବେ । ଏପର ଲୁଣପୋକ୍ତାନୀ ଏ ଜିଲ୍ଲାରେ ବନ୍ଦ ହେବାରୁ ଲୁଣର ମୂଲ୍ୟ ଅତ୍ୟନ୍ତ ଉଚ୍ଚ ହେବାରୁ ଲୋକଙ୍କୁ ବଡ଼ ବାଧୁଅଛି ଏବଂ ଯେଉଁମାନେ ଲୁଣ ପୋକ୍ତାନ କରି ଜୀବିକା ନିର୍ବାହ କରୁଥିଲେ ସେମାନେ ଜୀବିକାହୀନ ହୋଇ ବଡ଼ ଦୁଃଖ ପାଉଅଛନ୍ତି । ଏ ଜିଲ୍ଲାର ସମସ୍ତ ଅଞ୍ଚଳରେ ପୂର୍ବପର ଲୁଣ ପୋକ୍ତାନ ହେବା ବିଷୟରେ ଗବର୍ଣ୍ଣମେଣ୍ଟ ଦୟାକରି ଆଦେଶ ପ୍ରଦାନ କରନ୍ତୁ । ମୋଫସଲର ସ୍ଥାନେ ସ୍ଥାନେ ଏପର ସଭା ହେବାର ଭଲ ଏବଂ ଅଧିବାସୀମାନଙ୍କୁ ଏଥିରେ ଯତ୍ନବାନ ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ ।

---

ଗତ ଶନିବାର ରାତ୍ରରେ ବାବୁ ମଧୁସୂଦନଦାସଙ୍କ ଗୃହରେ ଏଠା ଜଗନ୍ନାଥଥିଏଟରଦଳମାନେ ଆଦର୍ଶସତୀ ନାମକ ନାଟକ ଓ 'ବଣ୍ଡୁଳପଣ୍ଡିତ ଦର୍ପ' ନାମକ ପ୍ରହସନର ଅଭିନୟ କରିଥିଲେ । ନାଟକଟି ସାବିତ୍ରୀ ଓ ସତ୍ୟବାନର ଉପାଖ୍ୟାନ ଥିଲା । ସାବିତ୍ରୀ ଯେ ଆଦର୍ଶସତୀର ଦୃଷ୍ଟାନ୍ତ ଓ ସ୍ତ୍ରୀମାନଙ୍କ ଶିକ୍ଷାର ଆଦର୍ଶ ସମସ୍ତେ ସ୍ୱୀକାର କରନ୍ତି ଓ ଏ ଉପାଖ୍ୟାନ ରଙ୍ଗାଳୟରେ ଅଭିନୟ ହେବାରେ ନାରୀ ଚିତ୍ତକୁ ବିଶେଷ ଆକୃଷ୍ଟ କରିବାର ସମ୍ଭାବନା । ଏ ଅଭିନୟ ସ୍ତ୍ରୀମାନଙ୍କ ଦର୍ଶନାର୍ଥେ ବନ୍ଦୋବସ୍ତ କରିଥିଲେ ଉତ୍ତମ ହୋଇଥାନ୍ତା ଓ ତାହା ହେବାର ଉଚିତ । ଅଭିନୟକାର୍ଯ୍ୟଟି ଯେପରି ହେବା ଉଚିତ ହୋଇ ନ ଥିଲେହେଁ ବାଳକମାନଙ୍କ ଉଦ୍ୟମ ନିରୁତ୍ସାହଜନକ ନୁହଇ ଏବଂ ଭବିଷ୍ୟତରେ ଉତ୍ତମ ହେବାର ଲକ୍ଷଣ ଜଣାଯାଉଅଛି । ପ୍ରହସନଟିରେ ବର୍ତ୍ତମାନସମୟର ବଙ୍ଗ ହିନ୍ଦୁଯୁବକର ଦୃଷ୍ଟାନ୍ତ ଚିତ୍ରିତ ହୋଇଅଛି । ଇଂଲଣ୍ଡ ପ୍ରତ୍ୟାଗତ କରିବାକୁ ଯୁବକମାନଙ୍କୁ ଯେଉଁ ହିନ୍ଦୁମାନେ ଗ୍ରହଣ କରିବାକୁ ଆପତ୍ତି କରନ୍ତି ସେମାନେ ପୁଣି ପକ୍ଷରେ ହିନ୍ଦୁ ଧର୍ମରତ ବିପରୀତକାର୍ଯ୍ୟ ଇଂରେଜି—ଲଳନା ସେବା କାର୍ତ୍ତିକପୂଜା ଓ ମଦ୍ୟପାନରେ ପ୍ରବୃତ୍ତ ହୁଅନ୍ତି ଏ ପ୍ରହସନ ଉତ୍ତମରୂପେ ଅଭିନୟ ହୋଇଥିଲା ଓ ଦର୍ଶକବୃନ୍ଦ ଅତିଶୟ ଆନନ୍ଦ ଉପଭୋଗ କରିଥିଲେ ।

ବାଳକମାନେ ନିର୍ଦ୍ଦୋଷ ଆମୋଦ ଯେତେ କରିପାରନ୍ତି ଆମ୍ଭେମାନେ ତହିଁରୁ ବଞ୍ଚିତ କରିବାକୁ ଇଚ୍ଛା କରୁଁ ନାହୁଁ କିନ୍ତୁ ପାଠାଭ୍ୟାସ ସମୟରେ ଥିଏଟରର ଅଭିନୟରେ ଯୋଗ ପ୍ରଦାନ କଲେ ପାଠର କୌଣସି ବ୍ୟାଘାତ ହୁଏ କି ନା ଏକଥା ସେମାନଙ୍କର ଓ ସେମାନଙ୍କ ଅଭିଭାବକମାନଙ୍କର ଭାବିବାର ବିଷୟ ଅଟଇ ।

---

ସ୍ୱର୍ଗଗାମୀ ରାଜା ଶ୍ୟାମାନନ୍ଦ ଦେ ବାହାଦୁରଙ୍କ ଆଦ୍ୟ ଶ୍ରାଦ୍ଧ ଯେରୂପ ସମାରୋହରେ ହୋଇଥିଲା ତହିଁର କେତେକ ବିବରଣ ଗତ ସମ୍ବାଦବାହିକାରେ ପ୍ରକାଶିତ ହୋଇଅଛି । ତାହାଙ୍କ ଜ୍ୟେଷ୍ଠପୁତ୍ର କୁମାର ବୈକୁଣ୍ଠନାଥ ଦେ ଅକାତରରେ ଧନ ବ୍ୟୟ କରି ଦାନସାଗର କରିଥିଲେ । ଦାନସାଗର ଅତିବୃହତ୍ ଏବଂ ବ୍ୟୟସାଧ୍ୟ ବ୍ୟାପାର ତେଣୁ ଓଡ଼ିଶାରେ ତାହା ସଚରାଚର ଦେଖାଯିବାର ଶୁଣିକ ଆଉ ବ ୨୦।୩୦ ବର୍ଷରେ ଗୋଟିଏ ଘଟିବା କଠିନ । ଦାନର ଦ୍ରବ୍ୟମାନ ମଧ୍ୟ ଉତ୍କୃଷ୍ଟ ପ୍ରକାର ଥିଲା । ଓଡ଼ିଶା ଓ ବଙ୍ଗଳାରୁ ଅନେକ ପଣ୍ଡିତ ବରଣ ହୋଇ ଆସିଥିଲେ । ଏପର ବ୍ରାହ୍ମଣ ବୈଷ୍ଣବ ଏବଂ କଙ୍ଗାଳୀ ପ୍ରାୟ ୧୬।୧୭ ହଜାର ଜୁଟି ହୋଇଥିଲେ । ନଗରବାସି ବ୍ରାହ୍ମଣମାନଙ୍କୁ ଆମନ୍ତ୍ରଣ ଓ ଟିକଟ ଦିଆଯାଇଥିଲା । ଏମାନଙ୍କ ସଂଖ୍ୟା କି ୭୦୦ ଶରୁ ଉଣା ନୁହେ । ଉତ୍ତମଭୋଜନ ସହିତ ଏମାନଙ୍କୁ ଜଣ ପ୍ରତି ଅଠଅଣା ଦକ୍ଷିଣା ଦିଆଗଲା । ଅନାହୂତ ସ୍ୱଚ୍ଛଶ୍ରେଣୀ ବ୍ରାହ୍ମଣ ପ୍ରାୟ ଦୁଇସହସ୍ର ଆସିଥିଲେ ଯେ ସେମାନଙ୍କୁ ଉପଯୁକ୍ତ ଭୋଜନ ଏବଂ ଦରିଦ୍ରତା ବିବେଚନାରେ ଏକ ଦୁଇ ବା ତିନି ଟଙ୍କାଲେଖାଏଁ ଦକ୍ଷିଣା ଦିଆଗଲା । ଅପର ବ୍ରାହ୍ମଣ ଓ କାଙ୍ଗାଳମାନଙ୍କୁ ଚୁଡ଼ା ମୁଢ଼ି ଉଖୁଡ଼ା ଗୁଡ଼ ଦୁଇଫଡ଼ା ମାଲପୁଆ ଓ ଦୁଇଟି ମିଠାଇ ବରଡ଼ା ଟୋକାଇରେ ସଜାଇ ଗୋଟାଏଲେଖାଏଁ ଦିଆଗଲା ଏବଂ ତହିଁ ସଙ୍ଗେ ବ୍ରାହ୍ମଣମାନଙ୍କୁ ଦୁଇଅଣା ଓ କଙ୍ଗାଳମାନଙ୍କୁ ଦୁଇଅଣା ଲେଖାଏଁ ବିଦାୟ ବିତରିତ ହୋଇଥିଲା । ଏତେମନୁଷ୍ୟ ଯୋଗୁଁ ବଡ଼ଭିଡ଼ ହୋଇଥିଲା ଏବଂ ଶାନ୍ତିରକ୍ଷା ନିମିତ୍ତ ମାଜିଷ୍ଟ୍ରେଟ ସାହେବ କନଷ୍ଟବଲ ଓ ପାଇକ ଯୋଗାଇଥିଲେ ।

ଆମନ୍ତ୍ରିତ ପଣ୍ଡିତମାନେ ତିନିଶ୍ରେଣୀରେ ବିଭକ୍ତ ହୋଇଥିଲେ । ୧ ମ ଶ୍ରେଣୀ ଟ ୩୦ ଙ୍କା ୨ ୟ ଶ୍ରେଣୀ ଟ ୨୦ ଙ୍କା ଏବଂ ୩ ୟ ଶ୍ରେଣୀ ଟ ୧୫ ଙ୍କା ଲେଖାଏଁ ନଗଦ ଓ ଯୋଡ଼ିଏ ବା ପଟେ ଲେଖାଏଁ ସାଲ ଇତ୍ୟାଦ ଓ ଯାହାର ଯେତେ ବାଟଖର୍ଚ୍ଚ ହେଲା ତାହା ବିଦାୟ ପାଇଅଛନ୍ତି । ଏମାନଙ୍କ ସିଧାସାମଗ୍ରୀ ଓ ବସାର ବନ୍ଦୋବସ୍ତ ଅତିଉତ୍ତମ ହୋଇଥିଲା ଏବଂ ସମସ୍ତେ ସନ୍ତୁଷ୍ଟ ହେବାର ଜଣା ଯାଉଅଛି ।

ଯେଉଁଠାରେ ଏତେଲୋକଙ୍କର ସମାରୋହ ସେଠାରେ ସମସ୍ତଙ୍କର ମନ ଯୋଗାଇବା ସହଜକଥା ନୁହଇ ଏବଂ କେହି କେହି ସେଥିପାଇଁ ଅସନ୍ତୋଷ ପ୍ରକାଶ କରିବାର ଅସମ୍ଭବ ନୁହଇ । ମାତ୍ର ଆମ୍ଭେମାନେ ଯେପର୍ଯ୍ୟନ୍ତ ବୁଝିଅଛୁଁ ମୋଟରେ କୁମାର ଏ ବୃହତ ବ୍ୟାପାରରେ ପ୍ରଶଂସନୀୟରୂପେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ଏଥିପାଇଁ ତାହାଙ୍କ ମଙ୍ଗଳବାଦ ପ୍ରଦାନ କରୁଅଛୁଁ ।

---

## ପୁରୀର ବଡ଼ଛତା ।

ଆମ୍ଭେମାନେ ପୁରୀରୁ ସମ୍ବାଦ ପାଇଅଛୁଁ ଯେ ବଡ଼ଛତା ଉଠାଇବା ବିଷୟରେ ସେଠା ମିଉନିସିପାଲିଟି ଯେଉଁ ଅଙ୍ଗୀକାର କରିଥିଲେ ତାହା ସ୍ଥିର ରହିପାରିଲା ନାହିଁ । ମାନ୍ୟବର ଲେପ୍ଟେନାଣ୍ଟ ବାହାଦୁରଙ୍କ ଅନୁଗ୍ରହରୁ ବଡ଼ଛତ, ଯେଉଁଠାରେ ଥିଲା ସେଠାରେ ସ୍ଥିର ରହିଲା, ବୈରାଗିମାନେ ଛତାପୋତି ପୂର୍ବପ୍ରାୟ କାମ କରୁଅଛନ୍ତି କେବଳ ପୂର୍ବେ ଯେତେସ୍ଥାନ ଅଧିକାର କରିଥିଲେ ସେଥିରୁ କେତେ ସଙ୍କୁଚିତ ଘଡ଼ିଦେଲେ । ତତ୍ପର ଏହି ଶୁଭକାର୍ଯ୍ୟଟି ସଙ୍ଗତ ହେଲା ଆମ୍ଭେମାନେ ଠିକ ଅବଗତ ହୋଇ ନାହୁଁ । ମାନ୍ୟବର ମହୋଦୟ ଏଠାରେ ଥିଲାବେଳେ କେହି ଭଦ୍ରଲୋକ ତାହାଙ୍କୁ ବଡ଼ଛତାବିଷୟ ଜଣାଇବାରେ ସ୍ଥାନୀୟ ହାକମମାନେ ତହିଁର ବିଚାର କରିବେ ବୋଲି ଶ୍ରୀମୁଖରୁ ଆଜ୍ଞା ହୋଇଥିଲା । ଏଥିକୁ ସ୍ଥାନୀୟ ହାକମମାନେ ଏହିକଥା ଧରିଥିଲେ କି ଯେସ୍ଥଳେ ହିନ୍ଦୁକମିସ୍ନରମାନେ ବଡ଼ଛତା ଉଠିଯିବାର ମତ ଦେଇଥିଲେ ଏବଂ ନଗରବାସି ହିନ୍ଦୁମାନେ ସେମାନଙ୍କୁ ପ୍ରତିନିଧି ନିର୍ବାଚନ କରିଥିଲେ ସେସ୍ଥଳେ ହିନ୍ଦୁମାନଙ୍କର ମତ ହୋଇଅଛି—ବୋଲି ଉଦ୍ଧାର ହୋଇପାରି ନ ପାରେ ।

Digitized by srujanika@gmail.com

ଅତଏବ ଦେଖାଯାଉଅଛି ଯେ ହିନ୍ଦୁକମିଶ୍ନରମାନେ ଏ କାଣ୍ଡର ମୂଳାଧାର ଅଟନ୍ତି ଏବଂ ସେମାନଙ୍କ ମଧ୍ୟରେ ବାବୁ ତାରକାନ୍ତ ବିଦ୍ୟାସାଗର ଜଣେ ଥିବାରୁ ଅଧିକତର ଅନିଷ୍ଟ ହୋଇଥିଲା । ଏପ୍ରକାର ହିନ୍ଦୁମତ ହେବାସ୍ଥଳେ ବିଦେଶୀୟ ହାକମମାନଙ୍କର ଦୋଷ ଦିଆଯାଇ ନ ପାରେ । ବୋଧ ହୁଅଇ ମାନ୍ୟବର ଷ୍ଟେଟ୍ଲାଟ ଏବଂ କମିଶ୍ନରପ୍ରଭୃତି ପୁରୀକୁ ଯାଇ ବୁଝିପାରିଲେ ଯେ କମିଶ୍ନରମାନେ ସାଧାରଣ ହିନ୍ଦୁଙ୍କ ମତ ପ୍ରକାଶ ନ କରି କେବଳ ମାଜିଷ୍ଟ୍ରେଟ ସାହେବଙ୍କ ମନରଖା କଥା କହିଥିଲେ ତେଣୁ ହିନ୍ଦୁଧର୍ମପ୍ରତି ଅଯଥା ଆକ୍ରମଣପୂର୍ବକ ସକଳ ହିନ୍ଦୁଙ୍କର ମନସ୍ତାପ ବଢାଇବାରୁ କ୍ଷାନ୍ତ ହେଲେ । ଷ୍ଟେଟ୍ଲାଟ ବାହାଦୁରଙ୍କର ଏହି କାର୍ଯ୍ୟଟି ତାହାଙ୍କ ଶୁଭାଗମନର ଚିରସ୍ଥାୟୀ କୀର୍ତ୍ତିସ୍ୱରୂପ ରହିଲା ଏବଂ ଏଥିପାଇ ସେ ଚିରକୃତଜ୍ଞ ହେଲେ ସନ୍ଦେହ ନାହିଁ । ହିନ୍ଦୁମାନେ ମୋକଦମା ନ କରି ଶତ୍ରୁନ୍ତେ ନାହିଁ ଏବଂ ତହିଁରେ ମିଉନିସିପାଲିଟିର ଖର୍ଚ୍ଚ ହୋଇଥାନ୍ତା । ମିଉନିସିପଲ-କମିଶ୍ନରଙ୍କର ଏହି କନ୍ଦନୀୟ କାର୍ଯ୍ୟସମ୍ପର୍କରେ ଅମ୍ଭେମାନେ ଖଣ୍ଡିଏ ପ୍ରେରିତପତ୍ର ପାଇଅଛୁଁ ମାତ୍ର ଉଥାତି ନିଷ୍ପତ୍ତି ହୋଇ ଯାଇଥିବାରୁ ଆଉ ତାହା ପ୍ରକାଶ କରିବାର ଆବଶ୍ୟକ ନାହିଁ । ନଗରବାସିଙ୍କୁ ପ୍ରାର୍ଥନା ଯେ ଏଣିକି କମିଶ୍ନର ନିର୍ବାଚନବିଷୟରେ ଖୁବ ସତର୍କ ହେବେ ଯେପରି କ ପରହେଳି ଭୂମୀର ପାଳନ୍ତି ସେମାନଙ୍କୁ ଗ୍ରାସ ନ କରେ । ସ୍ୱାଧୀନମତ ନିରପେକ୍ଷ ବିବେକଲୋକଙ୍କୁ ନିର୍ବାଚନ କରିବାର ଉଚିତ । ଯେଉଁମାନେ ଆପଣାର ସ୍ୱାର୍ଥନିମିତ୍ତ ଦେଶର ହିତାହିତ ଚିନ୍ତା କରନ୍ତି ନାହିଁ ଓ କେଷ୍ଟ ରାଜପ୍ରସାଦ ଲାଭ କରିବା ଆଶାରେ ଧର୍ମକର୍ମ ସବୁ ତ୍ୟାଗ କରିବାକୁ ପ୍ରସ୍ତୁତ ସେମାନଙ୍କ ହାତରେ ଆତ୍ମଶାସନ କାର୍ଯ୍ୟ ଗୁରୁଭାର ଦେବା କେମନ୍ତ ଅନ୍ୟାୟ ଏହି ବର୍ତ୍ତମାନବ୍ୟାପାରରୁ ନଗରବାସିମାନେ ବିଲକ୍ଷଣ ବୁଝି ପାରିଥିବେ ।

---

### ଓଡିଶାରେ ଷ୍ଟେଟ୍ଲାଟ ।

#### ଖୋର୍ଦ୍ଧା ।

ଗତମାସ ତା ୨୦ ରିଖ ମଙ୍ଗଳବାର ପ୍ରାତଃକାଳରେ କଟକରୁ ବିଦାୟ ହୋଇ ବେଳ ଘ ୧୦ ଟା ସମୟରେ ଖୋର୍ଦ୍ଧାରେ ପହଞ୍ଚିଲେ । ସେଠାରେ ମହୋଦୟଙ୍କ ଅଭ୍ୟର୍ଥନାର ବିଶେଷ ଆୟୋଜନ ହୋଇଥିଲା । ସଡ଼କମାନ ଫୁଲ ଗିଲାସ ପତାକା ଇତ୍ୟାଦିରେ ଅତି ମନୋହରରୂପେ ସୁସଜ୍ଜିତ ହୋଇଥିଲା ଏବଂ କୋଠି ସମ୍ମୁଖରେ ସାମିୟାନାସାହାଯ୍ୟରେ ଗୋଟିଏ ମଣ୍ଡପ ହୋଇଥିଲା । ସେଠାରେ ମହୋଦୟ ପ୍ରବେଶ ହୋଇ ଉପସ୍ଥିତ ଭଦ୍ରଲୋକଙ୍କ ସହିତ ଆଳାପ କରି ଆସନଗ୍ରହଣ କଲାରୁ ସରବରାକାର ପ୍ରଜା ମହାଜନ ଓ ଅପର ନିବାସିଙ୍କର ଅଭିନନ୍ଦନପତ୍ର ପଠିତ ହେଲା ଏବଂ ତହିଁର ଉତ୍ତର ପ୍ରଦାନ କରି ଆପଣା ବସାକୁ ବିଜେ କଲେ । ଅଭିନନ୍ଦନପତ୍ରରେ କାଳୋଚିତ ବନ୍ଦନା ଓ ମଙ୍ଗଳବାଦ ଉତ୍ତାରୁ ଦୁର୍ଭିକ୍ଷପୀଡିତ ବ୍ୟକ୍ତିଙ୍କୁ ପ୍ରୟୋଜନାନୁସାରେ ସାହାଯ୍ୟଦାନ ହୋଇଥିବା ହେତୁ ଧନ୍ୟବାଦ ପ୍ରଦାନ ଏବଂ ଜଙ୍ଗଲନିୟମମାନ ସଂଶୋଧନ ରେଲବାଟ ନିର୍ମାଣ ଏବଂ ଖୋର୍ଦ୍ଧା ସ୍କୁଲକୁ ପ୍ରବେଶିକା ସ୍କୁଲ କରିବାର ପ୍ରାର୍ଥନା ହୋଇଥିଲା । ମହୋଦୟ ତହିଁର ଉତ୍ତରରେ ଅଭ୍ୟର୍ଥନା ଓ ରାଜଭକ୍ତିରେ ସନ୍ତୋଷ ଓ କୃତଜ୍ଞ ପ୍ରକାଶ କରି ଜଙ୍ଗଲନିୟମ ପ୍ରଭୃତି କର୍ତ୍ତବ୍ୟ କରିବାର କହିଥିଲେ ।

ଦିନମାନ ବିଶ୍ରାମ କରି ସନ୍ଧ୍ୟା ଘ ୬ ଟା ସମୟରେ ମହୋଦୟ ପଦବ୍ରଜରେ ସରକାରୀ କଚେରୀ ସ୍କୁଲପ୍ରଭୃତି ସାଧାରଣ ମନ୍ଦିରମାନ ଦେଖିଲେ । ସେ ସମୟରେ ସଡ଼କର ଦୁଇପାଖରେ ରୋସନାଇ ଖଞ୍ଜା ହୋଇ ସମସ୍ତ ମାର୍ଗ ମନୋହରରୂପେ ଅଲଙ୍କୃତ ହୋଇଥିଲା । ପରିଦର୍ଶନ କାର୍ଯ୍ୟ ସମାପ୍ତ କରି ସ୍ପଷ୍ଟ ଘ ୯ ଟା ସମୟରେ ଶ୍ରୀଯୁକ୍ତ ଟେଲର ସାହେବଙ୍କ କୋଠି ବାରନ୍ଦାରେ ବସି ଆତସବାଜି ଦେଖିଲେ । ଆତସବାଜି ମଧ୍ୟ ଅନେକ ପ୍ରକାର ହୋଇଥିଲା । ସଂକ୍ଷେପ ଅଭ୍ୟର୍ଥନାର ଅନୁଷ୍ଠାନ ଯେପ୍ରକାରରେ ହୁଅଇ ଖୋର୍ଦ୍ଧାରେ ତାହା ପୂର୍ଣ୍ଣରୂପେ ହୋଇଥିଲା । ଆରଦିନ ସକାଳେ କେତେଜଣ ସରବରାକାରଙ୍କ ସଙ୍ଗେ ସାକ୍ଷାତ କରି ଘ ୧୦ ଟା ସମୟରେ କଗିଡ଼ାକରେ ପୁରୀକୁ ଯାତ୍ରା କଲେ ବାଟର ଏରନ୍ଥାନିରେ ପ୍ରାୟ ଦୁଇହଜାର ପ୍ରଜା ଆପଣା ଦୁଃଖ ଜଣାଇବା ଓ ମରୁଡିରେ ମରିଯାଇଥିବା ଧାନଗଛ ଦେଖାଇବା ଆଶାରେ ଛିଡ଼ା ହୋଇଥିଲେ ମାତ୍ର ପୁରୀର ମାଜିଷ୍ଟ୍ରେଟ ସାହେବ ସ୍ୱୟଂ ଦୌଡି ଆସି ଏବଂ ପୁଲିସ ଉପରେ ଛମି କରି ସେମାନଙ୍କୁ ଘଉଡ଼ି ଦେଲେ ସୁତରାଂ ସେମାନେ କିଛି କହିପାରିଲେ ନାହିଁ ଏବଂ ମହୋଦୟପ୍ରଭୃତି ସାହେବମାନେ ତାହା ଦେଖି ମୁଖା କିଛି କହିଲେ ନାହିଁ । କଥିତ ହୁଅଇ ଯେ ନଜ ଖୋର୍ଦ୍ଧାରେ ମୁଖା ପ୍ର ।ମାନେ ଦୁଃଖ ଜଣାଇବାକୁ ଚେଷ୍ଟା କରିଥିଲେ ମାତ୍ର ଅବକାଶ ପାଇଲେ ନାହିଁ ।

---

#### ପୁରୀ ।

ତା ୨୧ ରିଖ ବୁଧବାର ଖୋର୍ଦ୍ଧାରୁ ବିଦାୟ ହୋଇ ଅପରାହ୍ନ ଘ ୩ ଟା ସମୟରେ ପୁରୀରେ ପହଞ୍ଚିଲେ ଏ ସ୍ଥାନର ଅଭ୍ୟର୍ଥନାର ଆୟୋଜନ ଅତି ସାମାନ୍ୟ ପ୍ରକାର ହୋଇଥିଲା । ସଡ଼କର ଦୁଇପାଖରେ ଠାବେ୨ କଦଳୀଗଛ ଓ ପତାକା ପୋତାଯାଇଥିଲା ଓ କେବଳ ପୂର୍ଣ୍ଣକଳଶ କିଛି ଅଧିକ ପରିମାଣରେ ବସିଥିଲା । ସରକ୍ୟୁଟହାଉସ ସମ୍ମୁଖରେ ମିଉନିସିପଲ କମିଶ୍ନରମାନେ ଅଭିନନ୍ଦନପତ୍ର ପାଠ କଲେ । ସେ ସ୍ଥାନରେ ଖଣ୍ଡେ ଶତରଞ୍ଜି ସୁଦ୍ଧା ନ ଥିଲା । କେବଳ ସତରଞ୍ଜି ବିଛାଯାଇଥିଲା ଏବଂ ମହୋଦୟଙ୍କ ବସିବା କାରଣ ଉପଯୁକ୍ତ ଆସନ ମଣ୍ଡିତ ହେବାର ତେଣିକି ଥାଉ ଖଣ୍ଡେ ଚୌକି ସୁଦ୍ଧା ପୂର୍ବରୁ ପଡି ନ ଥିଲା । ଅଭିନନ୍ଦନପତ୍ରରେ ସମୟୋଚିତ ବର୍ଣ୍ଣନା ଉତ୍ତାରୁ ଜଙ୍ଗଲବିଷୟକ କଠିନ ନିୟମମାନ ଚିରସ୍ଥାୟୀରୂପେ ଶିଥିଳ କରି ଦେବା ପୁରୀକୁ ରେଲବାଟ ଫିଟାଇବା ଏବଂ ନଗରମଧ୍ୟରେ ସଫାଇନାଳ ନିର୍ମାଣ ଏବଂ ପାନୀୟଜଳ ଯୋଗାଇବାର ପ୍ରାର୍ଥନା ଥିଲା । ଅଭିନନ୍ଦନପତ୍ରରୁ ଜଣା ଗଲା ଯେ ବିଶାଘର ପାଣ୍ଠିରୁ ଉପଯୁକ୍ତ ସାହାଯ୍ୟ ପାଇବାରୁ ମିଉନିସିପାଲିଟୀ ସଫାଇନାଳ ନିର୍ମାଣ କାର୍ଯ୍ୟାରମ୍ଭ କରିଅଛନ୍ତି ଏବଂ କେତେକ ବର୍ଷ ମଧ୍ୟରେ ତାହା ସମ୍ପୂର୍ଣ୍ଣ ହେବାର ଆଶା ଅଛି ମାତ୍ର ଜଳ ଯୋଗାଇବା କାର୍ଯ୍ୟ ନିମିତ୍ତ ସ୍ଥାନୀୟ ପାଣ୍ଠିଦ୍ୱାରା ପ୍ରଚୁର ଅର୍ଥ ମିଳିବାର ସମ୍ଭାବନା ନାହିଁ କେବଳ ମହୋଦୟଙ୍କ ଅନୁଗ୍ରହ ହେଲେ ଏହି ବିସ୍ତୀର୍ଣ୍ଣ ଦେଶରୁ ପ୍ରୟୋଜନୀୟ ଅର୍ଥ ସଂଗ୍ରହ ହୋଇପାରିବ । ମହୋଦୟ ଏଥିର ଉତ୍ତରରେ କହିଲେକି ସେ ଏତେବାଟ ଆସି କ୍ଳାନ୍ତ ହୋଇଥିବାରୁ ବକ୍ତୃତା କରିପାରିବେ ନାହିଁ ଏବଂ ଅଭିନନ୍ଦନପତ୍ରରେ ଯେ ସକଳ କଥା ଲେଖା ଅଛି ତହିଁର ଉତ୍ତର ଦେବାକୁ ମନ ବଳୁ ନାହିଁ । କେବଳ ଜଙ୍ଗଲନିୟମସମ୍ପର୍କରେ କହିଲେକି ଖୋର୍ଦ୍ଧାରେ ସ୍ଥାନୀୟ କର୍ମଚାରୀଙ୍କ ସହିତ ପରାମର୍ଶ କରିଅଛନ୍ତି ଏବଂ ସେସମ୍ପର୍କୀୟ କାଗଜପତ୍ର ତାହାଙ୍କ

Split by PDF Splitter

Digitized by srujanika@gmail.com

ହସ୍ତକ୍ଷେପରେ ଅସିଅଛ । ଶୀଘ୍ର ଏ ବିଷୟରେ ବହୁତ ଆଦେଶ ପ୍ରଦାନ କରିବେ । ଏଣ୍ଟହିଲରୁ ବଡ଼ଲୋକମାନଙ୍କ ବିଦାୟ ଦେଇ କୋଠିରେ ବିଶ୍ରାମ କଲେ । ଅପରଦିନ ସକାଳବେଳେ କଚେରୀ ଓ ଅନ୍ୟାନ୍ୟ ସାଧାରଣ କାର୍ଯ୍ୟାଳୟମାନ ଏବଂ ଗୁଣ୍ଡିଚାମନ୍ଦିର ଓ ନଗରଦର୍ଶନ କରି ଅପରାହ୍ଣରେ ସ୍କୁଲର ପୁରସ୍କାର ବଣ୍ଟନକାର୍ଯ୍ୟ ସମାଧା କଲେ ଏବଂ ପାଞ୍ଚଘଣ୍ଟା ସମୟରେ ପଢ଼ାଘରେ ତାହାଙ୍କୁ ଭୋଜି ଦେଲେ । ସନ୍ଧ୍ୟାରେ ବଡ଼ଘରରେ ପହଞ୍ଚିଥିବେ । ଶୁକ୍ରବାର ଓ ଶନିବାର ଦୁଇଦିନ ବଡ଼ଘର ଓ କୋଷ୍ଟକେନାଲସ୍ଥିତ ମଧ୍ୟରେ ଅବସ୍ଥିତ କରି ବାଲେଶ୍ୱରରେ ଗତ ରବିବାର ସକାଳ ସାଢ଼େ ୮ଟା ସମୟରେ ପ୍ରବେଶ ହେଲେ । ସେଠାର ବିବରଣ ଆଗାମୀରେ ପ୍ରକାଶିତ ହେବ । ପୁରୀର ମିଉନିସିପଲ କମିଶନରମାନେ ଯେମନ୍ତ ଅଭ୍ୟର୍ଥନା କରିବାର ଉଚିତ ତେମନ୍ତ ହୋଇଥିଲା ଏବଂ ଲେପ୍ଟେନାଣ୍ଟ ଗବର୍ଣ୍ଣରେ ତୃପ୍ତ ହେବାର ଜଣାଗଲା ନାହିଁ । ବାସ୍ତବରେ ସେଠା ମିଉନିସିପଲ କମିଶନରଙ୍କ କାର୍ଯ୍ୟ ଦେଖି ଜଣାଯାଉଅଛି ଯେ ସେମାନେ ଅତ୍ମଶାସନ ଅଧିକାର ପାଇବାର ଯୋଗ୍ୟ ନୁହନ୍ତି । ପ୍ରାୟ ବଙ୍ଗଳାର ଅନ୍ୟ କୌଣସି ସ୍ଥାନରେ ଅତ୍ମଶାସନ ଏପରି ବିଫଳ ହୋଇ ନାହିଁ ।

---

## ଉଷା ।

ଏହି ନାମରେ ବାବୁ ରାଧାନାଥ ରାୟଙ୍କ ବିରଚିତ ଖଣ୍ଡିଏ ପଦ୍ୟମୟ ପୁସ୍ତିକା ଅମ୍ଭେମାନେ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହା ଏକାଗରସ୍ଥ ଉତ୍କଳ ଯନ୍ତ୍ରରେ ମୁଦ୍ରିତ ଏବଂ ଉଦ୍ଦ୍ୟୋଗୀ ବାଲେଶ୍ୱର ନ୍ୟାସନାଲ ସ୍କୁଲର ହେଡ଼ମାଷ୍ଟରଙ୍କ ନାମରେ ଉତ୍ସର୍ଗିତ ହୋଇଅଛି । ଉତ୍ସର୍ଗପତ୍ରରେ ଲେଖା ଅଛି ଯେ ନ୍ୟାସନାଲ ସ୍କୁଲରେ ଅଧ୍ୟାପକ ଉକ୍ତ ମହାଶୟଙ୍କ ଗୁଣଗ୍ରାହିତାର ଗୁଣ ସ୍ମରଣ କରିଅଛନ୍ତି ଏବଂ ଏପରି ପ୍ରକୃତ ସାର୍ଥକ ଉପାଧି ପୃଥିବୀରେ ଅନ୍ୟ କୌଣସିଠାରେ ଦେଖି ନ ଥିବାରୁ ସେମାନଙ୍କ ଯଥାର୍ଥ ପ୍ରଶଂସା କରିଅଛନ୍ତି ।

କବିତାର ମୂଳ ବିବରଣ ଏହି ଯେ ଶୂରସେନ ରାଜ୍ୟର ନୃପତି ଥିଲେ । ଉଷାଙ୍କ ନାମରେ ତାହାଙ୍କର ଏକମାତ୍ର କନ୍ୟା ଥିଲା । ଉଷାଙ୍କୁ କ୍ଷଣମାତ୍ର ଦୃଷ୍ଟିରୁ ଅନ୍ତର କରି ନ ଦେଇ ବୋଲି ରାଜା ମୃଗୟାକୁ ମଧ୍ୟ କନ୍ୟାକୁ ସଙ୍ଗରେ ନେଇ ଯାଉଥିଲେ । ସଙ୍ଗରେ ଉଷା ଗଡ଼ି ପ୍ରକୃତିର ଶୋଭାଦର୍ଶନ ଅବଲମ୍ବନ କରି ସର୍ବଦା ଅରଣ୍ୟରେ ଭ୍ରମି ବିହାର କରିବାରେ ପ୍ରମତ୍ତ ଥିଲେ । ଯୌବନକାଳ ଆରମ୍ଭ ହେବାରୁ ଉଷା ପଣ କଲେ ଯେ ଯେଉଁ ରାଜପୁତ୍ର ତାହାଙ୍କୁ ଦୌଡ଼ିବାରେ ଜିଣିବ ତାହାଙ୍କୁ ବିବାହ ହେବେ ଓ ଯେ ହାରିବ ତାହାର ଶିରଚ୍ଛେଦନ ହେବ । ଉଷାର ରୂପଲାବଣ୍ୟରେ ମତ୍ତ ହୋଇ ଅନେକ ରାଜପୁତ୍ର ନାନାଦେଶରୁ ଆସି ଦୌଡ଼ି ଲଗାଇଲେ ମାତ୍ର ହାରି ଯାଇ ପ୍ରାଣ ବିସର୍ଜନ କଲେ । ପରିଶେଷରେ ସ୍ୱର୍ଗଦେଶ ଅନ୍ତର୍ଗତ ହେମପୁରର ରାଜକୁମାର ଜୟନ୍ତ କାର୍ତ୍ତିକେୟଙ୍କ ପ୍ରସାଦରୁ ସେହି ପଣରେ ଜୟଲାଭ କରି ଉଷାଙ୍କୁ ପ୍ରାପ୍ତ ହେଲେ ମାତ୍ର ବିବାହବେଦୀରେ ହାତ ଗଣ୍ଠି ପଡ଼ିବା ସମୟରେ କାର୍ତ୍ତିକେୟଙ୍କ ଦ୍ୱାରା ଦୁହିଙ୍କର ପ୍ରାଣ ବିୟୋଗ ହେଲା ।

କବି ଯେପରି ଏହି କବିତାକୁ ରଚନା କରିଅଛନ୍ତି ଅମଳ ପଢ଼ିଗଲେ ତାହାଙ୍କ ପରିଶ୍ରମ ଉତ୍ତମରୂପେ ଜଣାଯିବ । ପ୍ରକୃତରେ ଏହି କବିତା ବଡ଼ ଉତ୍କୃଷ୍ଟ ହୋଇଅଛି ଏବଂ ଏଥିର କରୁଣରସାଦିର ଅବତାରଣା ସ୍ଥାନେ ଯେମନ୍ତ ସୁକୌଶଳ ଓ ନିପୁଣତାସହିତ କରି ଯାଇଅଛି ଓ ଅଷ୍ଟସାତୁକର ବର୍ଣ୍ଣନା ଯେପରି ପରିପାଟୀରେ ହୋଇଅଛି ଶିକ୍ଷିତ ପାଠକମାନେ ଅବଶ୍ୟ ତାହାର ପ୍ରଶଂସା କରିବେ ସନ୍ଦେହ ନାହିଁ ।

ଅମ୍ଭମାନଙ୍କର ଜଣେ ବନ୍ଧୁ ଏପୁସ୍ତକ ସମ୍ବନ୍ଧରେ ଯାହା ଲେଖିଅଛନ୍ତି ପାଠକମାନଙ୍କ ଜାଣିବା କାରଣ ନିମ୍ନେ ପ୍ରକାଶିତ ହେଲା ଯଥା ।

"ବଡ଼ ସୁଖର ବିଷୟ ଯେ ପ୍ରସିଦ୍ଧ ସ୍କୁଲ ବାବୁ ରାଧାନାଥ ରାୟ ଭଲ୍‌କାୟୁ ସାହିତ୍ୟସଂସାରରେ "ଉଷା"ରୂପରେ ଅବତରଣ କରିଅଛନ୍ତି, ଦୁଇବର୍ଷ ହେଲା ଏହାଙ୍କର କବିତ୍ୱଶକ୍ତିର ବିକାଶ ଜଳସିତ ହେଉଅଛି, ପୂର୍ବେ ଅମ୍ଭେ ଅନୁମାନ କରି ଲେଖିଥିଲୁଁ ଯେ ଏ ମହାଶୟ ଉଚ୍ଚଶ୍ରେଣୀ କମ୍ପଦ ଲେଖିବାରେ ଉଦ୍ୟତ ହୋଇଅଛନ୍ତି ବୋଲି ଯାହା କାର୍ଯ୍ୟରେ ଫଳିବାର ଦେଖାଗଲା, ପୁଣି କୋଣାର୍କ ମନ୍ଦିରର ଦଣ୍ଡ ଏଥର ବାଲେଶ୍ୱର ଉଷାରେ ନିବଦ୍ଧ ହେଲା । ସ୍ଥୁଳତଃ ଅଭ୍ୟାସବଶରୁ ଉଷାର ଭାଷା ପୂର୍ବାପେକ୍ଷା ବହୁଗୁଣ ସୁନ୍ଦର ହୋଇଅଛି, କାଳିଦାସଙ୍କ ଉପନ୍ୟାସ ପରି ଉପଭୋଗ ହେଲେ ହେଁ ଉଷାର ଅଳଙ୍କାରପଦ୍ଧତି ପର୍ଯ୍ୟନ୍ତ ପୁସ୍ତିକାମାନଙ୍କ ଭଳି କରୁଅଛି, ମଧ୍ୟ ଉଷାକୁ ଯେ ସେ ପଢ଼ି ନେ ତାହାର ସମୁଦାୟ ଭାବ ଗ୍ରହଣ କରିବାକୁ ସମର୍ଥ ହେବେ ତାହା ନହେ ।

ଦୁଃଖରେ ରାୟ ମହାଶୟଙ୍କ ରଚିତ ପୁସ୍ତିକାବଳୀର ସାଦୃଶ୍ୟ ଦର୍ଶାଇଲେ ବୋଧ ହେବ ଯେ ରଘୁବଂଶ ଇଷ୍ଟୁଣ୍ଡର ପ୍ରୟୋଜନ ନିର୍ମଳ ଉଙ୍ଗମରମରଶିଳାର ମନ୍ଦିର ଓ କନ୍ଦର ମୂର୍ତ୍ତି ବିଶେଷ ? କେଦାରଗୌରୀ ଅଙ୍ଗାଲୁହୀ ମାନସିକ ପ୍ରେମଲହରୀର ଓ ସଙ୍କଳ୍ପଚିତ୍ରର ଅଭିବ୍ୟକ୍ତ ଚିତ୍ରକରରୂପ ବିଶେଷ । ନନ୍ଦିକେଶ୍ୱରୀ ମହାସମ୍ମେଳନ ଗୋଟିଏ ଭଗ୍ନ ଜମଳ ପ୍ରାୟ ଓ ଉଷା ଶିଳ୍ପକଳାର ମନ୍ଦିର କଟକର ସୁବର୍ଣ୍ଣଜାଲ ରଚନା ଓ କଳାକୃତି ବିଶେଷ ।

ବୋଲିବା ବାହୁଲ୍ୟ ଯେ ଉକ୍ତ ପୁସ୍ତିକାମାନଙ୍କର ଭିତ୍ତି କଳ୍ପନା ଓ ଉପରର ଗଠନ ଉତ୍କୃଷ୍ଟ କବିତ୍ୱ ସ୍ପଷ୍ଟ ଅଟଇ ।

ଉଦାହରଣ ଦେଖାଇ ମୋର ଉପର୍ଯ୍ୟୁକ୍ତ ବାକ୍ୟ ସଫଳ କରିବାକୁ ଗଲେ ବହୁତ ଲେଖିବାକୁ ହେବ, ପାଠକମାନେ ପଢ଼ିଲେ ସ୍ୱୟଂ ଉପର୍ଯ୍ୟୁକ୍ତ ବିଷୟର ସତ୍ୟତା ହୃଦୟଙ୍ଗମ କରି ପାରିବେ ।

ମଧ୍ୟ ପ୍ରଥମ ଅବକାଶରେ ଶୁଣ୍ଡ ହସ୍ତିଭଳି ସମ୍ବାଦପତ୍ରରେ ଲେଖିଲେ ମହାଶୟଙ୍କ ବେଲେକ ଅନ୍ୟାୟ କରିବା ହୁଏ ।

କ୍ଷେମଙ୍କରୋଃ ହରଶେଖରୀ ଭାବଃ । ଏହି ନାମାନୁସାରେ ଯେ ରୂପ ଏକ ସାମାନ୍ୟ କାମ ଅଛି ତାହା ମୁଁ ଲେଖିବି ନାହିଁ ।"

---

## ଭାରତୀୟ—ମହାସମିତି ।

ଏହି ସମିତିର ଚତୁର୍ଥଅଧିବେଶନ ଏଲାହାବାଦ ନଗରଠାରେ ଏହିମାସ ତା ୨୬ ରିଖଠାରୁ ଆରମ୍ଭ ହେବ । ଏଥିରେ ଭାରତବର୍ଷର ଗୁରୁଅଙ୍ଗେ ପ୍ରତିନିଧି ନିର୍ବାଚନ—କାର୍ଯ୍ୟାରମ୍ଭ ହୋଇଅଛି । ଏଠାରେ ପ୍ରତିନିଧି ନିର୍ବାଚନ ନିମିତ୍ତ ଟାଉନହଲର ଗୋଟିଏ ଅଧିବେଶନ ଆଗାମି ମଙ୍ଗଳବାରେ ହେବ । ଏବଂ ଅମ୍ଭେମାନେ ଆଶା କରୁଁ ଯେ ଗତବର୍ଷପରି ଏବର୍ଷ ଦୁଇଜଣ ଅଥବା ତତୋଽଧିକ ପ୍ରତିନିଧି ଏଠାରୁ ପ୍ରେରି-

Split by PDF Splitter

Digitized by srujanika@gmail.com

Split by PDF Splitter

କାରଣ ଅଗ୍ରସର ହେବେ । କଟକରୁ ଜାହାଜ ଓ ରେଲବାଟେ ଏଲାହାବାଦ ଯିବାକୁ ଦଶ ବାର ଦିନରୁ ଅଧିକ ଲାଗିବ ନାହିଁ ସୁତରାଂ ଦଶ ୨୦ ଦିନ ମଧ୍ୟରେ ଯିବାଆସିବା ଓ ରହିବା ସମସ୍ତ କାର୍ଯ୍ୟ ହୋଇଯିବ ।

ଏଥରର ମହାସମିତିରେ ନିମ୍ନଲିଖିତ ବିଷୟମାନଙ୍କର ବିଚାର ହେବାର ପ୍ରସ୍ତାବ ହୋଇଅଛି ଯଥା—୧ ମହାସମିତିର ନିୟମାବଳୀ ୨—ଭାରତବର୍ଷର ଅବସ୍ଥା ଅନୁସନ୍ଧାନ ନିମିତ୍ତ ରାଜକୀୟ କମିଶନର ନିୟୋଗ ୩—ପ୍ରତିନିଧିପ୍ରଣାଳୀରେ ଭାରତବର୍ଷର ବ୍ୟବସ୍ଥାପକ ସଭାମାନଙ୍କର ଗଠନ । ୪—ଭାରତବର୍ଷର ସୈନ୍ୟମାନଙ୍କର ଖର୍ଚ୍ଚ । ୫—ସରକାରୀ କର୍ମଚାରୀ ନିଯୋଗ ବିଷୟକ କମିଶନରଙ୍କ ରିପୋର୍ଟ । ୬—ଶାସନବିଭାଗରୁ ବିଚାରବିଭାଗକୁ ପୃଥକ୍ କରିବା ଏବଂ ଜୁରି ବିଚାର । ୭—ଅସ୍ତ୍ରସମ୍ପର୍କୀୟ ଆଇନ ଓ । ୮—ଭଲଣ୍ଟିଅର ଅର୍ଥାତ୍ ସୈନିକ ସେନାଘଟିତ ଆନ୍ଦୋଳନ ।

ମହାସମିତି ବସିଲାରୁ ଉପରଲିଖିତ ବିଷୟମାନଙ୍କରେ କିଛି ପରିବର୍ତ୍ତନ ଘଟିପାରେ ଅର୍ଥାତ୍ ଏଥିମଧ୍ୟରୁ କିଛି ଛାଡ଼ିଯିବ ବା ନୂତନ କିଛି ମିଳାହେବ କିନ୍ତୁ ଉପରଲିଖିତ ବିଷୟମାନ ଯେ ଭାରତବାସିଙ୍କର ବିଶେଷ ଚର୍ଚ୍ଚାର ବିଷୟ ଏଥିରେ କୌଣସି ସନ୍ଦେହ ନାହିଁ ।

ଏବର୍ଷମଧ୍ୟରେ ଭାରତବର୍ଷରୁ ବିଲାତପର୍ଯ୍ୟନ୍ତ ଜାତୀୟ ମହାସମିତି ହେତୁ ଯେପରି ଆନ୍ଦୋଳନ ଲାଗିଅଛି ତହିଁରୁ ଆଶା ହେଉଅଛି ଯେ ମହାସମିତିର ଆଗାମି ଅଧିବେଶନ ପୂର୍ବାପେକ୍ଷା ଅଧିକ ବିସ୍ତୃତ ହେବ ଏବଂ ବିଲାତରୁ କେତେକ ଜଣ ପାର୍ଲିମେଣ୍ଟର ସଭ୍ୟ ଓ ଅନ୍ୟଲୋକ ତାହା ଦେଖିବାକୁ ଆସିବାର ମାନସ ପ୍ରକାଶ କରିଅଛନ୍ତି । ମହାସମିତିର କ୍ରମଶଃ ଉନ୍ନତି ଦେଖି ଏଥିର କେତେକ ଜଣ ଶତ୍ରୁ ମଧ୍ୟ ତାହାରି ବଢ଼ାଇବାର ଲକ୍ଷଣ ଚେଷ୍ଟା କରୁଅଛନ୍ତି । ମାତ୍ର ଆମ୍ଭେମାନେ ଅନୁମାନ କରୁଅଛୁଁ କି ଧୂଳାବାଡ଼ିଦ୍ୱାରା ସମୁଦ୍ରର ଗତି ରୋଧ କରିବା ଅସମ୍ଭବ ବ୍ୟାପାର ଶତ୍ରୁମାନେ ଯେତେ ଚେଷ୍ଟା କଲେ ମହାସମିତିର ଗତିରୋଧ କରି ପାରିବେ ନାହିଁ । ମହାସମିତି ତଥା ଆନ୍ଦୋଳନକାରୀଙ୍କର ଅସାରକଳ୍ପନାର ଜାତ ନୁହଇ । ଏହା ଇଂରାଜଙ୍କ ନ୍ୟାୟ ଓ ଧର୍ମଶାସନପ୍ରଣାଳୀ ଏବଂ ଉଦାର ଶିକ୍ଷାର ନୈସର୍ଗିକ ଫଳ ଅଟଇ ଏବଂ ଏଥିର ଉଦ୍ଦେଶ୍ୟ ଇଂରାଜଙ୍କ ଶାସନକୁ ଅଧିକତର ଦୃଢ଼ କରିବା ଏବଂ ଭାରତବାସିଙ୍କର ସୁଖ ସଚ୍ଛନ୍ଦତା ଅଧିକ ପରିମାଣରେ ବୃଦ୍ଧି କରିବା । ସଭାସମିତିଦ୍ୱାରା ଶାନ୍ତଭକ୍ତିଭାବରେ ଆପଣା ଦୁଃଖ ଜଣାଇବାର ଅଧିକାର ପ୍ରଜାମାନେ ଯାହା ଇଂରାଜଙ୍କ ସୁଶାସନପ୍ରଣାଳୀଦ୍ୱାରା ପାଇଅଛନ୍ତି ଏବଂ ନ୍ୟାୟବାନ୍ ଇଂରାଜଗବର୍ଣ୍ଣମେଣ୍ଟ ଯେଉଁ ମୁଦ୍ରାଯନ୍ତ୍ରର ସ୍ୱାଧୀନତା ପ୍ରଦାନ କରିଅଛନ୍ତି ଓ ସୁଶିକ୍ଷାଦାନଦ୍ୱାରା ଲୋକଙ୍କୁ ଆପଣା ଆପଣା ଅବସ୍ଥା ଓ ରାଜକୀୟ ବ୍ୟବସ୍ଥାମାନଙ୍କର ହିତାହିତ ବିବେଚନା କରିବାର ଯେଉଁ ବାଟ ଫିଟାଇ ଦେଇଅଛନ୍ତି ତାହାସବୁ ଏହି ମହାସମିତିରେ ପ୍ରତ୍ୟକ୍ଷ ହେଉଅଛି । ଯେପ୍ରକାର ବ୍ୟବସ୍ଥା କଲେ ପ୍ରଜାମାନଙ୍କର ଅବସ୍ଥା ଉନ୍ନତ ଏବଂ ସେମାନଙ୍କ ଅଭାବ ମୋଚନ ହେବ ଓ ତଦ୍ଦ୍ୱାରା ସେମାନେ ଭକ୍ତି ଓ କୃତଜ୍ଞତା ପାଶରେ ଅଧିକ ଦୃଢ଼ରୂପେ ଗବର୍ଣ୍ଣମେଣ୍ଟଙ୍କଠାରେ ଆବଦ୍ଧ ରହିବେ ତାହାସବୁ ବିନୀତଭାବରେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବା ସମିତିର କାର୍ଯ୍ୟ ଅଟଇ । ସମିତି ଗବର୍ଣ୍ଣମେଣ୍ଟଙ୍କର ବିଦ୍ରୋହାଚରଣ କରୁ ନାହିଁ ବରଂ ଯେଉଁମାନେ ସମିତି ଭଙ୍ଗାଇବାର ଚେଷ୍ଟା କରୁଅଛନ୍ତି ସେମାନେ ଅଜ୍ଞାତଭାବରେ ଗବର୍ଣ୍ଣମେଣ୍ଟଙ୍କର ବିଦ୍ରୋହୀ ହେଉଅଛନ୍ତି । କାରଣ ସେମାନେ କାର୍ଯ୍ୟତଃ ଗବର୍ଣ୍ଣମେଣ୍ଟଙ୍କୁ କହୁଅଛନ୍ତି କି ପ୍ରଜାଙ୍କର ଗୁହାରି ଶୁଣିବାର ପ୍ରୟୋଜନ ନାହିଁ ଆପଣମାନେ ସ୍ୱେଚ୍ଛାନୁସାରେ କର୍ମ କରନ୍ତୁ । ପ୍ରଜାଙ୍କର ସନ୍ତୋଷରେ ଯେ ଗବର୍ଣ୍ଣମେଣ୍ଟଙ୍କର କଲ୍ୟାଣ ତାହା ସେମାନେ ବୁଝୁ ନାହାନ୍ତି । ସେମାନଙ୍କମଧ୍ୟରୁ କେହି କେହି କହୁଅଛନ୍ତି ଯେସ୍ଥଳେ ଇଂରାଜଙ୍କ ଶାସନପ୍ରଣାଳୀ ପୃଥିବୀରେ ସର୍ବୋତ୍କୃଷ୍ଟ ହୋଇଅଛି ଏବଂ ଇଂରାଜ ଗବର୍ଣ୍ଣମେଣ୍ଟ ଭାରତବର୍ଷକୁ ଏମନ୍ତ ନ୍ୟାୟ ଓ ଦୟା ସହିତ ଶାସନ କରୁଅଛନ୍ତି ଓ ପ୍ରଜାଙ୍କର ପ୍ରୟୋଜନୀୟ ବିଷୟମାନଙ୍କର ଏମନ୍ତ ସୁବନ୍ଦୋବସ୍ତ କରୁଅଛନ୍ତି ଯେ ତାହାର କିଛି ଅଭାବ ରହି ନାହିଁ ସେସ୍ଥଳେ ସଭାସମିତିଦ୍ୱାରା ସାଧାରଣ ଦୁଃଖ ଜଣାଇବା କେବଳ ଗବର୍ଣ୍ଣମେଣ୍ଟଙ୍କୁ ବିରକ୍ତ ଓ ଅପରସ୍ଥାନମାନଙ୍କରେ ଅପଦସ୍ଥ କରିବା ଭିନ୍ନ ଆଉ କିଛି ନୁହଇ । ଯେବେ ଗବର୍ଣ୍ଣମେଣ୍ଟ ପରମେଶ୍ୱରଙ୍କପରି ସର୍ବଜ୍ଞ ଓ ସର୍ବବ୍ୟାପୀ ହୋଇଥାନ୍ତେ ତେବେ ଏପରିକଥା କହିଲେ ସାଜନ୍ତା । କିନ୍ତୁ ଗବର୍ଣ୍ଣମେଣ୍ଟ ମନୁଷ୍ୟସମଷ୍ଟି ଭିନ୍ନ ଆଉ କିଛି ନୁହନ୍ତି । ମନୁଷ୍ୟଦ୍ୱାରା ଦୈବକାର୍ଯ୍ୟ କଦାପି ସାଧିତ ହୋଇ ନ ପାରେ । ପିଲା ନ କାନ୍ଦିଲେ ମାତା ଖାଇବାକୁ ଦଅନ୍ତି ନାହିଁ ଏବଂ ଏଥିପାଇଁ ପିଲାକୁ ମାତୃଦ୍ରୋହୀ କେହି ବୋଲିବକି ? ଅଥବା ପରମେଶ୍ୱର ସବୁ ଯୋଗାଇବା ପ୍ରତ୍ୟକ୍ଷ ଲୋକେ ପ୍ରାର୍ଥନା କରିବାକୁ ଛାଡ଼ୁ ନାହାନ୍ତି ଏବଂ ଏଥିପାଇଁ କି ବୋଲିବାକୁ ହେବ ଯେ ପ୍ରାର୍ଥନା କରିବା ଅନ୍ୟାୟ । ଫଳତଃ ସମିତିର କାର୍ଯ୍ୟ କୌଣସିମତେ ରାଜବିଦ୍ରୋହସୂଚକ ବୋଲାଯାଇ ନ ପାରେ । ସମିତିଦ୍ୱାରା ପ୍ରଜାମାନେ ଆପଣାର ସାଧାରଣ ଦୁଃଖ ରାଜାଙ୍କୁ ଜଣାଉଅନ୍ତି ଯେ ରାଜା ତହିଁର ବିଚାର କରି ଯାହା ଉଚିତ ଓ ସଙ୍ଗତ ବିବେଚନା କରିବେ ତାହା ପ୍ରଦାନ କରିବେ ଏବଂ ଯାହା ଅସଙ୍ଗତ ତହିଁର ବିଚାର କରି ଦେବେ । ଅତଏବ ଆମ୍ଭେମାନେ ଏହି ମହାସମିତିରେ ଯୋଗ ଦେବା କାରଣ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

---

# ସାପ୍ତାହିକ ସମ୍ବାଦ ।

ଅସ୍ଥାୟୀ କମିଶନର ସାହେବ ପେଃପେଃଙ୍କୁ କାଲେକ୍ଟରିର ଚାର୍ଜ ଦେଇ ଗତ ବୁଧବାର ଏଠାକୁ ଲେଉଟି ଆସିଅଛନ୍ତି । ଅଲ୍ପଦିନମଧ୍ୟରେ ଚମ୍ପାରଣ ଯିବେ ।

ଆମ୍ଭେମାନେ ଆହ୍ଲାଦପୂର୍ବକ ଅବଗତ ହେଲୁଁ ଯେ କୋଣ୍ଡପଡ଼ାର ମହାରାଜ ଏନଇରେ ଥିବା ସମୟରେ ଏଠା ଡାକ୍ତରଖାନା ପରିଦର୍ଶନ କରି ତହିଁର ସାହାଯ୍ୟନିମିତ୍ତ ପୁଣି ଏକହଜାର ଟଙ୍କା ଦାନ କରିଅଛନ୍ତି । ଏ ଦାତବ୍ୟାଳୟରେ ସ୍ତ୍ରୀରୋଗୀଙ୍କ ବୃଦ୍ଧି ହେବାରୁ ସ୍ଥାନ ନଥିବା ହୋଇଅଛି । ଏଣୁ ଆଉ ଦୁଇକୋଠରି ବଢ଼ାଇବାର ପ୍ରସ୍ତାବ ହୋଇଅଛି । ମହାରାଜାଙ୍କ ଦାନରେ ତାହା ହୋଇ ପାରିବ ଏବଂ ଉକ୍ତ ଦାନ ସକାଶେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।

ଅଟେଣ୍ଡେନ୍ସ କଲିକତାରେ ରହି ବାବୁ ଗୋପେନ୍ଦ୍ରଚନ୍ଦ୍ର ଘୋଷ ଗତ ସୋମବାର ଏ ନଗରକୁ ଫେରି ଆସିଅଛନ୍ତି ।

ଏ ସପ୍ତାହରେ ଟିକିଏ ମେଘଅପାସ ହୋଇଥିଲା ମାତ୍ର ବୃଷ୍ଟି ହୋଇ ନାହିଁ । ଏସମୟରେ ବୃଷ୍ଟି ହୋଇଲେ ଶସ୍ୟ ହୁଅନ୍ତା ।

ଓଡ଼ିଶା ଗଡ଼ଜାତର ଗତ ବାର୍ଷିକବିବରଣୀସମ୍ପର୍କରେ ମାନ୍ୟବର ଲେଃଗବଃଙ୍କ ମନ୍ତବ୍ୟ କଲିକତାଗେଜେଟରେ ବାହାରିଅଛି । ସ୍ଥାନାଭାବହେତୁ ଏଥର ସାଙ୍ଗ ଏସପ୍ତାହରେ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

## କଲିକତା-ଗଜେଟ ।

ପୁରୀର ଅଫିସିଏଟିଂ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜି, ଡ, ଅଲେକ୍ସାଣ୍ଡରଙ୍କର ତିନିମାସର ଅନୁପସ୍ଥିତ ଛୁଟି ମଞ୍ଜୁର ହେଲା ।

ଶ୍ରୀଯୁକ୍ତ କୃତ୍ତିବାସଦାସଙ୍କ ସ୍ଥାନରେ ପୁରୀର ପୁଲିସଡିପୁଟୀ ଇନସ୍ପେକ୍ଟର ସେଠାର ଷ୍ଟାମ୍ପ ଭେଣ୍ଡରର ପଦରେ ନିଯୁକ୍ତ ହୋଇଅଛନ୍ତି ବାବୁ ରାମଗୋପାଳ

Digitized by srujanika@gmail.com

ସ୍କୁଲମାନଙ୍କ ସ୍ଥାନରେ ବାବୁ କାଳୀଚରଣମିତ୍ର ପୁଣ ଷ୍ଟାମ୍ପସୁପରି- ଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହୋଇଅଛନ୍ତି ।

କଟକ ମିଉନିସିପାଲଟୀରେ ମିଉନିସିପାଲଷ୍ଟାଟର ନବ ମାଂସ ଜାତ ହେବାର ଘୋଷଣା ବାହାଦୂର ମଞ୍ଜୁର କରଥିବାର ବିଜ୍ଞାପନ ପ୍ରକାଶିତ ହୋଇଅଛି ।

କଟକ କଲ୍ଲିକୁଡ଼ରେ ପ୍ଲେଗାଷ୍ଟେଟଠାରୁ ମୁଳାଘାଟ ପର୍ଯ୍ୟନ୍ତ ଲାଇଟହାଉସ ଧାରର ଭିଟିମାନଙ୍କରେ ଲିଙ୍ଗହାଉସ ଖୋଲା ନିର୍ମିତ ହେବାର ବିଜ୍ଞାପନ ପ୍ରକାଶିତ ହୋଇଅଛି ।

———

ବୋମ୍ବାଇର ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ ପାରସିମା- ନଙ୍କୁ କାଙ୍ଗ୍ରେସଠାରୁ ଅନ୍ତର କରିବାର ଉଦ୍ୟୋଗ ଲାଗିଅଛି । କାଙ୍ଗ୍ରେସରେ ପାରସିମାନଙ୍କର ଯୋଗ ଦେବା ଉଚିତ କି ନା ଏ ବିଷୟରେ ଦୁଇଗୋଟି ପାରସିଙ୍କ ସମ୍ବାଦପତ୍ରରେ ଲେଖାଲେଖି ଚାଲିଅଛି । ଯେତେବେଳେ ପାରସି- ମାନଙ୍କର ପ୍ରଧାନ ନେତାମାନେ କାଙ୍ଗ୍ରେସରେ ଏକାନ୍ତ ପକ୍ଷପାତୀ ସେତେବେଳେ କେହି ଯେତେ ଚେଷ୍ଟା କଲେହେଁ ପାରସିମାନଙ୍କୁ କାଙ୍ଗ୍ରେସଠାରୁ ଅନ୍ତର କରିବାକୁ ସମର୍ଥ ହେବେ ନାହିଁ ଏହା ଆମ୍ଭମାନଙ୍କର ବିଶ୍ୱାସ ।

ତ୍ରିବାଙ୍କୁର ରାଜ୍ୟ ଗୋଟିଏ ବାଷ୍ପୀୟ ବଜରା ଯାଉଥିବା ବାଟରେ ଜଳମଗ୍ନ ଅକସ୍ମାତ ଧକ୍କାରେ ମାରି ଯାଇଥିବାର ସମ୍ବାଦ ମିଳିଲା ଏଥିର କପ୍ତାନ ଓ ଆରୋହୀମାନେ ସମସ୍ତେ ରକ୍ଷା ପାଇଛନ୍ତି ।

ଅସ୍ମାନଙ୍କର ରାଜ ପ୍ରତିନିଧି ଲର୍ଡ଼ ଡଫରିନ ଭାରତ ମହୋ- ଦୟ ଅବ୍ୟବହିତ ଉତ୍ତରାଧିକାରୀ ଶୀଘ୍ର ବିଲାତକୁ ଯାତ୍ରା କରିବେ ଏବଂ ଆଗାମୀ ମଙ୍ଗଳବାର ପର୍ଯ୍ୟନ୍ତ ଅବସ୍ଥିତ କରିବାର ଜନରବ ଉଠିଅଛି । ଏହା କେତେଦୂର ଏ ଜନରବ ସତ୍ୟ ହେବ ।

ଭାରତୀୟ ପଲ୍ଟନଅଧିକ ସୈନ୍ୟମାନଙ୍କ ଯାତ୍ରା କରିବାର ସେହି ବନ୍ଦୋବସ୍ତ ହୋଇଥିଲା ତାହା ବର୍ତ୍ତମାନ ସ୍ଥଗିତ ହୋଇଥିବାର ସମ୍ବାଦ ମିଳିଲା ।—ଉତ୍କଳ ।

କାଙ୍ଗ୍ରେସନିମିତ୍ତ ବମ୍ବଇରେ ଯେଉଁ ସଭାଗୃହ ନିର୍ମାଣ କରିବାର ଅଭିପ୍ରାୟ ଥିଲା ସ୍ଥଗିତ ହୋଇଅଛି ଏବଂ ଏହାର ମହାସଭା ହଠାତ ନଷ୍ଟ ହୋଇ ଅନେକ ଟଙ୍କା କ୍ଷତି ହୋଇଥିବାର ସମ୍ବାଦ ମିଳିଛି ।—ଭୂତପୂର୍ବ ବ୍ୟକ୍ତି ହେଲେ ଉପାୟ ନାହିଁ ।

ଦେଶୀୟ ସମ୍ବାଦପତ୍ରର ଅନୁବାଦକ ବର୍ତ୍ତମାନ ସମସ୍ତ ବଙ୍ଗଳାର ପ୍ରାଚୀନ ଶାସନମାନଙ୍କ ଦ୍ୱାରା ବଙ୍ଗଳା ଗଭର୍ଣ୍ଣମେଣ୍ଟ ରିପୋର୍ଟ କରିବାର ଅନୁମତି ପାଇଥିବାର ସମ୍ବାଦ ମିଳିଲା । ଏହା ହେଲେ ସ୍ଥାନୀୟ ସମ୍ବାଦପତ୍ରମାନଙ୍କରେ କର୍ମଚାରୀମାନଙ୍କ ବିରୁଦ୍ଧରେ ଯାହାକିଛି ଲେଖାଯାଏ ତାହା କର୍ତ୍ତୃପକ୍ଷମାନଙ୍କ ଗୋଚରରେ ଆସିବାର ଅନେକ ସୁବିଧା ହେବ ।

ଗତମାସ ତା ୨୭ ଦିନରେ କର୍ମଦାନରେ ଗୋଟିଏ ଧୂମକେତୁ ଦୃଷ୍ଟିଗୋଚର ହୋଇଥିବାର ସମ୍ବାଦ ମିଳିଲା । ଏଥିରେ ୧ ୪୦ ଏ ସେଇ ବୃଷ୍ଟିନଷ୍ଟ ହୋଇଥିବାର କହନ୍ତି ଯେ ନାହିଁ ସେମା- ନଙ୍କର ସବୁ ଅବସ୍ଥା ଆଗଭଳି ନାହିଁ ।

ଅଷ୍ଟ୍ରେଲିୟାଠାରେ ବୃଷ୍ଟି ଅଭାବରୁ ଭୟଙ୍କର ଏକଶ୍ରେଣୀ ହୋଇଥିବାର ସମ୍ବାଦ ମିଳିଛି ।

ଗତ ମାସ ତା ୩ ଦିନ ମଧ୍ୟାହ୍ନ ସମୟରେ କଲିକତାରେ ହିମ ଅଧିକ ପଡ଼ିଥିବା ଫଳରେ କେତେ ଗୋଠରେ ଏହା

ସମୟରେ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳିଲା ।

ଅଯୋଧ୍ୟାର ପାର୍ଲିୟାମେଣ୍ଟ ମେମ୍ବର ମିଷ୍ଟର ବ୍ରାଡ଼ଲାଙ୍କ ଅର୍ଥ କାଙ୍ଗ୍ରେସ ଦ୍ୱାରା ଯୁକ୍ତ ହୋଇଥିବାର ସମ୍ବାଦ ପାଠକମାନଙ୍କ ନିକଟରେ ପୂର୍ବେ ଦେଇଥିଲୁଁ । ସେ ଏକମାସ ଭାରତବର୍ଷ ଭ୍ରମଣ ପ୍ରାପ୍ତ ହୋଇଥିବାର ସମ୍ବାଦ ମିଳିଲା ।

### ଏଡ୍‌ଲେଡ଼ଗଣ—ଗଜେଟ୍ ।

ବ୍ରହ୍ମଦେଶରୁ ଯେଉଁସବୁ ସୈନ୍ୟ ସ୍ୱଦେଶକୁ ଯାତ୍ରା କରି- ଥିଲେ ସେମାନଙ୍କୁ ଫେରାଇବାକୁ ହୁକୁମ ଜାରି ହୋଇ- ଅଛି ।

ଷ୍ଟ୍ରେଟସେଟଲମେଣ୍ଟରେ ଭାରତବର୍ଷୀୟମାନଙ୍କୁ ଯେଉଁସବୁ ଦ୍ୱୀପରେ ବାସ କରିବା ନିମନ୍ତେ ଅପେକ୍ଷା ସେଠାରୁ ଚୀନଦେଶୀୟମାନଙ୍କୁ ଅଣାଇବାର କଥା । ଚୀନମାନେ ଜାତିରେ ମାନନ୍ତି ନାହିଁ ସେମାନେ ବହୁଦେଶରେ ବାସ କରି- ପାରନ୍ତି, ସମସ୍ତଙ୍କ ସଙ୍ଗରେ ମିଶିପାରନ୍ତି ଏବଂ ସେଉଁଠାକୁ ଯାନ୍ତି ସେଠାରେ ନୂତନ ଶିଳ୍ପର ଉଦ୍ଭାବନ କରି ଦେଶର ଧନବୃଦ୍ଧି କରିପାରନ୍ତି । ଭାରତୀୟ ପ୍ରଜାମାନେ କେବେହେଁ ଉଦ୍ୟୋଗଶୀଳ ନୁହନ୍ତି ନାହିଁ ଏବଂ ଦୁଃସାହସୀ ହୋଇ କେଉଁଠାକୁ ଯାଆନ୍ତି ନାହିଁ ।

ମାର୍କିନ ଦେଶରେ ସମ୍ପ୍ରତି ଗୋଟିଏ ଆଶ୍ଚର୍ଯ୍ୟ ପ୍ରସ୍ତ୍ରବଣ ଆବିଷ୍କୃତ ହୋଇଅଛି । ଉଷ୍ଣପ୍ରସ୍ରବଣରୁ ପାବକର ବହନ ହୋଇ- ଥିଲେ ଛାଇଛାଇ ହୋଇ ପଡ଼ୁଅଛି । ପରୀକ୍ଷାଦ୍ୱାରା ଦେଖାଯାଇ- ଅଛି ଯେ, ଏହି ବାଷ୍ପରେ ପାବକର ସମସ୍ତଗୁଣ ବର୍ତ୍ତମାନ ଅଛି ।

ପାଦ୍ରୀ ହ୍ୱେବରର ପୁରାତନ ଗୋଷ୍ଠୀ ଭଗିନୀ ଗୋଟିଏ ସ୍ୱଦେଶୀୟ ଧର୍ମଗ୍ରନ୍ଥ ପଢ଼ିବାର କଥା ଦେଖି ନିଜର ସମୀପବର୍ତ୍ତୀ ଜଙ୍ଗଲରେ ପଢ଼ିବାକୁ ନେଇ ସ୍ୱଚ୍ଛରେ ପ୍ରବୃତ୍ତ ହୋଇଥିଲେ । ପୁଲିସ ଅସି ସବୁ ଭାଙ୍ଗିଦେଲା ।

ମାନ୍ୟବର ଡାକ୍ତର ଗୁରୁଦାସ ବନ୍ଦ୍ୟୋପାଧ୍ୟାୟ ଜଜ ପ୍ରତି- ଷ୍ଠା ହେବାରୁ ସେଉଁସବୁ ମକଦ୍ଦମା ତାଙ୍କ ହାତରେ ଥିଲା ତାହାର ପୈଠ ମର୍ଦ୍ଦଲମାନଙ୍କୁ ଫେରାଇ ଦେଇଅଛନ୍ତି ; ଅନ୍ୟାନ୍ୟ ଉକିଲମାନେ ଏପରି ସ୍ଥଳମାନଙ୍କରେ ସେପ୍ରତ କରନ୍ତି ନାହିଁ । ସେମାନେ ଆପଣା ସହଯୋଗି ଉକିଲମାନଙ୍କ ହସ୍ତରେ ମକଦ୍ଦମାର କାଗଜପତ୍ର ଦେଇ ନିଶ୍ଚିନ୍ତ ହୁଅନ୍ତି । ଶୁଣାଯାଏ ବାରିଷ୍ଟରମାନେ ତାହା ସ୍ୱୀକାର କରନ୍ତି ନାହିଁ ।

---

### ବିଜ୍ଞାପନ ।

**ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେ- ମାନେ ଦାୟୀ ନୋହୁଁ ।**

---

**ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।**

**ମହାଶୟ !**

ନାଟ୍ୟାଭିନୟ ଉପଲକ୍ଷରେ ଏହି ସମୟରେ ସମ୍ପୂର୍ଣ୍ଣ ଅଜ୍ଞାତ ଥିଲା । ଏ ନଗରର ନବ୍ୟସଂପ୍ରଦାୟ ଶିକ୍ଷିତ ଭଦ୍ରଲୋକଙ୍କ ଯତ୍ନଦ୍ୱାରା କେତେକବର୍ଷ ହେଲା ଏଥିର ଅଭାବବୋଧ ଦୂର ହୋଇଅଛି । ବୋଲିବା ବାହୁଲ୍ୟ ଯେ ସମାଜସଂସ୍କାର ପକ୍ଷରେ ନାଟ୍ୟାଭିନୟ ଅତ୍ୟନ୍ତ ଉପକାରୀ ଏବଂ କୃଷ୍ଣଲୀଳା ପ୍ରଭୃତିର କଦର୍ଯ୍ୟ ଅଭିନୟ ଏବଂ ଅଶ୍ଳୀଳ ବେଶ୍ୟାନୃତ୍ୟ ଅପେକ୍ଷା ସାମାଜିକ ଆମୋଦ ପକ୍ଷରେ ଏହା ଏକାନ୍ତ ବାଞ୍ଛନୀୟ । କିନ୍ତୁ ସ୍ଥାନବିଶେଷରେ ଏବଂ ଘଟନା ବିଶେ- ଷରେ ଏହା ସର୍ବାପେକ୍ଷା ମନ୍ଦ ଓ ଅନିଷ୍ଟଜନକ ହୋଇପଡ଼େ । କେତେକଦିନ ହେବ ଏ ନଗ- ରରେ ଜଗନ୍ନାଥ ଥିଏଟର ନାମରେ ଅନ୍ୟ ଗୋଟିଏ ନାଟ୍ୟସମ୍ପ୍ରଦାୟ ସ୍ଥାପିତ ହୋଇଅଛି । କେତେକଜଣ ସ୍କୁଲବାଳକ ଏଥିର କର୍ତ୍ତା ଏବଂ ଅଧିକାଂଶ ଲୋକ ଅଳ୍ପବୟସ୍କ ଓ ଅପ୍ରମାଣ । ଗତ ଶନିବାର ସେମାନେ ମଧୁବାବୁଙ୍କ ଦ୍ୱାରରେ ଖଣ୍ଡିଏ ଗୀତିନାଟ୍ୟ ଓ ଖଣ୍ଡିଏ ପ୍ରହସନ ଅଭିନୟ କରିଥିଲେ । ଅଭିନୟ ଯେପରି ହେଉ ପ୍ରାୟ ଅଧିକାଂଶ ଦର୍ଶକ ସନ୍ତୁଷ୍ଟ ଚିତ୍ତରେ ଫେରିଆସି ନ ଥିଲେ । ରଙ୍ଗଭୂମିରେ ସ୍କୁଲବାଳକର ବାରଙ୍ଗନା ରୂପରେ ସେମଣ୍ଟା- ଭାବ—ଏକ ବସ୍ତୁପୂଜନକ ଦୃଶ୍ୟ ! ଶୀଘ୍ରାଦ୍ୟ ସବ୍ୟତା ସୁଦ୍ଧା ଏହି କୁପ୍ରଥାର ପକ୍ଷପାତୀ ନୁହେଁ । ଆଉ ମଧ୍ୟ ଯେ ଯେଉଁ ବିଷୟରେ ଉପଯୁକ୍ତ ପାତ୍ର ନୁହେଁ ସେ ତାହା କରିବାକୁ ଗଲେ ଅବଶ୍ୟ ଟିକିଏ ଗୋଳମାଳ ଘଟେ । ସେ ଦଳ ଏଥିର ଅଭାବ ନ ଥିଲା । କେତେକ ଜଣ ଭଦ୍ରଲୋକ ବିଶେଷରୂପେ ଅପମାନିତ ହୋଇଥିଲେ । ସ୍କୁଲର ଛାତ୍ରମାନେ ଥିଏଟରରେ ଯୋଗ ଦେଲେ ସେମାନଙ୍କର ଚରିତ୍ର ପବି- ତ୍ରତା ରହେ ନାହିଁ ଏବଂ ବିଦ୍ୟାଶିକ୍ଷା ମଧ୍ୟ ଅଳ୍ପକାଳରେ ଶେଷ ହୋଇଯାଏ । ଗୋଟିଏ ସମ୍ପ୍ରଦାୟ ମଧ୍ୟରେ ଜଣେ ଦୁଇଜଣ ଲୋକ ଥିଲେ ସମସ୍ତେ ଦୋଷଭାଗୀ ଏବଂ ଦୁଷ୍ଫଳଭୋଗୀ ହୁଅନ୍ତି । ଏପରି ସ୍ଥଳେ ଥିଏଟରସମାଜର ଉପକାର ହେବାର ଆଶା ଅପେକ୍ଷା ସମ୍ପୂର୍ଣ୍ଣ

Split by PDF Splitter
Digitized by srujanika@gmail.com

Split by PDF Splitter



ଅପକାର ଘଟେ । ଆଶା କରେଁ ଏ ନଗରବାସି ଭଦ୍ରଲୋକମାନେ ଅସ୍ମମାନଙ୍କ ପ୍ରସ୍ତାବର ସାରମର୍ମ ଗ୍ରହଣ କରି ଉଚିତମାର୍ଗ ଅନୁସରଣ କରିବେ । ଈଶ୍ୱର କରନ୍ତୁ ଅସ୍ମମାନଙ୍କର ଆଶଙ୍କା ଦୂର ହେଉ ଇତି ।

ବଶମ୍ବଦ
ଜଣେ ଶୁଭକାଙ୍କ୍ଷୀ

---

ମହାଶୟ !

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ନିମ୍ନଲିଖିତ ପଂକ୍ତିଗୁଡ଼ିକୁ ସ୍ଥାନ ଦାନ କରି ବାଧିତ କରିବା ହେବେ

ଗତ ମାସ ତା ୨୧ ରଖ ରବିବାର ଦିବସ ଘ ୧୨ ଘା ସମୟରେ ଏଠା ଲୁହଣ୍ଡାହାଟରେ ଜମିଦାର ତପୋନିଧି ମହନ୍ତ ଶ୍ରୀ ରଘୁନାଥ ପୁରୀ ଗୋସାଇଁଙ୍କ ପ୍ରଯତ୍ନରୁ ଗୋରକ୍ଷିଣୀ ସଭାର ପ୍ରଥମ ଅଧିବେଶନ ହୋଇଥିଲା, ତହିଁରେ ସଭ୍ୟ ଓ ପରିଦର୍ଶକ ଜନଗଣଙ୍କୁ ଅଧିକ ହୋଇଥିଲେ, ଧର୍ମନିଷ୍ଠ ଶ୍ରୀ ବାବୁ ଶିବେଦଚନ୍ଦ୍ର ଗୁପ୍ତ ମହାଶୟ ସଭାପତିର ଆସନ ଗ୍ରହଣ କରି ସଭାର କାର୍ଯ୍ୟ ନିର୍ବାହ କରିଥିଲେ; ଙ୍କଟବନ୍ଦ ଥିବା ପ୍ରଯୁକ୍ତ ଦ୍ୱିତୀୟ ଅଧିବେଶନ ତଦ୍ରୂପ ହୋଇ ପାରି ନ ଥିଲା । ପୁନଶ୍ଚ ଚଳିତମାସ ତା ୪ ରଖ ରବିବାର ଦ୍ୱିତୀୟ ଅଧିବେଶନରେ ତପୋନିଧି ମହନ୍ତ ଶ୍ରୀ ରଘୁନାଥ ପୁରୀ ଗୋସ୍ୱାମୀ, ଦ୍ୱିଜକୁଳୋଦ୍ଭବ ଚଉଧୁରୀ ଶ୍ରୀ ଭୋଳାନାଥ ମିଶ୍ର, ସ୍ୱଧର୍ମାନୁରାଗୀ ଶ୍ରୀ ବାବୁ ଗଣେଶ୍ୱର ଦାସ, ଘନାରଚରଣ ଚଉଧୁରୀ ଓ ଶ୍ୟାମଚରଣ ଚଉଧୁରୀ ପ୍ରଭୃତି ଜମିଦାର ମହାଶୟମାନେ ସଭାସ୍ଥଳକୁ ଶୁଭାଗମନ କରିଥିବାରୁ ସଭାଟି ଅତିଶୟ ଶୋଭିତ ହୋଇଥିଲା । ସେଥିରେ ପରିଦର୍ଶକ ଓ ସଭ୍ୟ ସଂଖ୍ୟା ୨୦୦ ଶହ ପର୍ଯ୍ୟନ୍ତ ହୋଇଥିଲା, ଦୁଃଖର ବିଷୟ ଯେ ବଙ୍ଗୀୟ ଜମିଦାର ବାବୁ ମହାଶୟମାନେ ସଭାରେ ଉପସ୍ଥିତ ହୋଇ ନ ଥିଲେ । ବୋଧ ହୁଏ ଙ୍କଟବନ୍ଦ ତହିଁର କାରଣ ଥାଇଥିବ, ସଭାପତି ମହାଶୟ ଅନ୍ୟ କାର୍ଯ୍ୟବଶତଃ ଅନୁପସ୍ଥିତ ଥିବାରୁ ଶ୍ରୀ ବାବୁ ଶ୍ୟାମଚରଣ ଚଉଧୁରୀ ପ୍ରତିନିଧି ସଭାପତିର କାର୍ଯ୍ୟ କରିଥିଲେ । ଗୋରକ୍ଷିଣୀସଭା ସମ୍ବନ୍ଧରେ ନାନାବିଧ ତର୍କବିତର୍କ ହୋଇଥିଲା କିନ୍ତୁ କୌଣସି କଥା ନିୟମବଦ୍ଧ ହୋଇ ନାହିଁ । ଉପରୋକ୍ତ ମହାତ୍ମାମାନଙ୍କୁ ଏପରି ଧର୍ମକାର୍ଯ୍ୟରେ ଅଗ୍ରସର ହେବାର ଦେଖି ପ୍ରାର୍ଥନା କରୁଅଛୁଁ ଯେ ଜଗତ୍ସ୍ୱାମୀ ଜଗଦୀଶ୍ୱର ସେମାନଙ୍କ ମନରେ ଏହି ଧର୍ମାନୁରାଗ ପରିବର୍ଦ୍ଧିତ କରାଇ ସଭାଟିକୁ ଦୀର୍ଘଜୀବନୀ କରନ୍ତୁ ।

୧୨।୧୧।୮୮ — ସମ୍ପାଦକ
ଶ୍ରୀ ଶ୍ରୀଧର ଦାସ

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ କୃଷ୍ଣପ୍ରସାଦ ପଟ୍ଟନାୟକ | ବାଣରପୁର ଅଗ୍ରିମ | ଟ ୧୧ |
| ମୁନସି ଘୁଲଗାନମହମ୍ମଦ | କଟକ | ଟ ୩୧ |
| କୁମାରହିଦ୍ଦମାଝିଅଠଗାଁର ଜମିଦାର । ଡ । ସମ୍ବଲପୁର | ବକେୟା | ଟ ୨୧ |

---

## ବିଜ୍ଞାପନ ।

ଜୁ ଭି ନା ଇ ଲ ଥି ଏ ଟ ର ।

ଆଗାମୀ ଶନିବାର ତା ୧ ରଖ ଡିସେମ୍ବର ରାତ୍ରି ଘ ୯ ଘା ସମୟରେ ଓକିଲ ଶ୍ରୀ ବାବୁ ମଧୁସୂଦନ ଦାସଙ୍କ ହତା ମଧ୍ୟରେ "କାଞ୍ଚିକାବେରୀ" ନାମକ ଓଡ଼ିଆ ନାଟକର ଅଭିନୟ ହେବ ।

ଟିକଟର ମୂଲ୍ୟ ।

| | |
|---|---|
| ପ୍ରଥମଶ୍ରେଣୀ ... ... | ଟ ୧୧ |
| ଦ୍ୱିତୀୟଶ୍ରେଣୀ .. .. | ଟ ୳ |
| ତୃତୀୟଶ୍ରେଣୀ ... .. | ଟ । |

ସ୍କୁଲଛାତ୍ରମାନଙ୍କୁ ପ୍ରଥମଶ୍ରେଣୀର ଟିକଟ ଅର୍ଦ୍ଧମୂଲ୍ୟରେ ବିକ୍ରୟ ହେବ ।

ଅଭିନୟସ୍ଥଳରେ ସନ୍ଧ୍ୟାସମୟରୁ ଟିକଟ ବିକ୍ରୟ ହେବ ।

ଯେଉଁମାନେ ପ୍ରଥମଶ୍ରେଣୀର ଟିକଟ କ୍ରୟ କରିବେ ସେମାନଙ୍କୁ ଖଣ୍ଡେ କାଞ୍ଚିକାବେରୀ ନାଟକ ପୁରସ୍କାର ଦିଆଯିବ ।

କଟକ ୨୯।୧୧।୮୮ } ଶ୍ରୀ ରାଧାଶ୍ୟାମ ଦାସ
ମ୍ୟାନେଜର ।

---

**STUDENT'S SERVICE MEETING.**
**Saturday 1st December,**
**3--30 P. M. TOWN SCHOOL.**

Subject......"The true object of life."
Lecturer...The Rev. G. H. Rouse M.A. L. L. B.

The public are cordially invited to attend the meeting precisely at the stated time.

Jogesh Chandra Roy
*Secretary.*

---

ଆଗାମି ମଙ୍ଗଳବାର ସନ୍ଧ୍ୟା ଘ ୭ ଘା ସମୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ କୋଠାରେ ଉତ୍କଳସଭାର ଅଧିବେଶନ ହେବ ଏବଂ ତହିଁରେ ଅସନ୍ତା ମହାସମିତି କମିଟି ପ୍ରତିନିଧି ନିର୍ବାଚିତ ହେବେ ।

କଟକ ୧।୧୨।୮୮ } ଶ୍ରୀ ଗୌରୀଶଙ୍କର ରାୟ
ସମ୍ପାଦକ

---

ଜଗନ୍ନାଥଦାସଙ୍କ କୃତ ଉତ୍କଳଭାଷା ଶ୍ରୀମଦ୍ଭାଗବତ ଦଶମସ୍କନ୍ଧ ଦ୍ୱାରକାଲୀଳା କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ମୂଲ୍ୟ ଖଣ୍ଡିକୁ ଟ ୧ । ମୋଫସଲସକାଶେ ଡାକମାସୁଲ ଟ ⁄ ।

---

## କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉକ୍ତ ଗ୍ରନ୍ଥ କାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନିଙ୍କ ଦୋକାନରେ, ଉତ୍କଳଅପ୍ରେସରେ ଓ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟାଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

---

## TO THE DEAF.

A 132 pages Illustrated Book on deafness Noises in the head how cured at your homes.

Price 6 annas; Address Dr. Nicholson, 5 Old Court House Street, Calcutta.

## ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା କପରି ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ଷ୍ଠାର ପୁସ୍ତକ ମୂଲ୍ୟ ଟ ୦।୵ କଲିକତା ଓଲଡ୍ କୋର୍ଟହାଉସ ଷ୍ଟ୍ରିଟ ନ ୫ ମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଆଯିବ ।

---

## ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୬ ସାଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକା ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦୵ ପଡ଼ିବ ।

Digitized by srujanika@gmail.com

Split by PDF Splitter



# ମେହରୋଗ ।

୨୪ ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାର୍ଦ୍ଧ ଗୋଣଲକ୍ଷଣ ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସହ୍ୟରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାସ୍ଥିତରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଆମ୍ଭର କଥାଗୁଡ଼ିକରେ ପରୀକ୍ଷା ନ କଲେ ଅଭିଯୋଗ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆକାରରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅହେଇସ୍ତୋଲା ୮୮ ନମ୍ବର ଭବନରେ ସ୍, ଜେ, ଦାସ କମ୍ପାନିଙ୍କଠାରେ ଏବଂ କଟକ କରଷାନ୍ଦରିର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୧୧୦ ଟଙ୍କା । ପ୍ୟାକିଙ୍ଗ ଓ ଡାକମାସୁଲ ପୃଥକ୍ ।

---

ଆମ୍ଭର ଚଉଧୁରୀବଜାରିସ୍ଥିତ ଦୋକାନରେ ଗନ୍ଧମର ଉତ୍ତମ ମଦିରା ଓ ଅଚ୍ଛା ବନୀସବାସେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ତଲାସ କଲେ ପାଇପାରିବେ । ସେଥିରେ ଗୁଡ଼ିକ ଇତ୍ୟାଦି କିଛି ବଜାରପ୍ରାପ୍ୟ ମିଶ୍ରିତ ନାହିଁ ଅଛି ଯାହାଙ୍କର ବୃହତ୍ କର୍ମ ପାଇଁ ବେଶୀ ମଦିରା ଦରକାର ହେବ ତାଙ୍କର କର୍ମର ଅଠଦଶ ଦିନ ପୂର୍ବରୁ ଫରମାସ ଦେଲେ ଆମ୍ଭେ ଆମ୍ଭର କଣ୍ଟ୍ରାକ୍ଟରଙ୍କୁ (ଫଲେକ ଥରଗାମ୍ବରେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

ତାଂ ୧୧୮୮ } ଶ୍ରୀ ଅରବନ୍ଦକୁକୁଲ ।
କଟକ

---

# ବାଲିକାଗଜ ।

ଉଲଲୁଷିତ ଶସ୍ତା ଦରରେ ସବୁ କଟକ ରୌଧୁରୀ ବଜାର ବାବୁ ଗୋଷ୍ଠଙ୍କର ସମ୍ପୃକ୍ତ ବର୍ଣ୍ଣାଳୟରେ ବାବୁ ଅର୍ଦ୍ଧବିହାରୀ ଦାସ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ପଉ ବାଲି | ଦ ୧୬ ଟ ୨୬ | ଦ ୧୬ ଟ ୦ ୬୨ |
| ୧୨ ପଉ ,, | ,, ଟ ୨୯ | ,, ଟ ୦ ୬୦ |
| ୧୨ ପଉ ,, | ,, ଟ ୨୧ | ,, ଟ ୦ ୬ |
| ୨୨ ପଉ ଭକଲଧୂଳସ୍କେପ୍ ,, | ଟ ୨୧ | ,, ଟ ୦ ୧୬ |

ଶ୍ରୀଯୁତ ବାବୁ ଗୋଷ୍ଠପଙ୍କର ସମ୍ପୃକ୍ତ ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଡଦରଗୋଣା ଓ ଲଙ୍ଗା ଓ ରେସ୍ମୀଓରେର ଲୁଗା ଓ କ୍ଷେତ୍ରବନଙ୍ଗ ଓ କଳକଟା ଇମାଣ ସତଗଡର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବଟିତ ଅଛି । ଭଦଭଦ ଅଭି ହେଉଛି ଫେସନ କଞ୍ଚାମାଲ ଭଣ୍ଡାର ସଙ୍ଗାସେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ହେବ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ଭକୋଇ ଶାଢ଼ି ବିକ୍ରୟ ସଙ୍ଗାସେ ଦୋକାନରେ ପ୍ରସ୍ତୁତ ରଖି ଅଛୁଁ । କେହି ଖରଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଭକ୍ତ ଶାଢ଼ିମାନ ବିକ୍ରୟ ହେବା ପରେ ଆପଣା ମଫସଲ ସଙ୍ଗାସେ ଭଡ଼ା ଲୋଡ଼ାଇବେ ଏବଂ ସାହକୁ ଫି ବର୍ଷ ଟ ୦୬୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଷଡ଼ ଖର୍ଚ୍ଚାକଡ଼ର ଭାର ତାଙ୍କ ଉପରେ ଥିବ । ଷଡ଼ ହେଲେ ଶାଢ଼ିର ପଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ତଫସିଲ ।

| | |
|---|---|
| କଲର ରେଲଣା ବ | ବଟ ବ ଅଭ । |
| ଘଣ୍ଟେଲ ସୁତ ବେଲେ ସଲେ । | ହୋଟେଲବାଲନ । |
| ଦରେଲଶାଳ | ଖାଲ ସିଲ୍କ ଓ କଲ ଲଙ୍ଗି ଓ ଖାଲ |
| କଟେସୀନ୍ ତେଲ କଲବା ଲେଳ ସାଦା ଓ ଗୋଲ ସହିତ । | ସକ୍ଷ । |
| ଭୁରୀ ଅର୍ଥାତ ନକସା ଭକଦା ଭାଜନ ଗଲି ଓ କଲନ । | ଭଲଟ ତୁଲଫାଲ୍ଲିସ ଏକଫଲ କୁସ |
| ପେଟିଣିଲ ଖାଇବା ଲକ୍ଷ । | ହେଲିକ ଭଟୋଲ ସଫ ବେଷଲ ଥଲେ |
| ଖାନା ସ୍ୱକାରର ଉଠିବାଲନ ଓ ଲମ୍ବା ଟେବଲ ଦୁଧ | ଏ. ସୋଷଲ ଅଣ୍ଡରେ |
| ଦଲବ ତଳ । | ଖାଲିକ ଓ କୁଲ୍ଲତା । |
| କଲସୀ ସୁରୁଳ | ଭୁଲସୀ ଅବରୋଧ ଏମନ ଭାଇନ |
| ତାବାଲ ସାବାନ ଖଣ୍ଡ ବେ ଲୁଗା ପଚିଶାଳ ତୁଏ । | ଅଲେଖକ ପେଟିକେଲ ଅଲ ଏ ସେଜବିଲରେ |
| ଅଲୋଡ ଲେଲ—ଅର୍ଥାତ ସୁରଙ୍ଗୀ ଚୁଡ଼ି । | ଟୁଲଓ ଖଟିଙ୍ଗ ସେତ ଭଲ୍ଲୁ ଖଡ଼ିକ ଖେଲୁ ଝୁଣ୍ଟିଷ୍ଟ୍ରିଲ ଲେଖା ଓ |
| ଖଦର ତୁଲ । | ପଲେ ଲେଖ ବଗାଲ |
| ଓଆଡ଼ିଲ ସୁତ ଶଢ଼ା । | ଲେଲେ ଦନ୍ତୁ ଗ ଭଲ ଲ ଭଲ୍ଲେ । |
| ପୋର୍ଷଲୁଜଲ ଓ ପିତଳର କେତ୍କଲ ଜାଳ ଓ ଡଙ୍ଗ ଭରେ ସରେ | କଳ ଓ ପାଇକରକୋଟ ତେଲ |
| ଟୁଲୁଆ କାଚ ଅର୍ଥାତ ଲେଟି ଲାହେଳେ ଘର ଓ ଏଣିଲେ ବଡ଼ା ହେବ । | ଅଂଗିଡ଼ ଟେଲରେ ବଡ଼ ଲାଗିବାର ଘଡ଼ି ମଲଗାମା |
| ଅଲନା ଟିଣ୍ଡା ୧୨ × ୧୦ ଇଞ୍ଚ ୧୮ × ୧୨ ଇଞ୍ଚ ୧୬ × ୧୪ ,, | ଲେଟ ବ୍ଲୁ ସେଜ୍ଞିନ କାଲଗୀ ଶାଢ଼ୀ ଓ ଯୋଡ଼ ଓ ଲଡ଼ |
| ମୋଜା ଓ ଗୋଜାବନ୍ଦ ଉଚ୍ଚନ ୪୮ ଟକଲ ଉଦଲ ସାଇଜ ବଡ଼ା ଓ ସ୍ୱପ୍ନା | ମକଶୁଚାଲସ ଓ ଛିଟ ଗାଢ଼ ଗାଇଜୋଡ଼ ଓ ଶାଢ଼ୀ । |
| ଲେନେସ୍ତଲେଭ । | ଟ୍ରିଙ୍ଗ କାଚ ଏକିମୋସ ଅର୍ଥାତ ଉଷ୍ଣ-ଖଣ୍ଡ ଲପାନ ଅକ୍ଷର ଉତ୍ପଳ ଲଦବା ଲମରେ ବଲବାର ତୁଏ । |

# ପିଚଗାର ।

ଏ ଜାତିକୁ ଦେଉଅଛି ପାଣରେ ଭର୍ତ୍ତି ନଥି ନିର ଭରଣାଇ ଦୋଠାଗୁଡ଼ର ଘାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝି- ଅଗେ ଲେପିଦେଲେ ମଚ୍ଛବୃତ ଓ ଉଇ ଧରିବ ନାହିଁ ।

କଟିଲ ଚମଡ଼ା ଓ ଖାଜରେ ଲଗାଇବାର କାଳି ନଥି ଅଛି ।

ଅର୍ଜନଲଷ୍ଟର ଦାସ କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିଜରେ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୬ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ପତ୍ର ଉତ୍କଳଦୀପିକା ଏଡ଼ିଟର ମହାଶୟଙ୍କ ଦ୍ୱାରା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



GISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।


ଭାଗ ୨୩ ଶ / ସଂ ୪୭ ସଂଖ୍ୟା } ତା। ୮ ଦଶ ମାହେ ଡିସେମ୍ବର ସନ ୧୮୮୮ ମସିହା। ମୁ। ମାର୍ଗଶିର ବ ୨୪ ଦି ସନ ୧୨୯୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୵ / ପଶ୍ଚାଦ୍‌ଦେୟ ଟ ୩।୦


ଫସଲସମ୍ପର୍କୀୟ ସରକାରୀବିବରଣରୁ ପ୍ରକାଶ ଯେ ବେହାର ପ୍ରଦେଶର ଅବସ୍ଥା ପୂର୍ବାପେକ୍ଷା ଭଲ ହେଲେହେଁ ଏକ ୨ ସ୍ଥାନରେ ବିଶେଷ କ୍ଷତିର ଆଶଙ୍କା ଅଛି ମାତ୍ର ଦୁର୍ଭିକ୍ଷ ବା ଦୁର୍ମୂଲ୍ୟର ଭୟ ନିବାରିତ ହୋଇଅଛି । ମାନ୍ଦ୍ରାଜ ପ୍ରଦେଶର ଗଞ୍ଜାମଜିଲ୍ଲାରେ ଧାନ ଚାଉଳ କିଛି ଶସ୍ତା ହୋଇଅଛି ଅର୍ଥାତ୍ ଦୁର୍ଭିକ୍ଷରେ ଯେପରି ଦୁର୍ମୂଲ୍ୟ ହୁଅଇ ସେପରି ହୋଇ ନାହିଁ ।

---

ଆମ୍ଭମାନଙ୍କ ନୂତନ ଗବର୍ଣ୍ଣରଜେନରଲ ଲର୍ଡ, ଲାନ୍ସଡାଉନ ଅଦ୍ୟ ଅପରାହ୍ଣକାଳରେ କଲିକତାକୁ ଶୁଭାଗମନ କରିବାର ସ୍ଥିର ହୋଇଅଛି । କାଲି ସକାଳେ ସେ କାର୍ଯ୍ୟଭାର ଗ୍ରହଣ କରିବେ ଏବଂ ବର୍ତ୍ତମାନ ଗବର୍ଣ୍ଣରଜେନରଲ ଲର୍ଡ ଡଫରିନ ତହିଁ ଅରଦିନ ସୋମବାର ବୋମ୍ବାଇ ଯାତ୍ରା କରିବେ ଓ ସେଠାରୁ ଜାହାଜରେ ବିଲାତକୁ ଯିବେ ।

---

ମହାମାନ୍ୟ ଲର୍ଡ ଡଫରିନ ପ୍ରତିନିଧି ବାହାଦୁର ସିମଲାରୁ ବାହାରି ନାନାସ୍ଥାନ ଭ୍ରମଣ କରି ଗତମାସ ତା ୨୯ ରିଖ ପ୍ରାୟ ସନ୍ଧ୍ୟାକାଳରେ କଲିକତାରେ ପହୁଞ୍ଚିଲେ । ସେହିଦିନ ସକାଳବେଳେ ଆମ୍ଭମାନଙ୍କ ଛୋଟଲାଟ ଓଡ଼ିଶାର ଭ୍ରମଣ ଶେଷକରି କଲିକତାରେ ପହୁଞ୍ଚିଥିବାରୁ ଯଥାବିଧି ସମ୍ମାନ ସହିତ ମହାମାନ୍ୟଙ୍କର ଅଭ୍ୟର୍ଥନାକାର୍ଯ୍ୟ ନିର୍ବାହକରିବାକୁ ସମର୍ଥ ହୋଇଥିଲେ ।

---

ମଧ୍ୟପ୍ରଦେଶର ଚିଫ କମିଶନର ନିୟମ କରିଅଛନ୍ତି ଯେ ସେଠାର ପଟୁଆରୀମାନେ ତୋଫାନ ବଲ୍ଲି ଅଗ୍ନି ମଡ଼କ ଇତ୍ୟାଦି ଉତ୍ପାତ ଘଟିଲେ ତହିଁର ସମ୍ବାଦ ତତ୍କ୍ଷଣାତ୍ ଦେବେ ଏବଂ ମାଲଗୁଜାର ଓ ମାଫିଦାରଙ୍କ ମୃତ୍ୟୁ ଫସଲର ଅବସ୍ଥା ପ୍ରଜାଙ୍କର ବାହାରିଯିବା ବା ବସତି କରିବା ଏବଂ ସରକାରୀ ଜମି ଜଙ୍ଗଲ ଇତ୍ୟାଦି ଘାଡ଼ିଯିବା ଓ ସୀମାଚିହ୍ନ ନଷ୍ଟ କରିବା ରେଭିନ୍ୟୁ ଇନସ୍ପେକ୍ଟରମାନଙ୍କୁ ଜଣାଇବେ । ଏହିବିଷୟର ବିସ୍ତାରିତ ନିୟମ ସେହି ପ୍ରଦେଶର ଗେଜେଟରେ ପ୍ରକାଶିତ ହୋଇଅଛି ।

---

ଗତ ମଙ୍ଗଳବାର ସନ୍ଧ୍ୟାସମୟରେ ଏଠାର ଉତ୍କଳସଭାର ଅଧିବେଶନ ହୋଇଥିଲା । ଏହି ମାସ ଶେଷରେ ଏଲାହାବାଦଠାରେ ଯେଉଁ ଜାତୀୟ ମହାସଭା ବସିବ ତହିଁ ନିମିତ୍ତ ଉତ୍କଳସଭାର ପ୍ରତିନିଧିସ୍ୱରୂପ ବାବୁ ବିହାରୀଲାଲ ପଣ୍ଡିତ ବାବୁ ଜଗନ୍ମୋହନ ରାୟ ବାବୁ ଶ୍ୟାମସୁନ୍ଦର ରାୟଗୁରୁ ବାବୁ ମଧୁସୂଦନ ଦାସ ବାବୁ ସାମସନ ସହିତ ମୁନସି ସୁଲତାନ ମହମ୍ମଦ ଓ ମୁନସି ମହମ୍ମଦ ଅତହର ମନୋନୀତ ହୋଇ ଅଛନ୍ତି । ଏମାନଙ୍କ ମଧ୍ୟରୁ କେଉଁମାନେ ଯିବେ ଏ ପରେ ଜଣା ପଡ଼ିବ । ଆମ୍ଭେମାନେ ଆଶା କରୁଁ କି ଅନ୍ତତଃ ଅଧିକାଂଶ ଲୋକ ଯିବାକୁ ପ୍ରବୃତ୍ତ ହେବେ ଏବଂ ତଦ୍ୱାରା ଉତ୍କଳର ଟେକ ରଖିବେ ।

---

ଗତ ପୂର୍ବ ରବିବାର ବେଳ ଗୋଟାକ ଉତ୍ତାରୁ ଛୋଟଲାଟ ସାହେବଙ୍କ ସଙ୍ଗେ ସାକ୍ଷାତ କରି କୁମାର ବୈକୁଣ୍ଠନାଥଦେ ଘରକୁ ଲେଉଟି ଆସୁଥିଲେ ତାହାଙ୍କ ସଙ୍ଗେ ଏକାଗାଡ଼ିରେ ତାହାଙ୍କ ପେଟଭାଇ ବାବୁ ଗୋବିନ୍ଦବଲ୍ଲଭମିଶ୍ର ମହାଶୟ ଓ ବାବୁ ମୁକୁନ୍ଦଚନ୍ଦ୍ର ବିଦ୍ୟାବାଗୀଶ ଥିଲେ । ମାଣିକମୁଣ୍ଡସଡ଼କରେ ଗାଡି ଯିବାବେଳେ ସଡ଼କରେ ଦୁଇଟା ଗାଈ କନ୍ଦାକନ୍ଦି ଲଗାଇଥିଲେ । କୋଚମାନ ଘୋଡ଼ାକୁ ସମ୍ଭାଳି ୨ ନ ହେବାରୁ ଗୋଟିଏ ଗାଈଉପରେ ଗାଡି ମାଡ଼ିଗଲା ଏବଂ ତତ୍କ୍ଷଣାତ୍ ତାହାର ମୃତ୍ୟୁ ହେଲା । ଅତ୍ୟନ୍ତ ଦୁଃଖର ବିଷୟ ଯେ ଗାଈଟି ଗର୍ଭିଣୀ ଥିଲା । ମକୁନ୍ଦବାବୁ ସେଠା ଗବର୍ଣ୍ଣମେଣ୍ଟ ସ୍କୁଲର ହେଡ଼ମାଷ୍ଟର ଏବଂ ସେଠା ଗୋରକ୍ଷଣୀସଭାର ପ୍ରଧାନ ଲୋକ ଅଥଚ ସେ ବସିଥିବା ଗାଡିଦ୍ୱାରା ଗୋଟିଏ ଗୋହତ୍ୟା ହେଲା । ଦୈବାଦୁର୍ବିପାକ କାହାରି ଛାଡ଼ିବାର ନୁହଇ ।

---

ଚଟ୍ଟଗ୍ରାମର ପାର୍ବତୀୟ ଏବଂ ସୀମା ପ୍ରଦେଶର ବାର୍ଷିକ ବିବରଣୀରୁ ପ୍ରକାଶ ଯେ ସୀମାର ଅପରପାର୍ଶ୍ୱବାସିମାନେ ଇଂରାଜଙ୍କ ଏଲାକା ମଧ୍ୟରେ ବଡ଼ ଉତ୍ପାତ କରନ୍ତି । ଗତବର୍ଷ ଏକଦଳ ପାହାଡ଼ିଆ ଆସି ଜରିପକାର୍ଯ୍ୟରେ ନିଯୁକ୍ତ ଥିବା ଲେଫ୍ଟେନେଣ୍ଟ ଷ୍ଟିବାର୍ଟ ସାହେବ ଏବଂ ତାହାଙ୍କ ସଙ୍ଗେ ଥିବା ଦୁଇଜଣ ଇଂରାଜ ଏବଂ ଏକଜଣ ଦେଶୀୟ ସୈନ୍ୟଙ୍କୁ ବଧକରି ଭମୁରେ ଥିବା

Digitized by srujanika@gmail.com

Split by PDF Splitter



ସମସ୍ତ ଦ୍ରବ୍ୟ ଲୁଟି ନେଲେ । ଏମାନଙ୍କୁ ଦଣ୍ଡ ଦେବା କାରଣ ସେନା ପଠାଇବାର ପ୍ରସ୍ତାବ ହୋଇଥିଲା ମାତ୍ର ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏବର୍ଷ ସେନା ପଠାଇବାକୁ ନାସ୍ତି କରି ସୀମାପ୍ରଦେଶ ଅଧିକ ଦୃଢ଼ରୂପେ ରକ୍ଷା କରିବା କାରଣ [illegible] ସିପାହି ନିଯୁକ୍ତ କରିଅଛନ୍ତି । ଏଥିରେ ଉତ୍ପାତ ଶାନ୍ତ ନ ହେଲେ ଆଗାମି ବର୍ଷ ପର୍ବତୀୟ ଲୋକଙ୍କୁ ଦଣ୍ଡ ଦେବା କାରଣ ସୈନ୍ୟ ପ୍ରେରିତ ହେବେ ।

---

ବମ୍ବେଇର ଲୁଗାବୁଣା କଳକାରଖାନାର କାର୍ଯ୍ୟ କ୍ରମଶଃ ବୃଦ୍ଧି ହେବା ଓ ଅନେକ ଲୁଗା ବିଦେଶକୁ ରପ୍ତାନି ହେବାରୁ ଆହୁରି ୧୫।୧୬ଟା ନୂଆ କଳକାରଖାନା ବସିବାର ଉଦ୍ୟମ ଲାଗିଅଛି ଏବଂ ଯେଉଁପ୍ରକାର ଲୁଗା ବିଲାତରୁ ଆମଦାନି ହୁଅଇ ତାହା ସବୁ ସେଠାରେ ପ୍ରସ୍ତୁତ ହେବାର ଚେଷ୍ଟା ହେଉଅଛି । ଆମ୍ଭେମାନେ ଏ ସମ୍ବାଦ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲୁଁ । ବମ୍ବେଇବାସିମାନେ ପ୍ରକୃତ କାର୍ଯ୍ୟକ୍ଷମ ଲୋକ । ଭାରତବର୍ଷର ଅନ୍ୟାନ୍ୟ ସ୍ଥାନର ଲୋକମାନେ ଅଦ୍ୟାପି ବମ୍ବେଇର ଅନୁକରଣ ନ କରିବା ବଡ଼ ଦୁଃଖର ବିଷୟ ଅଟଇ । ସକଳପ୍ରଦେଶୀୟ ଲୋକଙ୍କର ଏପରି ସାହସ ଓ ଚେଷ୍ଟା ହେଲେ ଆଉ ବିଲାତର ମୁଖାପେକ୍ଷା କରିବାକୁ ହେବ ନାହିଁ ଓ ଦେଶର ଦରିଦ୍ରତା ଘୁଞ୍ଚିବ ।

---

ସମ୍ବାଦବାହିକାରେ ପାଠକଲୁଁ ଯେ ରାଜା ଶ୍ୟାମାନନ୍ଦ ଦେ ବାହାଦୁରଙ୍କ ଅଧ୍ୟକ୍ଷତାରେ ସାମୟିକ ଦାନଠାରୁ ପ୍ରଭୃତି ଛଡ଼ା କେତେଗୁଡ଼ିଏ ସ୍ଥାୟୀକାର୍ଯ୍ୟ ଅନୁଷ୍ଠିତ ହୋଇଅଛି । ଯଥା, କୁମାର ଜଣା ସ୍କୁଲକୁ ପାଞ୍ଚଶତ ଟଙ୍କା ଦାନ କରିଅଛନ୍ତି । ଯେଉଁ ଛାତ୍ର ପ୍ରବେଶିକା ପରୀକ୍ଷାରେ ସର୍ବୋପରେ ପ୍ରଥମ ହେବ ସେ ଉକ୍ତ ଟଙ୍କାର ସୁଧ ଟ ୨୦ କାରେ ଗୋଟିଏ ମେଡ଼ାଲ ପାଇବ । ଏହା ଛଡ଼ା ଜିଲା [illegible] ଓ ଗ୍ରାମ୍ୟ ବାଳିକାବିଦ୍ୟାଳୟନିମନ୍ତେ ବର୍ଷକୁ ଉଣେଇଶ ଟଙ୍କା ଆୟର ଏକ ଜମିଦାରୀ ସରକାର ବାହାଦୁରଙ୍କ ହସ୍ତରେ ଅର୍ପଣ କରିବାର ସ୍ଥିର କରିଅଛନ୍ତି । ଏଥିର ଆୟରୁ ପ୍ରତିବର୍ଷ ଛାତ୍ରମଧ୍ୟରେ ବୃତ୍ତି ଖୋଲାଯିବ ଏବଂ ଉକ୍ତ ବାଳିକାବିଦ୍ୟାଳୟକୁ ମାସିକ ଟ ୫ କା ଲେଖାଏ ଦିଆଯିବ । ଆମ୍ଭମାନଙ୍କ ବିବେଚନାରେ ଜମିଦାରୀ କିଣିବା ଅପେକ୍ଷା ନଗଦ ଟଙ୍କା ଦେବାର ଭଲ ଅଥବା ଜମିଦାରୀ ଏକକାଳୀନ ଦାନ କଲେ ସରକାର କମ୍ପା ଓ ଷ୍ଟକ୍‌ବୋର୍ଡ଼ ଦ୍ୱାରା ବିକ୍ରୟ କରି ଟଙ୍କା ଜମାଇରଖି ପାରନ୍ତେ । ପ୍ରମିସରୀ ନୋଟପରି ଜମିଦାରୀର ଆୟର ସ୍ଥିରତା ନାହିଁ ଏବଂ ବିପଦ ଅନେକ ଅଛି ।

---

ଛୋଟନାଗପୁର ଏଜେଣ୍ଟର ଗତ ବାର୍ଷିକ ବିବରଣୀରୁ ପ୍ରକାଶ ଯେ ବଣେଇରାଜ୍ୟର ଲୋକମାନେ ବିଗିଡ଼ିଥିଲେ ଏବଂ ଅପର ପ୍ରଜାମାନେ ରାଜାଙ୍କ ପ୍ରତି ଅସନ୍ତୁଷ୍ଟ ହୋଇ ଇଂରାଜଙ୍କ ଶାସନାଧୀନ ହେବାକୁ ଚାହୁଁଥିଲେ । ପୃଥକ୍ ଆଦେଶଦ୍ୱାରା ସେମାନଙ୍କ ଗୁହାର ନିଷ୍ପତ୍ତି ହୋଇଅଛି । ବୃଷ୍ଟି ଊଣା ହେବାରୁ ଫସଲ ଊଣା ଏବଂ ସ୍ଥାନେ ସ୍ଥାନେ ଶସ୍ୟର ମୂଲ୍ୟ ବୃଦ୍ଧି ହୋଇଥିଲା ମାତ୍ର ରେଲବାଟରେ ପ୍ରଚୁର ମଜୁରି ପାଇବାରୁ ଲୋକଙ୍କର କଷ୍ଟ ହୋଇ ନାହିଁ । ଗୋରୁ ଡକାଇତି ଖୁନମାମଲା ଗତବର୍ଷଠାରୁ ବୃଦ୍ଧି ହୋଇଥିବାର ପ୍ରକାଶ । ଏକମୋକଦ୍ଦମାରେ ଏକ ବ୍ୟକ୍ତି ଜଣେ ବୁଢ଼ୀକି ଡାଆଣି ବୋଲି କହିବାରୁ ବୁଢ଼ୀ କହିଲା କି ତୋତେ ମୁଁ ଖାଇଯିବି । ତହୁଁ ସେ ଲୋକ ଗୋଟାଏ ଗିଲଏଛାରେ ବୁଢ଼ୀର ମୁଣ୍ଡ ଛେଚି ମାରି ପକାଇଲା । ବିଚାରରେ ସେ ବ୍ୟକ୍ତି ଫାଶୀ ପାଇଅଛି । ଏସବୁ ଗଡ଼ଜାତରେ ବିଶେଷତଃ ସଡ଼ଇକଲରେ ଶିକ୍ଷାର ଅବନତି ଏବର୍ଷ ଘଟିଅଛି ଅଥଚ ଏହି ଅସନ୍ତୋଷକର ଘଟନାର ହେତୁ ପ୍ରଦର୍ଶିତ ହୋଇ ନାହିଁ । ସରଗୁଜାରେ ବସନ୍ତ ଓ ଓଲାଉଠାରୋଗରେ ଅନେକ ମୃତ୍ୟୁ ହୋଇଥିଲା ମାତ୍ର ଇଂରାଜୀ ଟିକା ଅଧିକ ପରିମାଣରେ ଦିଆଯିବାରୁ ବସନ୍ତରୋଗ ଦମନ ହେଲା । ସରଗୁଜାରେ ପଶୁରୋଗଦ୍ୱାରା ପ୍ରାୟ ୧୪୦୦୦ ଗାଈ ଗୋରୁ ମରିପଡ଼ିଥିଲେ ।

---

ସରକାରୀ ମୋକଦ୍ଦମାର ଗତ ବାର୍ଷିକ ବିବରଣ ପାଠକରି ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇ ନାହାନ୍ତି । ଗବର୍ଣ୍ଣମେଣ୍ଟ ପ୍ରତ୍ୟେକ ମୋକଦ୍ଦମାର ଅବସ୍ଥା ବିବେଚନା କରି ଜାଣି ପାରନ୍ତି କି କେତେକ ମୋକଦ୍ଦମା ଆଦୌ ଦାଏର କରିବା ଏବଂ ଆଉ କେତେକ ମୋକଦ୍ଦମାରେ ଲଢ଼ିବାର ଉଚିତ ନ ଥିଲା; କି ଉପାୟ କଲେ ଏପରି ନ ଘଟିବ ତହିଁର ପରାମର୍ଶ ଲିଗେଲରିମେମ୍ବ୍ରାନ୍ସରଙ୍କଠାରୁ ପାଇବାର ଗବର୍ଣ୍ଣମେଣ୍ଟ ଆଶା କରିଅଛନ୍ତି । ମାତ୍ର ସେ ତାହା ଦେଇ ନ ଥିବାରୁ ତାହାଙ୍କ ପ୍ରତି ତାଗିଦ ହୋଇଅଛି । ଦଦାପଟିର ମାନେଜର ଆପଣା ଇଚ୍ଛାରେ ନଂମ୍ବର ଅପିଲ କରିବା ଏବଂ ସେ ସବୁ ନାମଞ୍ଜୁର ହେବାରୁ ତାହାର କାର୍ଯ୍ୟ ପ୍ରତି ଦୃଷ୍ଟି ରଖିବା କାରଣ ବୋର୍ଡଙ୍କୁ ଆଦେଶ ହୋଇଅଛି ।

ତକାବୀ ବାବତ ସରକାରଙ୍କ ପାଉଣା ସନ୍ତୋଷଜନକରୂପେ ଅସୁଲ ହେଉ ନାହିଁ ଏବଂ ଅନେକ ଟଙ୍କା ବାକୀ ପଡ଼ୁଅଛି । ରେମେମ୍ବ୍ରାନ୍ସରଙ୍କ ବିବେଚନାରେ କଲେକ୍ଟରମାନେ ଏ ବିଷୟରେ ବଡ଼ ମନୋଯୋଗୀ ହୁଅନ୍ତି ନାହିଁ । ନାଜର ଏବଂ ତାହାଙ୍କ ଅଧୀନସ୍ଥ କର୍ମଚାରୀଙ୍କୁ ତକାବୀ ଟଙ୍କା ଉସୁଲ ସକାଶେ କିଛି କମିଶନ ଦେଲେ ଭଲ ହେବ କି ନାହିଁ ଏଥିର ବିଚାର ଲାଗିଅଛି । ଆମ୍ଭମାନଙ୍କ ବିବେଚନାରେ କମିଶନ ଦେଲେ ଅବଶ୍ୟ ଭଲ ଉସୁଲ ହେବ । ସରକାରଙ୍କ ପକ୍ଷରୁ ବିଶେଷ ତଦବିରକାର କେହି ନ ଥିବାରୁ ଟଙ୍କା ଉସୁଲ ହୋଇ ପାରୁ ନାହିଁ ।

---

ଗତମାସରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ଢାକାନଗରରେ ବିରାଜମାନ ହୋଇଥିବା କାଳରେ ତାହାଙ୍କର ସମ୍ମାନାର୍ଥେ ଢାକାବାସିମାନେ ବିଶେଷ ଉତ୍ସାହୀ ହୋଇଥିଲେ । ସେ ଉକ୍ତ ନଗରରେ ପ୍ରବେଶ ହେବାମାତ୍ରକେ ବିଭାଗୀୟ କମିସନର ସ୍ଥାନୀୟ ପ୍ରଧାନ ପ୍ରଧାନ କର୍ମଚାରୀ ଓ ମିଉନିସିପାଲ କମିଶନରମାନେ ଏବଂ ନବାବ ଅବଦୁଲଗନି ପ୍ରଭୃତି ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସମୁଚିତ ଅଭ୍ୟର୍ଥନା ସହିତ ଚନ୍ଦ୍ରାତପଦ୍ୱାରା ନିର୍ମିତ ହୋଇଥିବା ଅଭ୍ୟର୍ଥନା ମଣ୍ଡପରେ ତାହାଙ୍କୁ ବସାଇଲେ । ମିଉନିସିପାଲିଟୀର ଅଭିନନ୍ଦନପତ୍ର ସେଠାରେ ପଠିତ ହେଲା ଏବଂ ତହିଁର ଉତ୍ତର ପ୍ରଦାନ କରି ନବାବ ଅବଦୁଲଗନିଙ୍କୁ ଆପଣା ପାର୍ଶ୍ୱରେ ବସାଇ ସନ୍ଧ୍ୟା ୫ ଘଣ୍ଟା ସମୟରେ ନବାବଙ୍କ ସା-ବାଗ ନାମକ ଉଦ୍ୟାନକୁ ଗମନ କଲେ । ଏସମୟରେ ନଗରଯାକ ରୋସନାଇ ହୋଇଥିଲା ଏବଂ କଚେରୀ କଲେଜ ଏବଂ ନର୍ଥବୃକହଲ ସ୍ଥାନମାନଙ୍କର ରୋସନାଇ ବଡ଼ ସୁନ୍ଦର ହୋଇଥିଲା । ସା-ବାଗ ଓ ତହିଁ ନିକଟ ମାର୍ଗମାନ ନବାବ ନିଜେ ରୋସନାଇ କରିଥିଲେ ଏବଂ ଉଦ୍ୟାନର ରୋସନାଇ ସବୁଠାରୁ ଉତ୍କୃଷ୍ଟ ହୋଇଥିଲା । ସେଠାରେ ବଡ଼ଲାଟ ନବାବସାହେବ ଏବଂ କେତେକଜଣ ଇଉରୋପୀୟମହିଳାଙ୍କ ସହିତ ପାନ ଭୋଜନ କରିଥିଲେ ।

ଲର୍ଡ ଡଫରନଙ୍କ ଶୁଭାଗମନ ସ୍ମରଣାର୍ଥ

Digitized by srujanika@gmail.com

Split by PDF Splitter



ଗୋଟିଏ ଶୀତଳଶାଳାୟ ଲେଡି ଡଫରିନଙ୍କ ନାମରେ ଢାକାରେ ବସାଇବାର ପ୍ରସ୍ତାବ ହୋଇଅଛି ଏବଂ ତହିଁନିମିତ୍ତ ଏଠା ନବାବ ଅସାନୁଲ୍ଲା ପଞ୍ଚାଶହଜାର ବା ଅର୍ଦ୍ଧଲକ୍ଷଟଙ୍କା ଦାନ କରିଅଛନ୍ତି । ଏପରି କାର୍ତ୍ତିକପୁରର ଚୌଧୁରୀ କାଫିଲୁଦ୍ଦୀନ ଟ ୨୦୦୦ ଙ୍କା ନଲେଷ୍ଟିୟାର ହାଜି ମହମ୍ମଦଅଲି ଖାଁ ଟ ୫୦୦୦ ଙ୍କା ଦଲଦାରଭି ସଇଦ ଅବଦୁଲଜବର ଚୌଧୁରୀ ଟ ୧୦୦୦ ଙ୍କା ଏବଂ ସାଲିମନଗରର ସୈୟଦ ଅବଦୁଲ ହକ ଟ ୧୮୦୦ ଦାନ କରିଅଛନ୍ତି । ଢାକାର ହିନ୍ଦୁମାନେ ଦତ୍ତ ହଇବେ ନାହିଁକି ?

---

ଅନୁଗୁଳରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଗତବର୍ଷରେ ସେଠା ବନ୍ଦୋବସ୍ତକାର୍ଯ୍ୟରେ ସ୍ଥାନୀୟ ପ୍ରାୟ ନ ୧୫୦ ଣ ଖାନସିପ୍ରସୁତ ଗୃହର ଛଅ ମାସକୁ ଟ ୩୫ ଙ୍କା ଲେଖାଏଁ ବେତନ ପାଉଥିଲେ ଏବଂ ତଦ୍ୱାରା ସେମାନଙ୍କ ପରିବାରସହିତ ପ୍ରାୟ ନ ୬୦୦ ଣ ମନୁଷ୍ୟଙ୍କର ଦୁର୍ଭିକ୍ଷବର୍ଷର ଅନ୍ନକଷ୍ଟସମୟରେ ଜୀବନଧାରଣର ଉପାୟ ହୋଇଥିଲା । ଏବର୍ଷ ସେହିକାର୍ଯ୍ୟସକାଶେ ବିଦେଶୀୟ ଲୋକଙ୍କୁ ମାସକୁ ଟ ୬୦ ଙ୍କା ଲେଖାଏଁ ବେତନ ଏବଂ ଭତ୍ତା ଦେବାନିୟମରେ ଅଣାଯାଇ ଅଛି ଅଉ ଫସଲ ଲୋକସାନୀ ସମୟରେ ସେମାନଙ୍କ ଖୋରାକହେତୁ ଶସ୍ୟ ନିଅଣ୍ଟ ହେଉଅଛି । ଯେଉଁକାର୍ଯ୍ୟ ଅଳ୍ପ ବେତନରେ ସ୍ଥାନୀୟଲୋକଙ୍କଦ୍ୱାରା ନିର୍ବାହିତ ହୋଇପାରେ ତହିଁପାଇଁ ଅପେକ୍ଷାକୃତ ଅଧିକବ୍ୟୟରେ ବିଦେଶରୁ କର୍ମଚାରୀ ଅଣାଇବାର ହେତୁ ଆମ୍ଭେମାନେ ବୁଝିପାରୁ ନାହୁଁ । ବୋଧ ହୁଅଇ ସ୍ଥାନୀୟଲୋକେ ତଦ୍ରୂପ ଯୋଗ୍ୟ ନ ଥିବେ ବୋଲି କର୍ତ୍ତୃପକ୍ଷମାନେ ଏପରି କରିଥିବେ । ମାତ୍ର ଯେସ୍ଥଳେ ସ୍ଥାନୀୟଲୋକମାନେ ଏକବର୍ଷ କାର୍ଯ୍ୟ ନିର୍ବାହ କରିଅଛନ୍ତି ସେସ୍ଥଳେ ସେମାନେ ଅବଶ୍ୟ କିଛି ଶିକ୍ଷା କରିଥିବେ ଏବଂ ଅଧିକ ଅଭ୍ୟାସଦ୍ୱାରା ଆହୁରି ଯୋଗ୍ୟ ହେବେ । ଲୋକସାନୀହେତୁ ଅନୁଗୁଳର ଲୋକମାନେ କଷ୍ଟରେ ଅଛନ୍ତି ଏ ସମୟରେ ସେମାନଙ୍କପ୍ରତି ସୁଦୃଷ୍ଟି ରଖିବାର ଉଚିତ । ଅତଏବ ଆମ୍ଭେମାନେ ଗଡ଼ଜାତର ସୁପ୍ରିଣ୍ଟ ସାହେବଙ୍କୁ ଅନୁରୋଧ କରୁଅଛୁଁ କି ବନ୍ଦୋବସ୍ତକାର୍ଯ୍ୟରେ ସ୍ଥାନୀୟଲୋକଙ୍କର ଶ୍ୱକଣ୍ଠ ପାଇବାର ଦାବିର ସୁବିଚାର କରିବେ । ସ୍ଥାନୀୟଲୋକ କଷ୍ଟ ପାଇବେ ଓ ବିଦେଶୀୟଲୋକ ସେମାନଙ୍କର ହାନି ଦେଉଥିବେ ଏଥିରେ ଅବଶ୍ୟ ଦୁଃଖ ଜାତ ହେବ ।

---

ଖୋରଧାର ଅନ୍ନକଷ୍ଟସମ୍ପର୍କରେ ଗତ ଅକ୍ଟୋବରମାସରେ ଆମ୍ଭମାନଙ୍କର କମିଶନର ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ରିପୋର୍ଟ କରିଥିଲେ ତହିଁରେ ଲେଖିଅଛନ୍ତି କି ଉକ୍ତମାସ ତା ୧୬ ରିଖଠାରୁ ତା ୧୯ ରିଖ ପର୍ଯ୍ୟନ୍ତ ସେ ଖୋରଧାର କେତେକସ୍ଥାନ ଭ୍ରମଣକରି ଲୋକଙ୍କର ଅବସ୍ଥା ଦେଖି ତାହାଙ୍କ ମନେ ହେଲା ଯେମନ୍ତ ଦୁର୍ଭିକ୍ଷ ଅବସ୍ଥାରେ ବିଶେଷ କିଛି ଅସାଧାରଣ ଘଟି ନାହିଁ ଏବଂ ଅନେକଗ୍ରାମ ବୁଲି ରଇତମାନଙ୍କର ଦୃଢ଼ନିର୍ମିତ ଘରବାଡ଼ି ଏବଂ ବହୁସଂଖ୍ୟକ ଗାଈଗୋରୁ ଦେଖି ଲୋକମାନେ ପୂର୍ବବର୍ଷର ଊଣା ଫସଲ ଏବଂ ଛ ମାସତଳେ ବନ୍ୟାର ଘାତ ସହିବା ପ୍ରତ୍ୟେକେ ଏତେ ଅଳ୍ପଆହାର୍ଯ୍ୟ ଲୋଡ଼ିବାର କାରଣ ବୁଝିବାକୁ ସମର୍ଥ ହୋଇଥିଲେ । ପ୍ରକୃତକଥା ଏହିକି ଖୋରଧାର ପ୍ରଜାମାନେ ଅନ୍ୟସ୍ଥାନରେ ଯେପରି ଦେଖିଅଛୁ ସେପରି ପଦାର୍ଥବନ୍ତ ଅଟନ୍ତି ଏବଂ ଯେସ୍ଥଳେ ସେମାନେ ଅତିଅଳ୍ପ ଖଜଣା ଦେଉଅଛନ୍ତି ସେସ୍ଥଳେ ସେମାନଙ୍କ ଅବସ୍ଥା ଭଲ ହୋଇ ନ ଥିଲେ ଆଶ୍ଚର୍ଯ୍ୟର ବିଷୟ ହୁଅନ୍ତା । ଅତଏବ ସ୍ପଷ୍ଟ ଜଣାଯାଏ ଯେ ବର୍ତ୍ତମାନର କଷ୍ଟ କେବଳ ଜମି ନ ଥିବାଲୋକଙ୍କୁ ବାଧୁଅଛି ନଚେତ୍ ପ୍ରଜାମାନଙ୍କର ଅବସ୍ଥା ବ୍ୟବହାର ରଇତଙ୍କଠାରୁ ଅନେକ ଭଲ । ଧନ୍ୟ ଖୋରଧାବାସୀ ଖାସମହାଲର ପ୍ରଜା ହୋଇସିନା ତୁମ୍ଭମାନଙ୍କର ଏତେ ସୁଖ ରହିବାକୁ ମକଦ୍ଦମ ଘରବାରରେ ପଡ଼ିବା ପଛର ଏବଂ ବଳରେ ଧାନ ପୁଣି ତହିଁର ଖଜଣା କଟାନ୍ତି ଊଣା । ଓଡ଼ିଶାରେ ଏପରି ଆଉ କୌଣସିଠାରେ ଅଛନ୍ତି ?

ଏହି ରିପୋର୍ଟରେ ବାଙ୍କୀର କଲାପଥର ଗସ୍ତର ବିବରଣ କମିଶନର ସାହେବ ଲେଖିଅଛନ୍ତି କି ସେ ଗ୍ରାମରେ ଅନ୍ନକଷ୍ଟର ଚିହ୍ନ କିଛି ଦେଖି ନାହାନ୍ତି, ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ୪୦।୫୦ ଜଣ ଅଧମ ଅଧିବାସୀ କି ସେମାନଙ୍କମଧ୍ୟରେ ଅଧିକାଂଶ ବୁଢ଼ା ବୁଢ଼ି ଓ ପିଲା ଥିଲେ ଆମ୍ଭ ସାକ୍ଷାତରେ ଉପସ୍ଥିତ କରାଯାଇ ଥିଲା ଏମାନଙ୍କର ଦେହ ଅନେକ ଶୁଖି ଯାଇଥିଲା ଏବଂ ଏମାନେ ସାହାଯ୍ୟ ପାଇବାର ପାତ୍ର ସୁତରାଂ ସାହାଯ୍ୟ ଦିଆଯାଉଅଛି । ଶୁଣିବାରେ ସାହାଯ୍ୟ ପାଉଥିବା ଲୋକଙ୍କ ସଂଖ୍ୟା ଏକହଜାରରୁ ଊର୍ଦ୍ଧ୍ୱ ନୁହଇ ଅତଏବ କଟକର କଲେକ୍ଟରଙ୍କ ପାକ୍ଷିକ ରିପୋର୍ଟ ପଠାଇବା କାରଣ ଆଦେଶ ଦେବାର ପ୍ରୟୋଜନ ହେଲା ନାହିଁ । ଏଥିରୁ ଜଣା ଯାଉଅଛି କି ଜ ୫୦।୬୦ ଣ ଅନ୍ନକଷ୍ଟରେ ଅସ୍ଥିଚର୍ମସାର ହେଲେ ବା ଏକହଜାରରୁ ଊଣା ଲୋକ ସାହାଯ୍ୟ ଲୋଡ଼ିଲେ କମିଶନରଙ୍କ ମତରେ ବଡ଼କଥା ନୁହଇ । ଆମ୍ଭେମାନେ ବୁଝିଥିଲୁଁ ଯେ ଜଣେ ମନୁଷ୍ୟ ଅନାହାରରେ ମଲେ ସୁଦ୍ଧା ସରକାରଙ୍କର ଦାୟିତ୍ୱ ଅଛି କିନ୍ତୁ ସାହେବଙ୍କ ମତରେ କେତେଲୋକ ସରକାର ସାହାଯ୍ୟ ଦପାଇବାର ଉଚିତ ତାହା ଜାଣିବାକୁ ବାକି ରହିଲା ।

---

## ପୁଣି ନାଟ୍ୟାଭିନୟ ।

ଏ ନଗରବାସୀ ବିଖ୍ୟାତ ବାବୁ ମଧୁସୂଦନ ଦାସ ଆପଣା ବ୍ୟୟରେ ଆପଣାକୋଠିମଧ୍ୟରେ ନାଟ୍ୟାଭିନୟର ଉପଯୋଗୀ ଗୋଟିଏ ସ୍ଥାୟୀ ନାଟ୍ୟମନ୍ଦିର ପ୍ରସ୍ତୁତ ଓ ତହିଁର ଆବଶ୍ୟକୀୟ ଉପାଦାନ ଯୋଗାଇଦେଇ ସର୍ବସାଧାରଣଙ୍କର ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି ଏବଂ ତାହାଙ୍କ ପ୍ରସାଦରୁ ନଗରବାସିମାନେ ସମୟ ୨ ରେ ନାଟ୍ୟାଭିନୟ ଦେଖିବାକୁ ସମର୍ଥ ହେବାରୁ ତାହାଙ୍କ କଲ୍ୟାଣ କରୁଅଛନ୍ତି । ସାଧାରଣ-ହିତବ୍ରତପରାୟଣ ଏବଂ ଉତ୍ସାହୀଲୋକଙ୍କଦ୍ୱାରା ଏହା ଏପରି କାର୍ଯ୍ୟମାନ ହୁଅଇ ଆମ୍ଭେମାନେ ଏକାନ୍ତ ପ୍ରାର୍ଥନା କରୁଁ ଓଡ଼ିଶାରେ ଏପରି ଲୋକଙ୍କ ସଂଖ୍ୟା କ୍ରମଶ ବୃଦ୍ଧି ହେଉ ।

ଏହି ନାଟ୍ୟମନ୍ଦିରରେ ଗତସପ୍ତାହରେ ଗୋଟିଏ ଅଭିନୟ ହେବାର ଲେଖିଥିଲୁଁ । ଏଥର ଆଉ ଏକ ଅଭିନୟର ଉଲ୍ଲେଖ କରୁଅଛୁଁ । ଗତ ଦୁର୍ଗାପୂଜାସମୟରେ ଦଗିତପଡ଼ା ଗ୍ରାମରେ ଯେଉଁମାନେ କାଞ୍ଚିକାବେରୀ ନାଟକର ଅଭିନୟ କରିଥିଲେ ଓ ଯାହାଙ୍କ କାର୍ଯ୍ୟର ଅନୁକୂଳ ସମାଲୋଚନା ଆମ୍ଭେମାନେ ଏଥିପୂର୍ବେ କରିଥିଲୁଁ ସେହିମାନେ ଏ ନଗରକୁ ଆସି ଗତ ଶନିବାର ରାତ୍ରିରେ ମଧୁବାବୁଙ୍କ ଉପରଲିଖିତ ନାଟ୍ୟମନ୍ଦିରରେ ଉକ୍ତ ନାଟକର ଅଭିନୟ ଦେଖାଇ ଥିଲେ । ଦର୍ଶକମାନଙ୍କୁ ମୂଲ୍ୟ ଦେଇ ଟିକଟ କିଣିବାକୁ ହୋଇଥିଲେ ମଧ୍ୟ ପ୍ରାୟ ୧୫୦।୨୦୦ ଲୋକ ଦେଖିବାକୁ ଯାଇଥିଲେ ଏବଂ ଅଭିନୟକାରମାନେ ଏମନ୍ତ ପଟୁପାଣ୍ଡିତ୍ୟ ଓ ଦକ୍ଷତାସହିତ କାର୍ଯ୍ୟ କଲେ ଯେ

Digitized by srujanika@gmail.com

ଦର୍ଶକବୃନ୍ଦ ପୁନଃ୨ ପ୍ରଶଂସା ନ କରି ଥୟ ହୋଇ ପାରିଲେନାହିଁ । ଯେ ଯେଉଁବେଶ ଧରିଥିଲା ତାହାର ଅନୁରୂପ କାର୍ଯ୍ୟ କରିଥିଲା । ଅଧିକାଂଶଲୋକ ନିପୁଣତା ସହିତ କାର୍ଯ୍ୟ କରିଥିଲେହେଁ କାଞ୍ଚି ଓ ପୁରୀର ରାଜାମାନେ ବିଦୂଷକ ଓ ଭଦ୍ରା ଦର୍ଶକମାନଙ୍କର ଅଧିକ ପ୍ରଶଂସାଭାଜନ ହୋଇଥିଲେ । ଭଦ୍ରାର ଦୁଇ ତିନ ସଙ୍ଗୀତମଧ୍ୟ ବଡ଼ ମନୋହର ହୋଇଥିଲା । ମୋଟରେ ଅମ୍ଭେମାନେ କହିପାରୁଁ ଯେ ଏମାନେ ମଫସ୍ସଲରୁ ଅସି ଯେମନ୍ତ କାର୍ଯ୍ୟ ଦେଖାଇଲେ ସଦରସ୍ଥାନର ଅଭିନୟକାରିଙ୍କଠାରେ କ୍ୱଚିତ ଦେଖାଯାଇ ଅଛି । ବାଦ୍ୟ ଓ ଗାୟନରେ ତ୍ରୁଟି୨ ଦେଖା ଯାଇଥିଲା ମାତ୍ର ଏ ସବୁରେ ଯୋଗ୍ୟତା ଲାଭ କରିବା ଅଳ୍ପ ପରିଶ୍ରମର କଥା ନୁହଇ ଏବଂ ଏଥିରେ ଉଲ ଶିକ୍ଷକ ମଧ୍ୟ ନାହାନ୍ତି ଶିକ୍ଷିତଯୁବକମାନଙ୍କର ଏ ବିଷୟରେ ମନୋଯୋଗୀ ହେବାର ଉଚିତ ।

ଅମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଏ ଦଳର କାର୍ଯ୍ୟ ସଫଳ ହେବାର ଦେଖି ଏ ନଗରବାସି କେତେକ ଯୁବା ଶୀଘ୍ର ଗୋଟିଏ ନାଟକର ଅଭିନୟ ଦେଖାଇବାକୁ ମନୋଯୋଗୀ ହୋଇ ଅଛନ୍ତି । ଏହିସମୟରେ ମୋଫସଲ ଅନ୍ୟାନ୍ୟ ଗ୍ରାମର ନାଟକାଭିନୟଦଳଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଆପଣା୨ ସ୍ଥାନରେ ଯାହା କରିଥିଲେ ଏ ନଗରବାସିଙ୍କି ତାହା ଦେଖାଇ ଆପଣା୨ ପରିଶ୍ରମକୁ ସଫଳ କରନ୍ତୁ । ବଗିଚପଡ଼ାର ଦଳ ସୁନ୍ଦର ଆଦର୍ଶ ଦେଖାଇ ଅଛନ୍ତି ଅନ୍ୟାନ୍ୟଗ୍ରାମର ଏଥିର ଅନୁଗମନକଲେ ବଡ଼ ସୁଖର ବିଷୟ ହେବ ।

---

ଓଡ଼ିଶାରେ ଲେପ୍ଟେନଣ୍ଟ ।

ବାଲେଶ୍ୱର ।

ମାନ୍ୟବର ସର୍ ଷ୍ଟିୟାର୍ଟ ବେଲି ହୋଷ୍ଟକେନାଲ ଲାଞ୍ଚ ଗତମାସ ତା ୨୫ ରିଖ ରବିବାର ପ୍ରାତଃକାଳରେ ଚାନ୍ଦପୁରଘେଡ଼ ନଦୀମୁହାନାଠାରେ ଲଞ୍ଚକୁ ଓହ୍ଲାଇ ସେଠାରୁ ବଗିଚେ ନଗର ମଧ୍ୟକୁ ବିଜେକଲେ । ପରମିଟ କୋଠି ପଡ଼ିଆରେ ଅଭ୍ୟର୍ଥନାମଣ୍ଡପ ଯଥାବିଧି ସୁସଜ୍ଜିତ ହୋଇଥିଲା । ଏ ନଗରବାସୀ ଇଂରେଜ ଓ ଦେଶୀୟ ଭଦ୍ରଲୋକମାନେ ଉପସ୍ଥିତ ଥିଲେ । ଚୌକିଦାର ଓ କନଷ୍ଟବଲମାନେ ବାଟରେ ଧାଡ଼ିବାନ୍ଧି ଛିଡ଼ା ହୋଇଥିଲେ ଏବଂ ଥୋକେ କନଷ୍ଟବଲ ସଲାମୀ ଦେବାକୁ ନିଯୁକ୍ତ ଥିଲେ ।

ମାନ୍ୟବର ଲେପ୍ଟେନଣ୍ଟ ଗାଭର୍ଣ୍ଣର ଓ କମିଶନର ଓ ଜିଲ୍ଲା ହାକିମମାନଙ୍କ ସହିତ ଉକ୍ତ ସକାଳ ଘ ୮୫ ଟା ସମୟରେ ସଭାମଣ୍ଡପରେ ଉପସ୍ଥିତ ହେବାରୁ ତାହାଙ୍କୁ ସମ୍ମାନସହିତ ଆସନରେ ବସାଇଲାଉତ୍ତାରୁ ଡିଷ୍ଟ୍ରିକ୍ଟବୋର୍ଡ ମିଉନିସିପାଲିଟୀ ନାସନେଲସୋସାଇଟି ଏବଂ ମୁସଲମାନମାନଙ୍କ ଅଭିନନ୍ଦନପତ୍ରମାନ ଏକପରେ ଏକ ପଢ଼ାଗଲା ଏବଂ ସେ ସମସ୍ତ ଶ୍ରବଣ କରି ମହୋଦୟ ଏକତ୍ରରେ ଏହି ମର୍ମରେ ଉତ୍ତର ଦେଲେ ଯେ ନଗରବାସୀ ଭିନ୍ନ୨ ସମାଜର ଅଭ୍ୟର୍ଥନାରେ ସେ ବଡ଼ ଆନନ୍ଦିତ ଏବଂ କୃତଜ୍ଞ ହେଲେ ଏବଂ ସେମାନଙ୍କର ରାଜଭକ୍ତିର ଯଥେଷ୍ଟ ପରିଚୟ ପାଇଲେ । ଅନ୍ୟାନ୍ୟ ପ୍ରସଙ୍ଗମଧ୍ୟରେ ନାସନେଲ ସୋସାଇଟୀର ପଞ୍ଚାୟତ ପୋଲ୍ଲାନ ପୁନଃପ୍ରାପ୍ତ କରିବାକୁ ଦେବା ପ୍ରାର୍ଥନା ଉଲ୍ଲେଖ କରି କହିଲେ କି ଶୁଣିବାରେ ମଧ୍ୟ ଏହିକଥା ଉଠିଥିଲା ଏବଂ ସେ ଅନୁସନ୍ଧାନରେ ବୁଝିଅଛନ୍ତି ଯେ ମାନ୍ଦ୍ରାଜଗବର୍ଣ୍ଣମେଣ୍ଟଙ୍କର ଘୋର ଆପତ୍ତି ଅଛି ଏବଂ ସେଣ୍ଟ୍ରାଲ ସମ୍ପୃକ୍ତ କରିପାରିବାର ହେତୁ ଦେଖୁ ନାହାନ୍ତି । ମୁସଲମାନଙ୍କ ଅଭିନନ୍ଦନପତ୍ରରେ ଅନେକ ଗୁଡ଼ିଏ ପ୍ରାର୍ଥନା ଥିବା ଓ ତାହା ଦୀର୍ଘହୋଇଥିବାରୁ ତାହାଙ୍କୁ ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ବିଷୟକ ବିସ୍ତାରିତ ହେତୁ ଫଳଯୁକ୍ତ ଉପଦେଶ ପତ୍ରବୋଲି ଇଙ୍ଗିତ କଲେ ଏବଂ କୌଣସି ପ୍ରାର୍ଥନା ସମ୍ବନ୍ଧରେ ଅନୁକୂଳମତ ପ୍ରଦାନ କଲେ ନାହିଁ । ଶୁଣିବାରେ ସାହାଯ୍ୟକୃତ ବିଦ୍ୟାଳୟ ସମ୍ବନ୍ଧୀୟ ପ୍ରାର୍ଥନା ସୁସଙ୍ଗତବୋଲି ପଛେ କହିଥିଲେ । କଟକର ମୁସଲମାନମାନଙ୍କ ଅଭିନନ୍ଦନପତ୍ରରେ ଏହି ପ୍ରାର୍ଥନା ଥିଲା ଏବଂ ତହିଁର ଅନୁକୂଳ ଉତ୍ତର ତହିଁଷଣାତ୍ ଦେଇଥିଲେ । ବୋଧ ହୁଏ ବାଲେଶ୍ୱର ମୁସଲମାନମାନଙ୍କ ଅନେକ ପ୍ରାର୍ଥନାରେ ମାନ୍ୟବର ମହୋଦୟ ବିରକ୍ତ ହୋଇ ଏହିରୂପ ଉତ୍ତର ଦେଲେ । ଏଥିଉତ୍ତାରୁ ପ୍ରତ୍ୟେକ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସହିତ ଆଳାପ କରି ତାହାଙ୍କ ବସାନିମିତ୍ତ ନିର୍ଦ୍ଦିଷ୍ଟ ହୋଇଥିବା ମାଜିଷ୍ଟ୍ରେଟ ସାହେବଙ୍କ କୋଠିକି ବିଜେକଲେ । ମଧ୍ୟାହ୍ନକାଳରେ ଭଦ୍ରଲୋକଙ୍କ ସହିତ କୋଠିରେ ସାକ୍ଷାତ ହେଲା । ଏଦିନ ସାୟଂକାଳ ଓ ତହିଁ ଆରଦିନ ସକାଳେ ସରକାରୀ କଚେରୀ ଓ କାର୍ଯ୍ୟାଳୟମାନ ଦର୍ଶନ କଲେ ।

ସେହି ସୋମବାର ଅପରାହ୍ନ ଘ ୩ ଟା ସମୟରେ ବାଲେଶ୍ୱରଜିଲ୍ଲା ସ୍କୁଲର ପୁରସ୍କାର ବଣ୍ଟନ କାର୍ଯ୍ୟ ସମାଧାନ କଲେ । ଏଠାରେ ଗୃହ ଜନତା ହୋଇଥିଲା । ସରକାରୀ ପୁରସ୍କାରଛଡ଼ା କୁମାର ପ୍ରଭୃତି ଅନ୍ୟାନ୍ୟବର୍ଷ ପରି ପୁସ୍ତକ ଓ ନଗଦ ଟଙ୍କା ପୁରସ୍କାର ଦେବାରୁ ମହୋଦୟ ସେମାନଙ୍କୁ ଧନ୍ୟବାଦ ଦେଲେ । ସେଠାରୁ ନର୍ମାଲସ୍କୁଲକୁ ଯାଇ ଛାତ୍ରଙ୍କ ଅଭିନନ୍ଦନପତ୍ର ଗ୍ରହଣ କରି କୋଠିକି ବିଜେ କଲେ । ସନ୍ଧ୍ୟାସମୟରେ ଶ୍ରୀଯୁକ୍ତ କବରଖାନା ଇତ୍ୟାଦ ଦେଖି କୁମାର ବୈକୁଣ୍ଠନାଥଦେଙ୍କ ଭବନକୁ ବିଜେକଲେ ଏବଂ ସେଠାରେ ପ୍ରାୟ ମି ୧୦ ନଟ ରହି ରେଲୱେ ସରଜମି ଇତ୍ୟାଦ ଦେଖି ସ୍ୱସ୍ଥାନକୁ ପ୍ରତ୍ୟାଗମନ କଲେ । ମାଜିଷ୍ଟ୍ରେଟଙ୍କ କୋଠିଠାରୁ କୁମାରଙ୍କ ଭବନପର୍ଯ୍ୟନ୍ତ ସମସ୍ତମାର୍ଗ କୁମାର ସ୍ୱବ୍ୟୟରେ ରୋସନାଇ କରିଥିଲେ ଏବଂ କୁମାରଭବନକୁ ଅତି ପରିପାଟୀରୂପେ ସଜାଇ ଥିଲେ । କୁମାରଙ୍କ ଅଭ୍ୟର୍ଥନା ସନ୍ତୋଷଯୁକ୍ତ ହୋଇଥିଲା । ସନ୍ଧ୍ୟାରେ ଡାକ୍ତର ଜୋରବସାହେବଙ୍କ କୋଠିରେ ଭୋଜନଉପଲକ୍ଷେ ଭଲ ରୋସନାଇ ହୋଇଥିଲା ଏବଂ କୁମାରଙ୍କ ବ୍ୟୟରେ ପ୍ରସ୍ତୁତ ହୋଇଥିବା ଆତସବାଜି ଲାଟମହୋଦୟ ସେଠାରେ ଦେଖି ପ୍ରୀତ ହେଲେ ।

ମଙ୍ଗଳବାର ପ୍ରାତଃକାଳରେ ନୀଳଗିରିର ରାଜାଙ୍କର ସେଠାରେ ଅଭ୍ୟର୍ଥନା ଗ୍ରହଣ ଓ କାର୍ଯ୍ୟାବଳି ପରିଦର୍ଶନ କରିବାରୁ ବେଳ ହୋଇ ବାଜିବା ସମୟରେ ବାଲେଶ୍ୱରକୁ ଲେଉଟି ଆସିଲେ ଏବଂ ତତ୍କ୍ଷଣ ଉତ୍ତାରୁ କେନାଲବାଟେ କଟକଆଡ଼କୁ ଯାତ୍ରା କଲେ । ବିଦାୟ କାଳରେ ମହୋଦୟଙ୍କ ଇଚ୍ଛାମତେ ବଡ଼ ଆଡ଼ମ୍ବର ହୋଇ ନ ଥିଲା କେବଳ ପାଇକ କନଷ୍ଟବଲମାନେ ସଡ଼କ ଦୁଇପାଖରେ ଛିଡ଼ାହୋଇଥିଲେ ଏବଂ ଜିଲ୍ଲାମାଜିଷ୍ଟ୍ରେଟ ମିଉନିସିପାଲିଟୀର ଚେୟାରମାନ ଡାକ୍ତର ଜୋରବସାହେବ ଘାଟପର୍ଯ୍ୟନ୍ତ ସଙ୍ଗରେ ଯାଇ ବିଦାୟଦେଇ ଆସିଲେ ।

ନୀଳଗିରି ।

ମାନ୍ୟବର ଲେପ୍ଟେନଣ୍ଟ ଗବର୍ଣ୍ଣରଙ୍କ ଏଠାର ଦର୍ଶନର ବିସ୍ତାରିତ ବିବରଣ ସେଠାର ପେସ୍କାର ବାବୁ ଗୋବର୍ଦ୍ଧନ ପଟ୍ଟନାୟକ ଲେଖିପଠାଇ ଅଛନ୍ତି । ପଞ୍ଚ ସ୍ଥାନାଭାବ ଆଦ୍ୟନ୍ତ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ତହିଁର ସଂକ୍ଷେପ ମର୍ମ ଏହି ଯେ ମାନ୍ୟବରଙ୍କ ସମ୍ମାନନିମନ୍ତେ ଏଥିର ସୀମାଠାରୁ ରାଜଭବନପର୍ଯ୍ୟନ୍ତ ସଡ଼କର ଦୁଇପାଖରେ ମେହରାବ ପ୍ରସ୍ତୁତ ଓ

Digitized by srujanika@gmail.com

Split by PDF Splitter



ସେସବୁ ବନ୍ଧୁବର୍ଗଙ୍କର ପତାକା ଫୁଲ ପତ୍ରାଦିରେ ସୁସଜ୍ଜିତ ହୋଇଥିଲା ଏବଂ ପାଶ୍ଚୋଷ୍ଟି ଫାଟକ ରଚନା ହୋଇଥିଲା ରାଜପ୍ରାସାଦର ସମ୍ମୁଖରେ ଅଭ୍ୟର୍ଥନାସଭା ଏବଂ ପ୍ରାସାଦମଧ୍ୟରେ ଅନ୍ତ ଏକସଭାସ୍ଥାନ ରଚିତ ହୋଇଥିଲା । ଉଦ୍ୟାନ ଓ ଅଟ୍ଟାଳିକା ଦୀପମାଳାରେ ଦଗ୍‌ଦୀପ୍ତ ପୂର୍ଣ୍ଣ ହୋଇଥିଲା । ମାନ୍ୟବର ସକାଳ ଘ ୯ ଘଣ୍ଟାସମୟରେ ସେଠାରେ ପହଞ୍ଚିଲେ । ସଡ଼କର ଦୁଇପାର୍ଶ୍ୱ-ସ୍ଥିତ ଗ୍ରାମ୍ୟଲୋକମାନେ ମାନ୍ୟବରଙ୍କ ଶୁଭାଗମନ ସମୟରେ ହୁଳହୁଳି ଦେଇଥିଲେ । ଆଗମନ ଓ ବିଦାୟକାଳରେ ତୋ ୧୮ ଟି ତୋପ ଧ୍ୱନିତ ହୋଇଥିଲା । ମାନ୍ୟବର ପ୍ରଥମେ ରାଜସଦନସ୍ଥ ସଭାରେ ମି ୧୫ କାଳ ଉପବେଶନ କରି ସମ୍ମୁଖସ୍ଥ ସଭାରେ ପ୍ରବେଶ ଦେଲେ । ଏଠାରେ ସ୍ୱତନ୍ତ୍ର ଇଂରାଜୀ ଓ ଉତ୍କଳଭାଷା ରଚିତ ଅଭିନନ୍ଦନପତ୍ରମାନ ପଠିତ ହେଲା ଏବଂ ତହିଁ ଉତ୍ତରରେ ମାନ୍ୟବର ଧନ୍ୟବାଦ ପ୍ରଦାନ ଏବଂ ସଭା ଓ ନଗରର ଶୋଭାକୁ ପ୍ରଶଂସା କଲେ । ତହୁଁ ଉତ୍ତାରୁ ପାନ ଅତର ଦସ୍ତୁରିଙ୍କ ଓ ପ୍ରଧାନ ଲୋକଙ୍କ ସହିତ ଆଳାପ କରି ଘ ୧୧ ଘଣ୍ଟାସମୟରେ ବିଦାୟ ଗ୍ରହଣ କଲେ । ମାନ୍ୟବରଙ୍କ ଦର୍ଶନ ନିମିତ୍ତ ଗଡ଼ରେ ଭାରି ଭିଡ଼ ହୋଇଥିଲା ।

# ସାପ୍ତାହିକ ସମ୍ବାଦ ।

ଗତସପ୍ତାହରୁ ଅକାଶରେ ଖଣ୍ଡେ ମେଘ ଦେଖାଯାଉ-ଥିଲା ତାହା କଟିଯିବାରୁ ଗତ ବୁଧବାରଠାରୁ ଏ ନଗରରେ କଷ୍ଟ ଶୀତ ପଡ଼ୁଅଛି ।

ଆଗାମୀ ସୋମବାରଠାରୁ ଏଠା ଅଦାଲତରେ ଫୌଜ ମୋକଦ୍ଦମାର ମିସଲ କଟିବ । ଅନେକଗୁଡ଼ିଏ ମୋକଦ୍ଦମା ଥିବାରୁ ଏମାସ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ଚାଲିବାର ସମ୍ଭାବନା ।

ଓଡ଼ିଶାପୋଷ୍ଟ ଅଫିସରେ ପାଠକଙ୍କୁ ଏ ଉପାଖ୍ୟାନ-ଟି ଶୁଣାଇବାରେ ଗୋଟିଏ ଜଣାଉପଦେଶୀ ବାଟପୋଇରେ ଲୁଚିଗଲା ସ୍ତ୍ରୀ ଯାତ୍ରୀ ପାଖରେ ବସିଥିଲେ । କଟକର ସେ ସମୟରେ ସ୍ନାନଯୋଗ ଥିଲା । ପଣ୍ଡାମାନେ ଡକାଇ ନେଇ ଏବଂ କାନ୍ଥି ଚୂଲରେ ଥାଇ ତାହା ଦେଖି ଅଟକାଇ ରଖିଲେ ଲୋକଙ୍କୁ ଡାକିଦେଇ ଖଣ୍ଡେ ହୁଣ୍ଡି ବସିଯାଇ ପ୍ରଥମେ କିଛି ଏ-ଣିକି ଭଜାଇ କଲା । ତତ୍ପରେ ଏ ସ୍ତ୍ରୀକି ଦୁଇଟି ଆଣିଲା । ଚତୁର୍ଥ ସ୍ତ୍ରୀ ଉଦ୍ଦେଶରେ ଶୁନ୍ୟାର କଥାରେ ପଡ଼ି ତାହାପକେଟ୍ ନିକାଶରେ ସେ ମହାଶୟଙ୍କ ଓ ସବ ଅଦୃଶ୍ୟ ହେଲା ତହୁଁ ଲେଉଟି ଆସିଲା । ମାନ୍ଦ୍ରାଜଗବର୍ଣ୍ଣମେଣ୍ଟ ପଟୋଳୀ କନ୍ୟାଗିରି ଏପ୍ରକାର ସାହସ ଓ ପରୋପକାର କାର୍ଯ୍ୟସହାୟେ ନିମନ୍ତେ ଟ ୨୦୦ଙ୍କା ପୁରସ୍କାର ଯୋଗ୍ୟ ମଣି ମୁଲାସକୁ ପୁରସ୍କାର ଦେଇଅଛନ୍ତି ଏବଂ ବସାରର ରଏଲ ହୁମ୍ୟେନସଭାର କଟେନା ନମିତ ସେକ୍ରେଟରୀ ଅବସ୍ଥେଟଙ୍କୁ ପତ୍ର ଲେଖିଅଛନ୍ତି ।

ସମ୍ବାଦ ଏରୂପ ଯେ କୁଜଙ୍ଗର ମହାରାଜା ଏବଂ ମହାରାଣୀ ଆପଣା ଦଳବଳ ସେନ ଶ୍ରୀ ଜଗନ୍ନାଥ ଦେବଙ୍କ ଦର୍ଶନାର୍ଥ ପୁରୁଷୋତ୍ତମ ଅଭିମୁଖରେ ଇନ୍ଦୋରଠାରୁ ଯାତ୍ରା କରିଅଛନ୍ତି । ମହାରାଣୀ ଗତ ନବମ୍ବର ମାସ ତା ୨୭ ଋଷ ଏବଂ ମହାରାଜା ତହିଁ ପରଦିନ ଯାତ୍ରା କରିଥିବାର କହୁଅଛୁ ।

## କଲିକତା-ଗେଜେଟ୍ ।

ଢାକାର ସେକ୍ରେଟରୀ ମିଃ ଏଚ୍, ଜେ, ସି, ବର୍ଣ୍ଣକ ଅନ୍ୟାଙ୍କ ପର୍ଯ୍ୟନ୍ତ ବଙ୍ଗଳା ଗବର୍ଣ୍ଣମେଣ୍ଟର ସେକ୍ରେଟରୀ ପଦରେ ନିଯୁକ୍ତ ହେଲେ । ବୋର୍ଡର ଜୁନିୟର ସେକ୍ରେଟରୀ ମିଃ ସି, ଇ, ବକଲଣ୍ଡ ତାଙ୍କ କାର୍ଯ୍ୟରେ ନିଯୁକ୍ତ ହେଲେ ଓ ମିଃ ଜେ, ଜି, ଗୁପ୍ତ ଜୁନିୟର ସେକ୍ରେଟରୀ ପଦରେ ନିଯୁକ୍ତ ହେଲେ ।

ବାବୁ ତ୍ରୈଲୋକ୍ୟନାଥ ଘୋଷ ବାଲେଶ୍ୱର ଦେଷ୍ଟର ଅବୈତନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ଓ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ମାନନୀୟ ସର୍ ଅକଲଣ୍ଡ କଲଭିନ୍ ଉତ୍ତର ପଶ୍ଚିମ ପ୍ରଦେ-ଶର ଲେଃଗବ ବାହାଦୁର ପଦରେ ନିଯୁକ୍ତ ହେବାରୁ ମିଃ ଜେମ୍ସ୍ ମିଲର ବାଦଳର ଭାରତଗବର୍ଣ୍ଣମେଣ୍ଟର ସଭ୍ୟ-ପଦରେ ନିଯୁକ୍ତ ହେଲେ ।

---

ଭୂମିକମ୍ପ ହେବା ଲୋହୁବାର ପୂର୍ବରୁ ପଶୁ ପକ୍ଷୀଙ୍କରୁ ତାହା ବୁଝିପାରନ୍ତି । ସନ ୧୮୮୦ ସାଲରେ ଜାପାନରେ ଯେଉଁ ଭୂମିକମ୍ପ ହୋଇଥିଲା ତହିଁର ଅବ୍ୟବହିତ ପୂର୍ବେ କଇଁଚୀ ସବୁ ବାହାର ଯାଇଥିଲେ; କୁକୁର ବୋବାଇଥିଲେ, ଘୋଡ଼ା ଦଉଡ଼ି ଛିଣ୍ଡାଇ ପଳାଇବାକୁ ଚେଷ୍ଟା କରିଥିଲେ । ପକ୍ଷୀମାନେ ଉଡ଼ି ଯାଇଥିଲେ । ପଶୁ ପକ୍ଷୀ ନିତାନ୍ତ ବ୍ୟାକୁଳିତ ହୋଇଉଠିଥିଲେ । ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଭୂମିକମ୍ପର ପୂର୍ବେ ଏହିରୂପ ହୋଇଥାଏ ।

ମାନ୍ଦ୍ରାଜର ଅନ୍ତର୍ଗତ ଦକ୍ଷିଣ ଆର୍କଟର ଦୁଇଜଣ ବ୍ରାହ୍ମଣ ଦେବମନ୍ଦିରକୁ ଚାନ୍ଦା ନ ଦେବାରୁ ସେ ଦୁହିଙ୍କି ସମାଜଚ୍ୟୁତ କରାଗଲା ଓ ସେ ଦୁହେଁ ମନ୍ଦିରକୁ ଯିବାରୁ ତାଙ୍କ ନାମରେ ଅନଧିକାରପ୍ରବେଶର ମକଦ୍ଦମା ଉପସ୍ଥିତ କରାଗଲା । ହାଇକୋର୍ଟର ବିଚାରରେ ସେ ଦୁହେଁ ନିର୍ଦ୍ଦୋଷୀ ସାବ୍ୟସ୍ତ ହୋଇଅଛନ୍ତି । ସମାଜର ଦଳପତିମାନେ ଯାହାକୁ ଇଚ୍ଛା ତାକୁ ବିନା ଅପରାଧରେ ଦଣ୍ଡ ଦେବା ବିଷୟରେ ସାବଧାନ ହେବେ ।

ବ୍ରହ୍ମଦେଶର ଉତ୍ତରଭାଗରେ ଏକ ରୁହାର ଖଣି ବାହାରିଅଛି । ଏହି ଖଣି ପ୍ରାୟ ଏକବର୍ଷ ମାଡ଼ିଲ ବିସ୍ତୃତ ଓ ଦୁଇଶଫୁଟ ଗଭୀର । ଏଠାରେ ଅତି ଉତ୍ତମ ରୁହା ମିଳିବ ।

ଇଉରୋପରେ ଅନେକ ରମଣୀଙ୍କର ମସ୍ତକରେ ଭଲବାଳ ନ ଥାଏ ନାହିଁ, ସୁତରାଂ ସେଠାରେ ପରଚୁଲାର ବଡ଼ ଆଦର । ଫରାସିଦେଶରେ ମୋରଲୀଆଁ ନାମକ ସ୍ଥାନରେ ବାଳର ବଜାର ଅଛି । ଏହି ବଜାରରେ ଗରିବ କୃଷକ-ଦୁହିତାମାନେ ମସ୍ତକର ବାଳ ବିକ୍ରୟକରି ବାଟ ପାଖରେ ବସିଥାନ୍ତି; ଆଉ କ୍ରେତାମାନେ ହସ୍ତରେ ତାହାର ବାଳକୁ ପରୀକ୍ଷା କରି ଦାମ କରନ୍ତି । ମୂଲ୍ୟ ପଟିଲେ ସେହିକ୍ଷଣେ ପଇସା ଦେଇ କାଟି ନେଇଯାନ୍ତି । ସ୍ତ୍ରୀ ଜାତି ଅତ୍ୟନ୍ତ କେଶପ୍ରିୟ । ପଇସା ପାଇଲେ ମଧ୍ୟ ଅନେକ କୃଷକକନ୍ୟା କାଟି ଅଖୁସି ହୁଅନ୍ତି । ସେଠାରେ ବାଳ ଟ ୨୯ ଙ୍କା ଦରରେ ବିକ୍ରୟ ହୁଏ ସାଦା ଭଲ ଭଲ ବାଳର ଆଦର ବହୁତ ବେଶୀ । ଏହି ବାଳର ଛଟାକି ୨୫ ଶତ ଫ୍ରାଙ୍କ ମୂଲ୍ୟରେ ବିକ୍ରି ହୁଏ । ପ୍ରତି ସୁବର୍ଣ୍ଣକେଶର ଆଦର ମଧ୍ୟ ଊଣା ନୁହେ ।

ଆମ୍ଭେମାନେ କୃଷ୍ଣବର୍ଣ୍ଣ କେଶ ଛଡ଼ା ଆଉ କାହିଁ ପସନ୍ଦ କରୁ ।

ବ୍ରହ୍ମଦେଶରେ ପଦ୍ମରାଗମଣିର ଖଣି କ୍ରିଷ୍ଟର କମ୍ପାନିକି ପଟ୍ଟା ଦିଆଯିବାର ସମ୍ବାଦ ମିଳିଲା । ଏ କମ୍ପାନି ଉକ୍ତ ଖଣିରୁ ଯେ ଲାଭ ହେବ ତହିଁର ଷଷ୍ଠାଂଶ ଓ ବାର୍ଷିକ ଚାରିଲକ୍ଷ ଟଙ୍କା ଗବର୍ଣ୍ଣମେଣ୍ଟଙ୍କୁ ଦେବାର ବନ୍ଦୋବସ୍ତ କରିଅଛି ।

ସୁଆକିମ ଅଡ଼କୁ ଭାରତ ସେନା ପଠାଯିବାର ତର୍କ-ବିତର୍କ ଲାଗିଥିବାର ସମ୍ବାଦ ମିଳିଲା ।

କଥିତଅଛି ଏ ନୂଆ ଲାଟସାହେବ ଅଳ୍ପଦିନ ମଧ୍ୟରେ ବ୍ରହ୍ମଦେଶ ଅଡ଼କୁ ଗମନ କରି ସେଠାରୁ ଟେଙ୍ଗମଡାଲିଯ୍ ରେଲବାଟ ଖୋଲି ଆସିବେ । ଏହିବାଟେ ବୁଲାକାମି ହୋଇଯିବ ।

## ପୁରୀସମ୍ବାଦ ।

ଗତମାସ ତା ୨୭ ଋଷ ନ ୫ ମୁଉ ଓଭରସିୟର କମିଶନର ପଦରେ ଶ୍ରୀଯୁକ୍ତ ମନମୋହନ ଚକ୍ରବର୍ତ୍ତୀ ସଦ୍‌ଗୋଷ୍ଠୀ ବାବୁ ନିର୍ବାଚିତ ହେଲେ ।

ଏ ଦିନ ଶ୍ରୀଯୁକ୍ତ ନୂତନ ଭାଇସ ସାହେବ ମହୋଦୟ ଆପଣା କାର୍ଯ୍ୟ ଆରମ୍ଭ କଲେ ।

ମନ୍ଦିର ପରିଷ୍କାର କାର୍ଯ୍ୟର ଭାର ମିଉନିସିପାଲିଟିକୁ ଅର୍ପଣ କରି ଶ୍ରୀମତୀ ରାଣୀ ମହୋଦୟା ବାର୍ଷିକ ଟ ୪୮୦ଙ୍କା ଦେବାର ସ୍ୱୀକାର କରିବାରୁ କର୍ତ୍ତୃପକ୍ଷଙ୍କର ପାଇ-ଖାନା ଟାକ୍ସର ଦାବି ମିଉନିସିପାଲଟି ଛାଡ଼ି ଦେଇଅଛନ୍ତି । ତଦତ ହନ ସହାଟେ ଦ୍ୱିତୀୟ କିସ୍ତିର ଟଙ୍କା ଟ ୧୨୦ଙ୍କା ମିଉନିସିପାଲଟିରେ ଦାଖଲ କରିଅଛନ୍ତି

ତା ୨୮ ଋଷ ଶ୍ରୀଯୁକ୍ତ କଲେକ୍ଟରସାହେବ ମହୋଦୟ ନରେନ୍ଦ୍ରଠାରେ ଉପସ୍ଥିତ ହୋଇ ମାପ କରିଲେ ପୂର୍ବରେ ଛତାବାଲାଙ୍କର ଯେଁ ପରିମାଣରେ ଅଧିକାର ଥିଲା ତାହାର ଏକ ତୃତୀୟାଂଶ ଜମି ତାଙ୍କୁ ଦେଇ ତାହାର ସୀମାଚିହ୍ନ କରିଦେଇଅଛନ୍ତି ତହିଁରେ ଛତାବାଲାମାନେ ସନ୍ତୁଷ୍ଟ ନାହାନ୍ତି । ମାତ୍ର ସାହେବ ମହୋଦୟ ଯେଉଁ ସୀମା ନିର୍ଦ୍ଧାର୍ଯ୍ୟ କରିଦେଇଅଛନ୍ତି ତାହା ଅତିକ୍ରମ କରି ନାହାନ୍ତି ।

ପେନସନ ଯାହାକ ମିଉନିସିପାଲଟି ଆପଣା ଫଣ୍ଡର ଟଙ୍କା ଖରଚ କରି ପ୍ରସ୍ତୁତ କରିଥିଲେ ସେ ଟଙ୍କା ଅର୍ଥାତ ପାଞ୍ଚଶତ ଟ ୫୪୫ଙ୍କା ପଞ୍ଚାନ୍ନଶ ଟଙ୍କା ରାଣୀସାହେବ ତାଙ୍କୁ ଦେଇଅଛନ୍ତି ।

ପୁରୀ ଷ୍ଟେସନର ସବ୍ ଇନ୍‌ସ୍ପେକ୍ଟର ବାବୁ ବୈଦ୍ୟନାଥ ଦାସଙ୍କ ଅସାବଧାନତା ଦୋଷରେ ଏକ ଜଣ ଗତ ଅକ୍ଟୋ-ବର ମାସ ତା ୨୩ ଦିନରେ ଜଣେ କନଷ୍ଟବଲକୁ ହତ ଓ ଜଣକୁ ଆହତ କରିବାର ସ୍ଥିର ହେବାରୁ ତାଙ୍କୁ ଟ ୨୦ଙ୍କା-ଗ୍ରେଡରୁ ଟ ୫୦ଙ୍କା ଶେଷ ଗ୍ରେଡକୁ ଅବନତ କରିଦେଲେ ଏଥିରେ ଟାଉନବାସୀ ପ୍ରାୟ ସମସ୍ତେ ଅତ୍ୟନ୍ତ ଦୁଃଖିତ ଅଛନ୍ତି କାରଣ ଏ ବାବୁ ମହାଶୟ ଅତ୍ୟନ୍ତ ଭଦ୍ର ଅନର୍ଥିକ କୁକର୍ମଶୂନ୍ୟ ଓ ନିର୍ଲୋଭୀ ଅଟନ୍ତି ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।**

---

ଶ୍ରୀଲ ଶ୍ରୀଯୁକ୍ତ ମାନ୍ୟବର ଶ୍ରୀଉତ୍କଳଦୀପିକା-ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ଚଳିତ ମାସ ତା ୧ ଋଷ ଶନିବାର ସନ୍ଧ୍ୟା ଘ ୮ ଘଣ୍ଟା ସମୟରେ ପୁରୀ ହସ୍ପିଟାଲରେ

Digitized by srujanika@gmail.com

ବିଦ୍ୟାବିତ୍ତିବର୍ଦ୍ଧିନୀ ସଭାର ବାର୍ଷିକ ଉତ୍ସବ ହୋଇଥିଲା । ଏହା ପୂର୍ବରୁ କେତେକ ପଣ୍ଡିତ ଏବଂ କେତେକ ସଭ୍ୟବ୍ୟକ୍ତିମାନଙ୍କୁ ଶ୍ଳୋକନିବଦ୍ଧ ନିମନ୍ତ୍ରଣପତ୍ରଦ୍ୱାରା ସଭା ଆହ୍ୱାନ କରିଥିଲେ । ଆମ୍ଭେମାନେ ସେଠାରେ ଉପସ୍ଥିତ ହୋଇ ଦେଖିଲୁଁ ଯେ ସଭାପତି, ସମ୍ପାଦକ ଓ ତତ୍ତ୍ୱାବଧାରକ ଏବଂ ମେମ୍ବରମାନେ ଉପସ୍ଥିତ ଥିଲେ । ସେମାନେ ସଭାଗୃହଟିକୁ ବହୁଯତ୍ନପୂର୍ବକ ସୁସଜ୍ଜିତ କରାଇଥିଲେ । ନିମନ୍ତ୍ରିତବ୍ୟକ୍ତିମାନଙ୍କ ନିମନ୍ତେ ଚଉକୀର ମଧ୍ୟ ଅଭାବ ନ ଥିଲା ।

ସମୁଦାୟ ନିମନ୍ତ୍ରିତ ବ୍ୟକ୍ତିମାନେ ଉପସ୍ଥିତ ହେଲା ପର ପ୍ରଥମତଃ ସଭାପତି ମହାଶୟ ସଭାର ବାର୍ଷିକବିବରଣ ପାଠକଲାରୁ ଜଣାଗଲା ଯେ ସଭା ପ୍ରତିଷ୍ଠିତାବଧି ଏତିବର୍ଷ ପୂର୍ଣ୍ଣ ହୋଇ ଦ୍ୱିତୀୟ ବର୍ଷର ପ୍ରଥମାଧିବେଶନ ପର୍ଯ୍ୟନ୍ତ ବିଦ୍ୟାବିତ୍ତିବର୍ଦ୍ଧିନୀ ସଭାର ଉଦ୍ଦେଶ୍ୟ ଯଥାଯୋଗ୍ୟ ସଫଳ ହୋଇଅଛି । ନିମନ୍ତ୍ରିତ ବ୍ୟକ୍ତିମାନେ ସଭାକୁ ସନ୍ତୋଷପୂର୍ଣ୍ଣ ଆଶୀର୍ବାଦ ଏବଂ ଧନ୍ୟବାଦ ଦେଇ ଯଥାସ୍ଥାନକୁ ପ୍ରସ୍ଥାନ କଲେ । ଯଦ୍ୟପି ଏଠାରେ କେତେଗୋଟି ସଭା ଅଛି ତଥାପି ଏ ସଭାର ଉଦ୍ଦେଶ୍ୟ ଅତି ଉତ୍ତମ ଅଟେ । କାରଣ ଏ ସଭାରେ ବିଦ୍ୟାବୃଦ୍ଧି ବିଷୟଟି ଯେପରି ଶୃଙ୍ଖଳାରେ ଆବଦ୍ଧ ହୋଇଅଛି ଏ ଅବସ୍ଥା ଦୃଷ୍ଟିରେ ସଭାର ସଭ୍ୟମାନଙ୍କର ସମ୍ମୁଖରେ ବକ୍ତୃତା ଓ ରଚନା ଏବଂ କଥୋପକଥନ ପ୍ରଭୃତିରେ ବିଶେଷ ପଟୁତା ଜନ୍ମିବାର ସମ୍ଭାବନା ଅଛି ବିତ୍ତ ବୃଦ୍ଧି ଯତ୍ନଶୀଳ ହେଉଅଛି ତହିଁରେ ଉକ୍ତ ବିତ୍ତ ବୃଦ୍ଧି ହେଲେ ସତ୍କାର୍ଯ୍ୟରେ ବ୍ୟୟିତ ହେବାର ଆଶା କରାଯାଏ ।

ଅତଏବ ଏ ସଭାଟି ଚିରସ୍ଥାୟିନୀ ହେବାର ବିଶେଷ ବାଞ୍ଛନୀୟ । ଇତି ।

୩।୧୨।୮୮ ଶ୍ରୀ ବଳଭଦ୍ର ପ୍ରହରାଜ ଶର୍ମ୍ମା ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ— ସମୀପେଷୁ ।

ମହାଶୟ !

ମୋହର ନିମ୍ନଲିଖିତ ପତ୍ରଖଣ୍ଡିକ ଆପଣଙ୍କ ପତ୍ରିକାରେ ଛପାଇଲେ ଅତ୍ୟନ୍ତ ବାଧିତ ହେବି ।

ବାଲେଶ୍ୱର ନିବାସୀ ସ୍ୱର୍ଗୀୟ ରାଜା ଶ୍ୟାମାନନ୍ଦଦେ ବାହାଦୂରଙ୍କ ଆଦ୍ୟ ଶ୍ରାଦ୍ଧକ୍ରିୟା ଉପଲକ୍ଷରେ ଆମ୍ଭେ କଟକରୁ ନିମନ୍ତ୍ରିତ ହୋଇ ଯାଇଥିଲୁଁ । ତାହାଙ୍କ ପୁତ୍ର କୁମାର ଶ୍ରୀ ବୈକୁଣ୍ଠନାଥଦେ ସେହି ଶ୍ରାଦ୍ଧକ୍ରିୟା ବହୁଅର୍ଥ ବ୍ୟୟରେ ଅତି ଚମତ୍କାର ରୂପେ ସମ୍ପନ୍ନ କରିଅଛନ୍ତି । ଏପରି ଶ୍ରାଦ୍ଧକ୍ରିୟା ଆମ୍ଭେ ଓଡ଼ିଶାର କୌଣସି ସ୍ଥାନରେ ଦେଖି ନ ଥିଲୁଁ କିମ୍ବା ଶୁଣି ନ ଥିଲୁଁ । ଏହା ଆମ୍ଭପକ୍ଷରେ ସମ୍ପୂର୍ଣ୍ଣ ନୂତନ ବୋଧ ହେବାରୁ ଆପଣଙ୍କ ପତ୍ରରେ ପ୍ରକାଶ ନ କରି ରହି ପାରିଲୁଁ ନାହିଁ । ବିବରଣଟି ଏହି;

ଦାନ ନିମନ୍ତେ ୧୬ ଗୋଟି ଷୋଡ଼ଶ ଅର୍ଥାତ୍ ବହୁମୂଲ୍ୟ ବସ୍ତ୍ରରେ ସଜ୍ଜିତ ୧୬ ଗୋଟି ପର୍ଯ୍ୟଙ୍କ ପ୍ରତ୍ୟେକରେ ଧାତୁଦ୍ରବ୍ୟର ସାମଗ୍ରୀ ଷୋଳଗୋଟି ଲେଖାଏ ଦିଆଯାଇଥିଲା । ତହିଁ ମଧ୍ୟରୁ ଚାରିଗୋଟି ପର୍ଯ୍ୟଙ୍କରେ କେବଳ ରୌପ୍ୟର ସାମଗ୍ରୀ ଅର୍ଥାତ୍ ଘଡ଼ା, ଗଡୁ, ଥାଳି ଓ ପିକଦାନ ପ୍ରଭୃତି ଦିଆ ଯାଇଥିଲା । ଅନ୍ୟ ୧୨ ଗୋଟି ଖଟରେ କାଂସ୍ୟ, ପିତ୍ତଳାଦିର ସାମଗ୍ରୀ ଦିଆଯାଇଥିଲା । ପ୍ରତିବର୍ଷ ତୃଷାର୍ତ୍ତମାନଙ୍କୁ ଜଳଦାନ ନିମନ୍ତେ ଟ ୧୦୦ ଙ୍କା ଆୟର ଗୋଟିଏ ମଉଜା ଦାନ କରିଅଛନ୍ତି । ଆଉ ୩ ବଖରା କୋଠାଘର ପାଞ୍ଚବଖରା ମାଟିଘର, କୂପ, ପୁଷ୍କରିଣୀ ଓ ଉଦ୍ୟାନ ବେଷ୍ଟିତ ପ୍ରାୟ ଦୁଇମାଣ ପର୍ଯ୍ୟନ୍ତ ଭୂମି ବାଲେଶ୍ୱର ନିବାସି ଜନୈକ ବ୍ରାହ୍ମଣଙ୍କୁ ବିତରଣ କରିଅଛନ୍ତି । ମଧ୍ୟ ରୋଗିମାନଙ୍କ ଔଷଧ ବିତରଣାର୍ଥ ଓ ଶିକ୍ଷାର ଉନ୍ନତି ନିମିତ୍ତ ବହୁ ବହୁ ଟଙ୍କା ବିତରଣ କରିଅଛନ୍ତି । ଶ୍ରାଦ୍ଧୋପଲକ୍ଷରେ ବଙ୍ଗୋତ୍କଳବାସୀ ବ୍ରାହ୍ମଣ ପଣ୍ଡିତ ପ୍ରାୟ ଦୁଇଶତ ସଂଖ୍ୟକ ନିମନ୍ତ୍ରିତ ହୋଇଥିଲେ । ଏମାନଙ୍କୁ ତିନଶ୍ରେଣୀରେ ବିଭକ୍ତ କରି ପ୍ରଥମଶ୍ରେଣୀ ଟ ୩୦୧ ଙ୍କା, ୨ୟ ଶ୍ରେଣୀ ଟ ୨୦୧ ଙ୍କା ଓ ୩ୟ ଶ୍ରେଣୀ ଟ ୧୫୧ ଙ୍କା ଲେଖାଏଁ ପ୍ରତ୍ୟେକଙ୍କୁ ବିଦାୟ ଦେଇ ଅତି ସନ୍ତୋଷରେ ବିଦାୟ କରି ଦେଇଅଛନ୍ତି । ମଧ୍ୟ ପ୍ରଥମଶ୍ରେଣୀର ପଣ୍ଡିତମାନଙ୍କ ମଧ୍ୟରୁ ଅଳ୍ପସଂଖ୍ୟକ ଯୋଡ଼ାଏ ଯୋଡ଼ାଏ ଶାଲ ଓ ବହୁସଂଖ୍ୟକ ଖଣ୍ଡେ ଖଣ୍ଡେ ଅଲୁଆନ ପାଇଅଛନ୍ତି । ପ୍ରତ୍ୟେକ ପଣ୍ଡିତଙ୍କର ଯାତାୟାତରେ ପାଥେୟ ଉପଯୁକ୍ତରୂପେ ପ୍ରଦାନ କରି କୁମାର ମହୋଦୟ ଅତି ସନ୍ତୋଷର ପାତ୍ର ହୋଇଅଛନ୍ତି । ପଣ୍ଡିତମାନଙ୍କ ବ୍ୟତୀତ ନିମନ୍ତ୍ରିତ ବ୍ରାହ୍ମଣ ୫ ସହସ୍ରଙ୍କୁ ଅତି ସନ୍ତୋଷରେ ଭୋଜନ ଓ ପ୍ରତ୍ୟେକଙ୍କୁ ଟଂ୧ ଲେଖାଏଁ ଓ ଅନିମନ୍ତ୍ରିତ ଦୀନ, ଦରିଦ୍ର ୧୮୦୦୦ ଜଣଙ୍କୁ ପ୍ରତ୍ୟେକଙ୍କୁ ଖାଦ୍ୟ ସାମଗ୍ରୀ ଓ ଟଂ। ଲେଖାଏଁ ବିଦାୟ ଦେଇଅଛନ୍ତି । ବଡ଼ ଆଶ୍ଚର୍ଯ୍ୟର କଥା ୨୩୦୦୦ ବ୍ରାହ୍ମଣ ଓ ଦୀନ ଦରିଦ୍ର କେହି ଜଣେ ଅସନ୍ତୋଷ ପ୍ରକାଶ କରି ନାହାନ୍ତି । ବ୍ରାହ୍ମଣ ପଣ୍ଡିତମାନେ କୁମାର ମହୋଦୟଙ୍କର ଏପରି ପ୍ରଶଂସନୀୟ କାର୍ଯ୍ୟ ଦେଖି ସଭାସ୍ଥ ସମସ୍ତ ଭଦ୍ରଜନଙ୍କର ସ୍ୱୀକୃତ ସେହି ଅନ୍ତଃକରଣର ସହିତ କୁମାର ମହୋଦୟଙ୍କୁ 'ଦେବ' ଉପାଧି ଓ ତାଙ୍କର ସଭାପଣ୍ଡିତ ଶ୍ରୀମନ୍ ଉଦୟନାଥ ଭଟ୍ଟାଚାର୍ଯ୍ୟ ମହୋଦୟଙ୍କୁ 'ତର୍କରତ୍ନ' ଉପାଧି ପ୍ରଦାନ କରିଅଛନ୍ତି । ପଣ୍ଡିତ ମହୋଦୟ ନ୍ୟାୟ ପ୍ରଭୃତି ଶାସ୍ତ୍ରରେ ବିଶେଷ ଦକ୍ଷତା ଲାଭ କରିଅଛନ୍ତି । ସମ୍ପ୍ରତି ନିଦାନଶାସ୍ତ୍ରରେ ବ୍ୟୁତ୍ପତ୍ତି ଲାଭ କରି ଚିକିତ୍ସା ବିଷୟରେ ବିଶେଷ ଯଶସ୍ୱୀ ହୋଇଅଛନ୍ତି । ପରିଶେଷରେ ଆମ୍ଭେମାନେ ଆଶୀର୍ବାଦ କରୁଅଛୁଁ ଯେ—କୁମାର ଶ୍ରୀଯୁକ୍ତ ବୈକୁଣ୍ଠନାଥ ଦେ ମହୋଦୟଙ୍କର କ୍ରମେ କ୍ରମେ ଧର୍ମ୍ମନୀତି ଓ ଅନ୍ୟାନ୍ୟ ବିଷୟରେ ଉନ୍ନତି ହେଉ । ଇତି

୭।୧୨।୮୮ } ବଶମ୍ବଦ
କଟକ } ଶ୍ରୀ ନରହରି ଷଡ଼ଙ୍ଗୀ ।

---

ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ— ସମୀପେଷୁ ।

ମହାଶୟ !

ସ୍ୱାଭାବିକ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଆମ୍ଭର ନିମ୍ନଲିଖିତ ବିଷୟଟିକୁ ପତ୍ରିକାସ୍ଥ କରି ବାଧିତ କରିବା ହେବେ ।

ଆଜି କାଲି ଯେପରି ଓଡ଼ିଶାର ନଗରେ ନଗରେ ଓ ଗ୍ରାମେ ଗ୍ରାମେ ନାଟକାଭିନୟର ଢେଉ ଉତ୍ଥିତ ହୋଇଅଛି ଏବଂ ହେଉଅଛି ସେଥିରେ କିଏ ବିଶ୍ୱାସ ନ କରିବ ଯେ ଏହି ହତଭାଗ୍ୟ ପ୍ରଦେଶଟି ଏକ ସମୟରେ ବଙ୍ଗଳାର ଅନ୍ୟାନ୍ୟ ସଭ୍ୟପ୍ରଦେଶମାନଙ୍କର ସମକକ୍ଷ ହେବ ? ସେ ଯାହା ହେଉ ଆଜି କାଲି ଏହି କଟକ ଜିଲ୍ଲାର କେତେକ ଶିକ୍ଷିତ ଯୁବକ ନିଜ ନିଜ ଗ୍ରାମରେ ନାଟକାଭିନୟର ସୂତ୍ରପାତ କରି ଯେପରି ନିଜ ନିଜ ଗ୍ରାମର ଉନ୍ନତି ସାଧନର ଉପାୟ କରୁଅଛନ୍ତି, ତହିଁରେ ସେମାନେ ଯେ ସାଧାରଣର ଧନ୍ୟବାଦାର୍ହ ଏ ବିଷୟରେ ଆଉ ସନ୍ଦେହ କି ଅଛି ? ଈଶ୍ୱର ଏପରି ହିତୈଷି ଯୁବକମଣ୍ଡଳୀର ହିତ ସାଧନରେ ସର୍ବଦା ତତ୍ପର ଏହା ବୋଲିବା ବାହୁଲ୍ୟମାତ୍ର ।

ଅଳ୍ପ ଦିବସ ପୂର୍ବେ ପତ୍ରିକାର ସମ୍ପାଦ-ସ୍ତମ୍ଭରେ 'ଭୁଅଁପାଳ ଗ୍ରାମର Permanent theatrical Club' ସମ୍ବନ୍ଧରେ ଯେଉଁ ଗୋଟିଏ

Split by PDF Splitter



ସମ୍ବାଦ ପ୍ରକାଶିତ ହୋଇଥିଲା ତାହା ବୋଧହୁଏ ଅନେକ ପାଠକଙ୍କର ସ୍ମରଣ ଥିବ । ଏହି Club ର ମେମ୍ବରମାନେ ଗତ ଦୁର୍ଗାପୂଜା ମଧ୍ୟରେ ନାଟ୍ୟଭୂମିରେ ଉତ୍ତୀର୍ଣ୍ଣ ହେବା ନିମନ୍ତେ ସାଧ୍ୟାନୁସାରେ ଚେଷ୍ଟା କରିଥିଲେହେଁ କେତେକ କାରଣରୁ କୃତକାର୍ଯ୍ୟ ହୋଇ ପାରି ନ ଥିଲେ ।

ବର୍ତ୍ତମାନ ସେମାନେ ଗତ ରାସଯାତ୍ରାଉପଲକ୍ଷେ ନାଟ୍ୟଭୂମିରେ ଉତ୍ତୀର୍ଣ୍ଣ ହେଲେ । ମହାପ୍ରସ୍ଥାନ ( ପାଣ୍ଡବମାନଙ୍କ ସ୍ୱର୍ଗାରୋହଣ ) ନାମକ ଖଣ୍ଡେ ଅମିତ୍ରାକ୍ଷର (Blank verse) ଛନ୍ଦ ରଚିତ ବଙ୍ଗଳାନାଟକ ଅଭିନୀତ ହୋଇଥିଲା । ଏହି ନାଟକ ଅଭିନୟରେ ଏଠାର ଯୁବକମଣ୍ଡଳୀ ଯେପରି ନିପୁଣତା ଦେଖାଇଥିଲେ ତାହା କଦାପି ସେମାନଙ୍କଠାରୁ ଆଶା କରାଯାଇ ନ ଥିଲା । ବିଶେଷତଃ ଏମାନଙ୍କ ମଧ୍ୟରେ ଏପରି ଅନେକ ଯୁବକ ଥିଲେ ଯେଉଁମାନେ କ ଆଦୌ ଥିଏଟର ଦେଖି ନାହାନ୍ତି ବା ତହିଁର ନିୟମ ଅବଗତ ନୁହନ୍ତି । ମାତ୍ର ସେମାନେ ଯେପରି ଦକ୍ଷତାର ସହିତ ନିଜ ନିଜ ପାର୍ଟ ଏକ୍ଟ କରିଥିଲେ ସେଥିରେ ଦର୍ଶକ ମାତ୍ରେ ଚମତ୍କୃତ ହୋଇଗଲେ । ଏବଂ ଏହି ଗ୍ରାମର ପ୍ରଧାନ ବାସ୍ତବ୍ୟ ଓ ପ୍ରଧାନ ବାଦକ ଶ୍ରୀ ବାବୁ କୃଷ୍ଣମୋହନ ଘୋଷ ଓ ଶ୍ରୀ ବାବୁ ସ୍ୱସବହାସି ଆଗ୍ରହ୍ୟ ଏମାନଙ୍କର ଭୂରି ଭୂରି ପ୍ରଶଂସା କରିଥିଲେ ଓ ଏମାନଙ୍କ ସଙ୍ଗେ ଯୋଗ ଦେଇ ଆପଣା ଆପଣାର ପ୍ରଶସ୍ତ ମନର ପରିଚୟ ପ୍ରଦାନ କରିଥିଲେ । ଏହି ଥିଏଟରର ନାମ " ସତ୍ୟାବୃନ୍ଦ ଥିଏଟର " ହେବାର ସ୍ଥିର ହୋଇଅଛି ।

ପରିଶେଷରେ ଅତ୍ର ଗ୍ରାମର ପ୍ରଧାନ ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣମୋହନ ଘୋଷଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀମାନ୍ ବାବୁ ପ୍ୟାରିମୋହନ ଘୋଷ ଏହି ଥିଏଟରର କର୍ତ୍ତା ହେବାରୁ ଏହି ଗ୍ରାମବାସୀ ସମସ୍ତ ଯୁବକ ତାଙ୍କଠାରେ କୃତଜ୍ଞତା ପ୍ରକାଶ କରି ଚିରଋଣୀ ହୋଇ ରହିଲେ । ବାବୁ ମହୋଦୟ " କଲିକତାରୁ ( Scene) ସିନ ଅଣାଇ ଥିଏଟର କରିବ " ଏହିପରି ପ୍ରତିଶ୍ରୁତ ହୋଇଥିଲେହେଁ ଶରୀରର ଅସୁସ୍ଥତା ହେତୁରୁ ଉକ୍ତ ବିଷୟରେ ଏବର୍ଷ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ । ସେଥିନିମିତ୍ତ କଟକରୁ ପ୍ରାୟ ୨୦୦ ଶତ ଟଙ୍କାର ଲୁଗା ଅଣାଇ କସନନଗରର ଦୁଇଜଣ ଚିତ୍ରକରଙ୍କ ସାହାଯ୍ୟରେ ସମସ୍ତ ଦୃଶ୍ୟ (Scene) ପ୍ରସ୍ତୁତ କରାଇଥିଲେ । ବାବୁ ମହୋଦୟ ଆଗତ ଡିସେମ୍ବର ମାସରେ କଲିକତାରୁ (Scene) ଅଣାଇବେ ବୋଲି ପ୍ରତିଶ୍ରୁତ ହୋଇଅଛନ୍ତି ଏବଂ ଏହି କ୍ଲବଟିକୁ ଚିରସ୍ଥାୟୀ କରିବାକୁ ସାଧ୍ୟାନୁଯାୟୀ ଚେଷ୍ଟା କରୁଅଛନ୍ତି । କିନ୍ତୁ ଏପରି କାର୍ଯ୍ୟ ଯେ ବହୁବ୍ୟୟ ସାପେକ୍ଷ ତାହା କେ ସ୍ୱୀକାର ନ କରିବ ? ବାସ୍ତବିକ ଏହି ଗ୍ରାମରୁ ପ୍ରତିବର୍ଷ ମାଦକଦ୍ରବ୍ୟାଦି ସେବନରେ ଓ ନାନାବିଧ ଅସାର ଆମୋଦ ପ୍ରମୋଦରେ ଯେତେ ଅର୍ଥ ଅପବ୍ୟୟ ହୋଇଥାଏ ତାହା ସମସ୍ତ ଯେବେ ଏହିପରି ମଙ୍ଗଳଜନକ କାର୍ଯ୍ୟମାନଙ୍କରେ ବ୍ୟୟିତ ହୁଅନ୍ତା ତେବେ ଗ୍ରାମର ଯେ କେତେ ଉନ୍ନତି ସାଧିତ ହୁଅନ୍ତା ତାହା ବୋଲି ଯାଇ ନ ପାରେ । କିନ୍ତୁ ବଡ଼ ଦୁଃଖର ବିଷୟ ଯେ ଉଦାସୀ ବାବୁମାନେ ଏ ସମସ୍ତ ବୁଝି ସୁଦ୍ଧା ତଦନୁଯାୟୀ କାର୍ଯ୍ୟ କରନ୍ତି ନାହିଁ । ଈଶ୍ୱର ଏମାନଙ୍କୁ ସୁମତି ପ୍ରଦାନ କରନ୍ତୁ ଏହି ଆମ୍ଭର ପ୍ରାର୍ଥନା ।

ଉପସଂହାରସ୍ଥଳରେ ଏଠାର ଯୁବକସମ୍ପ୍ରଦାୟଙ୍କ ନିକଟରେ ଆମ୍ଭର ବିନୀତ ପ୍ରାର୍ଥନା ଏହି ଯେ ସେମାନେ ଏହି ଗ୍ରାମରେ ଗୋଟିଏ ଧର୍ମସଭା ସ୍ଥାପନ କରି ଯେପରି ନିଜ ନିଜର ପବିତ୍ରାନ୍ତଃକରଣର ପରିଚୟ ପ୍ରଦାନ କରିଅଛନ୍ତି ସେହିପରି ଏହି ଥିଏଟରରେ କେବଳ ଧର୍ମସମ୍ବନ୍ଧୀୟ ନାଟକମାନ ଅଭିନୟ କରି ନିଜ ନିଜ ଅନ୍ତଃକରଣକୁ ଦୃଢ଼ରୂପେ ପବିତ୍ର କରିବାକୁ ଚେଷ୍ଟା କରିବେ । ଇତି ।

ଭୁଆଁପାଳ } ଆପଣଙ୍କର ବଶମ୍ବଦ
୨୭।୧୧।୮୮ } କେହି ଜଣେ ଦର୍ଶକ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ପଶୁରାମ ସୁଆର | ସମ୍ବଲପୁର ଅଗ୍ରୀମ | | ଟ ୨ ୧ |
| " ଦସ୍କନ୍ଧର ଘୋଷ | କଟକ | " | ଟ ୩ ୧ |
| " ନୀଳକଣ୍ଠ ଦାସ | ଚଣାହଟ୍ଟା | କଣ୍ଟାପଡ଼ା | ଟ ୧ ୧ |
| " ସଦାନନ୍ଦ ବେହୁରା | ଆଣ୍ଠୁଅପଡା | " | ଟ ୨ ୧ |
| " | " | ଅଗ୍ରୀମ | ଟ ୩ ୧ |
| " ଗୋପବନ୍ଧୁ ପଟ୍ଟନାୟକ | କଟକ | " | ଟ ୧ ୧ |
| ମୁନସି ମହମ୍ମଦ ମନୋହର | " | " | ଟ ୧ ୧ |
| ବାବୁ ରାଧାଶ୍ୟାମ ଦାସ ଜମିଦାର | ଇଡାରେ | ଅଗ୍ରୀମ | ଟ ୩ ୧ |
| " ମଧୁସୂଦନ ମହାପାତ୍ର | କଟକ | " | ଟ ୧ ୧ |
| " ନୀଳମଣି ନାଲ | କଟକ | " | ଟ ୧ ୧ |
| " ଦାଶରଥି ଭଞ୍ଜ | " | କଦାସ୍ତା | ଟ ୧ ୧ |
| " ଗୌରମୋହନ ଘୋଷ | " | " | ଟ ୧ ୧ |
| " ରାମକୃଷ୍ଣ ସାହୁ | " | " | ଟ ୧ ୧ |


# ବିଜ୍ଞାପନ ।

ଜଗନ୍ନାଥଦାସଙ୍କ କୃତ ଉତ୍କଳଭାଷା ଶ୍ରୀମଦ୍ଭାଗବତ ଦଶମସ୍କନ୍ଧ ଦ୍ୱାରକାଲୀଲା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ମୂଲ୍ୟ ଖଣ୍ଡକୁ ଟ ୧ । ମୋଫସଲବାସୀଙ୍କ ଡାକମାସୁଲ ଟ ⁄ ।

# କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉତ୍କୃଷ୍ଟକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନୀଙ୍କ ଦୋକାନରେ, ଉତ୍କୋଲ୍ପିଆପ୍ରେସରେ ଓ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟାଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

# TO THE DEAF.

A 132 pages Illustrated Book on deafness Noises in the head how cured at your homes.

Price 6 annas: Address Dr. Nicholson, 5 Old Court House Street, Calcutta.

# ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା କିପରି ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ଷ୍ଟାର ପୁସ୍ତକ ମୂଲ୍ୟ ଟ ୦।୶ କଲିକତା ଓଲଡ୍ କୋର୍ଟହାଉସ ଷ୍ଟ୍ରିଟ ନ ୫ ମୂର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଯିବ ।

# ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସାଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକିଆ ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦୶ ପଡ଼ିବ ।


Digitized by srujanika@gmail.com

# ମେହରୋଗ ।

୫୵୧୪ ମାତ୍ରାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାର୍ଦ୍ଧ ରୋଗୀ-ଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାଧୁରୀ ପରିତ୍ୟାଗ କରିବା ନୁହେ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଷଷ୍ଠିର ଲିପିରେ ପଢ଼ଣ ନ ହେଲେ ଅତିଶୀଘ୍ର ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରସ୍ତୁତ ହେବ କଲିକତା ଅପରଚିତପୁର ନମ୍ବର ଭବନରେ ଏ, କେ, ସାହା କମ୍ପାନୀଙ୍କଠାରେ ଏବଂ କଟକ ବରଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିର ଟ ୨୵ ଙ୍କା । ମୁଣ୍ଡିଆ ଓ ଡାକଖର୍ଚ୍ଚ ପୃଥକ୍ ।

---

ଅମ୍ଭର ଚଉଧୁରୀବଜାର ସ୍ଥିତ ଦୋକାନରେ ଶରତର ଉତ୍ତମ ମଦବା ଓ ଅଷ୍ଟା ବଟୀସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଅମ୍ଭ ଦୋକାନରେ ଉଲ୍ଲସକଲେ ପାଇପାରିବେ । ସେଥିରେ ଶୁଭ୍ର ଇତ୍ୟାଦି କିଛି ବଜାରପ୍ରାପ୍ୟ ମିଶ୍ରିତ ନାହିଁ ଅତି ଯାହାଙ୍କର ବୃହତ୍ କର୍ମ ପାଇଁ ବେଶୀ ମଦବା ଦରକାର ହେବ ତାଙ୍କର କର୍ମର ଆଠଦିନ ପୂର୍ବରୁ ଫରମାସଦେଲେ ଅମ୍ଭେ ଉତ୍ତମ କରିଦେବୁଁ (ଫଦେଇ ପରିଚାଳକ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୧୨।୮୮ } ଶ୍ରୀ ଅଭିକରଣଚନ୍ଦ୍ର ।
କଟକ }

---

# ବାଲିକାଗଞ୍ଜ ।

ଉଲ୍ଲିଖିତ ଶସ୍ତା ଦରରେ ସବର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ସମ୍ମୁଖ ବସା ନିକଟେ ବାବୁ ଅର୍ଦ୍ଧକଷ୍ଟ ଇତ୍ୟାଦି କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୭ ପଟି ବାର | ଯ ୧୬ ଟ ୨୵ | ଯ ୧୬ ଟ ୩୵୨ |
| ୧୪ ପଟି „ | „ ଟ ୨୵ | „ ଟ ୦୵୬ |
| ୧୨ ପଟି „ | „ ଟ ୨। | „ ଟ ୦୵ |
| ୨୨ ପଟି ଡବଲଫୁଲସ୍କେପ୍ „ | ଟ ୪। | „ ଟ ୦୵୨ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ବହରଚୋଣା ଓ ବହଳା ଓ ରେସମୀଓଳଗର ଲୁଗା ଓ ଷ୍ଟେସନରୀ ଓ ବିଲାତି ଜିନିଷ ଇତ୍ୟାଦି ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭିଦ ଆଉ କେତେକ ଫେସ୍କ ଜିନିଷର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏଥିରେ ଅମ୍ଭେମାନେ କଲେଜ ଛାତ୍ର ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଚ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରିଦିବ । ଯଦି ଉକ୍ତ ଛାତ୍ରମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଦରକାର ହେବେ ଏବଂ ଗ୍ରାହକରୁ ଫି ବଗ ଟ ୦୵୨ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଯତ୍ନ ଖଣ୍ଡିକର ଭାର ତାଙ୍କ ଉପରେ ଥିବ । ଯତ୍ନ ହେଲେ ଛାତ୍ରର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦିଲ ।

| | |
|---|---|
| କଟକ ରେସମୀ ଚଦରି ତକିଆ ଖୋଳ । | କର୍ପୂର ଅର୍କ । |
| ଦଲେଲଷ୍ଟାର | ହୋମିଓପାଥିକ୍ । |
| କ୍ୟୁଵେଲିନ୍ ତେଲ ଜଳେ ଅଳ ଯାଦା ଓ ଗୋଲାପ ଅତର । | ବାଳ ସିଲକ ଓ ଜଳ ରଙ୍ଗିନ ଓ ଗ୍ଲାସ |
| ତୃଣ୍ଟ ଅର୍ଥାତ୍ ଜଳବା କାପଡ଼ କାଗଜ ପେନ୍ସିଲ ଓ କଲମ । | ଘଡ଼ି |
| ପେନ୍ସିଲ କାଟିବା ଛୁରୀ । | ଉତ୍ତମ ଦୂରଦର୍ଶକଯନ୍ତ୍ର ଏକଫଳ ହେବ |
| ନାନା ପ୍ରକାରର ଚିଠି-କାଗଜ ଓ ଲଫାପା ଟ୍ରେନ୍ ବସ | ଜେଲଖାନା ଉପୋଉ ଷଣ ଜେବର ଅଳ |
| ପିତଳ ତାଲା । | ଏ. ଗୋଲ୍ଡ ସମ୍ବେଦ |
| ନଗଦି ସାବୁନ । | ଜାମିନ ଓ ବନ୍ଧକ । |
| ଚାକାଇ ଆକାର ସର୍ଦ୍ଦରେ ଲୁଗା ପରିଷ୍କାର ହୁଏ । | ଶବଗ ଅବରୋଧ ଏକତ ବାରଷ । |
| ଅଟୋମ ରେଳ—ଅର୍ଥାତ୍ ଗୁଲକୀ ଭୁଲ୍ । | ଅଷ୍ଟମେଟିକ ପେନ୍ସିଲ ଥିଲ ଏ ଯେତେବେଳେ ଲେଖି କଲ ଖେଳ |
| ଅବଲ ଲୁଗ । | ଲବୁ ଉଠାଇ ଦେଲୁ ପେନ୍ସିଲ ଲେଖା ରାହିବ ଏକ ଉଣାଇ ଲେଖାଯୋଗ୍ୟ ଲ, କଳ |
| ଓସାଇଲ ସୁତ୍ ହୁଳା । | ଇ ଲବେ । |
| ପୋର୍ଷ୍ଟଲୁଟ ଓ ପିତ୍ତଳର କେଷ୍ଟଲ ମେଜ ଓ ଦଉତ ଗୁରେ ସଲେ | ଉଜ ଓ ପାଉଡ଼େଲୋ ଥିବା |
| ନୂଆ ଛାଚ ନୂଆର ଲେଖିବାଦେଲେ ଯଳ ଓ ଶୁଖିଲେ ଭଲ ହେବ । | କବିତ ଦେଲକେ ତଳ ଛାତବାର ଛାତ ମସଗାମ । |
| ପ୍ରଲଜା ଉଲ୍ଲା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ ୧୬ × ୧୪ „ | ରେଲ ଭୁ ପେନ୍ସିଲ କାଲଗୀ ଯାଲା ଓ ଯୋଡ଼ ଓ ବର |
| ମୋଜା ଓ ମୋଜାକଳ | ମନସ୍ତୁତାକାସ ଓ ଶିକା ପାଇ ପାଃଯୋଡ଼ ଓ ଖାତା । |
| ଉତ୍ତମ ଧୂଆ କଳକଣ୍ଟା | ଟ୍ରିଙ୍କ ବାକ୍ସ |
| ବଲଗା ଯାଇଛ ବଳା ଓ ସବଜା | ଏଲିମୋସ ଅର୍ଥାତ୍ ଉଷ୍ଣ ଛପାର ଅଷର ଉପର କରିବା କଳରେ |
| ତେମେସ୍ତଲେକ । | ଚଲବାର ହୁଏ । |

# ପିତଚାର ।

ଏ ତାରକୁ କେଉଁଣସି ଅଙ୍ଗରେ ଭଙ୍ଗି କଥିବେ ଉଇଲାଇ କୋଠାଘରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝିଂ ଅଳରେ ଲେପିଦେଲେ ମଳିରୂଛ ଓ ଛିଦ୍ର ଧରିବ ନାହିଁ ।

କଟିର ବନ୍ଧା ଓ ଯାନରେ ଲଗାଇବାର ନାତ ମଧ୍ୟ ଅଛି ।

ଅଭିକରଣ ଚନ୍ଦ୍ର କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୵ |
| ଅର୍ଦ୍ଧସ୍ତମ୍ଭର | ଟ ୨୵ |
| ପୂର୍ଣ୍ଣ ଏକ ସ୍ତମ୍ଭର | ଟ ୩୵୮ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚ ଟ ୦୵୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଏକ ଉତ୍କଳଦୀପିକା ଏହିକ ଦାନ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା [illegible] ଶ | ଭା ୧୫ ଇଙ୍ଗ ମାର୍ଚ୍ଚ [illegible] ସନ ୧୮୮୮ [illegible] ପୌଷ [illegible] | ଅଗ୍ରିମ ବାର୍ଷିକ ମୂଲ୍ୟ [illegible]
[illegible] ସଂଖ୍ୟା | | ପଶ୍ଚାଦ୍ଦେୟ [illegible]

ଓଡ଼ିଆ

ସନ ୧୮୮୯।୯୦ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ପୂର୍ବପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ମୂଲ୍ୟ ଟ ॥ ୵ ଡାକମାସୁଲ ଟ [illegible]

---

ହିନ୍ଦୁପେଟ୍ରିୟଟରୁ ଅବଗତ ହେଲୁଁ ଯେ ମିଃ, ଜର୍ଜ ୟୁଲ ସାହେବ ଆଲ୍ଲାହାବାଦ ମହାସମିତିର ଅଧିବେଶନରେ ସଭାପତି ହେବାକୁ ସମ୍ମତି ପ୍ରଦାନ କରିଅଛନ୍ତି । ହିନ୍ଦୁ, ପାର୍ସି ଓ ମୁସଲମାନ ସଭାପତିରେ କ୍ରମାନ୍ୱୟେ ବରଣ ହୋଇ ସୁଶୃଙ୍ଖଳରୂପେ କାର୍ଯ୍ୟ ନିର୍ବାହ କରିଥିଲେ ବର୍ତ୍ତମାନ କଂଗ୍ରେସରେ ଜଣେ ଇଂରେଜଙ୍କୁ ସଭାପତି ଆସନରେ ଆସୀନ ଦେଖି ଭାରତବାସୀ ଆହ୍ଲାଦିତ ହେବେ ଓ କଂଗ୍ରେସ ବିରୋଧୀ ଇଂରେଜମାନେ ଜଣେ ଇଂରେଜଙ୍କୁ କଂଗ୍ରେସର ସଭାପତି ଦେଖି କଂଗ୍ରେସର କାର୍ଯ୍ୟମାନ ଅନ୍ତତଃ ଇଂରେଜ ବିଦ୍ରୋହ ନୁହେ ବୁଝିବାକୁ ସକ୍ଷମ ହେବେ । ୟୁଲ ସାହେବ ଜଣେ ଭାରତଶୁଭାକାଂକ୍ଷୀ ଓ ମାନ୍ୟବାନ୍ଲୋକ ଓ ଭାରତବାସୀ ଓ ଇଉରୋପୀୟାନମାନଙ୍କଠାରୁ ସମାନରୂପେ ମାନ୍ୟପ୍ରାପ୍ତ ହେବାର ଉପଯୁକ୍ତ । ଏବଂଭୂତଲୋକଙ୍କୁ ସଭାପତିରେ ଆସୀନ ଦେଖି ସମସ୍ତେ ଆହ୍ଲାଦିତ ହେବେ ସନ୍ଦେହ ନାହିଁ ।

---

ଓଡ଼ିଶାର ମାଇନର, ଭର୍ଣ୍ଣାକ୍ୟୁଲର ଏବଂ ଅପରପ୍ରାଇମେରୀ ପରୀକ୍ଷାମାନ ଆଗାମି ଫେବୃଏରୀ ମାସ ତା ୧୮ ରିଖରେ ଆରମ୍ଭ ହୋଇ ତା ୨୨ ରିଖରେ ଶେଷ ହେବ । ପରୀକ୍ଷା ସମ୍ପର୍କୀୟ ନିୟମାବଳୀ ପରୀକ୍ଷାର ସ୍ଥାନ ଏବଂ ଯେଉଁ ଦିନ ଯେ ବିଷୟରେ ପରୀକ୍ଷା ହେବ ତାହା ସବୁ ଜଏଣ୍ଟ ଇନସ୍ପେକ୍ଟର ମହାଶୟ ଇଂରାଜୀରେ ଛପା କରାଇ ଆମ୍ଭମାନଙ୍କ ଜାଣିବା କାରଣ ଏକଖଣ୍ଡ ଅନୁଗ୍ରହ କରି ପଠାଇଥିବାରୁ କୃତଜ୍ଞତା ପ୍ରକାଶ କରୁଅଛୁଁ । ସମ୍ଭବତଃ ତାହା ସବୁ ଜାଣିବା ଯାହାଙ୍କର ପ୍ରୟୋଜନ ସେମାନଙ୍କ ନିକଟକୁ ତହିଁର ପ୍ରତିଲିପି ଯାଇଥିବ ।

ପରୀକ୍ଷକ–ନିୟୋଗସମ୍ବନ୍ଧରେ ଆମ୍ଭେମାନେ ଦେଖୁଅଛୁଁ ଯେ ବାବୁ ଗୋପାଳବଲ୍ଲଭ ଦାସ ଗତବର୍ଷରୁ ଲଢ଼ିଂ ଏବର୍ଷ ବଙ୍ଗାଳର ପରୀକ୍ଷକ ହୋଇଅଛନ୍ତି କିନ୍ତୁ ଆଉ କେତେଗୁଡ଼ିଏ ନିୟୋଗ ଏପରି ହୋଇଅଛି ଯେମନ୍ତ କି ଜଏଣ୍ଟଇନ୍ସପେକ୍ଟର ମହାଶୟ ସାଧାରଣ ସ୍ୱାର୍ଥପ୍ରତି ଦୃଷ୍ଟି ରଖିବାଠାରୁ ବ୍ୟକ୍ତିବିଶେଷର ଉପକାର କରିବା ଅଧିକ କର୍ତ୍ତବ୍ୟ ଜ୍ଞାନ କରଅଛନ୍ତି । ସ୍ଥାନାଭାବହେତୁ ଏଥର ଆମ୍ଭମାନଙ୍କ ବକ୍ତବ୍ୟ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ବାରାନ୍ତରେ ପ୍ରକାଶ କରିବାର ଇଚ୍ଛା ରହିଲା ।

---

ଆମ୍ଭମାନଙ୍କର ନୂତନ ଗବର୍ଣ୍ଣରଜେନରଲ ମହାମାନ୍ୟ ଲର୍ଡ ଲାନ୍ସଡାଉନ ଗତ ଶନିବାର ଘ ୪ା୍ଯ ଟା ସମୟରେ ହାବଡ଼ାରେଲଷ୍ଟେସନରେ ପହୁଞ୍ଚି ଯଥାବିହିତ ସମ୍ମାନପୂର୍ବକ ଗବର୍ଣ୍ଣମେଣ୍ଟ-ପ୍ରାସାଦକୁ ଆନୀତ ହେଲେ । ସୋମବାର ଦିନ ସକାଳେ ବିଧି ଅନୁସାରେ ସିଂହାସନାରୋହଣ ଓ କାର୍ଯ୍ୟଭାର ଗ୍ରହଣକରି ଘ ୯ ଟା ଉତ୍ତାରୁ ପୁରୁଣା ଲର୍ଡଙ୍କୁ ବିଦାୟ ହେବାକାରଣ ତାହାଙ୍କ ସଙ୍ଗେ ହାବଡ଼ା ରେଲ ଷ୍ଟେସନପର୍ଯ୍ୟନ୍ତ ବିଜେ କଲେ । ନୂତନ ଲର୍ଡଙ୍କ ଅଭ୍ୟର୍ଥନାର ବିଶେଷ ବିବରଣ ଆଗାମୀ ସପ୍ତାହରେ ପ୍ରକାଶିତ ହେବ ।

ମହାମାନ୍ୟ ମହୋଦୟ ଯେଉଁ ସର୍ବୋଚ୍ଚପଦରେ ଅଭିଷିକ୍ତ ହେଲେ ତହିଁର ଭାର କିପରି ବହନ କରିବେ ତାହା ବର୍ତ୍ତମାନ ବୋଲି ଯାଇ ନ ପାରେ । ତେବେ ସେ ବମ୍ବେଇରେ ପହୁଞ୍ଚିବାକାଳରେ ମିଉନିସିପାଲିଟୀ ବଣିକସଭା ଇତ୍ୟାଦିରୁ ପାଇଥିବା ଅଭିନନ୍ଦନପତ୍ରମାନଙ୍କ ଉତ୍ତରରେ ଯାହା କହିଅଛନ୍ତି ତହିଁରୁ ବିଲକ୍ଷଣ ଜଣା ଯାଉଅଛି ଯେ ସେ ବଡ଼ ଧୀର ଓ ଗମ୍ଭୀର ପ୍ରକୃତିର ଲୋକ ଏବଂ ସ୍ୱୟଂ ସବୁ କଥା ବୁଝି ସୁଝି କରିବାକୁ ଯତ୍ନବାନ୍ । ଭାରତବର୍ଷର ବିଷୟରେ ସେ ନିତାନ୍ତ ଅନଭିଜ୍ଞ ନୁହନ୍ତି କାରଣ ବହୁକାଳ ଭାରତୀୟ ଅଣ୍ଡରସେକ୍ରେଟରୀର କାର୍ଯ୍ୟ କରିଥିଲେ ଏବଂ କେନାଡ଼ାର ଶାସନକାର୍ଯ୍ୟରେ ଉଚ୍ଚଶ୍ରେଣୀର ସୁଖ୍ୟାତି ଲାଭ କରିଅଛନ୍ତି । ଏଣୁ ଆଶା ହେଉଅଛି ଯେ ଏହାଙ୍କ ଶାସନକାଳରେ ଏଦେଶର ସମ୍ପୂର୍ଣ୍ଣ

Digitized by srujanika@gmail.com

ମଙ୍ଗଳ ହେବ । ଅମ୍ଭେମାନେ ତାହାଙ୍କ ସମାଦରପୂର୍ବକ ଅଭ୍ୟର୍ଥନା କରୁଅଛୁଁ ।

---

ଆମ୍ଭମାନଙ୍କର ବିଗତ ବଡ଼ଲାଟ ଲର୍ଡ ଡଫରିନଙ୍କ ସହଧର୍ମିଣୀ ଲେଡ଼ି ଡଫରିନ ଏ ଦେଶୀୟ ସ୍ତ୍ରୀମାନଙ୍କ ଚିକିତ୍ସା ନିମିତ୍ତ ଯେଉଁ ମହତ୍ କାର୍ଯ୍ୟ କରି ଯାଇଅଛନ୍ତି ସେଥି ପାଇଁ ସର୍ବସାଧାରଣଙ୍କର ଅସୀମ ପ୍ରଶଂସା ଓ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ତାହାଙ୍କର ଏହି ଅକ୍ଷୟ କୀର୍ତ୍ତି ଏ ଦେଶରେ ଚିରକାଳ ଜାଗର୍ତ୍ତି ରହିବ । ଭାରତବର୍ଷର ନାନାସ୍ଥାନରେ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏଥି ପାଇଁ ତାହାଙ୍କ ଅନେକ ଅଭିନନ୍ଦନପତ୍ରମାନ ଦେଇଅଛନ୍ତି । ମାତ୍ର ଯାହାଙ୍କର ଉପକାର ନିମିତ୍ତ ଏ କୀର୍ତ୍ତିଟି ସ୍ଥାପିତ ହେଲା ସେମାନେ କେବଳ ଘରେ ବସି ତାହାଙ୍କର ଗୁଣ ଗାଇଲେ ଶୋଭା ପାଆନ୍ତା ନାହିଁ । ଏଥି ପାଇଁ ବଙ୍ଗ ବିହାର ଓଡ଼ିଶାର ପ୍ରାୟ ତିନ ହଜାର କୁଳକାମିନୀଙ୍କର ସ୍ୱାକ୍ଷରିତ ଖଣ୍ଡିଏ ଅଭିନନ୍ଦନପତ୍ର ଯେତେ କଲିକତାର ପ୍ରାୟ ୨୦୦ ଜଣ ବଙ୍ଗମହିଳା ଲାଟ ଭବନରେ ଲେଡ଼ି ଡଫରିନଙ୍କୁ ଅର୍ପଣ ଓ ସାକ୍ଷାତରେ ତାହାଙ୍କଠାରେ କୃତଜ୍ଞତା ପ୍ରକାଶ କରିଥିଲେ । ଲେଡ଼ି ଡଫରିନଙ୍କ ଗୁଣବତୀ କନ୍ୟାଦ୍ୱୟ ଉପସ୍ଥିତ ମହିଳାମାନଙ୍କୁ ସମାଦର ପୂର୍ବକ ସିଂହାସନଗୃହକୁ ନେଇ ଯାଇ ମହାମାନ୍ୟ ଲେଡ଼ି ଡଫରିନଙ୍କ ସମ୍ମୁଖରେ ବେଠାଇଲେ ଏବଂ ସେ ଅଭିନନ୍ଦନପତ୍ର ଶ୍ରବଣ ଓ ଗ୍ରହଣ କରି ଉପଯୁକ୍ତ ପ୍ରତ୍ୟୁତ୍ତରଦ୍ୱାରା ଆନନ୍ଦ ପ୍ରକାଶ କଲେ ଏବଂ ମଧୁରବଚନଦ୍ୱାରା ସେମାନଙ୍କୁ ଆପ୍ୟାୟିତ କଲେ । ଗବର୍ଣ୍ଣମେଣ୍ଟଙ୍କ ଗୃହକୁ ଦେଶୀୟ ସ୍ତ୍ରୀମାନଙ୍କର ଯିବା ଏହି ପ୍ରଥମ ଘଟଣା ଅଟଇ । ମହିଳାମାନେ ଲେଡ଼ି ଡଫରିନଙ୍କ ନାମ ସ୍ମରଣୀୟ କରିବା କାରଣ ଅର୍ଥ ସଂଗ୍ରହ କରୁଅଛନ୍ତି ଏଥି ମଧ୍ୟରେ ଶ୍ରୀମତୀ ମହାରାଣୀ ସ୍ୱର୍ଣ୍ଣମୟୀ ପାଞ୍ଚ ହଜାର ଟଙ୍କା ଦାନ କରିଅଛନ୍ତି ।

---

ପୁରୁଣା ଲାଟଙ୍କୁ ବିଦାୟ ଦେବା ଏବଂ ନୂତନ ଲାଟଙ୍କୁ ଅଭ୍ୟର୍ଥନା କରି ଆଣିବା ଉପଲକ୍ଷରେ ଗତ ସପ୍ତାହରେ କଲିକତାରେ ବଡ଼ ଗହଳ ପଡ଼ି ଯାଇଥିଲା । ଜୟପୁର ଭରତପୁର ଓ ଦରଭଙ୍ଗାର ରାଜାମାନେ ଏବଂ ଅନ୍ୟାନ୍ୟ ଅନେକ ସମ୍ଭ୍ରାନ୍ତଲୋକ ଏହି ସତ୍କାର୍ଯ୍ୟରେ ଯୋଗ ଦେବା ପାଇଁ କଲିକତାକୁ ଆସିଥିଲେ ଏବଂ ଅଯୋଧ୍ୟାର ତାଲୁକଦାରଙ୍କ ଅଭିନନ୍ଦନପତ୍ର ଦେବା ସେମାନଙ୍କ ପକ୍ଷରୁ କେତେକଜଣ ସମ୍ଭ୍ରାନ୍ତବ୍ୟକ୍ତି ଆସିଥିଲେ । ଉକ୍ତ ଅଭିନନ୍ଦନପତ୍ର ଛଡ଼ା କଲିକତାର ମିଉନିସିପାଲ କମିଶନରମାନେ ଲର୍ଡ ଓ ଲେଡି ଡଫରିନଙ୍କୁ ବିଦାୟସୂଚକ ଅଭିନନ୍ଦନପତ୍ର ଦେଇଥିଲେ ଏବଂ ଗବର୍ଣ୍ଣମେଣ୍ଟଗୃହରେ ଏକଦିନ ମଜଲିସ ହୋଇଥିଲା । ସର୍ବାପେକ୍ଷା ନୂତନ ସ୍ତ୍ରୀ ଚିକିତ୍ସା ଗୃହର ଶୁଭ ଦେବା କାର୍ଯ୍ୟଟି ଅତ୍ୟନ୍ତ ମହତ୍ ଓ ପ୍ରୀତିକର ଥିଲା । ଶ୍ରୀମତୀ ଲେଡି ଡଫରିନ ଭାରତୀୟ ସ୍ତ୍ରୀଙ୍କ ପୀଡ଼ା ନିବାରଣ ଉଦ୍ଦେଶରେ ଜାତିପାତିଗମ ଓ ଯତ୍ନଦ୍ୱାରା ଯେଉଁ ଅକ୍ଷୟ କୀର୍ତ୍ତି ରଖିଗଲେ ଏହି ଚିକିତ୍ସାଳୟ ତହିଁର ଅଙ୍ଗୀଭୂତ ଗୋଟିଏ ପ୍ରତ୍ୟକ୍ଷ ଫଳ ଅଟଇ । ଏ ଗୃହାରମ୍ଭ କ୍ରିୟାଟି ସେ ନିଜେ କରି ନ ଗଲେ ତେତେ ସୁଖ ହୁଅନ୍ତା ନାହିଁ । ଏହି କ୍ରିୟା ଉପଲକ୍ଷରେ ଭାରି ସମାରୋହ ହୋଇଥିଲା ଏବଂ ବଡ଼ଲାଟ ଓ ଛୋଟଲାଟ ଆଦିକରି ଅନେକ ସମ୍ଭ୍ରାନ୍ତଲୋକ ଉପସ୍ଥିତ ଥିଲେ । ଶ୍ରୀମତୀ ଲେଡି ଡଫରିନ ସ୍ୱହସ୍ତରେ ଶୁଭ ଦେଇ ସମସ୍ତଙ୍କର ଭକ୍ତି ଓ କୃତଜ୍ଞତାର ଭାଜନ ହେଲେ । ଲର୍ଡ ଡଫରିନ ଏସମୟରେ ଯେଉଁ ବକ୍ତୃତା କଲେ ତହିଁରେ ଅନ୍ୟାନ୍ୟ କଥା ମଧ୍ୟରେ କହିଲେ ଯେ ସେ ଓ ତାହାଙ୍କ ସହଧର୍ମିଣୀ ଏ ଶୁଭ ଅନୁଷ୍ଠାନର ହିତଚିନ୍ତା ଚିରକାଳ କରିବେ । ଦେଶୀୟଲୋକଙ୍କ ପକ୍ଷରୁ ରାଜା ପ୍ୟାରୀମୋହନ ମୁଖୋପାଧ୍ୟା ଓ ନବାବ ଅବଦୁଲଲତିଫଖାନ ବାହାଦୁର ଶ୍ରୀମତୀ ଲେଡି ଡଫରିନଙ୍କୁ ଧନ୍ୟବାଦ ଦେଲେ ।

---

ଲର୍ଡ ଡଫରିନଙ୍କର ବକ୍ତୃତା ।

କଲିକତାବାସି ଏସ୍କଟଦେଶୀୟ ସାହେବମାନେ ପ୍ରତିବର୍ଷ ନବେମ୍ବରମାସ ତା ୩୦ ରୁଖରେ ଗୋଟିଏ ମହାଭୋଜ ଦିଅନ୍ତି । ଏହାର ନାମ ସେଣ୍ଟଆଣ୍ଡ୍ରୁ ଭୋଜ । ପ୍ରଧାନ ୨ ଇଂରାଜରାଜକର୍ମଚାରୀ ଓ ଅପର ଶ୍ରେଣୀର ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ ହୁଅଇ ଏବଂ ଭୋଜନକାଳେ ନାନାବିଷୟର ବକ୍ତୃତା ହୁଅଇ । ଏଥର ଗତମାସ ତା ୩୦ ରିଖରେ ଉକ୍ତ ଭୋଜ ହୋଇଥିଲା ଏବଂ ଲର୍ଡ ଡଫରିନ ସେଠାରେ ଉପସ୍ଥିତ ହୋଇଥିଲେ । ଆପଣା ଶାସନକାର୍ଯ୍ୟର ଫଳାଫଳ ଏହି ସୁଯୋଗରେ ବ୍ୟକ୍ତ କରିବାର ସୁବିଧା ବିବେଚନା କରି ସେ ଏକ ଅତି ଦୀର୍ଘବକ୍ତୃତା ପ୍ରଦାନ କରିଥିଲେ । ଏମନ୍ତ ଦୀର୍ଘବକ୍ତୃତା ଏପର୍ଯ୍ୟନ୍ତ ଭୋଜରେ ପ୍ରାୟ ଆଉ କେବେ ହୋଇ ନାହିଁ । ବକ୍ତୃତାଟି ଅବିକଳ ଇଂରାଜୀ ଦୈନିକ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି ଏବଂ ତହିଁରୁ ବକ୍ତାଙ୍କର ବାକ୍ଶକ୍ତି ଏବଂ ସୁଷ୍ଠୁବାଦିତାର ସୁନ୍ଦର ପରିଚୟ ମିଳୁଅଛି । ଏମନ୍ତ ଦୀର୍ଘବକ୍ତୃତା ପ୍ରକାଶ କରିବାକୁ ଏ ଗୁ ଦୀପିକାରେ ସ୍ଥାନ ନାହିଁ । ସୁତରାଂ ତହିଁର ସାରମର୍ମ ପାଠକମାନଙ୍କୁ ଉପହାର ଦେବା ଭିନ୍ନ ଅମ୍ଭେମାନେ ଆଉ କିଛି କରି ନ ପାରୁଁ । ଏହି ବକ୍ତୃତା ବର୍ତ୍ତମାନ ସାଧାରଣ ଚର୍ଚ୍ଚାର ବିଷୟ ହୋଇଅଛି ଏବଂ ସମ୍ବାଦପତ୍ରମାନଙ୍କରେ ଏଥିର ନାନାପ୍ରକାର ସମାଲୋଚନା ବାହାରୁଅଛି ।

ବକ୍ତୃତାର ସାରମର୍ମ ଯଥା ।

ଆପଣମାନେ ଆମ୍ଭର ଶାସନକାର୍ଯ୍ୟର ଯେରୂପ ପ୍ରଶଂସା କରଅଛନ୍ତି ଅମ୍ଭେ ତହିଁର ଭାଜନ ନୋହୁଁ । ଆମ୍ଭର ପୂର୍ବବର୍ତ୍ତୀ ଶାସନକର୍ତ୍ତାଙ୍କ ଅପେକ୍ଷା ଆମ୍ଭ ସମୟରେ ଅନେକ ଅବଶ୍ୟିକ ବିଘ୍ନବାଧା ଘଟିଅଛି ତହିଁ ମଧ୍ୟରେ ରଜତମୁଦ୍ରାର ମୂଲ୍ୟ ଊଣା ହେବା ପ୍ରଧାନ । ରୂପାର ମୂଲ୍ୟ ଊଣା ହେବାରୁ ଭାରତବର୍ଷର ବାର୍ଷିକ ତିନିକୋଟି ଟଙ୍କା କ୍ଷତି ହୋଇଅଛି ଏହି କ୍ଷତିପୂରଣନିମିତ୍ତ ଇନକମ ଟାକ୍ସ ବସାଇବାକୁ ଓ ଅନ୍ୟ କର ବୃଦ୍ଧି କରିବାକୁ ଅମ୍ଭେ ବାଧ୍ୟ ହେଲୁଁ । ଫଗ୍ରିସ୍ତାନର ସୀମା ନିର୍ଦ୍ଦେଶ ଚେଷ୍ଟାହେତୁ ବ୍ରହ୍ମରାଜ୍ୟ ଜୟ କରିବାକୁ ଅମ୍ଭେ ବାଧ୍ୟ ହେଲୁଁ । ଏହା ଅବ୍ୟବସ୍ଥାର ହୋଇଯାଇଲା ନାହିଁ । ସୀମାବାଟେ ସୈନ୍ୟ ପଠାଇବା ବଡ଼ ବ୍ୟୟସାଧ୍ୟ ବ୍ୟାପାର ଆଉ ନୂତନ ରାଜ୍ୟକୁ ସୁଶାସନରେ ଆଣିବାନିମିତ୍ତ ନାନାପ୍ରକାର ବ୍ୟୟ ଯୋଗାଇବାକୁ ହେଉଅଛି । ଅମ୍ଭେ ଉକ୍ତରାଜ୍ୟରେ ସୁଶାସନ ବିସ୍ତାରପକ୍ଷରେ କିଛି ତ୍ରୁଟି କରି ନାହୁଁ । ଯଦ୍ୟପି ବୋଲିବ ଯେ ବ ୨୪ ର୍ଷରେ ସେଠାରେ ଶାନ୍ତି ଦେଖାଗଲା ନାହିଁ ତେବେ ତହିଁର କାରଣ ସେ ଦେଶର ପ୍ରକୃତି ଅଟଇ । ଲର୍ଡ ଡଲହାଉସି ବହୁତ ଏକ ସାମାନ୍ୟ ଖଣ୍ଡ ଅଧିକାର କରିଥିଲେ କିନ୍ତୁ ପ୍ରାୟ ସାତବର୍ଷପର୍ଯ୍ୟନ୍ତ ଡକାଇତଙ୍କ ଉପଦ୍ରବ ଥିଲା । ଅଦ୍ୟାପି ମଧ୍ୟପ୍ରଦେଶରେ ଡକାଇତି ଲାଗିଅଛି ।

ଭାରତବର୍ଷ ଅତି ବିସ୍ତୃତ ମହାଦେଶ । ଏଠାରେ ନାନାଜାତୀୟ ଓ ବିବିଧଧର୍ମାବଲମ୍ବୀ ୨୫ କୋଟି ଲୋକଙ୍କର ବାସ । ଏମାନଙ୍କମଧ୍ୟରେ ୧୦୬ ଭାଷା ପ୍ରଚଳିତ ତହିଁ ମଧ୍ୟରେ ୧୮ ଟା ଭାଷା ଏପରି ଯେ ଦଶଲକ୍ଷରୁ ଅଧିକ ଲୋକଙ୍କ

Digitized by srujanika@gmail.com

ମଧ୍ୟରେ ତହିଁରୁ ଗୋଟିଏ ଲେଖାଏ ଚାଲୁଅଛି । ତାହାନ୍ତି ଦ୍ୟ ପାହାଡଶ୍ରେଣୀଠାରୁ ଉଚ୍ଚ ସୁସଭ୍ୟ-ଶ୍ରେଣୀର ଲୋକପର୍ଯ୍ୟନ୍ତ ଏଠାରେ ଅଛନ୍ତି । ଭାରତ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ୧୧୭ କରଦ ଓ ମିତ୍ରରାଜ୍ୟ ଅଛି । ଭାରତର ଉତ୍ତରପାଖରେ ସମୁଦ୍ରବାଟେ ଶତ୍ରୁ ଆସିବାର ସୁବିଧା ଅଛି ଏବଂ ଅପରଦିଗରେ ରୁଷିୟା ଛତ୍ରିତ ଚାଳ ପ୍ରସ୍ତୁତର ଆକ୍ରମଣର ସମ୍ଭାବନା । ଏପ୍ରକାର ସାମ୍ରାଜ୍ୟର ଶାସନ ମାନବବୁଦ୍ଧି ଓ କ୍ଷମତାର ଚରମସୀମାକୁ ଅତିକ୍ରମ କରଇ ବୋଲିଯାଇ ନ ପାରେ । ଆମ୍ଭେ ଏପର୍ଯ୍ୟନ୍ତ ଏହି ଗୁରୁତର କାର୍ଯ୍ୟ କବାଂଦ୍ଧ କରିଅଛୁଁ ଇତିହାସ ଲେଖକମାନେ ପଛେ ବିଚାର କରିବେ ।

ଯେତେବେଳେ ଏହି ସାମ୍ରାଜ୍ୟ ଇଷ୍ଟ-ଇଣ୍ଡିଆ କମ୍ପାନିଙ୍କ ହସ୍ତରେ ପତିତ ହେଲା ତେତେବେଳେ ଚାରିଆଡ଼େ ଗୋଳମାଳ ଏବଂ ଅଶାନ୍ତି ବିରାଜୁଥିଲା । ରାଜ୍ୟକୁ ଏକଛତ୍ରାଧୀନ ଏବଂ ସଂଯତ କରି ରଖିବାକାରଣ କଠୋର ସ୍ୱେଚ୍ଛା-ଚାର ରାଜତ୍ୱର ଅବଶ୍ୟକ ହୋଇଥିଲା । କିନ୍ତୁ ସେପରି ରାଜ୍ୟଶାସନ କରିବା ଇଂରାଜପ୍ରକୃତିର ବିରୁଦ୍ଧ । କ୍ରମେ ୨ ଯେମନ୍ତ ସୁଯୋଗ ଘଟୁଅଛି ଭାରତୀୟ ପ୍ରଜାମାନଙ୍କୁ ଇଂରାଜଙ୍କସହିତ ସମାନ ଅଧିକାର ଦିଆଯାଇଅଛି ଆଇନର ଦୃଷ୍ଟିରେ ସମସ୍ତ ପ୍ରଜା ସମାନ ହୋଇଅଛନ୍ତି । ଦେଶୀୟ ଯୋଗ୍ୟଲୋକଙ୍କୁ ବ୍ୟବସ୍ଥାପକସଭାମାନଙ୍କରେ ଗୃହୀତ ହେଉଅଛି । ସେହିଦିନ ଆମ୍ଭର ପୂର୍ବବର୍ତ୍ତୀ ପ୍ରତିନିଧି ସ୍ଥାନୀୟ ଆତ୍ମଶାସନ ଅଧିକାର ଲୋକଙ୍କୁ ପ୍ରଦାନ କଲେ । ସିଭିଲ ସର୍ବିସ କମିଶନଙ୍କ ପ୍ରସ୍ତାବମତେ ଶତାଧିକ ସରକାରୀ କାର୍ଯ୍ୟ ଯାହା-ଙ୍କର ନୈତିକବଳ ଇଂରାଜମାନେ କରୁଥିଲେ ଦେଶୀୟଲୋକଙ୍କୁ ଦେବାର କଥା ହେଉଅଛି ।

ଗବର୍ଣ୍ଣମେଣ୍ଟ ଏତେ କଲେହିଁଆ ବର୍ତ୍ତମାନ କେତେକଜଣ ବୁଦ୍ଧିମାନ୍ ରାଜଭକ୍ତ ସ୍ୱଦେଶ-ବତ୍ସଳ ଭଲଲୋକ ଅଗ୍ରସର ହେବାର ଚେଷ୍ଟିତ ଥାଇ ଏହାବେଳକେ ଲୁଦ ପଦ୍ଧି ପ୍ରଜାତନ୍ତ୍ର ପ୍ରଣାଳୀ ଏଦେଶରେ ଚଳାଇ-ବାକୁ ବସିଅଛନ୍ତି । ସେମାନେ ଚାହୁଁ ନାହାନ୍ତି ଯେ କଲବତରେ କେତେ ଶତାବ୍ଦୀର ଚେଷ୍ଟା ଉତାରୁ ବର୍ତ୍ତମାନର ଶାସନରୀତି ସ୍ଥାପିତ ହୋଇଅଛି । ସେମାନେ କହନ୍ତି ଭାରତରେ ପାର୍ଲିମେଣ୍ଟ ସଭା ହେଉ । ବ୍ୟବସ୍ଥାପକ ସଭାରେ ମନୋନୟନ ପ୍ରଥା ଅନୁସାରେ ଦେଶୀୟଲୋକ ଭରତି ହେଉନ୍ତୁ । ଏମାନଙ୍କ ହାତରେ ଖର୍ଚ୍ଚର ଅଧିକାର ଦିଆଯାଉ । ଇଂରାଜକର୍ମଚାରୀମାନେ ସେମାନଙ୍କ ଅଧୀନ ହେଉନ୍ତୁ । ଦେଶୀୟ ଅବୈତନିକ ଓ ସୈନିକ ସେନା ଗଠିତ ହେଉ ଓ ସେହି ସେନା ଉପରେ ଦେଶର ଶାନ୍ତିରକ୍ଷା ଓ ବହିରୁପଦ୍ରବନିବାରଣ ଭାର ଅର୍ପିତ ହେଉ ଏବଂ ଗୋରା ଫୌଜ ବର୍ତ୍ତମାନ ଯେତେ ଅଛି ତହିଁର ଅର୍ଦ୍ଧେ ରଖାଯାଉ । ଏପ୍ରକାର ପ୍ରସ୍ତା-ବରେ ଇଂଲଣ୍ଡ ସମ୍ମତ ହେବେ ନାହିଁ । କାରଣ ଶକ୍ତି ସଙ୍ଗେ ଦାୟିତ୍ୱ ରହିବାର ଆବଶ୍ୟକ । ଦେଶୀୟ ଲୋକଙ୍କ ହାତରେ ଖର୍ଚ୍ଚ ଯୋଗା-ଇବାର ଶକ୍ତି ରହିବ ଅଥଚ କୌଣସି ଦାୟିତ୍ୱ ରହିବ ନାହିଁ ଏକଥା ମୌଳିକ ରାଜନୀତିର ବିରୁଦ୍ଧ । ଆମ୍ଭେ ଦେଶୀୟ ବିଚକ୍ଷଣ ଓ ବିବେକ ଲୋକଙ୍କ ସହିତ କଥା-ବାର୍ତ୍ତା କରି ସେମାନଙ୍କର ମନ ବୁଝୁଅଛୁଁ । ସେମାନେ କେହି ଏକଥା କହନ୍ତି ନାହିଁ । ତେବେ କିଏ ଏସବୁ କଥା କହୁଅଛି ? ଯେଉଁମାନେ ଗବର୍ଣ୍ଣମେଣ୍ଟଙ୍କ ସ୍କୁଲ କଲେଜରେ ଲେଖାପଢ଼ା ଶିଖିଅଛନ୍ତି ସେହିମାନେ ଏସବୁ କଥା କହୁଅଛନ୍ତି । ସେମାନଙ୍କର ସଂଖ୍ୟା କେତେ ? ଭାରତବାସୀ ୨୦ କୋଟି ଲୋକଙ୍କ ମଧ୍ୟରେ ଶତକରା ୫।୬ ଜଣ ଲୋକ ଲେଖା-ପଢ଼ା ଜାଣନ୍ତି ଏବଂ ତହିଁ ମଧ୍ୟରେ ଶତକରା ଏକଜଣ ଇଂରାଜୀ ଶିକ୍ଷିଅଛି । ବାକି ୧୯ ଟି ଘୋର ମୂର୍ଖ । ସନ ୧୮୫୭ ସାଲରେ ବିଶ୍ୱ-ବିଦ୍ୟାଳୟ ସ୍ଥାପିତ ହେଲା । ଅଦ୍ୟ ସରିକ ଆଠ ହଜାରରୁ ଊଣା ଲୋକ ଉତ୍ତୀର୍ଣ୍ଣ ହୋଇ-ଅଛନ୍ତି । ଆଉ ଯେଉଁମାନେ କିଛି୨ ଇଂରାଜୀ ଜାଣନ୍ତି ତାହାଙ୍କୁ ଧଇଲେ ମଧ୍ୟ ସର୍ବସୁଦ୍ଧା ଇଂରାଜୀ ଜାଣିବା ଲୋକଙ୍କ ସଂଖ୍ୟା ଦେଢ଼ଲକ୍ଷ ହେବ । ଏହି ଦେଢ଼ଲକ୍ଷ ଲୋକ ୨୦ କୋଟି ଭାରତବାସିଙ୍କ ପ୍ରତିନିଧି ସ୍ୱରୂପ ଗଣ୍ୟ ହୋଇ ପାରନ୍ତି କି ?

ଯେତେବେଳେ କଂଗ୍ରେସ ମହାସମିତି ସ୍ଥାପିତ ହେଲା ତେତେବେଳେ ଏଥିର କାର୍ଯ୍ୟ ପ୍ରତି ପ୍ରୀତି ଜନ୍ମାଇଥିଲୁ । ଆମ୍ଭେ ମନେ କରିଥିଲୁଁ ଯେ ଏମାନଙ୍କଦ୍ୱାରା ସୁଶାସନର ସହାୟତା ହେବ । ଏ ଦେଶରେ ଏମନ୍ତ ଅନେକ ବିଷୟ ଅଛି ଯହିଁରେ ସୁବ୍ୟବସ୍ଥା ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ହୋଇ ନ ପାରେ ଓ ଲୋକମାନଙ୍କର ନିଜର ଯତ୍ନର ସାପେକ୍ଷ । ଯଥା;—ବିବାହାଦି କ୍ରିୟା ଉପଲକ୍ଷରେ ଅପ-ବ୍ୟୟିତା, ମହାଜନଙ୍କଠାରେ ଋଣଦାୟରେ ପ୍ରଜାଙ୍କର ବନ୍ଧନ, ଗ୍ରାମାଦିର ସ୍ୱାସ୍ଥ୍ୟ ରକ୍ଷାର ଉପାୟ, ମଦ ଏବଂ ଗାଞ୍ଜାର ଆତିଶଯ୍ୟ, ସାମାଜିକ ଦୁର୍ନୀତି ଯଥା;—ବାଲ୍ୟବିବାହ ଓ ବୈଧବ୍ୟଯନ୍ତ୍ରଣା ସ୍ଥଳ ବିଂଶତରେ ପ୍ରଜାଙ୍କର ସଂଖ୍ୟା ବୃଦ୍ଧି ଶିଳ୍ପଶିକ୍ଷା । ଏ ସକଳ ବିଷୟରେ ମହାସମିତି ମନୋଯୋଗୀ ହେଲେ ଅନେକ ଉପକାର ଦର୍ଶନ୍ତା । କିନ୍ତୁ ସମିତିର ସଦସ୍ୟ-ମାନେ ଏହିସବୁ ପ୍ରୟୋଜନୀୟ ବିଷୟକୁ ତୁଚ୍ଛ କରି ଏମନ୍ତ କାର୍ଯ୍ୟରେ ହାତ ବଢ଼ାଉଥିଲେ ଯେ ଯଦ୍ଦ୍ୱାରା କିଛି ଉପକାର ନାହିଁ ବରଂ ସମିତିରୁ ଏମନ୍ତ ସବୁ ପତ୍ର ଓ ପୁସ୍ତିକାସବୁ ବାହାରୁଅଛି କି ଯଦ୍ଦ୍ୱାରା ରାଜକର୍ମଚାରୀଙ୍କ ପ୍ରତି ଦେଶୀୟ ଅଜ୍ଞଲୋକଙ୍କର ବିଦ୍ୱେଷ ଜାତ ହେବାର ସମ୍ଭାବନା । ଆମ୍ଭେ ସମିତିର କର୍ତ୍ତୃପକ୍ଷ ଏପରି ସ୍ପଷ୍ଟ କଥାରେ ବୁଝାଇଦେବାର କାରଣ ଏହି କି ଭିନ୍ନବିଦ୍ୟମାନଙ୍କର ରାଜକାର୍ଯ୍ୟରେ ଅଧିକ ପ୍ରବେଶ ଲାଭ କରିବାର ଇଚ୍ଛାଟି ସ୍ୱାଭା-ବିକ ଅତଏବ ସେମାନଙ୍କ ପ୍ରତି ଆମ୍ଭର ବିରୂପତା ବା ଜଗତ୍ ବୋଧ ନାହିଁ । ଆମ୍ଭେ ଯୁବିଲିସମୟରେ ଯାହା କହିଥିଲୁଁ ସେହି ଅଭିପ୍ରାୟ ଅବଧି ରହିଅଛି । କୌଣସି ଗୁରୁତର ରାଜନୈତିକ ପରିବର୍ତ୍ତନ କାଳମର ଏକଶାରରେ ସାଧିତ ହେବାର କୁହଇ । ଏଠାରୁ କାଳେ ପର୍ଯ୍ୟନ୍ତ ତହିଁର ବିଚାର ହେବ । ଦେଶୀୟଲୋକଙ୍କର ଶାସନାଧିକାର ବୃଦ୍ଧି ଏବଂ ସେମାନଙ୍କୁ ଅଧିକ ସଂଖ୍ୟାରେ ରାଜ-କାର୍ଯ୍ୟରେ ନେବା ବିଷୟରେ ଆମ୍ଭେ ବିଲାତକୁ ଲେଖିଅଛୁଁ । ଯଥା ସମୟରେ ସେ କଥା ପ୍ରକାଶ ପାଇବ । ଆମ୍ଭେ ସ୍ୱୀକାର କରୁଁ ଯେ ଏପରି ହେଲେ ରାଜ୍ୟ ସୁଦୃଢ଼ ଏବଂ ପ୍ରଜା-ସାଧାରଣଙ୍କର ସୁଖ ବୃଦ୍ଧି ହେବ । ଶିକ୍ଷିତ ଲୋକଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଅଛି ଏବଂ ତହିଁ ସଙ୍ଗେ୨ ସେମାନଙ୍କର ବହୁଦର୍ଶିତା ମଧ୍ୟ ବଢ଼ୁଅଛି ଏଥିରେ ଆମ୍ଭେ ଆନନ୍ଦିତ ଅଛୁଁ । କାଳେ ସେମାନେ ଯୋଗ୍ୟଲୋକ ହେବେ କିନ୍ତୁ ସେ ପର୍ଯ୍ୟନ୍ତ ଅପେକ୍ଷା କରିବାର ଉଚିତ ।

ବର୍ତ୍ତମାନ ପୁଲିସର ଅନେକ ଦୋଷ ଅଛି ଆମ୍ଭେ ଜାଣୁଁ ଏବଂ ବିଚାରବିଭାଗ ଓ କାର୍ଯ୍ୟ-ବିଭାଗର ପାର୍ଥକ୍ୟ ମଧ୍ୟ ଆବଶ୍ୟକ ମାତ୍ର ଏସବୁର ଅନେକ କାରଣ ଅଛି ଏବଂ ଅନେକ ବିଷୟରୁ ଜଡ଼ିଆଯାଇଅଛି । ତହିଁ ଉପରେ ଗବର୍ଣ୍ଣମେଣ୍ଟ-ଙ୍କର ଅର୍ଥଭିତ୍ତି ସୁତରାଂ ସେ ଦୋଷମାନ ସଂଶୋଧନ ହୋଇ ପାରୁ ନାହିଁ ।

---

Split by PDF Splitter

Digitized by srujanika@gmail.com

Split by PDF Splitter



## ଓଡ଼ିଶା ଗଡ଼ଜାତର ବିବରଣ ।

ଏସବୁ ଗଡ଼ଜାତର ଗତ ବାର୍ଷିକ ବିବରଣ ସମ୍ବନ୍ଧରେ ମାନ୍ୟବର ଶ୍ରେଷ୍ଠଲାଟଙ୍କର ଯେଉଁ ମନ୍ତବ୍ୟ ପ୍ରକାଶ ହୋଇଅଛି ତହିଁରେ ବୃଷ୍ଟି ଓ ଫସଲର ଅବସ୍ଥା ବିଶେଷ ମନୋଯୋଗ ଆକର୍ଷଣ କରିବାର ଦେଖାଯାଏ । ପ୍ରତ୍ୟେକ ଜିଲ୍ଲାର ଅବସ୍ଥା ପୃଥକ୍ ରୂପେ ବର୍ଣ୍ଣନା କରି ସୁପ୍ରିଣ୍ଟ ମୋଟଫଳ ଏହିପରି ଜଣାଇ ଥିଲେ କି ଢେଙ୍କାନାଳ, ପାଲଲହଡ଼ା, କେଉଁଝର, ତାଳଚେର, ଅନୁଗୁଳ, ଆଠମଲ୍ଲିକ, ଖଣ୍ଡପଡ଼ା, ଓ ବୌଦ୍ଧ ଏସବୁ ସ୍ଥାନରେ ଅଳ୍ପବୃଷ୍ଟି ହେତୁ ଫସଲ ଊଣା ହୋଇଥିଲା । ନରସିଂହପୁର, ରଣପୁର, ନୟାଗଡ଼ ଓ ଖଣ୍ଡପଡ଼ାରୁ ଅଳ୍ପ କାଟିଥିଲା ଏବଂ ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ ଓ ବଡ଼ାମ୍ବରେ ଅଳ୍ପ ବୃଷ୍ଟି ହେଲେହେଁ ତାହା ସମୟାନୁସାରେ ହୋଇଥିବାରୁ ସାମାନ୍ୟ କ୍ଷତି ହୋଇଥିଲା । ଗଡ଼ଜାତର ଭୂମି ଉଚ୍ଚ ନୀଚ ଥିବାରୁ ଶ୍ରେଣୀବନ୍ଧ ଓ ନାଳମାନ ବନାଇ କ୍ଷେତକୁ ଜଳ ଯୋଗାଇବା ଏବଂ ଜଳ ଅଟକାଇ ରଖିବାର ବିଶେଷ ସୁବିଧା ଅଛି ଏବଂ ରାଜା ଓ ଧନୀଲୋକମାନେ ଏପ୍ରକାର ବନ୍ଧ ପକାଇ ଅନେକ ସ୍ଥାନରେ ଜଳ ସଞ୍ଚୟ କରୁଅଛନ୍ତି । କେତେକ ମହାଲରେ ପ୍ରାୟ ପ୍ରତିଦିନ ଏ କାର୍ଯ୍ୟ ହେଉଅଛି । କେବଳ ବଣମାଳର ଅଧମ ଜାତିମାନେ ଏହା କରୁ ନାହାନ୍ତି ଏବଂ ସେଠାରେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଏପରି କାର୍ଯ୍ୟ ହେବା ବିଷୟରେ ପ୍ରସ୍ତାବ କରିବାକୁ ସୁପ୍ରିଣ୍ଟ ସାହେବ ଇଚ୍ଛା କରୁଅଛନ୍ତି ।

ଲୋକଙ୍କ ସାଂସାରିକ ଅବସ୍ଥା ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଲେଖିଅଛନ୍ତି କି ଗତ ଦୁଇବର୍ଷ ଫସଲ ଲୋକସାନ ( ) ଗରିବଲୋକଙ୍କର ବଡ଼ କଷ୍ଟ ହୋଇଥିଲା । ତୁ ଆମ୍ବ ଫସଲ ଉତ୍ତମ ହେବା ଓ ଜଙ୍ଗଲର ଫଳ ମୂଳ ଓ ପତ୍ର ଖାଇବାର ଅଭ୍ୟାସ ଥିବାରୁ ଅନ୍ନକଷ୍ଟରୁ ବଞ୍ଚିଗଲେ । ଅଧମ ଅର୍ଥାତ୍ ବଣୁଆ ଜାତିମାନେ ବର୍ଷକର ମା ୨ ୩ କେବଳ ଜଙ୍ଗଲର ଉତ୍ପନ୍ନ ଖାଇ ବଞ୍ଚନ୍ତି । ସଡ଼କ ଘାଟ ନ ଥିବାରୁ ଧାନ ଚାଉଳ ସମାନ ନ ହୋଇ ଏକସ୍ଥାନରେ ପ୍ରଚୁର ଥିଲେ ଅନ୍ୟ ସ୍ଥାନରେ ମିଳଇ ନାହିଁ । ଅନୁଗୁଳରେ ଏକ ସମୟରେ ଟଙ୍କାକୁ ଚାଉଳ ସେ ୧୩ ର ଏବଂ ଲୁଣ ସେ ୩ ର ହୋଇଥିଲା । ଇଥିରେ ଅନୁଗୁଳରେ ବିଶେଷ ଅନ୍ନକଷ୍ଟ ହେବା ଓ ତହିଁରେ କେତେକ ଲୋକ ମରିବାର ଗବର୍ଣ୍ଣମେଣ୍ଟ ବିଶ୍ୱାସ କରି ନାହାନ୍ତି ।

ମୟୂରଭଞ୍ଜରେ ଏକ ନଦୀରେ ସୁବର୍ଣ୍ଣ ଉତ୍ପନ୍ନ ହୁଅଇ ମାତ୍ର ପରୀକ୍ଷାଦ୍ୱାରା ଏ ସୁବର୍ଣ୍ଣ ସଂଗ୍ରହ କରିବାର ଖର୍ଚ୍ଚ ମୂଲ୍ୟ ଅପେକ୍ଷା ଅଧିକ ହେବାର ଦେଖାଗଲା ।

ପାଲଲହଡ଼ାରେ କୋଲମାନେ ମାତିଥିଲେ । ବଡ଼ାମ୍ବା ଓ ନରସିଂହପୁରରେ ଜଙ୍ଗଲ ଷ୍ଟାମ୍ପ ନିୟମ ହେତୁ ଅସନ୍ତୋଷ ଜାତ ହୋଇଥିଲା । ଏସବୁ ଶାନ୍ତ ହୋଇଅଛି । ଢେଙ୍କାନାଳ ବଡ଼ାମ୍ବା ଓ ନରସିଂହପୁର ପୁଲିସ ମହକୁମା ଗଡ଼ଜାତ ସୁପ୍ରିଣ୍ଟଙ୍କ ଅଧୀନ ହୋଇଅଛି । ତରିଉଥରେ ପୁଲିସର କାର୍ଯ୍ୟ ଜାଗିରଭୋଗୀ ପଠାଣ ପାଇକଙ୍କଦ୍ୱାରା ନିର୍ବାହ ହୁଅଇ । ଅନ୍ୟ ମହାଲର ପୁଲିସ ଯେ ଯାହା ରାଜା ଅଧୀନରେ ଅଛନ୍ତି ।

ଦେୱାନି ଓ ଖଜଣା ମୋକଦ୍ଦମା ଊଣା ହୋଇଅଛି ଅର୍ଥାତ୍ ଗତବର୍ଷ ୧୬୯୯୨ କୁ ଏବର୍ଷ ୧୯୦୭୩ ମୋକଦ୍ଦମା ହୋଇଅଛି । ଇନାମ ଓ ଷ୍ଟାମ୍ପ ଆଇନ ଜାରି ଏବଂ ଠାଏଠାଏ ବନ୍ଦୋବସ୍ତ ଶେଷ ହେବାରୁ ଏପରି ହୋଇଅଛି । ରଣପୁରରେ ଅଧିକ ମୋକଦ୍ଦମା ବାକି ପଡ଼ିବାର ଜଣାଯାଏ । ଫଉଜଦାରି ମୋକଦ୍ଦମା ମଧ୍ୟ ଊଣା ପଡ଼ିଅଛି ଅର୍ଥାତ୍ ଗତବର୍ଷ ୨୦୮୩ କୁ ଏବର୍ଷ ୨୧୪୧ ହୋଇଅଛି । କେଉଁଝରରେ ଆଠଗଡ଼ ଏଲକାର ପେସକାରଙ୍କ ନାମରେ ଅନେକ ଗୁହାରି ହୋଇଥିଲା କିନ୍ତୁ ସେ ମରିଯିବାରୁ ବନ୍ଦ ହୋଇଅଛି । ଆଠଗଡ଼ ଖଣ୍ଡପଡ଼ା ଏବଂ ଦଶପଲ୍ଲା ରାଜାଙ୍କ ବିରୁଦ୍ଧରେ ଯେତେବେଳେ ନାଲିସ ହେଉଅଛି ମାତ୍ର ପୂର୍ବଠାରୁ ଊଣା ଅଛି ।

ଅନୁଗୁଳର ବନ୍ଦୋବସ୍ତ ବଡ଼ ହାଲୁକା ଥିବାରୁ ପୂର୍ବେ ଖଜଣା ବାକି ପଡ଼ୁ ନ ଥିଲା । ମନ୍ଦ ଫସଲ ହେତୁ ଏ ବର୍ଷ ପ୍ରାୟ କୋଡ଼ିଏ ହଜାର ଟଙ୍କା ବାକି ପଡ଼ିଲା । ଷ୍ଟାମ୍ପ ଓ କୋର୍ଟଫିସଦ୍ୱାରା ଟ ୨୮୪୭ ଙ୍କା ଅଦାୟ ହୋଇଅଛି । ବଣମାଳରେ ଖଜଣା ନାହିଁ କେବଳ ବାଟ ଇତ୍ୟାଦି ସଜାଣେ ହଳପ୍ରତି ଟ ୦।୵ ଲେଖାଏଁ ପ୍ରଜାମାନେ ଇଚ୍ଛାପୂର୍ବକ ସନ ୧୮୭୪ ସାଲଠାରୁ ଦେଇଆସୁଅଛନ୍ତି । ମୟୂରଭଞ୍ଜର ରାଜସ୍ୱ ଟ ୧୬୨୦୯୧୯ ଙ୍କାରୁ ଟ ୨୦୩୬୯୬ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ଜାତବାହାଠ ମାସୁଲ ଘର ପ୍ରତି ଟ ୦।୵ ଥିଲା ଏବେ ଟ ।୵ ହେବାରୁ ଜଙ୍ଗଲ ରାଜସ୍ୱ ବଢ଼ିଅଛି । ଢେଙ୍କାନାଳର ବନ୍ଦୋବସ୍ତ ପ୍ରାୟ ଶେଷ ହୋଇଅଛି ଏବଂ ତହିଁରେ ୧୯ ହଜାର ଟଙ୍କା ରାଜସ୍ୱ ବଢ଼ିଅଛି । ଅବକାରି ରାଜସ୍ୱ ପୂର୍ବେ ଅଢ଼େଇ ହଜାରରୁ ଅଧିକ ନ ଥିଲା । ବର୍ତ୍ତମାନ ଟ ୫୯୨୨୷୯ । ଗତ ସନ ୧୮୮୬।୮୭ ସାଲଠାରୁ ପୂର୍ତ୍ତକାର୍ଯ୍ୟରେ ଟ ୧୬୧୨୨୩୯ ଙ୍କା ଖର୍ଚ୍ଚ ହୋଇଅଛି । ବଡ଼ାମ୍ବାର ରାଜସ୍ୱ ସନ ୧୮୮୬।୮୭ ମସିହାରେ ଟ ୨୨୮୦୫୯ ଙ୍କା ଥିଲା । ସନ ୧୮୮୭।୮୮ ରେ ଟ ୩୧୫୦୦୯ ଙ୍କା ହୋଇଅଛି । ଏ ମହାଲର ଦେଣ ଟ ୨୮୦୦୦୯ ଙ୍କା ଥିଲା ସମସ୍ତ ପରିଶୋଧ ହୋଇ ଟ ୩୦୦୦୯ ଙ୍କା ଜମା ହୋଇଅଛି । ନରସିଂହପୁରର ମୋଟ ରାଜସ୍ୱ ପ୍ରାୟ ଟ ୨୮୦୦୦୯ ଙ୍କା ଥିଲା ବର୍ତ୍ତମାନ ଟ ୩୧୩୭୬ ୯ ଙ୍କା ହୋଇଅଛି ଏଥିମଧ୍ୟରେ ଅପୁଫିସ ଟ ୧୦୭୨ ୯ ଙ୍କା ଏବଂ ଜଙ୍ଗଲ ରାଜସ୍ୱ ପ୍ରାୟ ୧୬ ଶତ ଟଙ୍କା ଅଟଇ ।

ଅନୁଗୁଳ ମୟୂରଭଞ୍ଜ ଏବଂ ନୀଳଗିରିରେ ବନ୍ଦୋବସ୍ତକାର୍ଯ୍ୟ ଲାଗିଅଛି । ଢେଙ୍କାନାଳ ନରସିଂହପୁର ଏବଂ ବଡ଼ାମ୍ବାର ପ୍ରାୟ ଶେଷ ହୋଇଅଛି ।

କେତେକ ମହାଲର ରାଜା ରେଜିଷ୍ଟ୍ରି ଅଫିସମାନ ସରକାରୀ ଆଦର୍ଶରେ ଖୋଲି ଅଛନ୍ତି । ରେଜିଷ୍ଟ୍ରି ପ୍ରଥାଟି ଗଡ଼ଜାତରେ ନୂତନ ନୁହଇ । କାରଣ ଅତିପ୍ରାଚୀନକାଳରୁ ଲୋକମାନେ ସମ୍ପତ୍ତିର ହସ୍ତାନ୍ତର ବନ୍ଦୋବସ୍ତ ଅଥବା ପୋଷ୍ୟପୁତ୍ର ଗ୍ରହଣ ସମୟରେ ରାଜାଙ୍କୁ ଭେଟି ଦେଇ ଆସୁଥିଲେ ବର୍ତ୍ତମାନ ତାହା ବିଧିବଦ୍ଧ ହୋଇଅଛି । ଆଠମଲ୍ଲିକ, ଦଶପଲ୍ଲା, ଖଣ୍ଡପଡ଼ା, ନୟାଗଡ଼, ନୀଳଗିରି ଏବଂ ରଣପୁରର ରାଜାମାନେ ଆପଣା୨ ଏଲାକାର ଦସ୍ତାବିଜ ରେଜିଷ୍ଟ୍ରି କରୁଅଛନ୍ତି ମାତ୍ର ଫିସର ନିରଖ ବିଷୟରେ କିଛି ନିୟମ ହୋଇ ନାହିଁ । ଖଣ୍ଡପଡ଼ାରେ କବାଲା ଜରସମନ ଉପରେ ଟ ୧୯ଙ୍କା ପ୍ରତି ଟ ୦।୵ ଓ ତମସୁକରେ ତାହାର ଉପରେ ଟଙ୍କା ପ୍ରତି ଟ ୦/ ଫିସ ନିଆଯାଉଅଛି । ଏ ଦର ନିତାନ୍ତ ଅଧିକ ଅଟଇ ଏବଂ କୌଣସି ରାଜା ରେଜିଷ୍ଟ୍ରି କରିବାଇଲରେ ଷ୍ଟାମ୍ପର ଟିକସ ଆଦାୟ କଲେ ତହିଁପ୍ରତି ଦୃଷ୍ଟି ରଖିବାକୁ ହେବ ।

ଷ୍ଟାମ୍ପ ଓ କୋର୍ଟଫିସ ଜାରି ହେବାରୁ ପ୍ରଥମେ ମୋକଦ୍ଦମା ଊଣା ହୋଇଥିଲା ମାତ୍ର ଏଣିକି ବଢ଼ୁଅଛି । ମୟୂରଭଞ୍ଜ, ଢେଙ୍କାନାଳ, ବଡ଼ାମ୍ବା ଓ ନରସିଂହପୁରରେ ବିଶେଷ ଷ୍ଟାମ୍ପ

Digitized by srujanika@gmail.com

Split by PDF Splitter



ଜାରି ହୋଇ ତହିଁର ବାକିସ୍ତ ଟ ୨୪୬୨୯କା-ଠାରୁ ଟ ୧୯୦୫୫କା ପର୍ଯ୍ୟନ୍ତ ବୃଦ୍ଧି ହୋଇ-ଅଛି । ନୀଳଗିରିର ମାନେଜର ନଗଦ କୋର୍ଟ-ଫିସ ଆଦାୟ କରୁଅଛନ୍ତି ଏବଂ ତହିଁର ନିରଖ ସରକାରି କୋର୍ଟଫିସରୁ ଊଣା ଥିଲେହେଁ ସୁପ୍ର-ଣ୍ଟେଣ୍ଡସାହେବଙ୍କ ଲେଖାରେ ଐକ୍ୟ ହୋଇ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି କି ବିନା ମଞ୍ଜୁରିରେ କୌଣସି ନୂଆ ରୀତି ପ୍ରଚଳିତ ହେବ ନାହିଁ ।

ଅବକାରି ସବନ୍ଧ ପ୍ରାୟ ଅନୁକୂଳରେ ସମାନ ରହିଅଛି । ଉଦୟମାଳରେ ୪୭୦ ଖୋଲିଭାଟି ଥିଲା ବର୍ତ୍ତମାନ ତାହାସବୁ ଉଠାଇ ଦିଆଯାଇ କେବଳ ୧୬ଟା ରହିଅଛି ଏବଂ ଏସମ୍ପର୍କରେ ପୃଥକ୍ ଚିଠି ପତ୍ର ଲେଖା ଲେଖି ହେଉଅଛି । ମୟୂରଭଞ୍ଜର ଅବକାରି ଜମା ଟ ୪୬୦୦୯କାରୁ ଟ ୯୫୪୦୯କାକୁ ବୃଦ୍ଧି ହୋଇଅଛି । ଅଧିକାଂଶ ବୃଦ୍ଧିର କାରଣ ମଦ ଅଟଇ । ବଡ଼ାମ୍ବାରେ ମଦର ଗଞ୍ଜେଇ ଓ ଦେଶିମଦର ଆୟ ବୃଦ୍ଧି ହୋଇଅଛି । ଗଡ଼ଜାତର ଗଞ୍ଜେଇ ଶସ୍ତ ଊଣା କରିବା ବା ଉଠାଇ ଦେବାର ଉତ୍ତମ ଉପାୟ-ବିଷୟକ ରପୋର୍ଟ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି ।

କଟକଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଯେଉଁ ଦୁଇ ବଡ଼ସଡ଼କ ଅଛି ତହିଁର ଏକ୨ ଅଂଶ ଏମନ୍ତ ଅଛି ଯେ ବର୍ଷା ସମୟରେ ଅଗମ୍ୟ ହୁଅଇ ସୁପ୍ରେଣ୍ଟଙ୍କ ବିବେଚନାରେ ଅଳ୍ପବ୍ୟୟରେ ଏ ସବୁରେ କରକଚ୍ ବା କାଲି ବସାଇ ଏବଂ ପୋଲ୍ ହୋଇ ପାରେ । ମେଟକାଫସାହେବ ଅନୁଗୁଳପର୍ଯ୍ୟନ୍ତ ଆଉ ଗୋଟିଏ ବାଟ ଫିଟାଇ ଅଛନ୍ତି । କଟକର ଡିଷ୍ଟ୍ରିକ୍ଟବୋର୍ଡ ଓ ବୌଦ୍ଧ ଓ ଢେଙ୍କାନାଳର ପ୍ରଜାମାନେ ଆପଣା୨ ଏଲା-କାର କାର୍ଯ୍ୟ ଶେଷ କରିଅଛନ୍ତି କେବଳ ଅଠମଲ୍ଲିକ ରାଜା କିଛି କରି ନାହାନ୍ତି । ଏଥିରେ କେବଳ ଟ ୧୫୦୦୯କା ଲାଗିବ ରାଜାଙ୍କୁ ତାହାଙ୍କ ନିଜ ହିତ ସକାଶେ ଏକଥା ବୁଝାଇ ଦିଆଯିବ । ବର୍ତ୍ତମାନ ଥିବା ସରକାରି ସଡ଼କ ବଦଳରେ ଏସଡ଼କକୁ ନେବା ଉଚିତ କି ନା ଗବର୍ଣ୍ଣମେଣ୍ଟ-ଙ୍କର ପର୍ଯ୍ୟବେକ୍ଷଣ ଏଥିର ବିଚାର କରିବେ ଏବଂ ସଡ଼କର ଯେଉଁ ଅଂଶମାନ ବର୍ତ୍ତମାନ ଦୁର୍ଗମ ଅଛି ସେସବୁର ସଂସ୍କାର ବିଷୟକ ପ୍ରସ୍ତାବର ବିଚାର କରିବା କାରଣ ମଧ୍ୟ ଉକ୍ତ ବିଭାଗକୁ ଲେଖାଯିବ ନାବାଳଗୀ ମାହାଲମାନଙ୍କରେ ଏବଂ ରଣପୁର ଓ ତାଳଚେରରେ ସ୍ଥାନୀୟ ସଡ଼କ ନିର୍ମାଣ ପ୍ରତି ତତ୍ପରତା ଦେଖାଯାଏ । ସୁପ୍ରେଣ୍ଟ ସାହେବ ପକ୍କାସଡ଼କର ପକ୍ଷପାତୀ ମାତ୍ର ଲେଫ୍ଟ-ନାଣ୍ଟଗବର୍ଣ୍ଣରଙ୍କ ମତ ଏହି କି ଅଗ୍ରେ ଗୁଡ଼ିଆ-ଡ଼ିକୁ କାଞ୍ଚ ଫିଟି ଯାଉ ପଛେ କରକଚ୍ ବସିବ ଓ ପୋଲବନ୍ଦ ହେବ । ପକ୍କାସଡ଼କ କରିବାର ଆରମ୍ଭରେ ଅନେକ ଖର୍ଚ୍ଚର ଦରକାର ଏବଂ ପୋଲ ଏକଥର ହେଲେ ପ୍ରାୟ ମରାମତିର ଦର-କାର ହୁଅଇ ନାହିଁ ସତ୍ୟ ମାତ୍ର ତାହା ବ୍ୟୟ-ସାଧ୍ୟ ସୁତରାଂ ଯେଉଁଠାରେ ପୋଲ ନ କଲେ ନ ଚଳେ ଓ ଟଙ୍କା ଅଣ୍ଟିବ ସେଠାରେ ପୋଲ ହେବ । ନୀଳଗିରିରେ ସଡ଼କର ଖୁବ ଅଭାବ ଅଛି ଓ ସେଠା ରାଜାଙ୍କୁ ଏ ବିଷୟରେ ମନୋ-ଯୋଗୀ ହେବା କାରଣ ଅନୁରୋଧ କରାଯିବ ।

ଶିକ୍ଷା ବିଷୟରେ କ୍ରମଶଃ ଉନ୍ନତି ଦେଖା-ଯାଏ ଏବଂ ବଣୁଆଜାତୀୟ ପିଲା ସ୍କୁଲକୁ କ୍ରମଶଃ ଅଧିକ ଆସୁଅଛନ୍ତି । ଅଠଗଡ଼ ତିଗିରିଆ ଆଠ-ମଲ୍ଲିକ ବୌଦ୍ଧ ଦଶପଲ୍ଲା ଖଣ୍ଡପଡ଼ା ଓ ନୟାଗଡ଼ ଛଡ଼ା ଆଉ ସମସ୍ତ ଗଡ଼ଜାତରେ ରିଜଲ୍ଟ ସିଷ୍ଟମ ଜାରି ହୋଇଅଛି । ଏସବୁ ଗଡ଼ଜାତର ରାଜାମାନଙ୍କୁ ଆପଣା୨ ପ୍ରଜାଙ୍କ ଶିକ୍ଷା ବିଷୟରେ ସାହାଯ୍ୟ କରିବାକୁ ଉପଦେଶ ଦିଆଯିବ ।

ଗଡ଼ଜାତ ଶିକ୍ଷାର ମୋଟ ବ୍ୟୟ ଟ ୬୬୨୧୭କା ଏଥିମଧ୍ୟରୁ ଗବର୍ଣ୍ଣମେଣ୍ଟଙ୍କ ଖର୍ଚ୍ଚ ଟ ୭୨୯୬ ଅଟଇ ।

ଡାକ ବିଭାଗର କାର୍ଯ୍ୟ ଯେଉଁ ନିୟମରେ ଚଳୁଅଛି ସନ୍ତୋଷଜନକ ନୁହଇ ଏବଂ ଏବି-ଷୟ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି ।

ଜଙ୍ଗଲ ରକ୍ଷା ବିଷୟରେ ନାନା ଗଡ଼ଜା-ତରେ ନାନାପ୍ରକାର ଉପାୟ ଅନୁଷ୍ଠିତ ହୋଇଅଛି । ଉଦୟମାଳରେ ବିକ୍ରୟ ନିମିତ୍ତ ଗଛ କାଟିବା ନିଷେଧ ହୋଇଅଛି । ବଡ଼ାମ୍ବା ନର-ସିଂହପୁର ଓ ଢେଙ୍କାନାଳର ଜଙ୍ଗଲରକ୍ଷା ବିଷୟ ସୁପ୍ରେଣ୍ଟସାହେବଙ୍କ ବିବେଚନାରେ ଅଛି । ଅନୁଗୁଳରେ ଟ ୮୮୮୨କା ଆୟ ଓ ଟ ୧୫-୭୪୨କା ବ୍ୟୟ ହୋଇଥିଲା ।

ଉପରଲିଖିତ ବିବରଣରୁ ପାଠକମାନେ ଦେଖିବେ ଯେ ପୂର୍ବେ ଯେମନ୍ତ ଏକ୨ ରାଜାଙ୍କ ଶାସନର ପ୍ରଶଂସା ବା ନିନ୍ଦା ପୃଥକ୍‌ରୂପେ ଲେଖା ଯାଉଥିଲା ଏଥର ବିଜ୍ଞାପନୀରେ ତାହା ନ ହୋଇ ଯେଉଁ ଗଡ଼ଜାତ ଯେଉଁ ଅଂଶରେ ଭଲ ବା ମନ୍ଦ ତାହା ଲେଖା ହୋଇଅଛି ଏବଂ ରାଜାମାନେ ମନୋଯୋଗପୂର୍ବକ ତାହାସବୁ ପାଠ କଲେ ଆପଣା୨ କାର୍ଯ୍ୟର ଫଳାଫଳ ବୁଝି ପାରି ଯାହାର ଯେଉଁ ଅଂଶରେ ତ୍ରୁଟି ଅଛି ସେ ତାହା ସଂଶୋଧନ କରିବାର ଚେଷ୍ଟା କରିବେ ତାହା ହେଲେ ଭବିଷ୍ୟତକୁ ସୁଖ୍ୟାତି ପାଇବେ ।

---

# ସାପ୍ତାହିକ ସମ୍ବାଦ ।

ଅସ୍ମାନଙ୍କ ଲାଟସାହେବ ଆପଣା ସ୍ତ୍ରୀର ପୀଡ଼ା ହେତୁ ଏକମାସ ଛୁଟି ନେଇ କଲିକତାକୁ ଯାଉଅଛନ୍ତି । ପ୍ରାୟ ଆସନ୍ତା ବୁଧବାର ଏଠାରୁ ଯାତ୍ରା କରିବେ ।

ବର୍ତ୍ତମାନର ଜଏଣ୍ଟମାଜିଷ୍ଟ୍ରେଟ ଟେଲରସାହେବ ଏକ-ମାସ ନିମିତ୍ତ ଏଠାର ଏକଟିଂ ଜଜ ନିଯୁକ୍ତ ହୋଇଅଛନ୍ତି । ଆସନ୍ତା ଶୁକ୍ରବାର ଏଠାରେ ପହୁଞ୍ଚିବାର କଥା ଅଛି ।

ଏସପ୍ତାହରେ ଏନଗରରେ ଖୁବ ଶୀତ ପଡ଼ିଅଛି । କୌଣସି ପୀଡ଼ାର ବିଶେଷ ପ୍ରାଦୁର୍ଭାବ ନାହିଁ ।

ଏଲାହାବାଦର ମହାସମିତିରେ ଉପସ୍ଥିତ ହେବା କାରଣ ବାଲେଶ୍ୱର ନାସେନାଲ ସୋସାଇଟି ଆପଣାର ପ୍ରତିନିଧି-ସ୍ୱରୂପ ବାବୁ ରମେଶଚନ୍ଦ୍ର ମଣ୍ଡଳ ବାବୁ ଶରଚ୍ଚନ୍ଦ୍ର ମଣ୍ଡଳ ବାବୁ ଭଗବାନଚନ୍ଦ୍ର ଦାସ ଏବଂ ମୁନ୍‌ସୀ ଅବଦୁସ ସୋବହନଙ୍କ ମନୋନୀତ କରିଅଛନ୍ତି ।

କାହୁକାରେ ଲେଖାଅଛି ଯେ ବାଲେଶ୍ୱର ସଦର କଚେ-ରୀର ଉତ୍ତର [illegible] ଘୋଡ଼ାଏ ଚୋରାର ଏବଂ [illegible] ଯାଇଅଛି ଯେ ତାହା ସ୍ଥାନେ୨ ପୋଡ଼ି ଯାଇଅଛି । ପୁଲିସ ଏଥିର ତଦନ୍ତ କରୁଅଛନ୍ତି ।

## କଲିକତା-ଗେଜେଟ ।

କଟକ ରେଭେନ୍‌ସା କଲେଜର ଏଷ୍ଟ୍ରାକାଲୀନ ଅଧ୍ୟାପକ ବାବୁ ମୋହିନୀମୋହନ ଧର ଏମ ଏ ଆଗାମୀ ଜାନୁଆରି ମାସର ଶୀତାବକାଶପର୍ଯ୍ୟନ୍ତ ଛୁଟିପାଇ ହୋଇଛନ୍ତି ଓ ତାଙ୍କ କାର୍ଯ୍ୟରେ ବାବୁ ଉଜଳପ୍ରସାଦ ନିୟୋଗୀ ବି, ଏ, ନିଯୁକ୍ତ ହୋଇଛନ୍ତି ।

ଓଡ଼ିଶାର ନିମ୍ନଲିଖିତ ବ୍ୟକ୍ତିମାନେ ଗତ ରେଭେନ୍ୟୁ ଏକାଉଣ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣତା ଲାଭ କରିଛନ୍ତି ।

| | |
|---|---|
| ବାବୁ ବୈକୁଣ୍ଠନାଥ ମହାପାତ୍ର | କଟକ |
| " ଗୋଲକପ୍ରସାଦ ସିଂହ | " |
| " ହରିମୋହନ ରାୟ ଚୌଧୁରୀ | " |
| " ଫକୀରମହାନ୍ତି | ପୁରୀ |
| " ପାର୍ବତୀଚରଣ ଦାସ | ବାଲେଶ୍ୱର |

---

କଲିକତା ହାଇକୋର୍ଟ ଏକଗୋଟି ନିୟମ ଜାରି କରିଛନ୍ତି (୧) କୌଣସି ଆସାମୀ ଅପୀଲରେ ଜେଲ ହେଲେ ଅପୀଲ ସମ୍ବାଦ ଏକାବେଳକେ ଜେଲଖାନାର ଅଧ୍ୟକ୍ଷ ନିକଟରେ ପହୁଞ୍ଚିବ (୨) ଆସେସର ବିଚାରର କ୍ଷମତାପ୍ରାପ୍ତ ମାଜିଷ୍ଟ୍ରେଟ-ମାନେ ପ୍ରାପ୍ତବୟସ୍କ ଅପରାଧୀ ଶାସ୍ତି ଦେଇ ପାରନ୍ତି କି ନା ତାହା ମାଜିଷ୍ଟ୍ରେଟ ବୁଝି ଲେଖିବେ ଓ ସେସବୁ ଦସ୍ତର ରେଜି-ଷ୍ଟରି ବହି ସମୟରେ ଉଦାହରଣ କରିବେ (୩) ହାଇକୋର୍ଟ-ମାନଙ୍କରେ ସମ୍ମନ ବା ଇସ୍ତାହାର ଜାରିକଲେ ସାଧାରଣ ସ୍ୱଦଧାରଣମନେ ତାହା ସବୁ ଇଂରାଜି ଭାଷାରେ ଲେଖାହେବା-ପ୍ରତି ଦୃଷ୍ଟି ରଖାହେବ ।

ଜୟପୁରର ମହାରାଜ ବୃନ୍ଦାବନରେ ଗୋଟିଏ ଦେବ-ମନ୍ଦିର ନିର୍ମାଣ କରୁଅଛନ୍ତି । ତହିଁରେ ୨୦ ଲକ୍ଷ ଟଙ୍କା ବ୍ୟୟ ହେବ ଦୁଇବର୍ଷ ମଧ୍ୟରେ ଉକ୍ତ ମନ୍ଦିର ନିର୍ମିତ ହେବ ଅଗ୍ରାର ତାଜମହଲ ନ୍ୟାୟ ମନ୍ଦିରଟି ସୁନ୍ଦର ହେବାର କଥା ଅଛି ।

Digitized by srujanika@gmail.com

ଏଥର ବୋମ୍ବାଇରେ ୩୪୩୨ ଜଣ ଛାତ୍ର ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାଦାନାର୍ଥୀ ହୋଇଅଛନ୍ତି ।

ଗ୍ଲାଡଷ୍ଟୋନ ସାହେବଙ୍କ ପୁସ୍ତକାଗାରରେ ୧୪ ସହସ୍ର ପୁସ୍ତକ ଅଛି ଓ ତାହା ସମସ୍ତ ସେ ପଢ଼ିଅଛନ୍ତି ।

ଯେଉଁ ରାଜା ଶିବପ୍ରସାଦ ଗଭର୍ଣ୍ଣମେଣ୍ଟ ବିରୁଦ୍ଧରେ ଦର୍ଶାଇ ସ୍ୱମାନ ହୋଇଥିଲେ ସେ ବର୍ତ୍ତମାନ କଂଗ୍ରେସବିରୋଧୀ ସେ ପୁଣି ଗଭର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରେରଣ କରିବାପାଇଁ ଏହି ମର୍ମରେ ଦରଖାସ୍ତ ଲେଖିଛନ୍ତି ଯେ ଦେଶୀୟଭାଷାରେ ରାଜଦ୍ରୋହସୂଚକ ଯେଉଁ ବକ୍ତୃତା ଓ ଲେଖା ପ୍ରକାଶ ହେବ ତାହା ନିଷେଧ କରିବାନିମନ୍ତେ ଦଣ୍ଡବିଧି ଆଇନରେ ଗୋଟିଏ ଧାରା ହେଉ । ତୋଷାମୋଦ କରିବାପାଇଁ ଖୋସାମଦିଆ ଲୋକମାନେ କେତେ ଉପାୟ ସର୍ଜନା କରନ୍ତି ଧନ୍ୟ ଶିବପ୍ରସାଦ !!

ମିଃ ଜନ୍ ବ୍ରାଇଟଙ୍କ ଶରୀର ଆରୋଗ୍ୟ ହେଉଅଛି ଏହା ବଡ ଶୁଭବାର୍ତ୍ତା ।

ମଧ୍ୟପ୍ରଦେଶର ଚିଫ୍ କମିଶନରସାହେବ ତାଙ୍କର ଅଧୀନ କର୍ମଚାରୀମାନଙ୍କୁ ନିଷେଧ କରି ବୁଝାଇଅଛନ୍ତି ଯେ କୌଣସି ପ୍ରକାର ରାଜନୈତିକ ଆନ୍ଦୋଳନରେ ସେମାନଙ୍କର ହସ୍ତକ୍ଷେପ କରିବା ଅବୈଧ । ଏପ୍ରକାର ଆଦେଶଦ୍ୱାରା ସ୍ୱାଧୀନତା ହରଣ କରା ହୁଏ କିନ୍ତୁ ଏହା କି ଲର୍ଡ ଡଫରିନଙ୍କ ମତ ?

ଉତ୍ତରପଶ୍ଚିମ ପ୍ରଦେଶରୁ ଯେତେଜଣ ଦେଶୀୟ ଛାତ୍ର ବାରିଷ୍ଟର ହେବା ନିମନ୍ତେ ଇଂଲଣ୍ଡ ଯାତ୍ରା କରିଅଛନ୍ତି ।

ପାବନା ଜିଲ୍ଲା ଅନ୍ତର୍ଗତ ତାଡ଼ାଶ ଗ୍ରାମନିବାସୀ ଶ୍ରୀଯୁକ୍ତ ବାବୁ ଯାଦବଚନ୍ଦ୍ର ରାୟ ମହାଶୟ ତାଙ୍କ ପୌତ୍ରଙ୍କ ଅନ୍ନପ୍ରାଶନ ଉପଲକ୍ଷରେ ପ୍ରଜାମାନଙ୍କ ବାର୍ଷିକ ଖଜଣାର ଦୁଇଅଣା ଅଂଶ ମାଫ ଦେଇଛନ୍ତି । ଏହା ଅବଶ୍ୟ ପ୍ରଜା ଓ ଜମିଦାରଙ୍କ ସଦ୍ଭାବ ସମ୍ବନ୍ଧର କାର୍ଯ୍ୟ । ଜମିଦାରମାନେ ଏହିପରି ଦୃଷ୍ଟାନ୍ତ ଅନୁସରଣ କଲେ ନିଃସନ୍ଦେହ ହିତସାଧନ ହେବ ଓ ଶୁଭକାର୍ଯ୍ୟ ସୁସମ୍ପାଦିତ ହେବ ।

କାଶ୍ମୀର ମହାରାଜା ଲେଡି ଡଫରିନ ଫଣ୍ଡରେ ୫୦ ହଜାର ଓ ସହୋଦର ଏଡସନ ହସପିଟାଲରେ ୨୫ ହଜାର ଟଙ୍କା ଦାନ କରିଛନ୍ତି ।

ପାଟନାର ମାଜିଷ୍ଟ୍ରେଟ ଅଗଡ ଗ୍ରାମ ଦୁର୍ଭିକ୍ଷକୁ ରକ୍ଷା ପାଇବା ପାଇଁ ଉକ୍ତ ନଗରରେ ସାହାଯ୍ୟଚାନ୍ଦା ତୋଳାଇବା କାରଣ ୫୨ ଉପାୟ ଅବଲମ୍ବନ କରିବାକୁ ହେବ ବୋଲି କହିବା ନିମନ୍ତେ ଗୋଟିଏ ସଭା ଆହ୍ୱାନ କରିଥିଲେ । ଉପସ୍ଥିତ ଭଦ୍ରଲୋକମାନେ କେବଳ ପ୍ରଧାନଲୋକଙ୍କୁ ନେଇ ଗୋଟିଏ ଛୋଟ କମିଟି ହୋଇଅଛି । ମାଜିଷ୍ଟ୍ରେଟଙ୍କର ଏ କାର୍ଯ୍ୟ ଅତି ପ୍ରଶଂସାଜନକ ଅଟେ । ଏଥିଲାଗି ଚାନ୍ଦା ଅଧିକ ଉଠିବାର ଅବଶ୍ୟ ହୋଇଅଛି ।

ପୂନାର ନୂତନ ସମ୍ବାଦଦାତା ଟେଲିଗ୍ରାଫରେ ଗୋଟିଏ ଲୋକଙ୍କ ନେତାବାବୁଙ୍କୁ ଲେଖି ପଠାଇଅଛନ୍ତି ଯେ ହାଇଦ୍ରାବାଦର ମହାରାଜା ଜାତୀୟସମିତିର ବିପକ୍ଷ ଅଟନ୍ତି । ତାଙ୍କ ରାଜ୍ୟରେ ରାଜନୈତିକ ବିଷୟ ଆଲୋଚନାରେ ସାମାନ୍ୟ ଲୋକ ଓ ଜାତି ଉଚ୍ଚ ଦଶସ୍ଥାନ ପ୍ରୋକ୍ତ ସମିତିରେ ଅପେକ୍ଷା କଲେ ନିନ୍ଦନୀୟ ହେବ ।

ଗତ ତା ୪ ଓ ୭ ଦିନ ବୁଧବାର ଓ ଶୁକ୍ରବାର କଟକ ଜିଲ୍ଲାରେ ପ୍ରବଳ ବୃଷ୍ଟି ହୋଇଥିଲା ଓ ଏହି ଅବସ୍ଥାରେ ଅତିରିକ୍ତ ବୃଷ୍ଟି ହେବାର ଅକାଳର ଅନୁଭବ ବୋଧ କରିଥିଲୁ । କିନ୍ତୁ ପୂର୍ବ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷର ଯେଉଁ ଆଶଙ୍କା ହୋଇଥିଲା ବର୍ତ୍ତମାନ ଅଳ୍ପ ବୃଷ୍ଟି କି ମଧ୍ୟ ଅତି ହେବାରୁ ଆଶା ପଡ଼ିଅଛି ଏହା ଈଶ୍ୱରଙ୍କ ଅନୁଗ୍ରହ ବୋଲିବାକୁ ହେବ ।

ଅସ୍ମାମାନଙ୍କ ନୂତନ ଶାସନକର୍ତ୍ତା ଲର୍ଡ ଲାନ୍ସଡାଉନ ବୋମ୍ବେଇନଗରରେ ଅଳ୍ପକ୍ଷଣ ଅବସ୍ଥାନକାଳରେ କେତେକ ଜଣ ଦେଶୀୟ ପ୍ରଧାନଲୋକ ତାଙ୍କ ଆମନ୍ତ୍ରଣ କରି ନିଜ ନିଜରେ ସାକ୍ଷାତ କରିଥିଲେ । ସେମାନେ ଜାତୀୟ ମହାସମିତିର ଲୋକ ବୋଲି କଥିତ । ଏହା ଅବଶ୍ୟ ଆଶାର ଚିହ୍ନ ।

ଅକାଲକୋଟର ରାଜାଙ୍କଠାରୁ ୫ ୧୦,୦୦୦ଙ୍କା ଘୁଷ ଗ୍ରହଣ କରିଥିବା ଅପରାଧ ହେତୁ କ୍ରାଫୋର୍ଡ ସାହେବଙ୍କ ବିରୁଦ୍ଧରେ ପୁଣି ଗୋଟିଏ ନୂତନ ଅଭିଯୋଗ କରିବା ନିମନ୍ତେ ଆଡ଼ଭୋକେଟ ଜେନେରଲ ପ୍ରସ୍ତାବ କରିଅଛନ୍ତି ।

ପାରିସଠାରୁ ସମ୍ବାଦ ଆସିଅଛି ଯେ ଫରାସୀସ୍ କର୍ମଚାରୀମାନେ ଗୋଲମାଲ ଆରମ୍ଭ କରିବାରୁ ତାହା ନିବାରଣାର୍ଥ ପରାସିସୈନ୍ୟ ନିଯୁକ୍ତ ହୋଇଥିଲେ । ଉକ୍ତ ଗୋଲମାଲ ନିବାରଣାର୍ଥ ସେମାନଙ୍କୁ ଗୁଳି ଚଳାଇବାକୁ ହୋଇଥିଲା ଯେ ତହିଁରେ ନ ୭ ଜଣ ଲୋକ ହତ ଓ ଆହତ ହୋଇଥିବାର ଜଣାଯାଏ ।

କଚ୍ଛଠାରୁ ବୋମ୍ବାଇଠାରୁ ବୈତରଣ ଜାହାଜ ଯାତ୍ରୀ ନେଇ ଯାଉଁ ତୋଫାନରେ ପଡ଼ି ନଷ୍ଟ ହୋଇଥିବାର ସମ୍ବାଦ ଗତ ପ୍ରତି ପାଠକମାନଙ୍କୁ ଜଣାଇଥିଲୁଁ । ଯେଉଁବେଳେ ସେ ଜାହାଜ କଚ୍ଛଠାରୁ ଛାଡ଼ିଲା ସେତେବେଳେ ତହିଁରେ ଜ ୬୦୦ ଣ ଲୋକ ଏବଂ ଜ ୧୦୦ ଣ ପିଲା ଚଢ଼ିଥିଲେ । ବାଟରେ ଦ୍ୱାରକାଠାରୁ ଜ ୧୮୪ ଣ ଲୋକ ଜାହାଜରେ ଚଢ଼ିଲେ । ଏ ଛଡ଼ା ଜାହାଜରେ ଜ ୧୪ ଣ ବୈଦେଶୀ ଏବଂ ଜାହାଜର କପ୍ତାନ ଓ ନାବିକ ଓ ଅନ୍ୟାନ୍ୟ କର୍ମଚାରୀମାନେ ଥିଲେ । ଏରୂପେ ପ୍ରାୟ ଜ ୧୦୦୦ ଣ ଲୋକ ଏକକାଳେ ପ୍ରାଣ ହରାଇଲେ । କି ଭୟଙ୍କର ଦୁର୍ଘଟଣା !

## କଳିଙ୍ଗ—ସମ୍ବାଦ ।

ଚଣ୍ଡୀଭଦ୍ରକ ଦେଶ ନିକଟ ପୁଷ୍କରିଣୀର ଚତୁଃପାର୍ଶ୍ୱ ଏପର୍ଯ୍ୟନ୍ତ ପରିଷ୍କାର ହୋଇ ନାହିଁ । ଜଳ ପରିଷ୍କାର ନିମନ୍ତେ ସ୍ୱୟଂ ମ୍ୟାନେଜର ବାବୁ ପୁଷ୍କରିଣୀତଟରେ ଉପସ୍ଥିତ ରହି କିୟଦଂଶ ପରିଷ୍କାର କରାଇଅଛନ୍ତି ।

ତାଳଦଣ୍ଡାକୂଳରେ ଗୋଟିଏ ହାଟ ବସିଥିବାରୁ ଲୋକମାନଙ୍କର ବିଶେଷ ସୁବିଧା ହୋଇଅଛି ।

କାଲେକ୍ଟରୀ ଏପର୍ଯ୍ୟନ୍ତ ବନ୍ଦୋବସ୍ତ ହୋଇ ନ ଥିବାରୁ ସାଧାରଣ ଦେଶୀୟକର୍ତ୍ତୃତ୍ୱ ବିଶେଷ କଷ୍ଟ ହେଉଅଛି । ଆଶା କରୁଁ ମ୍ୟାନେଜର ବାବୁ ଏଥିର ବନ୍ଦୋବସ୍ତ କରିବେ ।

—ଏକ୍ଷଣି ଫସଲ ଲୋକମାନେ ଦରଖାସ୍ତ କରିବା ଆରମ୍ଭ ଦେଖିଥିବାରୁ ସ୍ୱୟଂ ମ୍ୟାନେଜର ବାବୁ ସରଜମିନ ତଦନ୍ତ କରି ପ୍ରଜାମାନଙ୍କର ଅବସ୍ଥା ଦେଖୁଅଛନ୍ତି ।

ଏଠା କେଣ୍ଡୁପୁର ବାବୁଙ୍କ ବଗିଚାରେ ଗୋଟିଏ ନୂତନ ଉଚ୍ଚ କଲେଜ କରାଇବାର ଚେଷ୍ଟା ଦେଖାଯାଉଅଛି ।

## ତଣାହଣ୍ଡା—ସମ୍ବାଦ ।

ଏଅଞ୍ଚଳରେ ଅନ୍ୟପକ୍ଷର ଦାସହାସ ଛପଣରେ ଅନ୍ନଦାନ ଓ ଦଣ୍ଡଧରେ ଶେଷ ହୋଇଅଛି ।

କେତେଗୁଡ଼ିଏ ଠକ "ଆମ୍ଭେ ଗୋବଧ କରିଅଛୁଁ" କହି ପ୍ରଚାରି କେବଳ ଧାନ ଚାଉଳ ଓ ପଇସା ଭିକ୍ଷାରେ ପ୍ରବୃତ୍ତ ହୋଇଅଛନ୍ତି । ଅତଏବ ଏମାନଙ୍କ ଗୋବଧ ପାପୀ ୫୪ ଜଣ ପର୍ଯ୍ୟନ୍ତ ସଂଖ୍ୟା କମ ଯାଇଅଛି । ବୋଧ ହୁଏ ଧାନ ଚାଉଳ ଓ ପଇସା କନ୍ଦାଇ ପାଇବା ଆଶାରେ ଗୋବଧପାପୀ ବୋଲି କଣେଇ ପରିଚୟ ଦେଉଥିବା ଯଥାର୍ଥ କାରଣ ଅଟେ ।

ଶ୍ରୀଯୁକ୍ତ ଚୌଧୁରୀ ବାବୁ ଜଗଦେବଗୋସ୍ୱାମୀ ମହାଶୟ ଅତ୍ର ବାଳକାବିଦ୍ୟାଳୟକୁ ୫ ୨୧ଙ୍କା ଦାନ କରିଅଛନ୍ତି ।

ବାଇପଟଣାର ବାବୁ ଗଡ଼ଗୋ, ବାବୁ ଜଗୋଇଚରଣ ଦାସ ବଦଳ ହେବାରୁ ଲୋକେ ଦୁଃଖିତ ଅଛନ୍ତି ।

---

## ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀକୃଷ୍ଣପ୍ରସାଦ ଚୌଧୁରୀ—ପୁରୁଣା କଥାର ପ୍ରତିବାଦରେ କିଛି ଫଳ ନାହିଁ ଏବଂ ତାହା ଶୁଣିବାର କଥା ନୁହଁଇଯେ ସର୍ବସାଧାରଣ ମନେ ରଖିଥିବାର ଆଶା କରାଯିବ ।

ବାବନପାଣ୍ଡି ଶ୍ରୀଭ—ଚରଣ ବନ୍ଦ୍ୟୁରେ ପଦ୍ୟ ରଚନା କରିଅଛନ୍ତି । ସ୍ଥାନାଭାବରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଗତ ନଭେମ୍ବର ମାସ ତା ୩୦ ଇଣ ଶୁକ୍ରବାର ସନ୍ଧ୍ୟା ଘ ୬ ଟିକା ସମୟରେ ଏ ନଗର ପ୍ରୋଟେଷ୍ଟାଣ୍ଟ ଗିର୍ଜାଘରେ "ସମ୍ମିଳିତ ମାଦକନିବାରଣୀ-ସଭାର" ସପ୍ତଦଶ ବାର୍ଷିକ ଅଧିବେଶନ ହୋଇଥିଲା । ତହିଁରେ ସଭାର ସମ୍ପାଦକ ପ୍ରାୟ ନଗରର ସମସ୍ତ ଜାତୀୟ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରିଥିଲେ । ତନ୍ମଧ୍ୟରୁ ନବାଗତ ଜେଜେଡ ଧର୍ମୋପଦେଶକଙ୍କ ବକ୍ତୃତା ଶୁଣିବା ଉଦ୍ଦେଶ୍ୟରେ ଆମ୍ଭେ ମଧ୍ୟ ଉକ୍ତ ସ୍ଥାନକୁ ଗମନ କରିଥିଲୁଁ । ସେ ଦିନ କେବଳ ମନୁଷ୍ୟସମ୍ପ୍ରଦାୟ ପ୍ରତି ବୈଦେଶିକ ଅନିଷ୍ଟକର ତାହା ଯେପରି ସାକ୍ଷାତ ପ୍ରମାଣଦ୍ୱାରା ପ୍ରଦର୍ଶିତ ଓ ଉଦ୍ଦୀପିତରୂପରେ ଯାହା ଯେଉଁ ଭଙ୍ଗୀରେ କଥିତ ହେଲା ତାହା ଅବଶ୍ୟ ମନୋରମ ହୋଇଥିଲା ଏଥିରେ ସନ୍ଦେହ ନାହିଁ, କିନ୍ତୁ ଆମ୍ଭେ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ ଯେ ଗୋଟିଏ ବାକ୍ୟ ସମ୍ପୂର୍ଣ୍ଣ ଶ୍ରବଣ ନ କରି ମଧ୍ୟେ ଅନୁଭବ କରିବାର ପ୍ରବାହ ପୂର୍ବକ କଦାପି ଯୁବକ ବାଳକମାନଙ୍କ ବକ୍ତୃତାର ସୌନ୍ଦର୍ଯ୍ୟ ଅନେକ ପରିମାଣରେ

Digitized by srujanika@gmail.com

Split by PDF Splitter



ହରଣ କରିଥିଲେ; ବସ୍ତୁତଃ ଆମ୍ଭମାନଙ୍କୁ ଅବଶେଷେ ବିରକ୍ତ ହୋଇ ଆପଣା ଇଚ୍ଛାବିରୁଦ୍ଧରେ ନିକଟବର୍ତ୍ତୀ କେତେକ ଲୋକଙ୍କୁ ଭିକ୍ଷାପାଳ ସଙ୍କୋଚନହାସ୍ତ ବାରଣ କରିବା ନିମନ୍ତେ ବାଧ୍ୟ ହେବାକୁ ହୋଇଥିଲା । ଖ୍ରୀଷ୍ଟିୟାନମାନଙ୍କ ଧର୍ମସ୍ଥଳରେ ଶୃଙ୍ଖଳା ସହିତ ସମୁଦାୟ କାର୍ଯ୍ୟ ନିଷ୍ପନ୍ନ ହେଉଥିବାର ଯେ ଆମ୍ଭର ଏକ ଧାରଣା ଥିଲା ତାହା ସେସ୍ଥଳରେ ସେସମୟରେ ତିରୋହିତ ହେଲା । ଅତଏବ ସଭାର ସମ୍ପାଦକଙ୍କୁ ଆମ୍ଭର ଏହି ଅନୁରୋଧ ଯେ ସାଧାରଣଙ୍କ ସୁପର୍କାର୍ଯ୍ୟାର୍ଥେ ଭବିଷ୍ୟତରେ ସଭା ଆହୂତ ହେଲେ ଏହିବିଷୟପ୍ରତି ବିଶେଷ ମନୋଯୋଗୀ ହେବେ ।

କଟକ ୬।୧୨।୮୮ } ଆପଣଙ୍କ ନିତାନ୍ତ ବଶମ୍ବଦ କଶ୍ଚିତ୍ ମହମ୍ମଦୀୟଃ ।

---

ମହାଶୟ !

ଗତମାସ ତା ୮ ରିଖ ଦୀପିକାର ପ୍ରେରିତପତ୍ର ସ୍ତମ୍ଭରେ ଶ୍ରୀ ନରହରିଷଡ଼ଙ୍ଗୀ ମହାଶୟଙ୍କ ପତ୍ରଖଣ୍ଡିକ ପାଠକରି ଅବଗତହେଲୁଁ ଯେ ବାଲେଶ୍ୱରନିବାସୀ କୁମାର ଶ୍ରୀ ବୈକୁଣ୍ଠନାଥ ଦେ ତଦୀୟ ପରଲୋକଗତ ପିତାଙ୍କର ଆଦ୍ୟ ଶ୍ରାଦ୍ଧକ୍ରିୟା ବଡ଼ ସମାରୋହରେ ସମ୍ପନ୍ନ କରିଅଛନ୍ତି । ଷଡ଼ଙ୍ଗୀ ମହାଶୟ ଲେଖିଅଛନ୍ତି —

"ଏପରି ଶ୍ରାଦ୍ଧକ୍ରିୟା ଆମ୍ଭେ ଓଡ଼ିଶାରେ କୌଣସିସ୍ଥାନରେ ଦେଖି ନ ଥିଲୁଁ କିମ୍ବା ଶୁଣି ନ ଥିଲୁଁ" ଏଥିନିମିତ୍ତ ଷଡ଼ଙ୍ଗୀମହାଶୟ ଏହି ଶ୍ରାଦ୍ଧକ୍ରିୟାଟିକୁ ଓଡ଼ିଶାରେ ସର୍ବ ପ୍ରଥମସ୍ଥାନ ପ୍ରଦାନ କରିଅଛନ୍ତି । କିନ୍ତୁ ଆମ୍ଭେ କଦାପି ତାଙ୍କସଙ୍ଗରେ ଐକ୍ୟ ହୋଇ ନ ପାରୁଁ; କାରଣ ଅନ୍ୟୁନ ପ୍ରାୟ ୧୪।୧୫ ବର୍ଷ ହେବ ଏହି କୁଆଁପାଳ ଗ୍ରାମନିବାସୀ ପ୍ରଧାନ ଜମିଦାର ଶ୍ରୀଯୁକ୍ତ ବାବୁ ଗୋଲକ୍‌ଚନ୍ଦ୍ର ବୋଷ ସ୍ୱୀୟ ଧର୍ମ ନିଷ୍ଠା-ପରଲୋକଗତ ବୃଦ୍ଧ ଜନନୀଙ୍କ (ଯେକି ତୀର୍ଥପର୍ଯ୍ୟଟନ ସମୟରେ-ବୃନ୍ଦାବନ ଧାମରେ ଇହଲୋକ ପରିତ୍ୟାଗ କରିଥିଲେ) ଆଦ୍ୟ ଶ୍ରାଦ୍ଧକ୍ରିୟା ଯେପରି ସମାରୋହରେ ସୁସମ୍ପନ୍ନ କରିଥିଲେ ତାହା ତତ୍ପୂର୍ବେ ଓଡ଼ିଶାର ଆଉ କୌଣସିସ୍ଥାନରେ ହୋଇ ନ ଥିଲା । ଏହି ଶ୍ରାଦ୍ଧକ୍ରିୟାଟିକୁ ଷଡ଼ଙ୍ଗୀଙ୍କର ଆଲୋଚିତ ଶ୍ରାଦ୍ଧକ୍ରିୟା ସଙ୍ଗେ ତୁଳନା କରିବାକୁ ଗଲେ ତାହା କୌଣସିପ୍ରକାରେ ଏହାଠାରୁ ଉତ୍କୃଷ୍ଟ ହୋଇ ନ ପାରେ; ବରଂ କୁମାରଙ୍କ ସମ୍ପାଦିତ ଶ୍ରାଦ୍ଧକ୍ରିୟାଟି ତାହାର ୫ ଅଂଶର ସମାନ ହୋଇ ପାରେ କି ନା ସନ୍ଦେହ । ବାବୁମହୋଦୟ ଉକ୍ତ ଶ୍ରାଦ୍ଧକ୍ରିୟାରେ ଟ ୬୫୦୦୦ ଙ୍କା ବ୍ୟୟ କରିଥିବାର କଥିତ ହୁଅଇ, ଏବଂ ଯେଉଁ ଯେଉଁ ସ୍ଥଳେ କୁମାର ମହୋଦୟ କାଂସ୍ୟପାତ୍ରାଦି ଦାନ କରିଅଛନ୍ତି ସେସମସ୍ତସ୍ଥଳରେ ବାବୁ ମହୋଦୟ କେବଳ ରୌପ୍ୟାଦିଧାତୁ ନିର୍ମିତ ପାତ୍ରାଦି ପ୍ରଦାନ କରିଥିଲେ । ଏହି ଦାନସାଗରଟୀ ଏହି ଗ୍ରାମର ଇତିହାସରେ ଗୋଟିଏ ପ୍ରଧାନ ଘଟନା ।

ଏହି ଶ୍ରାଦ୍ଧସମୟରେ ବୃନ୍ଦାବନଧାମରୁ ୮।୯ ଜଣ ବଙ୍ଗବ୍ରାହ୍ମଣ ନିମନ୍ତ୍ରିତ ହୋଇ ଆସିଥିଲେ । ସେମାନେ ପ୍ରତ୍ୟେକେ ପ୍ରାୟ ଟ ୫୦୦ ଙ୍କାରୁ ଊର୍ଦ୍ଧ୍ୱ ନେଇ ଯାଇଥିଲେ । ଏହି ଶ୍ରାଦ୍ଧରେ ଆହୁରି ମଧ୍ୟ ଅନେକ ବୃହତ୍ ବୃହତ୍ ଦାନ ଦିଆଯାଇଥିଲା । ପତ୍ର ବାହୁଲ୍ୟ ଭୟେ ସେସବୁର ଉଲ୍ଲେଖ କରିପାରିଲୁଁ ନାହିଁ । ଅତଏବ ଷଡ଼ଙ୍ଗୀ ମହାଶୟଙ୍କୁ ସବିନୟ ପ୍ରାର୍ଥନା ଏହି କି ଯେ ସେ ଏହି ଶ୍ରାଦ୍ଧଟିକୁ ଓଡ଼ିଶାରେ ସର୍ବପ୍ରଥମସ୍ଥାନ ପ୍ରଦାନକଲେ ବାଧିତ ହେବୁଁ ।

ପରିଶେଷରେ ବକ୍ତବ୍ୟ ଏହି କି ଯେ ଅଳ୍ପକାଳ ଯେପରି ପରଲୋକଗତ ରାଜାମହୋଦୟଙ୍କର ଶ୍ରାଦ୍ଧର ବିସ୍ତାରିତ ବିବରଣ ଓଡ଼ିଶାର ପ୍ରାୟ ସମସ୍ତ ସମ୍ବାଦପତ୍ରରେ ପ୍ରକାଶିତ ହେଉଅଛି, ବାବୁମହୋଦୟଙ୍କ ସମ୍ପାଦିତ କ୍ରିୟାଟିର ବିବରଣ ତତ୍କାଳୀୟ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଥିଲା କି ନା କହି ନ ପାରୁଁ । ସେ ଯାହା ହେଉ ଆମ୍ଭେ କଦାପି ଏଶ୍ରାଦ୍ଧଟିକୁ ସର୍ବପ୍ରଥମସ୍ଥାନ ଦେଇ ନ ପାରୁଁ । କିମଧିକମିତି ।

କୁଆଁପାଳ ୯।୧୨।୮୮ } ଆପଣଙ୍କର ବଶମ୍ବଦ ଶ୍ରୀକୃଷ୍ଣପ୍ରସାଦ ଚୌଧୁରୀ କୁଆଁପାଳ

---


# ବିଜ୍ଞାପନ ।

## ଆଶା ।

ଓଡ଼ିୟାଭାଷାରେ ସୁଲଭମୂଲ୍ୟର ମାସିକପତ୍ରିକା ! ମଫସଲର ଗ୍ରାହକମାନଙ୍କ ନିମିତ୍ତ ଡାକବ୍ୟୟସମେତ ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୦ ୯ ମାତ୍ର । ଅଗ୍ରିମ ମୂଲ୍ୟ ନ ପାଇଲେ କାହାରିକୁ ପତ୍ରିକା ଦିଆଯିବ ନାହିଁ । ଆମ୍ଭେମାନେ କୌଣସି କୌଣସି ଠାରୁ ପତ୍ରାଦି ପାଉଅଛୁଁ, ମାତ୍ର ଅଗ୍ରିମ ମୂଲ୍ୟ ନ ପାଇବାରୁ ପତ୍ରିକା ପଠାଇ ପାରୁ ନାହୁଁ । ଯେଉଁମାନେ ନମୁନା ଦେଖିବାକୁ ଇଚ୍ଛାକରନ୍ତି ସେମାନେ ଡାକଟିକଟ ସହିତରେ ପତ୍ର ଲେଖିଲେ ନମୁନାସ୍ୱରୂପ ଖଣ୍ଡେ ପାଇପାରିବେ ।

କଟକ ୧୧।୧୨।୮୮ } ଶ୍ରୀ ସାଧୁଚରଣ ରାୟ, ଚୌଧୁରୀବଜାର କଟକ ।

---

ଜଗନ୍ନାଥଦାସଙ୍କ କୃତ ଉତ୍କଳଭାଷା ଶ୍ରୀମଦ୍ଭାଗବତ ଦଶମସ୍କନ୍ଧ ଦ୍ୱାରକାଲୀଳା କଟକ-ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ମୂଲ୍ୟ ଖଣ୍ଡିକୁ ଟ ୧ । ମୋଫସଲସକାଶେ ଡାକମାସୁଲ ଟ ୵ ।

---

## କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉତ୍କୃଷ୍ଟକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନୀଙ୍କ ଦୋକାନରେ, ଭିକ୍ଟୋରିଆପ୍ରେସରେ ଓ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟାଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

---

## TO THE DEAF.

A 132 pages Illustrated Book on deafness Noises in the head how cured at your homes.

Price 6 annas; Address Dr. Nicholson, 5 Old Court House Street, Calcutta.

## ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା କିପରି ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ଷ୍ଠାର ପୁସ୍ତକ ମୂଲ୍ୟ ଟ ୦।୵ କଲିକତା ଓଲ୍ଡ୍ କୋର୍ଟହାଉସ ଷ୍ଟ୍ରିଟ ନ ୫ ମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଆଯିବ ।

---

## ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସାଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକା ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦୵ ପଡ଼ିବ ।


Digitized by srujanika@gmail.com

Split by PDF Splitter



# ମେହରୋଗ ।

ବ୍ରହ୍ମାନନ୍ଦରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲ୍ଲାସ ଜୀବନରୂପ ଛିଡ଼ିଲ ନଦୀର ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ଅତି ପୁରାତନ ସଞ୍ଚାରରେ ସୁସ୍ଥ ହଇଥିବ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନଙ୍କୁ ଆରୋଗ୍ୟ ନ ହେବେ ନିଶ୍ଚୟ କରିଥିଲେ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏହାର ବହୁବର୍ଷରେ ପରୀକ୍ଷିତ ନ ହେଲେ ଅଦ୍ୟାପି ବି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅଦ୍ଭେନହୋଲ୍ ନମ୍ବର ଭବନରେ ସ, ଦେ, ଗୁପ୍ତ କମ୍ପାନିଙ୍କଠାରେ ଏବଂ କଟକ ଚରଣଚବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨। ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଆମ୍ଭର ଚଉଧୁରୀବଜାର ସ୍ଥିତ ଦୋକାନରେ ସହରର ଉତ୍ତମ ନଏଦା ଓ ଅଣ୍ଡା ବହୀସଂକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ଉଲ୍ଲେଖିଲେ ପାଇପାରିବେ । ସେଥିରେ ଗୁହ୍ଲନ ଇତ୍ୟାଦ କିଛି ଦଜାରପ୍ରାୟ ମିଶ୍ରିତ ନାହିଁ ଅଛି ଯାହାଙ୍କର ବୃହତ୍ କର୍ମ ଥାଇ ବେଶୀ ନଏଦା ଦରକାର ହେବ ତାଙ୍କର କର୍ମର ଆଠଦଶଦିନ ପୂର୍ବରୁ ଫରମାସଦେଲେ ଆମ୍ଭେ ଆମ୍ଭର କରାଇଦେବୁଁ (ଫଲେଇ ପରିଚାଳ୍ୟରେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୪।୮୮ } ଶ୍ରୀ ଅରବିନ୍ଦଘଣ୍ଟକର ।
କଟକ }

---

# ବାଲିକାଗଜ ।

ଉଲଇଣ୍ଡିଆ ଖସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବଖରା ନିକଟେ ବାବୁ ଅର୍ଭିକଣ୍ଡି କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୬ ଫର୍ମ ମାଲ | ୦ ୧୬ ଟ ୩୬ | ଟ ୧୭ ଟ ୦ ୬୨ |
| ୧୮ ଫର୍ମ " | " ଟ ୨୩ | " ଟ ୦ ୬୦ |
| ୧୨ ଫର୍ମ " | " ଟ ୨ | " ଟ ୦ ୪ |
| ୨୨ ଫର୍ମ ରୟଲପେପର୍ " ଟ ୪। | | " ଟ ୦ ୬୨ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବଖରା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତିନବଜୋଡ଼ା ଓ ଲଙ୍ଗି ଓ ଡେସମଣ୍ଡଗେର ଲୁଗା ଓ ଷ୍ଟେସନରୀ ଓ ଲଣ୍ଠନ ନାନା ପ୍ରକାର ସଉଦାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇଦାନୀନ୍ତ ଅଭ୍ର କେବଳ ଫେସ୍ଲ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏହଡ଼ା ଷଣ୍ଡେମାନେ ଝଲେଇ ଖାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛି । କେହି ଷଉଦ ବଗବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାଡ଼ିମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଦଉଡ଼ି କ୍ୱଚିତ୍ ହେବେ ଏକ ଗଣ୍ଡକୁ ଟି ନଗ ଟ ୦।୬। ହସାବରେ ଦଉଡ଼ି ଦେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ କ୍ଷୟ୍ମନଡ଼ର ଭାର ତାଙ୍କ ଉପରେ ଥିବ । ଖଣ୍ଡ ଦେଲେ ଖାଡ଼ିର ପଣ ମୂଲ୍ୟ ତାଙ୍କ ଦେବାକୁ ହେବ ।

## ତାଲିକା ।

| | |
|---|---|
| ଜଲର ଷେଲଣା ଓ ଘଣ୍ଟରେ ଖବ ଦେଲେ ଷ୍ଟଲେ | ବଟଣ ଅଟେ । |
| ରବେଞ୍ଜାକ୍ | ଢୋଲକଭାଇଟ୍ । |
| କସ୍ମେଟିକ୍ ତେଲ ନଦକା ଶେଜ ସ୍କାର ଓ ଦୋଳ ଷଣ୍ଢନ । | ଖାନ ଶିଲ୍ପ ଓ ଜନ ଭଣ୍ଡାର ଓ ସ୍କାର |
| ଦୁର୍ଲଭ ଅର୍ଥାତ୍ ନକସା ଲଇବା କାଗଜ ପେନ୍ସିଲ ଓ କଲମ । | ସର୍ଗୀ |
| ପେନ୍ସିଲ କାଟିବା ଛୁରୀ । | ଲଷ୍ଟ୍ ବୁଲଫାଲ୍ଟୁଷ୍ ଏକଫର କୁସ |
| ନାନା ପ୍ରକାରର ପଠନ ଷାରଣ ଓ ଲଫାଫା | ନେଲକଟା ଉପୋର ଷନ କେଷରର ଅଏଲ |
| ନୈଟ୍ ବୁକ | ଏ, ଯୋଷନ ଜମ୍ବଟେଇ |
| ଦେଉ ଛତ । | କାଲିଡ ଓ ବ୍ରଷ୍ଟା । |
| ନଦରା ସ୍କୁଲ । | ଦଫତରି ଷରବୋତ୍ତି ଏଫର ଜାଲଟି । |
| ଡାକାଣି ସାବାନ ଷଷ୍ଠ ରେ ଲୁଗା ସଦ୍‌ସ୍କତ ହୁଏ । | ଅଷ୍ଟମେଷ ପେନ୍ସିଲ ଥାଇ ଏ. ପେନସିଲ୍‌ରେ କେଉଁ ଲଫସ ପେଣ |
| ଫକୋର ଲେନ—ଅର୍ଥାତ୍ ସୁଲଭୀ ଡୁବ । | ରକ୍ ଲଗାଇ ସେହି ପେନ୍ସିଲ୍ ଲେଖା ସ୍ତ |
| ଅଏଲ କୁଥ । | ପରେ ଦେଇ ଦପାଲ |
| ଓଆଟର ପୃତ୍ କ୍ଲଥ । | ତେଇଞ୍ଜେ ଭ, ଏବ ଲ ଉଠେ । |
| ପୋର୍ଟମ୍ୟାନ୍ଟ ଓ ପିଷ୍ଟଲର କେଶ୍‌କ ତେଲ ଓ କାର ଭଲେ ଅଛେ | କଙ୍ଗ ପାଲିଶ ଚୋରା ଶିଡ଼ା |
| ଦୁର୍ଗନ୍ଧ ନାଶ ସଣ୍ଟାଇ ଲୋଚିବାବେଲେ ଗନ୍ଧ ଓ ସୁଣ୍ଡିରେ ନଗା ହେବ । | କଣ୍ଡିଶ କେଇରେ କର କାଠବାର ଷାଉ ସମୁଦାୟ। |
| ଅଲଟା ତଲ୍ଲ ୧୨ x ୧୦ ଇଞ୍ଚ ୧୪ x ୧୨ ଇଞ୍ଚ ୧୭ x ୧୪ " | ଲେଭ ହ ପେନ୍‌ସିଲ କାନ୍ଦେଶୀ ପାପ୍ପା ଓ ଚୌଷ୍ଠି ଓ ଲଭ |
| ମୋଜା ଓ ଗୋଡ଼ାକଡ଼ | ମଦସ୍ତୋଲାଷ ଓ ଷଡ଼ ଗାଦ ଫାନୋର ଶୀଶୀ । |
| ଲଣ୍ଠନ ଷ୍ଟେ ବଲଣ୍ଟଲଟ | ଚିଣ୍ଟ ବାଢ଼, |
| ଚଳଣି ସାହନ ଲଗା ଓ ସୁବିଧା | ଏକିମୋସ ଅର୍ଥାତ୍ ଉତ୍ତମ ଲଞ୍ଜ ଉପାୟ ଅଷର ଚସ୍ମ କଦବା ଜମରେ ଦରକାର ହୁଏ । |
| ଖେଟମେଣ୍ଟ୍‌ଟେଲ । | |

# ପିତଗାର ।

ଏ ଗାରକୁ ଦେଉଁଠାରୁ ଥାଠରେ ଘଣ୍ଟି ନଅଁରେ ଉଲଗାଲ ଜୋତାଗଣର ଫାଟରେ ଦେଲେ ପାଣିଲା ବନ୍ଦ ହେବ ପଇର ମଟିଅରେ ଲେପିଦେଲେ ମଇଳାଳ ଓ ଭିଜ ଧରିବ ନାହିଁ ।

କଟିଲ ଚମଡ଼ା ଓ ସାଜରେ ଲଗାଇବାର କାଳ ମଧ୍ୟ ଅଛି ।

ଅରିନ୍ଦମଷ୍ଟଲ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୬ |
| ଅଣ୍ଡିତ୍ତମ୍ବଲ | ଟ ୨୮ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତାହାର ଖର୍ଚ୍ଚ ଟ ୦୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧ ଓ ତ୍ରିଭାଗ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

☞ ଏହି ଉତ୍କଳଦୀପିକା ପ୍ରତି ଶନିବାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com